

A

DESCRIPTIVE CATALOGUE

OF

ORIYA MANUSCRIPTS.

ORIYĀ KĀVYA.

(DA—NA)

VOLUME-X

Sri Nilamani Mishra

Digitized by PPRACHIN, SOA

A

DESCRIPTIVE CATALOGUE

OF

ORIYA MANUSCRIPTS.
ORIYĀ KĀVYA

(DA—NA)

VOLUME-X

IN THE COLLECTION
OF
THE ORISSA STATE MUSEUM
BHUBANESWAR.

Digitized by PPRACHIN, SOA

EDITED
By
Sri Nilamani Mishra
Curator
Orissa Stat · Museum,
Bhubaneswar. 751014

PUBLISED
By
Dr. H. C. Das, M. A. Ph—D
Superintendent of
Museum, Orissa
Bhubaneswar. 751014

FIRST EDITION
1979

Price : Rs.—18·35 P.

Digitized by PPRACHIN, SOA

PREFACE

This is the fourth volume in the series of the Descriptive Catalogue of Orjya Manuscripts preserved in the Manuscripts Section of the Orissa State Museum. These Descriptive Catalogues apart from giving a description and account of the palmleaf manuscripts, serve as guides to the scholars working in the fieid of Oriya literature. Since these catalogues bring to lime light rare works, the importance of these publications are increasingly felt.

The present volume of Descriptive Catalogue of Oriya Manuscripts contains 258 manuscripts from Oriya alphabet "Da" to "na". The introduction of this catalogue deals with Panchasakha literature and Sakta literature. Panchsakha is a controversial subject in the history of Oriya literature and the present information wiil no doubt substantiate to the fact of their contribution to Oriya literature. The index with an alphabetical list of authors added at the end will facilitate the scholars in their research.

On the eve of this, I, with pleasure record my gratefulness to Sri S. K. Mahapatra, I. A. S., Secretary, Tourism and Cultural Affairs, Sri D. N. Padhy, I. A. S, Director, Tourism and Cultural Affairs who have taken keen interest in publication of this volume.

I am grateful to Dr. H. C. Das, Superintendent of Museum, who has shown initiative in publication of this work.

I offer my thanks to Sri K. K. Bisoi, Gallery Assistant and Smt. Mamata Mishra, Copyist who have helped a lot in compilation of this volume.

In spite of attempts, this publication is not free from printers devils, but I am confident that these will not stand in the way in fulfilling the long felt needs of the scholars.

Orissa State Museum,
Bhubaneswar.
1st February, 1979
Basanta Panchami

Nilamani Mishra
Curator

Digitized by PPRACHIN, SOA

ଭୂମିକା

ଓଡ଼ିଆ ବିବରଣାତ୍ମକ ପୋଥି ତାଲିକାର ନବମ ଖଣ୍ଡରେ 'ଛ' ରୁ 'ତ' ପର୍ଯ୍ୟନ୍ତ ଆଦ୍ୟାକ୍ଷର ଥିବା ପୋଥିଗୁଡ଼ିକର ବିବରଣୀ ୧୯୭୪ ମସିହାରେ ପ୍ରକାଶ ପାଇଥିଲା । କିନ୍ତୁ ଦୀର୍ଘ ଚାରିବର୍ଷ ବିତି ଯାଇଥିଲେ ହେଁ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇ ପ୍ରସ୍ତୁତ ପୁସ୍ତକଟି ଲୋକ-ଲୋଚନର ଗୋଚରକୁ ଆସି ପାରିନଥିଲା । ଅବଶ୍ୟ ଏପ୍ରକାର ଖଣ୍ଡିଏ ବିବରଣାତ୍ମକ ତାଲିକାର ଅଭାବ ବରାବର ଅନୁଭୂତ ହେଉଥିଲା ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପୋଥି ସଂଗ୍ରହ କାର୍ଯ୍ୟ ଚାଲିଛି । ତେଣୁ ଦିନକୁ ଦିନ ଭିନ୍ନ ଭିନ୍ନ କବିଙ୍କର ବହୁ ଅପ୍ରକାଶିତ ପୋଥି ହସ୍ତଗତ ହେବା ଫଳରେ, ଆମର ସଙ୍କୁଚିତ ଧାରଣା କ୍ରମେ ବିସ୍ତୃତ ହୋଇଯାଉଛି । ଯାହା ଫଳରେ ପାଞ୍ଚବର୍ଷ ତଳର ସିଦ୍ଧାନ୍ତକୁ ବାଧ୍ୟ ହୋଇ ଆମକୁ ପରିବର୍ତ୍ତନ କରିବାକୁ ପଡ଼ୁଛି । ତେଣୁ ସଂଗୃହୀତ ପୋଥିଗୁଡ଼ିକର ବିବରଣାତ୍ମକ ତାଲିକା ଜିଜ୍ଞାସୁ ଆଲୋଚକମାନଙ୍କ ପକ୍ଷରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ ରୂପେ ଗୃହୀତ ହୁଏ ।

ପ୍ରସ୍ତୁତ ବିବରଣାତ୍ମକ ତାଲିକାରେ 'ଦ' 'ଧ' ଓ 'ନ' ଆଦ୍ୟାକ୍ଷର ଥିବା ଦୁଇଶହ ଅଠାବନ ଖଣ୍ଡ ପୋଥିର ବିବରଣୀ ପ୍ରଦତ୍ତ ହୋଇ ଥିଲେ ହେଁ ମୋଟ ୧୭୯ ଜଣ କବିଙ୍କ ରଚିତ ପୁସ୍ତକର ନାମ ତଥା ସ୍ଥଳ ବିଶେଷରେ ଉଦ୍ଧାରଣ ଦିଆଯାଇଛି । ସେହି ଦୃଷ୍ଟିରୁ ଏହି ପୁସ୍ତକରେ ଚାରିଶହରୁ ଊର୍ଦ୍ଧ୍ୱ ପୁସ୍ତକର ନାମ ଆମର ଆଲୋଚନା ପରିସର ମଧ୍ୟକୁ ଆସି ପାରିଛି ।

ପ୍ରତ୍ୟେକ ବିବରଣାତ୍ମକ ତାଲିକାର ଭୂମିକାରେ ଓଡ଼ିଆ ସାହିତ୍ୟର ଭିନ୍ନ ଭିନ୍ନ ବିଭାଗ ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା କରାଯାଉଛି । ସେହି ଦୃଷ୍ଟିରୁ ପ୍ରସ୍ତୁତ ପୁସ୍ତକର ଭୂମିକାରେ ଓଡ଼ିଆ ସାହିତ୍ୟରେ ପଞ୍ଚସଖା ଓ ଓଡ଼ିଆ ଶାକ୍ତ ସାହିତ୍ୟ ସମ୍ବନ୍ଧରେ କେତେକ ଆଲୋଚନା କରାଯାଉଛି ।

ଓଡ଼ିଆ ସାହିତ୍ୟରେ ପଞ୍ଚସଖା

ଓଡ଼ିଆ ସାହିତ୍ୟରେ 'ପଞ୍ଚସଖା' ଏକ ପ୍ରାଚୀନ ପରଂପରା ରୂପେ ଗୃହୀତ । ଏହି ପରଂପରା ଉପରେ ଆସ୍ଥାସ୍ଥାପନ କରି ଓଡ଼ିଆ ସମାଲୋଚନା ସାହିତ୍ୟର ଆଦିସୂରୀମାନେ ଆଲୋଚନା କରିଛନ୍ତି । ସେହି ଅନୁସାରେ କେବଳ ସାହିତ୍ୟିକ କାହିଁକି, ଗାଁ ଗହଳର ଅକ୍ଷର ଜ୍ଞାନ ଥିବା ସାଧାରଣ ଲୋକେ ମଧ୍ୟ 'ପଞ୍ଚସଖା ଭଜନ' ଗାନ କରନ୍ତି ; ପଞ୍ଚସଖାଙ୍କ ମଧ୍ୟରେ ଅଚ୍ୟୁତ, ବଳରାମ, ଯଶୋବନ୍ତ, ଜଗନ୍ନାଥ ଓ ଅନନ୍ତ ଏବଂ ରଚିତ ପୁସ୍ତକଗଡ଼ିକୁ ଆଦରରେ ପାଠ କରନ୍ତି । ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ; ପଞ୍ଚସଖା ଓଡ଼ିଆ ସମାଲୋଚନା ସାହିତ୍ୟର ପରିସର ଅତିକ୍ରମ କରି ଜନସାଧାରଣଙ୍କ ଦ୍ୱାରା ଭକ୍ତ କବି ରୂପେ ସ୍ୱୀକୃତି ଲାଭ କରି ସାରିଛନ୍ତି ।

ପଞ୍ଚସଖା ଏକ ଉଦ୍‌ଭଟ କଳ୍ପନା ବୋଲି ଓଡ଼ିଶାର କେତେଜଣ ଆଲୋଚକ ମତ ଦିଅନ୍ତି ଏବଂ ସେମାନଙ୍କ ମତକୁ ଖଣ୍ଡନ କରି, ବହୁ ପ୍ରାଚୀନ ପୋଥିରୁ 'ପଞ୍ଚସଖା'ଙ୍କ ନାମ ମିଳୁଥିବାର ଉଦ୍ଧୃତିମାନ ଦେଇ ପତ୍ର ପତ୍ରିକାରେ ପଣ୍ଡିତ କୋରାମଣି ପାଠୀ, ଡକ୍‌ଟର ରତ୍ନାକର ସାହୁ ପ୍ରଭୃତି ଆଲୋଚକମାନେ ପ୍ରବନ୍ଧ ପ୍ରକାଶ କରିଛନ୍ତି । ପରସ୍ପର ବିବଦମାନ

Digitized by PPRACHIN, SOA

ମତମତାନ୍ତରଗୁଡ଼ିକୁ ଏଠାରେ ଉପସ୍ଥାପିତ ନକରି, ରାଜ୍ୟ ସଂଗ୍ରାହାଳୟର ପୋଥି ଭଣ୍ଡାରରେ ଥିବା ପୋଥିଗୁଡ଼ିକରେ କେଉଁଠି କିପରି ଭାବରେ 'ପଞ୍ଚସଖା' ଶବ୍ଦ ସେହି ଖ୍ୟାତନାମା ପାଞ୍ଚଜଣ ଭକ୍ତ କବିଙ୍କ ସମ୍ବନ୍ଧରେ ଲିଖିତ ହୋଇଛି, ତା'ରି ଅବତାରଣା କରାଯାଉଛି ।

ପ୍ରସ୍ତୁତ ତାଲିକା (Catalogue No. O. L./1272) ରେ 'ଦଶପଟଳ' ଶୀର୍ଷକ ଖଣ୍ଡିଏ ପୋଥିର ବିବରଣୀ ଦିଆଯାଇଛି । ଉକ୍ତ ପୋଥିରେ କବିଙ୍କ ନାମ 'ଅଚ୍ୟୁତ' । ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ପ୍ରସିଦ୍ଧ କବି ଅଚ୍ୟୁତାନନ୍ଦଙ୍କ ନାମରେ ବହୁ ପୁସ୍ତକ ଭଣିତା ହୋଇଥିବାର ଦେଖାଯାଏ । ପ୍ରସ୍ତୁତ 'ଦଶପଟଳ' ପୋଥିରେ କବି ଅଚ୍ୟୁତାନନ୍ଦ ଓ ଶିଷ୍ୟ ରାମଚନ୍ଦ୍ରଙ୍କ କଥୋପକଥନ ଛଳରେ 'ପଞ୍ଚସଖା'ଙ୍କ ସମ୍ବନ୍ଧରେ କେତେକ ତଥ୍ୟ ଦିଆଯାଇଛି । ଆଲୋଚକମାନଙ୍କ ଦୃଷ୍ଟିରୁ ସେହି ଅଂଶତକ ଅତ୍ୟନ୍ତ ଉପାଦେୟ ବୋଲି ମନେହୁଏ ।—

"ଶୁଣ ସୁଜନେ ପରମ ଗୁପତ
କାହିଁ କେତେ ଭକ୍ତ ହୋଇଲେ ଜାତ ।

ରାମଚନ୍ଦ୍ର ଦାସ ମୋହୋର ଶିଶ
ଆମ୍ଭ ଚରଣେ ତା ବଡ଼ ବିଶ୍ୱାସ ।

ଗୁରୁଶିଷ୍ୟ ବେନି ମୂରତି ହେଲୁଂ
ନିଗମ ସ୍ଥାନରେ ଯାଇ ବସିଲୁ ।

ପଚ୍ଚରିଲା ସବୁ ଆଗତ ବାଣୀ
ଚରଣେ ପଡ଼ି ଯୋଡ଼ି ବେନି ପାଣି ।

ଭୋ ପ୍ରଭୁ ବ୍ରହ୍ମ ସାକ୍ଷାତେ ଈଶ୍ୱର
ମନେ ପଡ଼ିଲା ଯେ କଥାଏ ମୋର ।

ପଞ୍ଚଶାଖା ତୁମ୍ଭେ ଜନମ ହେଲ
ପ୍ରଭୁଙ୍କ ସଙ୍ଗତେ ଜନ୍ମ ଲଭିଲ ।

କଳିରେ କାହିଁରେ ତୁମ୍ଭ ଜନମ
କେତେ ଅଂଶ କାହିଁ ଛିତି ପ୍ରମାଣ ।

ଉପରୋକ୍ତ ଉଦ୍ଧୃତାଂଶରୁ ପ୍ରମାଣ ମିଳୁଛି ଯେ, ଅଚ୍ୟୁତାନନ୍ଦଙ୍କ ଶିଷ୍ୟ ରାମଚନ୍ଦ୍ର 'ପଞ୍ଚଶାଖା' ବା 'ପଞ୍ଚସଖା' ଙ୍କ ଜନ୍ମ ସମ୍ବନ୍ଧରେ ଜାଣିବା ପାଇଁ ଗୁରୁଦେବଙ୍କୁ ପ୍ରଶ୍ନ କରିଛନ୍ତି । ଶିଷ୍ୟଙ୍କ ଜିଜ୍ଞାସାର ପୂରଣ ଲାଗି ଅଚ୍ୟୁତାନନ୍ଦ କହିଛନ୍ତି—

"କଳିରେ କଳଙ୍କିରୂପ ଉଦଏ,
କଳିଙ୍କି ରୂପକୁ କରିଛି ଲଏ ।

ପଞ୍ଚସଖାଙ୍କୁ ଘେନି ସଙ୍ଗତରେ,
ବିଜେ ସ୍ୱାମୀ ନୀଳଗିରି ଶିଖରେ ।

* * *

Digitized by PPRACHIN, SOA

ପଞ୍ଚଯୁଗକୁ ଯେ ପଞ୍ଚଦେବତା,
ପଞ୍ଚଶାଖା ଯେ ବ୍ରହ୍ମାଣ୍ଡ କରତା ।
ସୁଦାମା ଶାଖା ଯେ ମୋହର ନାମ,
ସତ୍ୟେ କୃପାଜଳ ଋଷି ଆଶ୍ରମ ।
* * *
କଳି ଯୁଗରେ ଏହି ପାଞ୍ଚଜଣ,
କଳିଙ୍ଗୀ ରୂପକୁ କରିଣ ଧ୍ୟାନ ।
* * *
ସମୁଦ୍ର କୂଳରେ ଜନମ ହୋଇ,
ଦୀନ ଅଚ୍ୟୁତ ମୋ ନାମ ବୋଲାଇ ।
* *
ଗୋପରେ ସରୂପାନନ୍ଦଟି ଯେହି,
କଳିରେ ଅଚ୍ୟୁତ ଜାଣିମ ସେହି ।
* * *
ବଳରାମ ଦାସର ଯେ ଜନମ,
ଗୋବିନ୍ଦ ତହୁଂ ଯେ ସେ ଉତିପନ ।
* * *
ଦ୍ୱାପର ଯୁଗରେ ଉଦ୍ଭବ ଜାଣ,
କଳିଯୁଗରେ ଅନନ୍ତ ପ୍ରମାଣ ।

ପଞ୍ଚଶାଖାରେ ସେ ଦାସଟି ଜାଣ,
ଶୁଣ ରୁକ୍ମିଣୀ ହୁଅ ସାବଧାନ ।
* * *
ସୁହାଙ୍ଗ ଦେଶେ ଲେମାଲୋ ଗ୍ରାମରେ,
ଏ ପ୍ରସଙ୍ଗ ହେଲା ଯେତେ ପ୍ରକାରେ ।
ସୁଦାମା ଶାଖା ମୋ ଦୀନ ଅଚ୍ୟୁତ,
ମୋହ ଆଜ୍ଞାରେ ହୋଇଛି କୃତ୍ୟ ।

ପଞ୍ଚସଖାଙ୍କ ସମ୍ବନ୍ଧରେ 'ଦଶପଟଳ' ପୋଥିରେ କେବଳ ଏତିକି ଉଦ୍ଧୃତ ରହିଛି ତା' ନୁହେ, ସେମାନଙ୍କ ଶିଷ୍ୟବର୍ଗଙ୍କ ସମ୍ବନ୍ଧରେ ମଧ୍ୟ ଶିଷ୍ୟ ରାମଚନ୍ଦ୍ର ପଚ୍ଚାରିଛନ୍ତି ଏବଂ ଗୁରୁଦେବ ଅଚ୍ୟୁତାନନ୍ଦ ବିଶଦ ଭାବରେ ସେ ବିଷୟରେ ବର୍ଣ୍ଣନା କରିଛନ୍ତି ।

"ରାମଚନ୍ଦ୍ର ଦାସ ପ୍ରବୋଧ ଶୁଣି,
ପୁଣି ବିଗ୍ରରେ ଯୋଡ଼ି ବେନି ପାଣି ।
ତୁମ୍ଭ ଜନମ ଶୁଣିଲି ଗୋସାଇଂ,
ଆବର ଭଗତ ଜନମ କାହିଁ ।

Digitized by PPRACHIN, SOA

ପଞ୍ଚସଖାଙ୍କ ଗଣ କାହିଂ ଜନ୍ମ ,
ଭୋ ଗୁରୁ ମୋତେ କହିବା ଫେଇଣ” ।

*　　　*　　　*

ମୋହ ଶାଖାରେ ମୋହ ପାଞ୍ଚଜଣ,
ଅନନ୍ତ ଶାଖା ବାରଟି ପ୍ରମାଣ ।

ମୋ ପାଞ୍ଚ ଶାଖାରେ ମୋକ୍ଷଟି ତୁହି,
ଯଶୋବନ୍ତ ନାମ ସେ ମୋକ୍ଷ ହୋଇ” ।

ଏହି ପରି ଭାବରେ ଅଚ୍ୟୁତାନନ୍ଦ ତାଙ୍କ ‘ଦଶପଟଳ’ ‘ଅଚ୍ୟୁତ ବିଭୂତି’ ପୁସ୍ତକରେ ପଞ୍ଚସଖା ବା ପଞ୍ଚଶଖାଙ୍କ ଅସ୍ତିତ୍ୱ ସମ୍ବନ୍ଧରେ କିଞ୍ଚିତ୍ ଆଭାସ ଦେଇଛନ୍ତି, ତାହା ଆଲୋଚକ-ମାନଙ୍କ ପକ୍ଷରେ ଅତ୍ୟନ୍ତ ଉପାଦେୟ ବିଷୟ ।

ଏହା ବ୍ୟତୀତ ପଞ୍ଚସଖାଙ୍କର ଅନ୍ୟାନ୍ୟ ପୁସ୍ତକରେ ‘ପଞ୍ଚସଖା’ଙ୍କ ନାମ, ଜନ୍ମ, ଭକ୍ତିଭାବନା ସମ୍ବନ୍ଧରେ ବହୁ ଉଦ୍ଧୃତିମାନ ରହିଛି ।

ପଞ୍ଚସଖାଙ୍କର ଅଳ୍ପ ପରବର୍ତ୍ତୀ ଭକ୍ତ କବି ବାଲିଗାଁ ଦାସ ବା ଦାସିଆ ବାଉରୀଙ୍କ ନାମରେ ଦୁଇଖଣ୍ଡି ପୁସ୍ତକ ଭଣିତା ହୋଇଥିବାର ଦେଖାଯାଏ । ‘ଆଗତ ଭବିଷ୍ୟ’ ବା ବାଲିଗାଁ ଦାସିଆ ଭାଗବତ ପୋଥିଟି ପଞ୍ଚସଖା, ବିଶେଷତଃ ଅଚ୍ୟୁତାନନ୍ଦଙ୍କ ମାଳିକା ପରି ଏକ ଭବିଷ୍ୟତ ବାଣୀ ପୂର୍ଣ୍ଣ ପୁସ୍ତକ । ନବାକ୍ଷରୀ ବୃତ୍ତରେ କବି ବାଲିଗାଁ ଦାସ ତାଙ୍କ ସମୟର ଓଡ଼ିଶା ତଥା ଜନସାଧାରଣଙ୍କ ଅବସ୍ଥାର ଏକ ନିଖୁଣ ଚିତ୍ର ଅଙ୍କନ କରିଛନ୍ତି (ପୃଷ୍ଠା—୫୬) ।

ବାଲିଗାଁ ଦାସଙ୍କର ଅନ୍ୟତମ ରଚନା ହେଉଛି—ଭକ୍ତ ମାଳିକା । ପୁସ୍ତକଟି ତେର ଗୋଟି ଅଧ୍ୟାୟରେ ବିଭକ୍ତ । ଏହା ବାଲିଗାଁ ଦାସଙ୍କର ପରିଣତ ବୟସରେ ରଚନା ବୋଲି ମନେହୁଏ । ସେହି ପୁସ୍ତକର ପ୍ରଥମ—ଅଧ୍ୟାୟରେ କବି ଦାସିଆ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସହିତ ତାଙ୍କର କଥୋପକଥନର ଏକ ଭାବିକ କଳ୍ପନା କରିଛନ୍ତି । ସେହି ପ୍ରସଙ୍ଗରେ କବି ଦାସିଆ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅତ୍ୟନ୍ତ ପ୍ରିୟ ଭକ୍ତ ପଞ୍ଚସଖା—ଅର୍ଥାତ୍ ଅତିବଡ଼, ଯଶୋବନ୍ତ, ଅଚ୍ୟୁତ, ବଳରାମ ଓ ଅନନ୍ତଙ୍କ ଜନ୍ମଚରିତ, ଭକ୍ତିପ୍ରଣାଳୀ ସମ୍ବନ୍ଧରେ ଜିଜ୍ଞାସା କରିଛନ୍ତି ।

“କହନ୍ତି ବାଲିଗାଁ ଦାସ ଶୁଣିମା ଗୋସାଇଂ ।
ଭକ୍ତଙ୍କ ଜନ୍ମଚରିତ କହିବା ବୁଝାଇ ।।

ଶ୍ରୀଅତିବଡ଼ ଯଶୋବନ୍ତ ନାମ ବଳରାମ ।
ଅଚ୍ୟୁତ ଅନନ୍ତ ଶିଶୁ ପଞ୍ଚଶାଖା ଜାଣ ।।

ମନ୍ତ୍ର ଯନ୍ତ୍ର ଉପାସିକ ଉପଦେଶ ଧାମ ।
ପ୍ରଣାଳୀ ବିଳାସ କରି କହିବା ଉପାମ ।।

Digitized by PPRACHIN, SOA

ଭକ୍ତ ପ୍ରବର ଦାସିଆଙ୍କ ପ୍ରଶ୍ନରେ ଶ୍ରୀଜଗନ୍ନାଥ ମୁଗ୍ଧ ହୋଇଯାଇଛନ୍ତି । ମହାପ୍ରଭୁ ଭକ୍ତକୁ ଭକ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାଲାଗି ସଚେତନ କରାଇ ଦେଇଛନ୍ତି ।

ମହାପ୍ରଭୁଙ୍କ ଜିଜ୍ଞାସାମତେ ଭକ୍ତ ଦାସିଆ କହିଛନ୍ତି—

"ବୋଇଲେ ମହାପ୍ରଭୁ ଶୁଣ ନାରାୟଣ ।
ବାଙ୍କି ମୁହାଣକୁ ଗଲି ଦ୍ରଶନ କରିଣ ।।

ବାହୁଡ଼ି ଅଇଲି ଅର୍ଦ୍ଧସୋଷନୀଙ୍କ ଯାଏ ।
ଚଉଷଠି ଭକ୍ତଗଣ କରନ୍ତି ବିଜୟେ ।।

ସମସ୍ତଙ୍କୁ ଦେଖିଣ ମୁଂ କଲି ନମସ୍କାର ।
ବଳରାମ ଗୃହିଂରେ ଯେ ଆସ୍ଥର ଆଗର ।।

ମୋତେ ବଳରାମ ବୋଇଲେ ସେ ତୁମ୍ଭନାମ କିସ ।
ମୁଂ ବୋଇଲି ପିତା ଦେଲେ ବାଲିଗାଂଆ ଦାସ ।।

ଅନନ୍ତ ଦ୍ୱାରିକା ଆମ୍ଭେ ତୁମ୍ଭଠାକୁ ଯିବୁ ।
ଆଗ ପଛ କରି ମଠ ଦେଖିଣ ଆସିବୁ ।।

ମୁଂ ବୋଇଲି ବାଉରୀରେ ଜନମ ଉପତ୍ତି ।
ନ ଜାଣଇ ପାଠ ଶାଠ ନୁହଇ ଭଗତି ।।

ସମସ୍ତ ଗୋସାଇଂ ଯେବେ ଯିବେ ମୋର ପୁର ।
ମହାଖଳା କରିବ ମୋ ମଠର ଆଗର ।।

ଯାଅ ଯା ବୋଲିଣ ପଞ୍ଚଶାଖାୟେ ବୋଇଲେ ।
ସତ୍ୟବନ୍ତ କଥା କାଲି ପଗ୍ଭରିବା ଥରେ ।।

*   *   *

ରାଜସ ଭକ୍ତମାଣ ପଞ୍ଚଶାଖା ଯେତେ ।
ତାହାଙ୍କର ଆଗେ କିସ କହିବି ଅଚ୍ୟୁତେ" ।।

ଭକ୍ତ ଦାସିଆଙ୍କର ଏ ପ୍ରକାର ବିନୀତ ପ୍ରଶ୍ନରେ ପ୍ରଭୁଙ୍କ ଆସନ କମ୍ପି ଉଠିଲା । ସେ ଭକ୍ତକୁ ପଞ୍ଚସଖାଙ୍କ କଠୋର ପରୀକ୍ଷାରୁ ଉଦ୍ଧାର କରିବା ଲାଗି ଉପଦେଶ ଦେଇଥିଲେ । 'ପଞ୍ଚସଖା' ଙ୍କ ମଧ୍ୟରୁ କିଏ କ'ଣ ପ୍ରଶ୍ନ କରିବେ ଏବଂ ତା'ର ସମୁଚିତ ଉତ୍ତର କ'ଣ ହେବ; ସବୁ ଗୋଟି ଗୋଟି ଦାସିଆଙ୍କୁ ବୁଝାଇ ଦେଇଥିଲେ ।

"ତୁମ୍ଭର ଦାସ ମନକୁ ବିଡ଼ିବେ ସେ ଭକ୍ତବାଦିରେ ବିଗ୍ଭର ।
ଶ୍ରୀଯନ୍ତ୍ରକୁ ଭେଦି ଠାକୁରାଣୀ ଯନ୍ତ୍ର କହ ବୋଲିବେ ଆଗର ।।

ତୁହି ଏବେ କିସ ବିଗ୍ଭର କରିଛୁ କି ପାଠ କହିବୁ ତାଙ୍କୁ ।
ସେ ପଞ୍ଚସଖା ମୋ ତହୁଂ ଜନମ ବାକ୍ୟଦେବୀ ସାହା ତାଙ୍କୁ" ।।

Digitized by PPRACHIN, SOA

ମହାପ୍ରଭୁଙ୍କ ଉତ୍ତର ଶୁଣି ଭକ୍ତ ଦାସିଆ ମନେ ମନେ ଭୀତ ହୋଇ ପଡ଼ିଲେ । ଭକ୍ତ-ବୃନ୍ଦଙ୍କ ପ୍ରଶ୍ନର ଉତ୍ତର କ'ଣ ଦେବେ ତାଙ୍କର ବୁଦ୍ଧି ଘୁରିଲା ନାହିଁ । ସେ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଶରଣ ପଶି କମଳା ବିମଳା ଦୁଇଜଣ ଉତ୍ତର ଦେବାରେ ତାଙ୍କୁ ସାହାଯ୍ୟ କରିବା ଲାଗି ବର ପ୍ରାର୍ଥନା କଲେ ।

"କହନ୍ତି ବାଲିଗାଂ ଦାସେ ଶୁଣିମା ହେ ପ୍ରଭୁ ମୁଂ କିସ କହିବି ମୂଢ଼ ।
ସେ ତୁମ୍ଭର ଯେଣୁ ଭଗତବୃନ୍ଦ ଯେ ସବୁରି ପ୍ରକାରେ ବଡ଼ ।।

ଅତିବଡ଼ ଜଗନ୍ନାଥେ ମୋର ଗୁରୁଦେବ ଅଛନ୍ତିଟି ଜାଣ ।
ତାଙ୍କ ଚରଣକୁ ଶରଣ ମାଗିବି କହିବି ଯାହା ପ୍ରମାଣ ।।

ଆହୁରି କଥାଏ ମନରେ ଅଛଇ ଡ଼ାକିବି ଯେବେ ତାହାଙ୍କୁ ।
କମଳା ବିମଳା ଦୁଇଜଣ ମୋର ସଖୀ ଯେ ମୋତେ ହେବାକୁ" ।।

ଭକ୍ତ ଦାସିଆଙ୍କ ହୃଦୟରେ ଏ' ପ୍ରକାର ନିଷ୍ଠା ଲକ୍ଷ୍ୟ କରି ପ୍ରଭୁ ଭକ୍ତପ୍ରତି ଅତ୍ୟନ୍ତ ସଦୟ ହୋଇ ଉଠିଲେ ଏବଂ 'ପଞ୍ଚସଖା' ଙ୍କ ହୃଦ୍‌ଗତ ଭାବନା ତଥା ସେମାନଙ୍କ କାର୍ଯ୍ୟ କଳାପ ଏବଂ ସର୍ବୋପରି ଭିନ୍ନ ଭିନ୍ନ ଭକ୍ତଙ୍କର ପ୍ରଶ୍ନ ଓ ଉତ୍ତର ଗୋଟି ଗୋଟି କରି ଭକ୍ତ ଦାସିଆଙ୍କ ଆଗରେ ବଖାଣି ଗଲେ ।

* * *

"ବୋଇଲେ ହେ ଦାସେ କହିବା ବିଶ୍ୱାସେ ଗୁପତଗୀତା କାହାଣୀ ।।
କାଲି ପଞ୍ଚଶାଖା ପ୍ରଭାତୁଂ ଆସିବେ ମନ ବୁଝିବେ ତୁମ୍ଭର ।
ମୋତେ ନୀଳଚକ୍ରେ ଲୁଗଇ ଆସିବେ ପଚାରିବେ ତୋ ଆଗର ।।
ଉତ୍ତମ ଦ୍ରବ୍ୟ ଯେବା ତୋତେ ମିଳିବ ତାହା ତୁହି ଅଣାଇବୁ ।
ଉତ୍ତମ କରିଣ ଆନନ୍ଦ ହୋଇଣ ସୁବାସ ନୀର ସିଞ୍ଚିବୁ ।।
ପଚାରିବେ ତୋତେ ମନ୍ତ୍ରର ବିଚାର ଠିକଣା ମୋହର ସ୍ଥାନ ।
ପ୍ରେମ ରୂପା ଅଙ୍ଗେ ତୋହରି ଅଙ୍ଗର ଦେଖାଇବୁ ସ୍ଥାନମାନ ।।
ଚଉରାଶି ମନ୍ତ୍ର ଯନ୍ତ୍ରରେ ଭେଦିବ ଅନାଦି କି ସେବାକରି ।
ତାହାକୁ ଯେବେ ତୁ ଭାବନା କରିବୁ ଚିତ୍ତ ଥିବୁ ଦୃଢ଼ କରି ।।
ଆତ୍ମାକୁ ଯେବେ ତୁ ସେବକ ହୋଇବୁ ସବୁ ଦେବତାହିଁ ମୁହିଁ ।
ଏକାକ୍ଷର ଲକ୍ଷ ବିନ୍ଧୁଥିବୁ ହୃଦେ କ୍ଲୀଂ ପଞ୍ଚମାତ୍ରା ତହିଁ ।।

* * *

ଶ୍ରୀଂ ଯନ୍ତ୍ର ଗୋଟିଏ ମନ୍ତ୍ର ଓଁକାର ଠୁଳ ଶୂନ୍ୟେ ଲୟ କର ।
ଶିଶୁ ଅନନ୍ତ ପଚାରିବେ ତୁମ୍ଭଙ୍କୁ ଅନାଦି ସୂର୍ଯ୍ୟ ବିଚାର ।।
ଯଶୋବନ୍ତ ମହାଦେବ ତୋତେ ରାଧା ଅର୍ଦ୍ଧଅଙ୍ଗ ପଚାରିବେ ।
ଦେବତାମାନଙ୍କ ଅଙ୍ଗ କରନ୍ୟାସେ ଯେ ଉପାସନା ବିଚାରିବେ ।।

* * *

Digitized by PPRACHIN, SOA

ଚଉଷଠି ଶାସ୍ତ ଭଗତ ମାଳିକା ଦେବାଦେବୀ ଛନ୍ତି ଯେତେ ।
ପଞ୍ଚୁଶାଖା ଅଙ୍ଗୁ ଜନ୍ମ ହୋଇଛନ୍ତି ନାମ କହିଦେବା ତୋତେ ।।
କାଲି ପ୍ରଭାତରେ ଦର୍ଶନ କରିବୁ ଭଗତଜନ ମୋହୋର ।
ଅବତାର ମାନ ଜଳେ ଦେଖାଇବୁ ଭାବନା ଚେତି ତୋହୋର ।।
ବଳରାମ ଦାସେ ଅନନ୍ତ ଅଚ୍ୟୁତ ଜଗନ୍ନାଥ ଯଶୋବନ୍ତ ଗଲେ ।
ହରି ଦ୍ୱାରିକାଯେ ବାଳିଗାଂ ମଠରେ ନାମ ଧରିଣ ଡ଼ାକିଲେ" ।।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉପଦେଶ ଅନୁସାରେ ଭକ୍ତପ୍ରବର ବାଳିଗାଁ ଦାସ ପଞ୍ଚସଖା ଓ ଅନ୍ୟାନ୍ୟ ଭକ୍ତମାନଙ୍କ **ପ୍ରଶ୍ନ**ର ସଠିକ ଉତ୍ତର ତଥା ତାତ୍ତ୍ୱିକ ବିଗ୍ରହଧାରା ସେମାନଙ୍କ ଆଗରେ ବ୍ୟକ୍ତକରି ନିଜ ଭକ୍ତିର ପରାକାଷ୍ଠା ପ୍ରଦର୍ଶନ କଲେ । ବାଳିଗାଁ ଦାସିଆଙ୍କ ଉତ୍ତର ଶୁଣି ସିଦ୍ଧସାଧକ ପଞ୍ଚସଖା ଆଶ୍ଚର୍ଯ୍ୟାନ୍ୱିତ ହୋଇ, ଦାସଙ୍କୁ ଶ୍ରେଷ୍ଠ ଭକ୍ତରୂପେ ଶାଢ଼ୀ ବାନ୍ଧି ପୁରୁଷୋତ୍ତମ କ୍ଷେତ୍ର ଲେଉଟି ଆସିଲେ ।

"ବାଳିଗାଂ ଦାସଙ୍କ ବଚନ ଶୁଣିଣ ପଞ୍ଚୁଶାଖାଯେ ମଉନ ।
ଚୌଷଠି ମହନ୍ତ ପଞ୍ଚୁଶାଖା ମିଳି ଶାଢ଼ୀ ବାନ୍ଧିଦେଲେ ଜାଣ ।।
ପଞ୍ଚୁଶାଖା ଯେ ସମସ୍ତ ସାଧୁ ମିଳି କ୍ଷେତ୍ରକୁ ବିଜୟେ କଲେ ।
ପ୍ରଥମ ଅଧ୍ୟାୟ ସଂପୂର୍ଣ ହୋଇଲା ବାଳିଗାଂ ଦାସ କହିଲେ" ।।

ଭକ୍ତ ମାଳିକା ଓ ଦଶପଟଳ ପୋଥିରେ ଥିବା **ପଞ୍ଚ**ସଖାଙ୍କ* ସମ୍ବନ୍ଧରେ ପଦାବଳୀରେ ଅବତାରଣା କରିବାର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଓଡ଼ିଶାର ପ୍ରାଚୀନ ପରଂପରା ରେ 'ପଞ୍ଚସଖା' ଙ୍କ ନାମ ପ୍ରସିଦ୍ଧି ଲାଭ କରିଥିଲା ; ବିଶେଷତଃ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ଭକ୍ତ କବି ଦାସିଆଙ୍କ ସମୟରେ ମଧ୍ୟ ପଞ୍ଚସଖା ଜନ ସମାଜରେ ସିଦ୍ଧ ସାଧକରୂପେ ଆଖ୍ୟାତ ହୋଇଥିଲେ । ଭକ୍ତ ଦାସିଆବାଉରୀ ଏକ କାଳ୍ପନିକ ଚରିତ୍ର ନୁହନ୍ତି ; ତାଙ୍କ ସମ୍ବନ୍ଧରେ ଅନେକ ଜନଶ୍ରୁତି ଓଡ଼ିଶାର ଲୋକମୁଖରେ ପ୍ରଚରିତ ହୋଇଛି । ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ଭକ୍ତକବି ରାମଦାସ 'ଦାର୍ଢ୍ୟତା ଭକ୍ତି—ରସାମୃତ' ଶୀର୍ଷକ ଯେଉଁ ଭକ୍ତ ଚରିତ ମୂଳକ ପୁସ୍ତକ ରଚନା କରିଛନ୍ତି, ସେଥିରେ 'ବାଳିଗାଁ ଦାସିଆ'ଙ୍କ ସମ୍ବନ୍ଧରେ କେତୋଟି ଜନଶ୍ରୁତିକୁ ସ୍ଥାନ ଦେଇ ତାଙ୍କ ଚରିତର ମହନୀୟତା ସ୍ୱୀକାର କରିଛନ୍ତି । ସେହି ଭକ୍ତକବିଙ୍କ ଲେଖନୀରୁ ହେଉ କିମ୍ବା ଶ୍ରୀମୁଖ ବାଣୀରୁ ହେଉ, ଲିଖିତ 'ଭକ୍ତ ମାଳିକା' ପୁସ୍ତକରେ 'ପଞ୍ଚସଖା' ବା' ପଞ୍ଚଶାଖା'ଙ୍କ ସମ୍ବନ୍ଧରେ ଯେଉଁ ବର୍ଣନା କରାଯାଇଛି ; ସେଥିରୁ ବେଶ୍ ଧାରଣା କରିହୁଏ ଯେ, ତାଙ୍କ ସମୟବେଳକୁ 'ପଞ୍ଚସଖା' ବା ପଞ୍ଚଶାଖାଙ୍କ ଅସ୍ତିତ୍ୱକୁ ସମାଜ ସ୍ୱୀକାର କରୁଥିଲା ଏବଂ ସେମାନଙ୍କ ସିଦ୍ଧ ସାଧନାରେ ଜନସାଧାରଣ ଅଭିଭୂତ ହୋଇ ଯାଇଥିଲେ । ହୁଏତ ସେମାନଙ୍କ ସମ୍ବନ୍ଧରେ କେତୋଟି ଅତିମାନୁଷିକ ଘଟଣା ପ୍ରଚରିତ ହୋଇଥିବ ଏବଂ ଏଭଳି ଘଟଣା ପ୍ରଚରିତ ହେବା ଆଦୌ ଅସ୍ୱାଭାବିକ ବୋଲି ମନେ ହୁଏନାହିଁ ।

ଆଲୋଚକମାନେ ପଞ୍ଚସଖାଙ୍କ ଦ୍ୱାରା ଲିଖିତ ପୁସ୍ତକଗୁଡ଼ିକ ସମ୍ବନ୍ଧରେ ଯେଉଁ ବିରୋଧ ପ୍ରକାଶ କରନ୍ତି, ହୁଏତ ତାହା କେତେକାଂଶରେ ସତ୍ୟ ହୋଇପାରେ ! ସେମାନଙ୍କ ରଚନା ପରବର୍ତ୍ତୀ କାଳର ନକଲକାରମାନଙ୍କ ଦ୍ୱାରା ବିକୃତ, ପରିବର୍ତ୍ତିତ ତଥା ତାତ୍କାଳିକ

---

*ଭକ୍ତ ମାଳିକା, କବି—ବାଳିଗାଁ ଦାସ । ରାଜ୍ୟ ସଂଗ୍ରହାଳୟ ପୋଥି ନମ୍ବର O. L./940

Digitized by PPRACHIN, SOA

ଘଟଣାବଳୀରେ ପରିପୁଷ୍ଟ ହୋଇଥିବା ଅସମ୍ଭବ ନୁହେଁ ! କିନ୍ତୁ ତା'ର ଅର୍ଥ ନୁହେଁ ଯେ, କସ୍ମିନ୍‌କାଳେ ସୁଦ୍ଧା 'ପଞ୍ଚସଖା'ଙ୍କ ଅସ୍ତିତ୍ୱ ନଥିଲା କିମ୍ବା ଅଚ୍ୟୁତ, ବଳରାମ, ଯଶୋବନ୍ତ ଜଗନ୍ନାଥ ଓ ଅନନ୍ତ 'ପଞ୍ଚସଖା' ରୂପେ ଓଡ଼ିଶାର ଜନସମାଜରେ ସୁଖ୍ୟାତ ନଥିଲେ । ରାମାୟଣ, ମହାଭାରତ ପ୍ରଭୃତି ଗ୍ରନ୍ଥରେ ପ୍ରକ୍ଷିପ୍ତ ଅଂଶର ସନ୍ଧାନ ମିଳୁଥିବା ସମୟରେ, 'ପଞ୍ଚସଖା' ସାହିତ୍ୟରେ ପ୍ରକ୍ଷିପ୍ତ ରହିଥିବାର ସନ୍ଧାନ ମିଳିଲେ, 'ପ୍ରଣବ ଅଶୁଦ୍ଧ' ହେବାର କୌଣସି କାରଣ ନାହିଁ । ସେଥିଲାଗି 'ପଞ୍ଚସଖା ଏକ ଉଦ୍‌ଭଟ ପରିକଳ୍ପନା' ବୋଲି ଯୁକ୍ତି କରିବାର କୌଣସି ଯୌକ୍ତିକତା ଥିବାର ମନେ ହୁଏ ନାହିଁ ।

ଅଚ୍ୟୁତ, ଅନନ୍ତ, ବଳରାମ ଓ ଜଗନ୍ନାଥ ଆଦି ଶବ୍ଦ ଗୋଟିଏ ଗୋଟିଏ ନାମବାଚକ ବିଶେଷ୍ୟ । ସେହି ନାମଧାରୀ ବ୍ୟକ୍ତି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକାଧିକ ଥିବା ଅସମ୍ଭବ ନୁହେଁ । ସେମାନଙ୍କ ରଚନା ପରମ୍ପର ମଧ୍ୟରେ ମିଶିଯାଇ ପରବର୍ତ୍ତୀ ଆଲୋଚକମାନଙ୍କ ମନରେ ପ୍ରମାଦ ସୃଷ୍ଟି କରିବା ଅତ୍ୟନ୍ତ ସ୍ୱାଭାବିକ ଘଟଣା । 'ପଞ୍ଚସଖା'ଙ୍କ ସାହିତ୍ୟ, ମଠ, କିମ୍ବଦନ୍ତୀ, ସ୍ମୃତିପୀଠ, ବର୍ଣ୍ଣିତ ଘଟଣାବଳୀ, ଦେବଦେବୀ, ନଦନଦୀ, ପର୍ବତ ଓ ଶିଷ୍ୟ ପରଂପରା ପ୍ରଭୃତି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ଏକାନ୍ତ ଆବଶ୍ୟକ । ତେଣୁ ଓଡ଼ିଶାର ବିଜ୍ଞ ଆଲୋଚକମାନଙ୍କ ପକ୍ଷରେ, ସେମାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମତ ମତାନ୍ତର ଭୁଲି ; ତାତ୍ତ୍ୱିକ ଆଲୋଚନାରେ ବ୍ରତୀହେବା, ବିଜ୍ଞତାର ପରିଚାୟକ ହେବ ।

ଓଡ଼ିଆ ଶାକ୍ତ-ସାହିତ୍ୟ—

ଓଡ଼ିଶାରେ ଶାକ୍ତ ସଂସ୍କୃତିର ପ୍ରଚାର ବହୁ ପ୍ରାଚୀନ କାଳରୁ ହୋଇଆସୁଛି । ଖ୍ରୀଷ୍ଟୀୟ ଚତୁର୍ଥ ପଞ୍ଚମ ଶତାବ୍ଦୀର ଶାକ୍ତ ପ୍ରତିମା ବିରଜା ଓ ଭଦ୍ରକାଳୀ, ତଥା ପରବର୍ତ୍ତୀ କାଳରେ ପ୍ରତିଷ୍ଠିତା ଚୌଷଠି ଯୋଗିନୀ, ଗୌରୀ, ମୋହିନୀ, କାତ୍ୟାୟନୀ, ଚର୍ଚ୍ଚିକେଶ୍ୱରୀ, ଭଗବତୀ, ମାଣିକେଶ୍ୱରୀ, ଚର୍ଚ୍ଚିକା, ସାରଳା, ବିମଳା, ଭଟ୍ଟାରିକା, ହିଙ୍ଗୁଳା, ଶ୍ୟାମାକାଳୀ, ସମଲେଶ୍ୱରୀ, ପାଟଣେଶ୍ୱରୀ, ବ୍ୟାଘ୍ରଦେବୀ, ନାରାୟଣୀ ଆଦି ବହୁ ଦେବୀ ମୂର୍ତ୍ତିରୁ ଜଣାଯାଏ ଯେ, ସମଗ୍ର ଓଡ଼ିଶାରେ ଶାକ୍ତସଂସ୍କୃତିର ବ୍ୟାପକ ପ୍ରଚାର ହୋଇଥିଲା ।

ବିଶେଷତଃ ତାନ୍ତ୍ରିକମାନଙ୍କ ଦ୍ୱାରା ସ୍ୱୀକୃତ ତନ୍ତ୍ରପୀଠ ମଧ୍ୟରେ 'ଉଡ୍ରାଖ୍ୟଂ ପ୍ରଥମଂ ପୀଠମ୍' ଅର୍ଥାତ୍ ଉଡ୍ରପୀଠ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ, ଶାକ୍ତଭାବଧାରା ଏ' ଦେଶର ଜନଜୀବନକୁ ଉଦ୍‌ବୁଦ୍ଧ କରିଥିବାର ଅନୁମାନ କରାଯାଏ । ଆହୁରି ମଧ୍ୟ 'ଉଡ୍‌ଡାମରେଶ୍ୱର ମହାତନ୍ତ୍ର, 'ଉଡ୍‌ଡୀଶ ତନ୍ତ୍ର' ପ୍ରଭୃତି ସଂସ୍କୃତରେ ଲିଖିତ ତନ୍ତ୍ରଗ୍ରନ୍ଥ ଓଡ଼ିଶାରେ ରଚିତ ହୋଇ ଥିବାର ବିଦ୍ୱାନ୍‌ମାନେ ଅନୁମାନ କରନ୍ତି ।

ଏକଦା ଓଡ଼ିଶାର ଜାତୀୟ ବିଗ୍ରହ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ତନ୍ତ୍ରର ଶ୍ରେଷ୍ଠ ଆରାଧ୍ୟ 'ଭୈରବ' ବୋଲି ପ୍ରଚାର କରାଯାଇଥିଲା । କିନ୍ତୁ ଗଙ୍ଗରାଜବଂଶଦ୍ୱାରା ପ୍ରଚାରିତ 'ବୈଷ୍ଣବ ମତବାଦ'ର ବ୍ୟାପକ ପ୍ରସାର ଫଳରେ ଧୀରେ-ଧୀରେ ଦେଶରୁ ତାନ୍ତ୍ରିକ ଭାବଧାରା ବା ଶାକ୍ତ ସଂସ୍କୃତି ଲୋପ ପାଇବାକୁ ବସିଲା । ଏହା ସତ୍ତ୍ୱେ ଜନମାନସରୁ ଶାକ୍ତ ଚିନ୍ତାଧାରାର ସ୍ମୃତି ପୋଛି ଦେବା ଆଦୌ ସମ୍ଭବ ହେଲା ନାହିଁ ।

Digitized by PPRACHIN, SOA

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ଓଡ଼ିଆ ବିଦ୍ୱାନ୍‌ମାନଙ୍କ ଦ୍ୱାରା ରଚିତ ତନ୍ତ୍ର ଗ୍ରନ୍ଥର ସନ୍ଧାନ ଅଦ୍ୟାପି ମିଳି ନାହିଁ । ଏହାର କାରଣ ସ୍ୱରୂପ ଏତିକି କୁହାଯାଇପାରେ ଯେ, ବୈଷ୍ଣବ ମତବାଦର ପ୍ରଭାବ ଫଳରେ ତାନ୍ତ୍ରିକ ବିଦ୍ୱାନ୍‌ମାନଙ୍କୁ ରାଜଶକ୍ତି ପକ୍ଷରୁ ପୃଷ୍ଠ-ପୋଷକତା ମିଳିଲା ନାହିଁ ; ପୂର୍ବରୁ ରଚିତ ତନ୍ତ୍ର ଗ୍ରନ୍ଥଗୁଡ଼ିକ ଜନସାଧାରଣରେ ସେପରି ଆଦୃତ ହେଲା ନାହିଁ, ତେଣୁ ପ୍ରାଚୀନ ତନ୍ତ୍ର ଗ୍ରନ୍ଥଗୁଡ଼ିକ କାଳର କରାଳ କବଳରେ ବିଲୀନ ହୋଇଗଲା ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ପୋଥିଗୁଡ଼ିକ ମଧ୍ୟରେ ପଣ୍ଡିତ ଗୋଦାବରିଶ ମିଶ୍ରଙ୍କ ଶାରଦା ଶରଦର୍ଚ୍ଚନ ପଦ୍ଧତି, ତନ୍ତ୍ର ଚିନ୍ତାମଣି, ଯନ୍ତ୍ର ଚିନ୍ତାମଣି, ବର୍ଦ୍ଧନ ମହାପାତ୍ରଙ୍କ ଦ୍ୱାରା ରଚିତ ଓ ଗଜପତି ରାମଚନ୍ଦ୍ରଦେବଙ୍କ ନାମରେ ଭଣିତ ଦୁର୍ଗୋତ୍ସବ ଚନ୍ଦ୍ରିକା, ଜଗନ୍ନାଥ ଆଚାର୍ଯ୍ୟଙ୍କ 'ଦୁର୍ଗାଯଜନଦୀପିକା' ରଘୁନାଥ ଦାଶଙ୍କ 'ବନଦୁର୍ଗା ପୂଜା', ବାସୁଦେବ ରଥଙ୍କ ଭୁବନେଶ୍ୱରୀ ପଲ୍ଲବ, କୃଷ୍ଣମିଶ୍ରଙ୍କ 'ଶ୍ରୀବିଦ୍ୟା ପଦ୍ଧତି,' ରାମଚନ୍ଦ୍ର ଉଦ୍‌ଗାତାଙ୍କ 'ତାରିଣୀକୁଳ ସୁଧାତରଙ୍ଗିଣୀ' ପ୍ରଭୃତି ତନ୍ତ୍ର ସାହିତ୍ୟ ଆମର ହସ୍ତଗତ ହୋଇଛି । ଏତଦ୍‌ବ୍ୟତୀତ ତାନ୍ତ୍ରିକ ପଣ୍ଡିତ ଲକ୍ଷ୍ମୀଶ୍ୱର ରଥଙ୍କ ପ୍ରଣୀତ ଦୁଇଖଣ୍ଡ ପ୍ରାମାଣିକ ତନ୍ତ୍ରଗ୍ରନ୍ଥ ଓଡ଼ିଶାରେ ରଚିତ ହୋଇଥିଲା । ତାନ୍ତ୍ରିକ ଲକ୍ଷ୍ମୀଶ୍ୱର ବହୁ ତନ୍ତ୍ରଶାସ୍ତ୍ରରୁ ଉଦ୍ଧୃତିମାନ ନେଇ 'ଜ୍ଞାନବଲ୍ଲୀତନ୍ତ୍ର' ଓ 'ଶିବାର୍ଚ୍ଚନ ପଦ୍ଧତି' ଲେଖିଥିଲେ । 'ଶିବାର୍ଚ୍ଚନ ପଦ୍ଧତି'ରେ ପ୍ରଦତ୍ତ ଗୋଟିଏ ପୁଷ୍ପିକାରୁ ଓଡ଼ିଶାରେ ତନ୍ତ୍ରଶାସ୍ତ୍ରର ପ୍ରସାର ଓ ତାନ୍ତ୍ରିକ ରଥ ବଂଶ ପରଂପରା କ୍ରମେ କିପରି ତନ୍ତ୍ର-ଶାସ୍ତ୍ରର ଅଧ୍ୟୟନ ତଥା ଆଚରଣରେ ବ୍ରତୀ ଥିଲେ ; ତା'ର ପ୍ରମାଣ ମିଳିଥାଏ ।

"ଇତି ଶ୍ରୀମଦୁତ୍କଳଦେଶକମଳ–ତତ୍‌ସୌରଭଗତ–ଲୋକତ୍ରୟନିବାସି––ପୁଣ୍ୟ– ଜନ ଦେବଗନ୍ଧର୍ବାପ୍ସରୋମଣ୍ଡଳୀଭ୍ରମରାକୁଳ ତଦ୍ ବିକାଶ୍ୟ ଭାନୁରୂପଶ୍ରୀପୁରୁଷୋତ୍ତମ–କ୍ଷେତ୍ର ତଦ୍ଦକ୍ଷିଣପାର୍ଶ୍ୱନିବାସ୍ୟୁତ୍କଳଦେଶଜନ୍ମାଶ୍ରୀ ଆତ୍ରେୟ–କୁଳମଣ୍ଡନ ପ୍ରସୂତ ଯଯୁରଥ ତତ୍ ପ୍ରପୌତ୍ର ଶ୍ରୀଗଙ୍ଗାଧର ରଥଯୋଗରୂପ ତତନୟ ତଦ୍ ଗୁରୁକୁଳ ଶ୍ରୀଗୌଡ଼ଦେଶ ଗଙ୍ଗାତୀରସ୍ଥ ନବଦ୍ୱୀପୋଦ୍‌ଭବଦ୍ୱିଜକୁଳୋତ୍ତଂସ ଶ୍ରୀଚନ୍ଦ୍ରଶେଖରାଚାର୍ଯ୍ୟ ପ୍ରସୂତ ଶ୍ରୀପୁରୁଷୋତ୍ତମକ୍ଷେତ୍ର ଦକ୍ଷିଣପାର୍ଶ୍ୱସ୍ଥ ମହାମହୋପାଧ୍ୟାୟ ସକଳାଗମ–ଶାସ୍ତ୍ରତତ୍ତ୍ୱଜ୍ଞ ଶ୍ରୀମହାତ୍ରିପୁରସୁନ୍ଦରୀପୁତ୍ରକଲ୍ପ ଶ୍ରୀଗୋପାଳ ବ୍ରହ୍ମଚାରୀ ସ୍ୱାମିବରତଚ୍ଛିଷ୍ୟ ଲକ୍ଷ୍ମୀଶ୍ୱରବିରଚିତାୟାମାଗମାମୃତାର୍ଣ୍ଣବତଜ୍ଜାତ ପୂର୍ଣ୍ଣଚନ୍ଦ୍ରସ୍ୟ ଷୋଡ଼ଶାମୃତ କଳାୟାଂ ଶିବାର୍ଚ୍ଚନପଦ୍ଧତିଃ ସମାପ୍ତା" ।

ଓଡ଼ିଶାର କାବ୍ୟ, ପୁରାଣ ଆଦିରେ ଦୁର୍ଗା ପ୍ରଭୃତି ବିଭିନ୍ନ ଦେବୀଙ୍କ ଚରିତ, ଛାନ୍ଦବନ୍ଧରେ ଚଉତିଶା, ଚଉପଦୀ, ଜଣାଣ, ଭଜନ, ବ୍ରତକଥାଦି ମାଧ୍ୟମରେ ଯେଉଁ ସାହିତ୍ୟ ସୃଷ୍ଟି ହୋଇଛି, ତାହା 'ଶାକ୍ତ ସାହିତ୍ୟ' ନାମରେ କଥିତ । ଶ୍ରୀଜଗନ୍ନାଥ, ଶ୍ରୀ ରାମ, ଶ୍ରୀକୃଷ୍ଣଙ୍କ ଲୀଳା ବା ଚରିତ ଅବଲମ୍ବନରେ ବହୁ ପୁସ୍ତକ ରଚିତ ହୋଇଥିଲେ ହେଁ, 'ଶାକ୍ତ ସାହିତ୍ୟ'ର ପ୍ରସାର ଏ ଦେଶରେ କମ୍ ହୋଇନଥିଲା । ବିଶେଷତଃ 'ଦେବୀ ଭାଗବତ'ର ପ୍ରଚାର ଓଡ଼ିଶାରେ ଆଦୃତ ହୋଇଥିବାରୁ ଦେବୀଙ୍କ ବିଭିନ୍ନ ଅବତାରାଦିର ବର୍ଣ୍ଣନା କରି କେତେ ଖଣ୍ଡି ପୁରାଣ, କାବ୍ୟ ଓ ଖଣ୍ଡକାବ୍ୟ ରଚିତ ହୋଇଛି । ବିଜ୍ଞ ପାଠକ ଓ ଅନୁସନ୍ଧିତ୍ସୁମାନଙ୍କ କୌତୂହଳର ଉପଶମ ନିମିତ୍ତ 'ଓଡ଼ିଆ ଶାକ୍ତ ସାହିତ୍ୟ' ସଂପର୍କରେ ସଂକ୍ଷେପରେ ଆଲୋଚନା କରାଯାଇଛି ।

Digitized by PPRACHIN, SOA

ସାରଳା ଦାସ—

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ମହାନ୍ କବି ସାରଳାଦାସ ଅଷ୍ଟାଦଶ ପର୍ବ ବିଶିଷ୍ଟ **ସେଉଁ** **'ମହାଭାରତ'** ରଚନା କରିଛନ୍ତି, ସେଥିରେ ଅନେକସ୍ଥଳରେ ଦେବୀଙ୍କର ବିଭିନ୍ନ ଅବତାର, **ବିଶେଷତଃ ଝଙ୍କଡ଼** ବାସିନୀ 'ସାରଳା' ଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ।

"ନମସ୍ତେ ସାରଳେ! ଗୋ ଜଙ୍ଖେଂର ପୁରବାସୀ ।
ଅନଳସମ୍ଭବୀ ଗୋ ମୁଖପୌର୍ଣ୍ଣମୀର ଶଶୀ ।।
କୃପାଚଳନନ୍ଦିନୀ ଗୋ ନର୍ମଦା ସରସ୍ୱତୀ ।
ଶ୍ରୀଚନ୍ଦ୍ରଭାଗା ତୀର୍ଥେ ଗୋ ଯୋଗ ଲୟେଘିତି ।।
ସୁର ସିଦ୍ଧମୁନି ମାଗୋ ତୋହର ନାମ ଘୋଷି ।
ଧ୍ୱଂସିଲୁ ଅସୁର ମାଗୋ ରଣରଙ୍ଗେ ପଶି ।।
କେଶରୀ ପିଠିରେ ବିଜେ ମାଗୋ ଦୁରିତ ନିବାସୀ ।
କର ଅନୁଗ୍ରହ ମାଗୋ ମୋତେ ଅଭୟ ବର ଦେସି ।।

* * *

ସେ ଦେବୀଙ୍କ ଶ୍ରୀଚରଣକୁ ନିତିଏ ମୋର ଆଶ ।
ଜନ୍ମେ ଜନ୍ମେ ଅଟଇ ମୁଂ ଶୂଦ୍ରମୁନି ସାରଳା ଦେବୀଙ୍କର ଦାସ ।।

* * *

ନମସ୍ତେ ବିମଳା ଗୋ ନମୋ ନାରାୟଣି ।
ସଂସାରଜଳେ ମାଗୋ ତୋ ନାମ ବଖାଣି ।।
ଦୁର୍ଗତି ଖଣ୍ଡନୀ ଗୋ ପଦ୍ମେ ଯେ ଆସନୀ ।
ଅରକ୍ଷ ଲୋକର ଦୁଃଖବିନାଶିନୀ ।।
ନିତ୍ୟେ ତୋର ନାମ ଯେହୁ କରଇ ସ୍ମରଣ ।
ନାନା ଦୁର୍ଗତିରୁ ହୋଏ ସେ ମୋକ୍ଷଣ ।।
ସଦୟା ଚିତ୍ତେ ମାଗୋ ଦୟା କର ମୋତେ ।
ସାରୋଳ ଦାସକୁ ଗୋ ରଖ ଜଗତ ମାତେ ।।
ଜୟ ଗୋ ମଙ୍ଗଳା ସଙ୍କଟତାରେଣୀ ।
କାକଟପୁରେ ମା'ଗୋ ବସିଛୁ ଗୋସାମଣି ।।
ପ୍ରାଚୀ ନଦୀ ତୀରେ ପୂର୍ବ କୋଣେ ସ୍ଥିତି ।
ପୋଡୁଅ ବୋଦା ଗୋ ଖାଉ ଭଗବତୀ ।।
ରାଜା ଘରେ ତୋତେ ଭୋଗ ଖଞ୍ଜା ନାହିଂ ।
ସଂସାରଜନଙ୍କୁ ଗୋ ମୋହି ପାରୁ ତୁହି ।।
ମୈଂସା ନାଶଗଲ ଗୋ ତୋହରି ବୁଦ୍ଧି ବଳେ ।
ରକତ ବୀର୍ଯ୍ୟକୁ ଭକ୍ଷିଲୁ ଖପରେ ।।
ଅଶୁଭ ନାଶେନୀ ଗୋ ନାମ ଜିଘ୍ନସେନି ।
ଦୁର୍ଗତି ନାଶି ସ୍ଥିତି କଲୁ ଏ ମେଦିନୀ ।।
ମୁହିଂ ଅରକ୍ଷିତ ସାରୋଳ ଚଣ୍ଡୀ ଦାସ" ।

—(ମହାଭାରତ—ମଧ୍ୟପର୍ବ)

Digitized by PPRACHIN, SOA

'ଚଣ୍ଡୀ ପୁରାଣ' ହେଉଛି, ସାରଳା ଦାସଙ୍କ ଏକ ଅନବଦ୍ୟ ରଚନା । ଦେବୀ-ଭାଗବତକୁ ଅବଲମ୍ବନ ରୂପେ ଗ୍ରହଣ କରି ସାରଳା ଦାସ ଶାକ୍ତ ସାହିତ୍ୟର ଝଣ୍ଡିଏ ବିରାଟ ଗ୍ରନ୍ଥ ରଚନା କରିଛନ୍ତି । ସାରଳା ଦାସ ଯେପରି ସଂସ୍କୃତ ମହାଭାରତକୁ କେବଳ ମାତ୍ର ଅବଲମ୍ବନ ରୂପେ ଗ୍ରହଣ କରି ଅଷ୍ଟାଦଶ ପର୍ବ ବିଶିଷ୍ଟ ମହାଭାରତ ଗ୍ରନ୍ଥ ରଚନା କରିଛନ୍ତି, ଠିକ୍ ସେହିପରି ଦେବୀଭାଗବତ, ସପ୍ତଶତୀ ଚଣ୍ଡୀ ଆଦି ଗ୍ରନ୍ଥର ଆଧାରରେ ସେ 'ଚଣ୍ଡୀ ପୁରାଣ' ରଚନା କରି ସେଥିରେ ଓଡ଼ିଶାର ବହୁ ଦେବୀ, ବିଶେଷତଃ ଚଉଷଠୀ ଯୋଗିନୀ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେବୀଙ୍କର ଭିନ୍ନ ଭିନ୍ନ ରୂପ ତଥା ପୀଠର ବିସ୍ତୃତ ବର୍ଣ୍ଣନା କରିଛନ୍ତି । ସାରଳା ଦାସଙ୍କ ଲେଖନୀର ଯାଦୁକରୀ ସ୍ପର୍ଶରେ ଓଡ଼ିଶାର ଶାକ୍ତ-ସାହିତ୍ୟ ସମୃଦ୍ଧିମନ୍ତ ହୋଇଉଠିଛି ।

ସାରଳା ଦାସ ଚଣ୍ଡୀ ପୁରାଣର ଆରମ୍ଭରେ ଗ୍ରନ୍ଥ ରଚନାର ଉଦ୍ଦେଶ୍ୟ ଓ ଝଂଖେରପୁର ବାସନୀ ସାରଳା ଚଣ୍ଡୀଙ୍କ ନିର୍ଦ୍ଦେଶ ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ ଲେଖଛନ୍ତି—

"ଜମ୍ବୁଦ୍ୱୀପ ଭରଥଖଣ୍ଡ ଓଡ଼ରାଷ୍ଟ୍ର ଈଶାନ ।
ଅର୍କ ତୀର୍ଥକୁ ଉତ୍ତର ସେ ଅପୂର୍ବ ରମ୍ୟ ସ୍ଥାନ ।।
ପର୍ଶୁରାମ ପାଟଣା ସେ କନକାବତୀ ନଗ୍ର ।।
କଳି ଯୁଗ ଗ୍ଚରି ଲକ୍ଷ ବତିଶ ସହସ୍ର ଭୋଗ ।
ଅନାଦି ଶକତି ତହିଂ ଅଛନ୍ତି ବିଜେ କରି ।
ସ୍ୱଇଚ୍ଛାରେ ମହାମାୟା ବିହରନ୍ତି ଆଦି ନାରୀ ।।
ସକଳ ଜନ ତାରଣେ ଶ୍ରୀସାରୋଳା ଚଣ୍ଡୀ ନାମ ।
ଝଂଖେରପୁରେ ରହିଲେ ଯୋଗେଶ ଆଦି ବ୍ରହ୍ମ ।।
ଅଭୟ ମାତଙ୍ଗୀ ଶ୍ରୀସାରଳା ଚଣ୍ଡୀ ଦେବୀ ।
ଶୂଦ୍ରମୁନି ସାରଳା ଦାସ ଜନ୍ମେ ଜନ୍ମେ ତାକୁ ସେବି ।।

* * *

ଆଜ୍ଞା ହେଲ ମୋତେ ଶୁଣରେ ବାଳୁତ ।
ଏ ମୋହର ମହିମା ତୁ ସଂସାରେ କର ବିଖ୍ୟାତ ।।
ସେ ଦେବୀଙ୍କର ଆଜ୍ଞାରେ ମୁଁ ପୁରାଣର ବାଣୀ ।
ସଂସାର ଜନ ଅର୍ଥେ ବଖାଣି କଲି ପୁଣି ।।

* * *

ସେ ଦେବୀଙ୍କ ଆଜ୍ଞା ପ୍ରମାଣେ ଗୀତ କରି ।
ଶାସ୍ତ୍ର କଲ ନିର୍ମିତ ସେ ଦେବୀର ନାମ ଧରି ।।
ହେ ବୁଧଜନେ ସେ ମୋତେ ପ୍ରସନ୍ନେ ଯାହା କହଇ ।
ଅଳ୍ପଣ ଅବକାଶେ ମୁଁ ତାହା ପତ୍ରରେ ଲିହଇ ।।
ଯେବଣ ଆଜ୍ଞା ମୋତେ ଦେଲେକ ଭବାନୀ ।
ତାହାଙ୍କ ଆଜ୍ଞା ପ୍ରମାଣେ ମୁଁ ଲିହଇ ଶୂଦ୍ରମୁନି" ।।

(ଚଣ୍ଡୀ ପୁରାଣ, ରାଜ୍ୟ ସଂଗ୍ରହାଳୟ ପୋଥି O. R. P./101)

Digitized by PPRACHIN, SOA

ବ୍ରହ୍ମଶାପରେ ତକ୍ଷକଦ୍ୱାରା ସାତଦିନ ମଧ୍ୟରେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ପାଇଥିବା ପରୀକ୍ଷିତ ରାଜା ଶୁକମୁନିଙ୍କଠାରୁ ଯେପରି ଭାଗବତ ଶୁଣି କୃତାର୍ଥ ହୋଇଥିଲେ, ଠିକ୍ ସେହିପରି ଚଣ୍ଡୀ ପୁରାଣର ପ୍ରାରମ୍ଭରେ ଅଙ୍ଗିରା ମହର୍ଷିଙ୍କ ଦ୍ୱାରା ଅଭିଶାପ ପାଇ ରାଜା ପରୀକ୍ଷିତ ଶୁକମୁନିଙ୍କଠାରୁ ଦୁର୍ଗାଙ୍କ ମାହାତ୍ମ୍ୟ ଶୁଣିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ସାରଳା ଦାସ ଅବତାରଣା କରିଛନ୍ତି । ସେହି ପ୍ରସଙ୍ଗରେ ସେ ଦୁର୍ଗାଙ୍କର ବିଭିନ୍ନ ରୂପ ଓ ତାଙ୍କର ସହଯୋଗିନୀମାନଙ୍କର ବିଭିନ୍ନ କୃତ୍ୟ ସମ୍ବନ୍ଧରେ ଶୁଣିବା ଲାଗି ମୃତ୍ୟୁ ପୂର୍ବରୁ ବ୍ୟାକୁଳ ହୋଇ ଉଠିଛନ୍ତି । ମହର୍ଷି ଶୁକଦେବ ପରୀକ୍ଷ ରାଜାଙ୍କର ମୃତ୍ୟୁକାଳୀନ ବ୍ୟାକୁଳତାରେ ଦୟାର୍ଦ୍ର ହୋଇ ତାଙ୍କୁ ଚଣ୍ଡୀ ପୁରାଣ ଶୁଣାଇଛନ୍ତି--

"ପରୀକ୍ଷ ବୋଇଲେ ମୁନି ଅପୂର୍ବ କଥା ଏ ଶୁଣିଲି ।
ଅଦ୍‌ଭୁତ ଦୁର୍ଗାଙ୍କର ଅବତାର ରୂପ ବୋଲି ।।
ମହୀଷ୍ୟାସୁର ଦାନବକୁ ବଧିଲେକ ରଣେ ।
ଏହା ମୁଂ ଶୁଣିଲି ମୁନି ହେ ତୁମ୍ଭ ପୁରାଣେ ।।
ମୁନି ହେ ଅନେକ ଜାତ ହୋଇଲେ ନାରାୟଣୀ ।
ଅନେକ ଦାନବ ବଧି ରଖିଲେ ଧରଣୀ ।।
ସେହି ଦୁର୍ଗାଙ୍କର ଚରିତ ଶୁଣିତେ ମୋର ଇଛା ।
ସଂକ୍ଷେପି କରି କହ ପୂରାଅ ମନ ବାଞ୍ଛା ।।"

କବି ସାରଳା ଦାସ ଚଣ୍ଡୀପୁରଣରେ ଓଡ଼ିଶାର ବିଭିନ୍ନ ଦେବୀଙ୍କ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଭୁବନେଶ୍ୱର ନିକଟବର୍ତ୍ତୀ ହୀରାପୁରର ଚଉଷଠି ଯୋଗ୍ନୀଙ୍କ ନାମ, ବାହନ ଓ ଆୟୁଧ୍ୟାଦିର ବର୍ଣ୍ଣନା କରିଛନ୍ତି । ତାଙ୍କ ବର୍ଣ୍ଣନାରୁ ଜଣାଯାଏ ୧--ଛାୟା, ୨--ମାୟା ୩--ନାରାୟଣୀ, ୪--ବ୍ରହ୍ମାୟଣୀ, ୫--ରୁଦ୍ରାୟଣୀ, ୬--ଇନ୍ଦ୍ରାୟଣୀ, ୭--ଭୈରବୀ, ୮--ଚକ୍ର ବାଶେଳୀ. ୯--ମାହେଶ୍ୱରୀ ବାଶେଳୀ, ୧୦--ତ୍ରିପୁର-ଉଗ୍ରତାରା, ୧୧--ଚର୍ଚ୍ଚିକା, ୧୨--ଅମ୍ବିକା, ୧୩--କୋଠାରୀ ଭଗବତୀ, ୧୪--କମଳା, ୧୫--ଶାନ୍ତି, ୧୬--କାନ୍ତି, ୧୭--ମାଧବୀ, ୧୮--ଶ୍ରମୁଣ୍ଡା, ୧୯--ବିମଳା, ୨୦--ଗ୍ରଚେଶ୍ୱରୀ, ୨୧--ଆନନ୍ଦାୟୀ, ୨୨--ବାରାହୀ, ୨୩--ସ୍ୱରୂପା, ୨୪--ବିରୂପା, ୨୫-ଖେଚରୀ, ୨୬--ଭୂଚରୀ, ୨୭--କଙ୍କାଳୀ, ୨୮--ବେତାଳୀ, ୨୯--ଭଦ୍ରକାଳୀ, ୩୦--ରୋହିଣୀକେଶ୍ୱରୀ, ୩୧--କାମାକ୍ଷୀ, ୩୨--ଉଲ୍ଲକା, ୩୩--ଉଲ୍ଲେଳା, ୩୪--ସମୁଦ୍ର-ତାରେଣୀ, ୩୫--ଅନୁଛାୟା, ୩୬--ଗୋପାଳୀ, ୩୭--ବନଦେବନ୍ଦୀ, ୩୮--ମୋହିନୀ, ୩୯--କାମଶେଣୀ, ୪୦--ସୁଧର୍ମିଣୀ, ୪୧--ସନ୍ଧାୟୀ, ୪୨--ବନ୍ଧାୟୀ, ୪୩--ଜାମଭଦ୍ରା, ୪୪--କାମେନୀ, ୪୫--ଅମ୍ବିକା, ୪୬--ଉଦ୍ରାୟଣୀ, ୪୭--କାପାଳୀ, ୪୮--ଭାସରୀ, ୪୯--ଚନ୍ଦ୍ରାୟଣୀ, ୫୦--ସୋମଭଦ୍ରା. ୫୧--ତ୍ରିଲୋକମୋହିନୀ, ୫୨--ଡ଼ାକେଶ୍ୱରୀ, ୫୩--ପିଙ୍ଗଳେଶ୍ୱରୀ, ୫୪--ସର୍ବାଙ୍ଗିନୀ, ୫୫--କୋୟେଳାନୀ, ୫୬--କୋଠରୀ, ୫୭--ସୁରେଶ୍ୱରୀ, ୫୮--ଭଗବତୀ, ୫୯--ସରସ୍ୱତୀ, ୬୦--ହିଙ୍ଗୁଳା, ୬୧--ଚଞ୍ଚଳାୟୀ, ୬୨--ବିରିଜା. ୬୩--ସୁରେଖା, ୬୪--ତ୍ରିପୁରା, ହେଉଛନ୍ତି ଚତୁଷଷ୍ଠୀ ଯୋଗନୀ ।

"ଶୁଣ ହୋ ପରୀକ୍ଷ ରାଜା ବଦନ୍ତି ଶୁକ ମୁନି
ଏସନକ ନାମ ଅଟେ ଚଉଷଠି ଯୋଗିନୀ ।"

(ଚଣ୍ଡୀ ପୁରାଣ--O. R. P./101)

Digitized by PPRACHIN, SOA

ଉକ୍ତ ପୋଥିର ଶହେ ଛୟାନବେ ପତ୍ରରେ କବି ସାରଳାଦାସ ପ୍ରାୟ ପଚିଶକିଶଟି ଯୋଗିନୀଙ୍କର ଜନ୍ମ ସମ୍ବନ୍ଧରେ ବିଶେଷ ବିବରଣୀ ଦେଇଛନ୍ତି । ଏହି ପ୍ରସଙ୍ଗରେ କବି ଦେବୀଙ୍କ ନାମର ସାମାନ୍ୟ ପରିବର୍ତ୍ତନ କରିଛନ୍ତି । ସେ ଏଠାରେ ମହାମାୟା ଦୁର୍ଗାଙ୍କ ଶରୀରସ୍ଥ ଚଉଷଠି ଯୋଗିନୀ ଜାତ ହୋଇଥିବାର ଉଲ୍ଲେଖ କରି କହିଛନ୍ତି –

"ଶୁଣ ହୋ ପରୀକ୍ଷ ରାଜା କହନ୍ତି ଶୁକମୁନି ।
ଏକ ଶରୀରୁ ଜାତ କଲେ ଚଉଷଠି ଯୋଗିନୀ । ।

ଅସୁର ନିସୂଦନ ଲଗି ଦେବୀ ଦୁର୍ଗା ଶ୍ରୀ ଅଙ୍ଗରୁ ଚଉଷଠି ଯୋଗିନୀଙ୍କୁ ଜାତ କରି ସେମାନଙ୍କୁ ବଭିନ୍ନ ବାହନ ସମର୍ପଣ କରିଥିବାର ବର୍ଣ୍ଣନା ସାରଳା ଦାସ ଚଣ୍ଡୀପୁରାଣରେ କରିଛନ୍ତି । ସେହି ପ୍ରସଙ୍ଗରେ ସେ ମାତ୍ର ତିରିଶଟି ଯୋଗିନୀଙ୍କ ବାହନଗୁଡ଼ିକର ନାମ ଉଲ୍ଲେଖ କରିଛନ୍ତି—•—

"ଚଉଷଠି ଯୋଗିନୀଙ୍କି ବାହନ ସମର୍ପିଲେ ।
ପୂର୍ବେ ଦେବତାମାନ ବାହନ ଦେଇଥିଲେ ।।"

ପୁସ୍ତକ ଆକାରରେ ଛପା ହୋଇଥିବା ସାରଳାଦାସଙ୍କ ଚଣ୍ଡୀପୁରାଣରୁ ଚଉଷଠି ଯୋଗିନୀଙ୍କର ଯେଉଁ ନାମ ମିଳୁଛି, ତାହା ତାଳପତ୍ରରେ ଥିବା ଚଣ୍ଡୀପୁରାଣ ସହିତ କେତେକ ସ୍ଥାନରେ ମେଳ ଖାଉ ନାହିଁ । ଅନ୍ୟ ଗୋଟିଏ ସ୍ଥାନରେ ଯୋଗିନୀମାନଙ୍କ ବର୍ଣ୍ଣନା ଶହେ ଅଠାଅଶୀ ପର୍ଯ୍ୟନ୍ତ ଥିବାର ଦେଖାଯାଏ । ଏହି ସବୁ ବର୍ଣ୍ଣନାରୁ ଜଣାଯାଏ, ସାରଳା ଦାସ ଚଣ୍ଡୀପୁରାଣରେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ଦେବ ଦେବୀଙ୍କ ନାମ ଉଲ୍ଲେଖ କରିବାରେ ଆଦୌ ତ୍ରୁଟି କରି ନାହାନ୍ତି ।

ଚଣ୍ଡୀପୁରାଣର ଶେଷରେ କବି, ସ୍ଥାନ ବିଶେଷରେ ଦେବୀଙ୍କ ନାମ ଉଲ୍ଲେଖ କରି ଆଲୋଚକମାନଙ୍କ ଆଲୋଚନାର ପରିସରକୁ ବିସ୍ତୃତ କରିଛନ୍ତି । ଉଦାହରଣ ସ୍ୱରୂପ—– ସେଥିମଧ୍ୟରୁ କେତୋଟି ପ୍ରସିଦ୍ଧ ପୀଠର ଦେବୀଙ୍କ ନାମ ଉଲ୍ଲେଖ କରାଗଲା ।

"ଝଙ୍କଡ଼େ ରହିଲୁ ମାଗୋ ସାରଳା ନାମ ବହି ।
କାକଟପୁରେ ରହିଲୁ ମାଗୋ ମଙ୍ଗଳା ବୋଲାଇ ।

* * *

କୋଣାର୍କେ ରହିଲୁ ମାଗୋ ଅଭୟେ ରାମଚଣ୍ଡୀ ।

* * *

ପୁରୁଷୋତ୍ତମେ ରହିଲୁ ବିମଳା ବୋଲାଇ ।
ବାଙ୍କୀରେ ରହିଲୁ ମାଗୋ ଚର୍ଚ୍ଚିକା ନାମ ବହି ।
ଯାଜପୁରେ ରହିଲୁ ବିରଜା, କାକଟପୁରେ ମଙ୍ଗଳା ।
ପଶ୍ଚିମ ଦିଗେ ରହିଲୁ ବୋଲାଇ ହେଙ୍ଗୁଳା ।

* * *

ଭୁବନେଶ୍ୱରେ ରହିଲୁ ନାମ ତୋ ଗଉରୀ"

ଇତ୍ୟାଦି ।

ପରିଶେଷରେ କହିବାକୁ ଗଲେ, ସାରଳା ଦାସ ଚଣ୍ଡୀପୁରାଣ ମାଧ୍ୟମରେ ଓଡ଼ିଶାରେ ଶାକ୍ତ ସାହିତ୍ୟର ସୂତ୍ରପାତ କରିଛନ୍ତି ।

Digitized by PPRACHIN, SOA

ଓଡ଼ିଆ ସାହିତ୍ୟରେ କେତୋଟି 'ମାଳଶ୍ରୀ' ଶୀର୍ଷକ କବିତା ଦେଖିବାକୁ ମିଳେ । ସେଥି ମଧ୍ୟରେ 'ସାରଳା ମାଳଶ୍ରୀ' ଶୀର୍ଷକ ଗୋଟିଏ ଦେବୀଭଜନ ସାରଳା ଦାସଙ୍କ ନାମରେ ଭଣିତ ହୋଇଛି । ମାଳଶ୍ରୀ ଶବ୍ଦ ଦେବୀଙ୍କ ଭଜନ ଅର୍ଥରେ ପ୍ରୟୋଗ କରାଯାଇ ଥିବାର ଦେଖାଯାଏ । ଏହି 'ମାଳଶ୍ରୀ' ଶବ୍ଦ ଖୁବ୍ ସମ୍ଭବତଃ 'ମୌଳି ଶ୍ରୀ' ଶବ୍ଦର ଅପଭ୍ରଂଶ ବୋଲି ମନେ ହୁଏ । ମୌଳି ଶବ୍ଦର ଅର୍ଥ ଶିର ଓ ପୃଥିବୀ । ତେଣୁ 'ମୌଳିଶ୍ରୀ'ର ଭାବାର୍ଥ ଅତ୍ୟନ୍ତ ସୁନ୍ଦର କିମ୍ବା ପୃଥିବୀର ଶୋଭା ହେବା ସ୍ୱାଭାବିକ । ଜଗଜ୍ଜନନୀ ଦେବୀଙ୍କର ସ୍ତୁତି ଏହି ଭଜନ ମାଧ୍ୟମରେ ବର୍ଣ୍ଣିତ ହୋଇଥିବାରୁ ଏପ୍ରକାର ସ୍ତୋତ୍ର ଗୁଡ଼ିକୁ 'ମୌଳିଶ୍ରୀ' ବା 'ମାଳଶ୍ରୀ' କହିବା ଅସମୀଚୀନ ବୋଲି ମନେହୁଏ ନାହିଁ । କେବଳ ସାରଳା ଦାସ କାହିଁକି, ପରବର୍ତ୍ତୀ କାଳରେ ଦ୍ୱିଜ ନାରାୟଣ, ବାଲୁଙ୍କେଶ୍ୱର ମର୍ଦ୍ଦରାଜ, ହରିହର ମର୍ଦ୍ଦରାଜ ପ୍ରଭୃତି କବିଙ୍କ ନାମରେ 'ଦଶବିଦ୍ୟା ମାଳଶ୍ରୀ', 'ମଙ୍ଗଳା ମାଳଶ୍ରୀ', ଦୁର୍ଗା ମାଳଶ୍ରୀ' ଆଦି ଦେବୀ ଭଜନ ମିଳୁଛି ।

ଆଲୋଚକମାନଙ୍କୁ ଅବଗତି ନିମିତ୍ତ ଶୂଦ୍ରମୁନି ସାରଳା ଦାସଙ୍କ 'ସାରଳା ମାଳଶ୍ରୀ'ରୁ କେତୋଟି ପଦ ଏଠାରେ ଉଦାହରଣ ସ୍ୱରୂପ ପ୍ରଦତ୍ତ ହେଲା—

"ଆପଦ ଖଣ୍ଡନୀ ମାଗୋ ବିପଦ ନାଶେନୀ,
ଦୁଃସହ ଦୁର୍ଗତିରୁ ଫେଡ଼ କାତ୍ୟାୟେନୀ ।
ପରମ ଯୋଗେଶ୍ୱରୀ ଗୋ ଆଦି ଯେ ଅପର୍ଣ୍ଣା ।
ମହାମାୟେ ମାହେଶ୍ୱରୀ ଅନାଦି ଅନ୍ନପୂର୍ଣ୍ଣା । ।

*　　　　*　　　　*

ତବ ପଦ୍ମପାଦେ ଯେ ବିନୟେ ଭଗତି,
ଜୟ ଜୟ ଦୁର୍ଗା ମାଗୋ ଅନ୍ନପୂର୍ଣ୍ଣା ପାର୍ବତୀ ।
କରନ୍ତି ଚରଣେ ଯେ ବିନୟେ ଦଣ୍ଡିନି,
ବଦନ୍ତି ସାରଳା ଦାସ କବି ଶୂଦ୍ରମୁନି ।।"

ଏତଦ୍ ବ୍ୟତୀତ ସାରଳା ଦାସଙ୍କ ନାମରେ ମଙ୍ଗଳା ମାଳଶ୍ରୀ, କାଳିକା ସ୍ତୁତି ପ୍ରଭୃତି କେତୋଟି ଦେବୀଭଜନ ମିଳୁଥିବାର ଦେଖାଯାଏ । କିନ୍ତୁ ସେଗୁଡ଼ିକର ଭାଷା, ରଚନା ଶୈଳୀ ସାରଳାଦାସଙ୍କ ସମସାମୟିକ ବୋଲି ମନେ ହୁଏ ନାହିଁ । ସାରଳାଙ୍କ ପରବର୍ତ୍ତୀ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରୁ କେତେ ଜଣ ସ୍ୱରଚିତ ପୁରାଣ ଓ କାବ୍ୟରେ ଶାକ୍ତ ସାହିତ୍ୟର ପରିପୋଷକ ଚିନ୍ତାଧାରାର ବିକାଶ କରାଇଥିଲେ ହେଁ ସ୍ୱତନ୍ତ୍ର କାବ୍ୟ ଲେଖିଥିବାର ପ୍ରମାଣ ଅଦ୍ୟାପି ମିଳିନାହିଁ; କିନ୍ତୁ ବଳରାମ ଦାସଙ୍କ ନାମରେ ଦୁର୍ଗାସ୍ତୁତି, ଜୟଦୁର୍ଗା ଜଣାଣ, ଚଣ୍ଡିକା ସ୍ତୁତି, ବିମଳା ମାଳଶ୍ରୀ ପ୍ରଭୃତି କେତୋଟି ଭଜନ ; ଜଗନ୍ନାଥଙ୍କ ନାମରେ 'ଦୁର୍ଗା ସ୍ତୁତି' ମିଳୁଥିବାର ଦେଖାଯାଏ । ଏହି କବି ଦ୍ୱୟଙ୍କ ବ୍ୟତୀତ ଅନ୍ୟ ଯେଉଁ କବିମାନେ ଓଡ଼ିଆ ଶାକ୍ତ ସାହିତ୍ୟର ପୁଷ୍ଟପୋଷକତା କରି ଭଜନ, ଜଣାଣ, ଚଉତିଶା ଆଦି ରଚନା କରିଛନ୍ତି, ସେମାନଙ୍କ ମଧ୍ୟରେ ପୀତାମ୍ବର ଦାସଙ୍କ ଦୁର୍ଗା ସ୍ତୁତି, ବାପୀ ଦାସଙ୍କ ଦୁର୍ଗା କବଚ, ବାଳ କବିଙ୍କ ଭଗବତୀ ଜଣାଣ ଓ ଭଗବତୀ ଚଉତିଶା, ଦ୍ୱିଜନାରାୟଣଙ୍କ ଦଶ ବିଦ୍ୟାମାଳଶ୍ରୀ, କବି ଗୋବିନ୍ଦଙ୍କ ଭଗବତୀ ମାଳଶ୍ରୀ, ବୀରବର ଜଗଦେବଙ୍କ ଦେବୀ ସ୍ତୁତି, ହରିହର ମର୍ଦ୍ଦରାଜ ଓ ନାରାୟଣ ମର୍ଦ୍ଦରାଜଙ୍କ ଦୁର୍ଗା ମାଳଶ୍ରୀ, ସର୍ବମଙ୍ଗଳା ମାଳଶ୍ରୀ, କାଳି ମାଳଶ୍ରୀ, ବୃନ୍ଦାବନ ଦାସଙ୍କ ମଙ୍ଗଳା ସ୍ତୁତି, ବିମଳା ମାଳଶ୍ରୀ, ବଜ୍ରଧର ନରେନ୍ଦ୍ରଙ୍କ ଛିନ୍ନମସ୍ତା ମାଳଶ୍ରୀ, ବାଣୀ ଦାସଙ୍କ ମହୀଷମର୍ଦ୍ଦିନୀ ମାଳଶ୍ରୀ, ଦୀନବନ୍ଧୁ ଦାସଙ୍କ କାଳୀ ମାଳଶ୍ରୀ, ବିପ୍ର ବନମାଳୀ ଓ

Digitized by PPRACHIN, SOA

ଦାଶରଥି ଦାସଙ୍କ ଦେବୀ ସ୍ତୁତି, ବିପ୍ର ହାଡ଼ିବନ୍ଧୁଙ୍କ କାଳିକା ମାଳଶ୍ରୀ, ଗୋବିନ୍ଦ ଦାସଙ୍କ ଚଣ୍ଡୀ ମାଳଶ୍ରୀ ଓ ଦୁର୍ଗା ମାଳଶ୍ରୀ, କବି ସୂର୍ଯ୍ୟଙ୍କ ବିମଳା ମାଳଶ୍ରୀ, ନାଥିଆଙ୍କ ଆଦିଶକ୍ତି ଜଣାଣ ତଥା ଅନାମଧେୟ କବିଙ୍କ ଭଗବତୀ ଠାକୁରାଣୀ ଜଣାଣ, ଦେବୀ ଚଉତିଶା, ବିମଳା ସ୍ତୁତି, ସପ୍ତଶତୀ ଚଣ୍ଡୀର ଅବଲମ୍ବନରେ ଲିଖିତ ମଧୁସୂଦନ ନୃପଙ୍କ 'ଦୁର୍ଗାରହସ୍ୟ' ପ୍ରଭୃତି ଆମର ଆଲୋଚନା–ପରିସର ମଧ୍ୟକୁ ଆସିପାରିଛି ।

କବି ନୀଳକଣ୍ଠଙ୍କ ନାମରେ ଭଣିତ 'ତାରାପ୍ରମୋଦ' ନାମକ ଖଣ୍ଡିଏ ଅପ୍ରକାଶିତ ପୋଥି ରାଜ୍ୟ ସଂଗ୍ରହାଳୟର ପୋଥି ଭଣ୍ଡାରରେ ସଂରକ୍ଷିତ ହୋଇଅଛି । ଦୁର୍ଭାଗ୍ୟ ବଶତଃ ପୋଥିଟିର କେତେକାଂଶ ଛିନ୍ନ । ପୋଥିର ପାଠରୁ ଜଣାଯାଏ, ଏହାର ବିଷୟବସ୍ତୁ ଗଞ୍ଜାମଜିଲ୍ଲାର ପୁରୁଷୋତ୍ତମପୁର ଅନ୍ତର୍ଗତ ଋଷିକୁଲ୍ୟା ତଟବର୍ତ୍ତୀ ତାରାତାରିଣୀ ପୀଠର ଉତ୍ପତ୍ତି ଉପରେ ଆଧାରିତ । ପ୍ରସଙ୍ଗକ୍ରମେ କବି ଗଞ୍ଜାମ ଜିଲ୍ଲାର ବଡ଼ଗଡ଼, ଧରାକୋଟ ଓ ସୋରଡ଼ା ରାଜ୍ୟର ଉତ୍ପତ୍ତି ସମ୍ବନ୍ଧରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ରାଜା ଦିବ୍ୟସିଂହଦେବଙ୍କ ନାମ ଉଲ୍ଲେଖ କରିଛନ୍ତି । ତେଣୁ ଖୁବ୍ ସମ୍ଭବତଃ ପୋଥିଟି ନୀଳକଣ୍ଠଙ୍କ ଦ୍ୱାରା ଭୋଇ ବଂଶର ରାଜା ଗଜପତି ଦିବ୍ୟସିଂହଦେବଙ୍କ ରାଜୁତିରେ ଲିଖିତ ହୋଇଥିବାର ଅନୁମାନ କରାଯାଏ । ଗଜପତି ଦିବ୍ୟସିଂହ ଦେବ ଖ୍ରୀ: ଅ: ୧୬୮୮ରୁ ୧୭୧୬ ମଧ୍ୟରେ ରାଜତ୍ୱ କରୁଥିଲେ ।

"ପ୍ରାସାଦ ମଧ୍ୟେ ଦିବ୍ୟସିଂହ ରାଣ,
ରୌପ୍ୟ ପୀଠେ ଅଷ୍ଟରତ୍ନ ନିର୍ମାଣ ।
(ତାରାପ୍ରମୋଦ–ORP/98)

ଅନ୍ୟ ଗୋଟିଏ ପ୍ରସଙ୍ଗରେ ତାରାପ୍ରମୋଦ ପୋଥିର ଦ୍ୱାଦଶ ପତ୍ରରେ କବି ଲେଖିଛନ୍ତି–

"ହିନ୍ଦୁ ରାଜ୍ୟେ ଅଛି ପଠାଣ ରାଜା,
ବିମୁଖ ତାହାଠାରେ ସମସ୍ତ ପ୍ରଜା ।
ଯୁଦ୍ଧ କରିଣ ତାହାକୁ ଜିଣିବା,
ଏ ପୁତ୍ରକୁ ତହିଂ ରାଜା କରିବା" ।।

ଏହି ଉକ୍ତିରୁ ଜଣାପଡ଼େ ଯେ, ଦେଶରେ ପଠାଣ ଗୋଳ, ସେ ସମୟରେ ପ୍ରଜାମାନଙ୍କୁ ଅତିଷ୍ଠ କରିଥିଲା । କବି ନୀଳକଣ୍ଠ ଦିବ୍ୟସିଂହ ଦେବଙ୍କ ନାମ ଓ ପଠାଣ ଗୋଳ ସଂପର୍କରେ ଉଲ୍ଲେଖ କରିଥିବାରୁ 'ତାରାପ୍ରମୋଦ' ପୁସ୍ତକଟି ଭୋଇ ବଂଶର ରାଜା ଦିବ୍ୟସିଂହ ଦେବ (ପ୍ରଥମ)ଙ୍କ ଅମଳରେ ରଚିତ ହୋଇଥିବାର ଅନୁମାନ ଅସମୀଚୀନ ବୋଲି ମନେ ହୁଏନାହିଁ ।

କବି ନୀଳକଣ୍ଠ ତାରାତାରିଣୀଙ୍କ ମହିମା ଏବଂ ସୋମନାଥ ବିପ୍ରଙ୍କ ଦ୍ୱାରା ତାରିଣୀ ଓ ଉଗ୍ରତାରା ଦେବୀଙ୍କ ଆଗମନ ସମ୍ବନ୍ଧରେ ଏକ କୌତୂହଳୋଦ୍ଦୀପକ ଆଖ୍ୟାୟିକା ସୃଷ୍ଟି କରିଛନ୍ତି । କବି ତାରାପ୍ରମୋଦର ମଙ୍ଗଳାଚରଣରେ କୁଲଡ଼ଗଡ଼ ବାସିନୀ ବ୍ୟାଘ୍ରଦେବୀଙ୍କୁ ସ୍ତୁତି କରିବା ସଙ୍ଗେ ସଙ୍ଗେ ତାରାପ୍ରମୋଦ ପୁସ୍ତକର ବିଷୟବସ୍ତୁ ସମ୍ବନ୍ଧରେ ସୂଚନା ଦେଇଛନ୍ତି—

"ମହା ବ୍ୟାଘ୍ର ଶବ ଉପରେ ତିଷ୍ଠ,
ହେ ମାତା ଏ ବ୍ୟାଘ୍ର ପୃଷ୍ଠେ ଆବିଷ୍ଟ ।
ହୋଇଅଛ ଅଗ୍ନି ବର୍ଣ୍ଣ ଯେସନ,
ତ୍ରିଲୋଚନୀ ଚତୁର୍ବାହୁ ଶୋଭନ ।

Digitized by PPRACHIN, SOA

ଦୁଇ ବାହୁରେ ଅଛି ଧନୁଶର,
ଦୁଇବାହୁ ମାତା ଅଭୟ ବର ।
ଜିହ୍ୱା ଲହ ଲହ ହୋଇ ଲମ୍ବିତ,
ବଳୀ ପ୍ରୀତିସାଦନ ରକ୍ତବସ୍ତ୍ର ।
ଏହିପରି ରୂପ ଗୁମୁସରରେ,
ଇଷ୍ଟ ହୋଇ ବିଜୟେ କୁଲାଡ଼ରେ ।
ନମୋ ବ୍ୟାଘ୍ରଦେବୀ ନମୋ ନମସ୍ତେ,
ପ୍ରସନ୍ନ ହୋଇ ପଦ କହିବା ମୋତେ ।
ଜୟ ଜୟ ମାତା ଜୟ ତାରିଣୀ,
ଜୟ ଉଗ୍ରତାରା ଦୁଃଖ ଭୟେଣୀ ।
ହିଙ୍ଗୁଳା ଦେଶେ ଯାହାଙ୍କ ନିବାସ,
ପୂର୍ବ ଖଣ୍ଡେ ସେ ମହିମା ପ୍ରକାଶ ।
ସେ କଥା ମାନ କୁହାଉଛ ମୋତେ,
ଖ୍ୟାତ କରିବି ସୁଜନଙ୍କ ହିତେ ।
ସକଳ ଦୋଷ କ୍ଷମା କର ମୋର,
ଗୀତେ ରଖିବି ତୁମ୍ଭ ଆସିବାର ।
ତାରା ତାରେଣୀ ବୋଲନ୍ତି ସେ କେହି,
କେଉଁପରି ତାଙ୍କ ସ୍ଥିତି ଅଟଇ ।
ନମୋ ନମ ଜୟ ତାରେଣୀ ମାତ,
ନିର୍ବିଘ୍ନେ ସୁଜନେ ହେଉ ଏ ଖ୍ୟାତ ।
ତାରା ତାରେଣୀ କହୁଛନ୍ତି ଯାହା,
ବିପ୍ର ନୀଳକଣ୍ଠ ଲେଖଇ ତାହା ।

* * * *

ଦକ୍ଷିଣ ଭାଗ ସେ ତାରା ବୋଲନ୍ତି,
ଉତ୍ତର ଭାଗ ଯେ ତାରେଣୀ ମୂର୍ତ୍ତି ।
ବାମ ଦକ୍ଷିଣ ଯେ ଦୁଇ ଭାଗରେ ,
ସ୍ତନ ପୀଠ ହୋଇଛି ଏହିଠାରେ ।

(ତାରାପ୍ରମୋଦ, ପ୍ରଥମ ଓ ସପ୍ତମ ପ୍ରକାଶ)

କେନ୍ଦୁଝର, ଢେଙ୍କାନାଳ ଓ ଖୋର୍ଦ୍ଧା ରାଜ ଦରବାରର ଖ୍ୟାତନାମା କବି ବ୍ରଜନାଥ ବଡ଼ଜେନାଙ୍କ ଲେଖନୀରୁ 'ଅ' ବର୍ଣ୍ଣ ଆଦ୍ୟାନୁପ୍ରାସରେ ଏକଗ୍ଳିଶ ଛାନ୍ଦ ବିଶିଷ୍ଟ "ଅମ୍ବିକାବିଳାସ" ଓ ଏଗାର ପଦ ବିଶିଷ୍ଟ 'ଚଣ୍ଡୀ ମାଳଶ୍ରୀ' ଶୀର୍ଷକ ଦୁଇଖଣ୍ଡି ପୁସ୍ତକ ନିଃସୃତ ହୋଇଛି । 'ଅମ୍ବିକାବିଳାସ' ପୁସ୍ତକଟି ପ୍ରଥମେ କେନ୍ଦୁଝର ରାଜା ବଳଭଦ୍ର ଭଞ୍ଜଙ୍କ ନାମରେ ଲିଖିତ ହୋଇଥିଲା । କିନ୍ତୁ କବି ବ୍ରଜନାଥ କେନ୍ଦୁଝର ଦରବାରରୁ ଆସି ଢେଙ୍କାନାଳରେ ରହିବା ପରେ 'ଅମ୍ବିକାବିଳାସ' ଟିକୁ ନିଜ ନାମରେ ଭଣିତା କରି ପ୍ରଚାର କଲେ । ସେ ଅମ୍ବିକା-ବିଳାସର କେତେକ ପଦରେ ବଳଭଦ୍ରଭଞ୍ଜଙ୍କ ନାମରେ କବି ନିଜେ ଭଣିତ କରିଛନ୍ତି ବୋଲି ସୂଚନା ଦେଇଛନ୍ତି । ଆଲୋଚକ ଶ୍ରୀ ସୁଧାକର ପଟନାୟକ ବ୍ରଜନାଥ ବଡ଼ଜେନା ଗ୍ରନ୍ଥାବଳୀ ମଧ୍ୟରେ "ଅମ୍ବିକା ବିଳାସ"ଟିର ସଂପାଦନା କରି ମୁଖବନ୍ଧର ଆଲୋଚନାରେ ବ୍ରଜନାଥଙ୍କ

Digitized by PPRACHIN, SOA

କବି ପ୍ରତିଭା ସମ୍ବନ୍ଧରେ ଅନେକ ପ୍ରାମାଣିକ ତଥ୍ୟ ଉପସ୍ଥାପିତ କରିଛନ୍ତି । କବି ବଡ଼ଜେନା 'ଅମ୍ବିକା ବିଳାସ'ରେ ତାଙ୍କ ବଂଶର ଉପତ୍ତି, ପିତା ଓ ଭ୍ରାତାଙ୍କ ନାମ ଏବଂ ନିଜର ସଂସ୍କୃତ, ପ୍ରାକୃତ, ହିନ୍ଦୀ, ତେଲଙ୍ଗ, ବଙ୍ଗଭାଷାରେ ଦକ୍ଷତା ସମ୍ବନ୍ଧରେ ସୂଚନା ଦେଇଛନ୍ତି ।

"ଅଥ ସଂସ୍କୃତ ପ୍ରାକୃତ ହିନ୍ଦୀ ତେଲଙ୍ଗେ ତ
ବଙ୍ଗ ଭାଷେ ଅଛି କିଛି ବୋଲି ।
ଅନେକ ପ୍ରକାରେ ଚଉପଦୀ ଗୀତ
ଚଉତିଶାଦି ମୋର କୃଗଡ଼ମାଳି ।
ଅଛି ବୋଲି ଛାନ୍ଦ ସବର୍ଣ୍ଣେ ପ୍ରବନ୍ଧ
ବ ବର୍ଣ୍ଣେ ବଚାଦିକ୍ରମେ ଛନ୍ଦ ।
ଅଥ ଦଣ୍ଡକ ଚୂର୍ଣ୍ଣିକ ରସ କଉତୁକ
ଗୀତ ଆଦି ଉପନ୍ୟାସ ବୃନ୍ଦ ହେ ।
ଅମ୍ବିକା ବିଳାସ ଗୀତ ଏହୁ ଶେଷ
ଏକ ଓ୍ଵଳିଶ ଏ ଛାନ୍ଦ" ।

(ବ୍ରଜନାଥ ଗ୍ରନ୍ଥାବଳୀ—ପୃ—୨୧୧)

ଅମ୍ବିକା ବିଳାସର ବର୍ଣ୍ଣନା ଶୈଳୀ ଓ ଅନ୍ୟାନ୍ୟ କାବ୍ୟିକ ବୈଭବରୁ ମନେହୁଏ, କବି ବ୍ରଜନାଥ, ଡିଗିରିଆ ନିବାସୀ ମହାମହୋପାଧ୍ୟାୟ ଗୋବିନ୍ଦଙ୍କ ଲିଖିତ 'ଚନ୍ଦ୍ରସମ୍ଭବ' ମହାକାବ୍ୟ ଓ କାଳିଦାସଙ୍କ 'କୁମାରସମ୍ଭବ' ମହାକାବ୍ୟରୁ ଅନେକ ପ୍ରସଙ୍ଗ ଗ୍ରହଣ କରିଛନ୍ତି । ବିଶେଷତଃ ମହାମହୋପାଧ୍ୟାୟ ଗୋବିନ୍ଦ ଓ ବ୍ରଜନାଥ ସମସାମୟିକ ହୋଇଥିବାରୁ ଦୁହିଁଙ୍କ ମଧ୍ୟରେ ସୁସଂପର୍କ ଥିବା ଅସମ୍ଭବ ନୁହେଁ । କବି ବଡ଼ଜେନା ବହୁ ପୁସ୍ତକର ରଚୟିତା ରୂପେ ଓଡ଼ିଶାର ସାହିତ୍ୟିକଙ୍କ ମହଲରେ ସୁପରିଚିତ । ତାଙ୍କ କାବ୍ୟଗୁଡ଼ିକରେ ବିଷୟବସ୍ତୁର ବିନ୍ୟାସ, ଶବ୍ଦାଳଙ୍କାର ଯୋଜନା, ବିଶେଷତଃ ବ, ଶ, ଅ ଆଦ୍ୟାନୁପ୍ରାସରେ ପଦରଚନା ବିଦଗ୍ଧ ପାଠକ ସମାଜକୁ ଚମତ୍କୃତ କରାଏ । ଅମ୍ବିକା ବିଳାସ ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ ସର୍ବୋତ୍କୃଷ୍ଟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । 'ଅ' ଆଦ୍ୟାନୁପ୍ରାସରେ ସମୁଦାୟ ଏକଓ୍ଵଳିଶଟି ଛାନ୍ଦରେ ପ୍ରାୟ ବାରଶହ ସତସ୍ତରୀ ପଦ ରଚନା କରି କବି ବଡ଼ଜେନା ଅମ୍ବିକା ବିଳାସ ପୁସ୍ତକଟିକୁ ଜନସମାଜରେ ଆଦୃତ କରାଇ ପାରିଛନ୍ତି ।

ଗଣକବି ବଡ଼ଜେନା ସୁଗେୟ ଛାନ୍ଦ ଯୋଜନାରେ ଜଣେ ସୁଦକ୍ଷ କଳାକାର ଥିଲେ । ସେ ଅମ୍ବିକା ବିଳାସର ଏକଓ୍ଵଳିଶଟି ଛାନ୍ଦରେ ବିଭିନ୍ନ ଆଳଙ୍କାରିକ ଚମତ୍କୃତିର ବିନ୍ୟାସ ସଙ୍ଗେ ସଙ୍ଗେ ମଙ୍ଗଳ ଗୁଜ୍ଜରୀ, କେଦାରକାମୋଦୀ, କାଳୀ, ରସକୁଲ୍ୟା, ଚିନ୍ତା କେଦାର, କୁମ୍ଭକାମୋଦୀ, ରାମକେରୀ, ମୁଖାରୀ, କାଫୀ, ପାହାଡ଼ିଆ କେଦାର, ବରାଡୀ, ମଙ୍ଗଳ, କୌଶିକ, ଶ୍ରୀରାଗ, ମାଳଶ୍ରୀ, କନଡ଼ା, କଳହଂସ କେଦାର, ଶଙ୍କରାଭରଣ, କାମୋଦୀ, ରସକଦମ୍ବ, ଭୂପାଳ ପ୍ରଭୃତି ରାଗ ବ୍ୟବହାର କରି କାବ୍ୟଟିକୁ ସୁଗେୟ କରିଛନ୍ତି ।

ପ୍ରସ୍ତୁତ ବିବରଣୀ ତାଲିକାରେ ପଞ୍ଚସଖା ସାହିତ୍ୟ ଓ ଶାକ୍ତ ସାହିତ୍ୟବ୍ୟତୀତ କୃଷ୍ଣଲୀଳା ସଂପର୍କୀୟ ନାବକେଳି ; ଦଧିମନ୍ଥନ ଲୀଳା ପ୍ରଭୃତି, ନିର୍ଗୁଣ ଉପାସନାସମ୍ବନ୍ଧୀୟ ଦୟାସାଗର କୋଇଲି ; ପୋଇ କାବ୍ୟର ପରଂପରାରେ ନବପୋଇ, ଦଶ ପୋଇ, ବାରପୋଇ ଆଦି ;

Digitized by PPRACHIN, SOA

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରିତ ବର୍ଣ୍ଣନାରେ ଦାରୁବ୍ରହ୍ମ ଗୀତା, ଦେଉଳ ତୋଳା ପ୍ରଭୃତି କେତେକ ପୁସ୍ତକର ବିବରଣୀ ଦିଆଯାଇଛି । ଭାରତୀୟ ଭକ୍ତ ସାଧକମାନଙ୍କ ବିବରଣୀରେ ପୂର୍ଣ୍ଣ, ଗଞ୍ଜାମ ଜିଲ୍ଲାର ମହୁରୀ ଅନ୍ତର୍ଗତ ତୁରୁ ଗ୍ରାମ ନିବାସୀ ରାମଦାସଙ୍କ, ଦାର୍ଢ୍ୟତାଭକ୍ତି ରସାମୃତ ; ନଳ ରାଜାଙ୍କ ଚରିତ ଅବଲମ୍ବନରେ ଲିଖିତ ଈଶ୍ୱରଦାସ, ଯଦୁଦାସ, ସଦାନନ୍ଦ ଦାସ, ମଧୁସୂଦନ ନୃପ, କପିଳେଶ୍ୱର ନନ୍ଦ ପ୍ରଭୃତି କବିଙ୍କ ନଳ ଚରିତ ; ଲୋକନାଥ ବିଦ୍ୟାଧର ଓ ଚକ୍ରଧର ଭଞ୍ଜ ସାମନ୍ତସିଂହାରଙ୍କ ବହୁବିଧ ଚଉତିଶା ; ପ୍ରଖ୍ୟାତ ବୈଷ୍ଣବ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ନାମ ଚିନ୍ତାମଣି, ପ୍ରେମତରଙ୍ଗିଣୀ, ପ୍ରେମ କଳ୍ପଲତିକା ; ସୁବର୍ଣ୍ଣରେଖା ତଟବାସୀ କୃଷ୍ଣଦାସଙ୍କ ନାମରତ୍ନଗୀତା, ନାରକେଳି ଲୋକନାଥ ବିଦ୍ୟାଧର ଓ ଗୋପୀନାଥ ସିଂହଙ୍କ ନୀଳାଦ୍ରି ମହୋଦୟ ଓ ନୀଳାଦ୍ରି ମହୋତ୍ସବ ପ୍ରଭୃତି ପୁସ୍ତକର ବିବରଣୀ ପାଠକ ପାଠିକା ତଥା ଗବେଷକମାନଙ୍କ ପକ୍ଷରେ ଖଣ୍ଡିଏ ଖଣ୍ଡିଏ ମୂଲ୍ୟବାନ ପୁସ୍ତକ । ଏତଦ୍‌ବ୍ୟତୀତ କେତେଗୁଡ଼ିଏ ଓଷା ବ୍ରତ କଥା, ବିଶେଷତଃ ଓଡ଼ିଶାରେ ସୁପ୍ରଚଳିତ ଦୁତିବାହନ ଓଷା ପୋଥିରୁ ଓଡ଼ିଶାର ଲୋକ ସଂସ୍କୃତି ସମ୍ବନ୍ଧରେ ଅନେକ ଉପାଦାନ ମିଳିପାରିବ ।

ଏତଦ୍‌ବ୍ୟତୀତ ରାଜା ଦିବ୍ୟସିଂହଦେବ, ତ୍ରିଲୋଚନ ବଳିୟାର ସିଂହ, ଯୁବ ଭଞ୍ଜ, ଗୋପୀନାଥ ସିଂହ, ନଟବର ଭ୍ରମରବର, ମଧୁସୂଦନ ହରିଚନ୍ଦନ, ପଦ୍ମନ ସିଂହ ପ୍ରଭୃତି ରାଜକବିମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥଗୁଡ଼ିକ ଓଡିଶାର ଆଲୋଚକ ମହଲରେ ଆଲୋଡ଼ନ ସୃଷ୍ଟିକରେ । ଓଡ଼ିଶାର ବିଭିନ୍ନ ରାଜବଂଶର ରାଜାମାନେ ବହୁ କବି ଓ କୋବିଦଙ୍କୁ ନିଜ ରାଜ ଦରବାରରେ ରଖାଇ ସେମାନଙ୍କ କବି ପ୍ରତିଭାର ପୃଷ୍ଠପୋଷକତା କରିବା ସଙ୍ଗେ ସଙ୍ଗେ, ନିଜେ ମଧ୍ୟ କାବ୍ୟ ରଚନା କରୁଥିଲେ । କେତେକ କବି ରାଜାଙ୍କ ଅନୁଗ୍ରହ ପ୍ରାପ୍ତି ଉଦ୍ଦେଶ୍ୟରେ ନିଜେ କାବ୍ୟ ରଚନା କରି ରାଜାମାନଙ୍କ ନାମରେ ଭଣିତ କରୁଥିଲେ । ପ୍ରସ୍ତୁତ ବିବରଣୀ ତାଲିକା ଏହିସବୁ ଆଲୋଚନାରେ ବନ୍ଧୁର ପଥକୁ କୀୟତ୍ ପରିମାଣରେ ସୁଗମ କରିପାରେ ।

ଏହି ଆଲୋଚନାରେ ପ୍ରଦତ୍ତ ବିଭିନ୍ନ କବିମାନଙ୍କ କାବ୍ୟ କବିତା ବ୍ୟତୀତ ସମସାମୟିକ ଓଡ଼ିଆ ସାହିତ୍ୟ ରାଜ୍ୟରେ ଆହୁରି ଅନେକ କବିକୋବିଦ ଓ ସେମାନଙ୍କ ରଚନାବଳୀ ଯେ ନଥିବ ଏହା ନୁହେଁ ; ଏହି ଭୂମିକାର ସୀମିତ ପରିସର ମଧ୍ୟରେ ସେ ସବୁର ଆଲୋଚନା କରାଯିବା ସମ୍ଭବ ନୁହେଁ ।

ପ୍ରସ୍ତୁତ ବିବରଣୀ ତାଲିକାର ମୁଦ୍ରଣରେ ଅନେକ ପ୍ରମାଦ ରହିଯାଇଛି ; ଏପରିକି କେତେକ ସ୍ଥଳରେ ଗ୍ରନ୍ଥସଂଖ୍ୟାରେ ମଧ୍ୟ ଭୁଲ ରହିଯାଇଛି । ସେ ଭ୍ରମପ୍ରମାଦ ପ୍ରତି ଦୃଷ୍ଟି ନ ଦେଇ ଏହାକୁ ଏକ ସୂଚନାମୂଳକ ବିବରଣୀ ତାଲିକା ରୂପେ ଗ୍ରହଣ କରାଗଲେ ମୋର ଶ୍ରମ ସାର୍ଥକ ହେବ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର ।

ଶ୍ରୀ ନୀଳମଣି ମିଶ୍ର

Digitized by PPRACHIN, SOA

CONTENTS

OF

ORIYA KAVYA MANUSCRIPTS.

*O. L./1551 ମୂଳ ପାଠରେ ଭୁଲ କ୍ରମେ ଅଛି ।

†O.L./635 ମୂଳ ପାଠରେ ଅଛି ।

Digitized by PPRACHIN, SOA

*O. R. H./3 ମୂଳ ପାଠରେ ଅଛି ।

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA

* O.L./279 ମୂଳପାଠରେ ଅଛି

Digitized by PPRACHIN, SOA

Sl. No.	Catalogue No.	Name of the works	Name of the authors	Page
98	O.L./386	ଦେଉଳତୋଳା	ମାଗୁଣି ଜ୍ୟୋତିଷ	96
99	O.L./979	ଦେଉଳତୋଳା	ମାଗୁଣି ଜ୍ୟୋତିଷ	98
100	O.L./1092	ଦେଉଳତୋଳା	ଦୀନବନ୍ଧୁ ଦାସ	100
101	Or. Ms/56	ଦ୍ୱାରିକାଲୀଳା	କୃଷ୍ଣଚନ୍ଦ୍ର ନରେନ୍ଦ୍ର	102
102	O.L./136	ଦ୍ୱାରିକାଲୀଳା	ଦିବ୍ୟସିଂହ	103
103	Or. Ms/81-D	ଦ୍ୱିତୀୟଗୀତା	କୃଷ୍ଣଦାସ	104
104	O.L./62-C	ଦ୍ୱିତୀୟଗୀତା	କୃଷ୍ଣଦାସ	105
105	O.L./66	ଦ୍ୱିତୀୟଗୀତା	କୃଷ୍ଣଦାସ	105
106	O.L./367-B	ଦ୍ୱିତୀୟଗୀତା	କୃଷ୍ଣଦାସ	106
107	O.L./634-B	ଦ୍ୱିତୀୟଗୀତା	କୃଷ୍ଣଦାସ	106
108	O.L./1196	ଦ୍ୱିତୀୟଗୀତା	କୃଷ୍ଣଦାସ	107
109	O.L./1205	ଦ୍ୱିତୀୟଗୀତା	କୃଷ୍ଣଦାସ	107
110	O.L./1378	ଦ୍ୱିତୀୟଗୀତା	କୃଷ୍ଣଦାସ	108
111	O.L./1404	ଦ୍ୱିତୀୟଗୀତା	କୃଷ୍ଣଦାସ	108
112	O.L./1126	ଦ୍ୱିତୀୟଗୀତା	କୃଷ୍ଣଦାସ	109
113	O.L.1223	ଦ୍ରୋଣପର୍ବ୍ୱ	କୃଷ୍ଣଚନ୍ଦ୍ର	110
114	O.L./898	ଧନମାଳାଶ୍ରୀ ଚଉତିଶା ଓ ଅନ୍ୟାନ୍ୟ	ଧନୁଦାସ ଓ ଅନ୍ୟାନ୍ୟ	111
115	O.L./237	ଧର୍ମସାଗର	ଦୀନକୃଷ୍ଣ ଦାସ	113
116	O.L./830	ଧର୍ମସାଗର	କୃଷ୍ଣଦାସ	114
117	O.L./1186	ଧର୍ମସାଗର	କୃଷ୍ଣଦାସ	115
118	O.L./559	ଧ୍ୱନି ସଂହିତା ଓ ଅନ୍ୟାନ୍ୟ	ଅଚ୍ୟୁତାନନ୍ଦ ଦାସ	116

Digitized by PPRACHIN, SOA

Sl. No.	Catalogue No.	Name of the works	Name of the authors	Pages
119	O.L./1537	ଧାନମାଣିକା ବ୍ରତ		119
120	Or. Pr.//65	ଧ୍ରୁବଚରିତ	ଜଗନ୍ନାଥ ଦାସ	121
121	O.L./1438	ଧ୍ରୁବଚରିତ	କାଳୁଦାସ	122
*122	O.L./1394	ଧ୍ରୁବ ଚିନ୍ତାମଣି	ରାଧାକୃଷ୍ଣ ଦାସ	123
123	O.L./496-C	ଧ୍ରୁବଲୀଳା	ଅଚ୍ୟୁତାନନ୍ଦ	123
124	Or. Ms/167	ନନ୍ଦାବାଇ ଚଉତିଶା	ନନ୍ଦାବାଇ	125
125	O,L./1151	ନନ୍ଦିକାକଳ୍ପଦ୍ରୁ	କପିଳେଶ୍ୱର	126
126	O.L./263	ନ'ପୋଇ	କଣ୍ଠଦାସ	127
127	O.L./269	ନ'ପୋଇ ଓ ଅନ୍ୟାନ୍ୟ	କଣ୍ଠଦାସ ଓ ଅନ୍ୟାନ୍ୟ	128
128	O.L./1007	ନ'ପୋଇ	କଣ୍ଠଦାସ	130
129	O.L./1357	ନ'ପୋଇ	କଣ୍ଠଦାସ	130
130	O.L./208	ନଳଚରିତ	ମଧୁସୂଦନ	131
131	O.L./287	ନଳଚରିତ	ମଧୁସୂଦନ	131
132	O.L./312	ନଳଚରିତ	ମଧୁସୂଦନ	132
133	O.L./344	ନଳଚରିତ	ମଧୁସୂଦନ	133
134	O.L./659	ନଳଚରିତ	ମଧୁସୂଦନ	134
135	O.L./801	ନଳଚରିତ	ମଧୁସୂଦନ	134
136	O.L./802	ନଳଚରିତ	ମଧୁସୂଦନ	135
137	O.L./1030	ନଳଚରିତ	ମଧୁସୂଦନ	135
138	O.L./1316	ନଳଚରିତ	ମଧୁସୂଦନ	135

* O.L./1393 ମୁଦ୍ରପାଠରେ ଅଛି ।

Digitized by PPRACHIN, SOA

* O.L./75 ମୂଳ ପାଠରେ ଅଛି

† O.L./800 ମୂଳ ପାଠରେ ଅଛି ।

Digitized by PPRACHIN, SOA

Sl. No.	Catalogue No.	Name of the works	Name of the authors	Page
159	O.L./398	ନବଧାଭକ୍ତିତତ୍ତ୍ୱ ଗୀତା	ମଣି ଦାସ	158
160	O.L /635	ନବବୃନ୍ଦାବନବିହାର	ଜଗନ୍ନାଥ ନାରାୟଣ ଦେବ	159
161	O.L./1184	ନବବୃନ୍ଦାବନବିହାର	ଦୀନବନ୍ଧୁରାଜ ହରିଚନ୍ଦନ	161
162	O.L./1214	ନବବୃନ୍ଦାବନବିହାର	ଦୀନବନ୍ଧୁରାଜ ହରିଚନ୍ଦନ	162
163	O.L./322	ନବାନୁରାଗ	କାର୍ତ୍ତିକ ଦାସ	162
164	O.L./521	ନବାନୁରାଗ	କାର୍ତ୍ତିକ ଦାସ	163
165	O.L./1034	ନାଗରୀ ପ୍ରେମଭକ୍ତି ଚନ୍ଦ୍ରିକା		164
166	O. Pr.r/66	ନାଗଲ ଚତୁର୍ଥୀ		164
167	O.L./1559	ନାଗଲ ଚତୁର୍ଥୀ		165
168	Or. Ms./124	ନାଗବଂଶଚରିତ	ପଦ୍ମନସିଂହ	166
169	O.L./182	ନାଗାଷ୍ଟକ		167
170	O.L./430	ନାଗାର୍ଜୁନ ଯୁଦ୍ଧ	ସାରଳା ଦାସ	168
171	O.L,/517	ନାଗାର୍ଜୁନ ଯୁଦ୍ଧ	ମାଧୋଇ	169
172	Or.P.r/4	ନାଗୁଲୀବ୍ରତ କଥା		170
173	O.L./529	ନାମଚିନ୍ତାମଣି ଓ ଅନ୍ୟାନ୍ୟ	ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା	171
174	O.L./617	ନାମଚିନ୍ତାମଣି	କବିସୂର୍ଯ୍ୟ ବ୍ରହ୍ମା ସାଧୁଚରଣ ଦାସ	173
*175	O.L./303	ନାମତତ୍ତ୍ୱସାର ଓ ଅନ୍ୟାନ୍ୟ	ସୁଦାମ	173
†176	O·L·/1008	ନାମ ବ୍ରହ୍ମବର୍ଣ୍ଣନା ଓ ଅନ୍ୟାନ୍ୟ	ଦୀନକୃଷ୍ଣ ଦାସ	177
177	O.L./819	ନାମଭଜନ	ବଲ୍ଲଭ ଦାସ	178
‡178	O.L./67	ନାମରତ୍ନ ଗୀତା	କୃଷ୍ଣଦାସ	179
*‡179	O.L./310—B	ନାମରତ୍ନ ଗୀତା	କୃଷ୍ଣଦାସ	179

* O.L./307 ମୂଳପାଠରେ ଅଛି ।

† କ୍ରମିକସଂଖ୍ୟା 176 ମୂଳ ପାଠରେ ନାହିଁ ।

‡ କ୍ରମିକସଂଖ୍ୟା 179 ଭୁଲକ୍ରମେ ହୋଇଛି ।

*‡ O.L. 310—13 ମୂଳ ପାଠରେ ଅଛି ।

Digitized by PPRACHIN, SOA

Digitized by PPRACHIN, SOA

* O.L. 1327 ମୂଳ ପାଠରେ ଅଛି ।

** କ୍ରମିକ ସଂଖ୍ୟା 273 ମୂଳ ପାଠରେ ହୋଇଛି ।

† O.L. ମୂଳ ପାଠରେ ଅଛି ।

** Or. Pr./L./18 ମୂଳ ପାଠରେ ହୋଇଛି ।

‡* Orms. 206 ମୂଳ ପାଠରେ ଅଛି ।

Digitized by PPRACHIN, SOA

Sl. No.	Catalogue No.	Name of rhe works	Name of the authors	Pages
222	O.L./1464	ନିତ୍ୟାଗ୍ତର	ଜଗନ୍ନାଥ ଦାସ	212
*223	O.L./849	ନିର୍ଗୁଣ ମାହାତ୍ମ୍ୟ	ଚୈତନ୍ୟ ଦାସ	213
†224	O.L./1061	ନିର୍ଗୁଣ ମାହାତ୍ମ୍ୟ	ଚୈତନ୍ୟ ଦାସ	214
225	O.L./1510	ନିର୍ଗୁଣ ମାହାତ୍ମ୍ୟ	ଚୈତନ୍ୟ ଦାସ	216
226	O.L./412	ନିର୍ମଳ ଗୀତା		217
227	Or. Ms/128	ନିର୍ବେଦ ସାଧନ	ଭୀମଭୋଇ	218
228	O.L./321	ନିର୍ବେଦ ସାଧନ ଗୀତା	ଭୀମଭୋଇ	219
229	Or. Pr./41	ନିଶାମଙ୍ଗଳବାର କଥା		220
230	O.L./544	ନିଷା ନୀଳମଣି	କବିସୂର୍ଯ୍ୟବ୍ରହ୍ମା	221
231	O.L./1371	ନିଷା ନୀଳମଣି	ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା	221
232	O.L./1401	ନିଷା ନୀଳମଣି	ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା	222
233	O.L./80	ନୀଳକଣ୍ଠ ଚଉତିଶା ଓ ଅନ୍ୟାନ୍ୟ	ବଡ଼ଜେନା	224
234	O,L./425	ନୀଳକଣ୍ଠ ଚଉତିଶା ଓ ଅନ୍ୟାନ୍ୟ	ଗୋକୁଳନରେନ୍ଦ୍ର ଓ ଅନ୍ୟାନ୍ୟ	226
‡235	O.L./557	ନୀଳକଣ୍ଠଚଉତିଶା ଓ ଅନ୍ୟାନ୍ୟ	ହରିଶରଣଭଞ୍ଜ ଓ ଅନ୍ୟାନ୍ୟ	228
236	O,L./1158	ନୀଳକଣ୍ଠ ଚଉତିଶା	ଶରଣଭଞ୍ଜ	231
237	O.L./644	ନୀଳଗିରି ବିହାର	ଗୋପୀନାଥ ସିଂହ	232
238	O.L./673	ନୀଳଗିରି ବିହାର	ଗୋପୀନାଥ ସିଂହ	233
239	O.L./11	ନୀଳସୁନ୍ଦର ଗୀତା	ଶେଖରଦାସ	234

* ନିର୍ଗୁଣ ମହାତ୍ମ୍ୟ ମୂଳ ପାଠରେ ଭୁଲକ୍ରମେ ହୋଇଛି ।

† ନିର୍ଗୁଣ ମହାତ୍ମ୍ୟ ମୂଳପାଠରେ ଅଛି ।

‡ କ୍ରମିକ ସଂଖ୍ୟା ଭୁଲକ୍ରମେ 935 ହୋଇଛି ।

Digitized by PPRACHIN, SOA

*O. L.-125 ମୂଳ ପାଠରେ ଭୁଲ କ୍ରମେ ଅଛି ।

Digitized by PPRACHIN, SOA

Digitized by PPRACHIN, SOA

Descriptive Oriya Catalogue
Manuscript

Cat. No. O. L./141

ଦଣ୍ଡଲୀଳା　　କବି–ମାନଗୋବିନ୍ଦ ଦାସ
ଦିବ୍ୟସିଂହ ଦେବ

Dandalila　by—Managovinda Dasa
Divyasinha Deva

Substance—Palmleaf No. of folia—114—Size 21·3×3·5 C. M. Each side contains 2—4 lines. character Oriya. Date of Copy—C. 19th century A, D. Comptete. Condition. Good. Find spot—Provincial Museum, Cuttack.

ଶ୍ରୀ ଜୟଦେବାନୁସାରିଣୀ ପଟିଆ ଦୁର୍ଗେଶକୃତଂ ଗୀତଂ ଲିଖ୍ୟତେ ।

ମେଘୈର୍ମେଦୁରମିତି–

କେଳିରସଜନେ ଗୋପ ନିତମ୍ବିନୀ ଭାବେ ଯେ ହୋଇଛି ବଶ
ଯାହା ନାମ ମୁଖେ ନୀଳାକରେ ସୁଖେ ପଳାଇ ଜିହ୍ୱା କଳୁଷ ।
ହେ ସୁମନେ,
ହରଷେ ସେ ରସେ ରସ ।
ଦଣ୍ଡଧର ଦଣ୍ଡଧରକୁ ପ୍ରଚଣ୍ଡ ଘଟେ ଦୁର୍ଜୟ କୁଳିଶ ।
ହେ ସୁମନେ,

ଦିନକେ ଗୋବିନ୍ଦ ଅଳକର ନନ୍ଦ ସଙ୍ଗେ ବିଜୟେ ଗୋଷ୍ଠକୁ
ଜଳଦେ ପିଧାନ ହେବାରୁ ଗଗନ ଲଭି ପରମ କଷ୍ଟକୁ ।
ହେ ସୁମନେ,
ବିଗ୍ରେ ଗୋପଭୂପତି ।
ହେଲା ନଭକାଳ ତମାଳ ଶ୍ୟାମଳ ବନଭୂ ଭୟଦ ଅତିହେ ।

ମାନସେ ଏମନ୍ତ କରନ୍ତେ ରଚିତ ଅନ୍ତିକେ ରାଧା ସଜନୀ ।
କଟିରେ ସଂଘଟ କରି ଜଳଘଟ ଅସିତଘନଜଘନୀ ହେ ।
ସେକାଳେ,
କରନ୍ତି ନିବେଦନକୁ;
ଭୟାଳୁ ଏବାଳ କରଇ ଜଞ୍ଜାଳ ଚଳ ଘେନି ସଦନକୁ ଗୋ ।

Digitized by PPRACHIN, SOA

ବ୍ରଜରାଜ ବାଣୀ ଶୁଣି ସେ ରମଣୀ ହରଷ ପ୍ରକାଶି ମନ
କିଅବା ସାବିତ୍ରୀ ପତି କଲେ ପ୍ରାପ୍ତି ଅକିଞ୍ଚନ ଜନେ ଧନ ସେ ।
ବିଗ୍ରରେ,
ସଙ୍ଗେ ଘେନି ଘନଶ୍ୟାମ;
ରଙ୍ଗେ ରାସ ରସେ ରଙ୍ଗିନୀ ହରଷେ ମଛିଲେ ନିକୁଞ୍ଜଧାମ ।

ନୀଳମଣି ତନୁ ଯୋଗେ ବୃଷଭାନୁତନୟା ହୋଇଲେ ତୋଷ
ସେ ଦମ୍ପତି ଭାବ କବି ଜୟଦେବ ବର୍ଣ୍ଣି ଅଛନ୍ତି ସରସ ।
ହେ ସୁମନେ,
ଭାବି ତାଙ୍କ ପଦ ଶ୍ରେଣୀ ;
ରଚିଲେ ଏରସ ପଟିଆ ଦୁର୍ଗେଶ ରାଜକୁଳ-ଶିରୋମଣି ।

* * *

ଜୟଦେବ କୃତ ମାଧବ ଚରିତ ଅଦ୍ଭୁତ କେଳି ରହସ୍ୟ
ବୃନ୍ଦାବନ ଲୀଳା କରୁ କଣ୍ଠେ ଖେଳା ଭାଷେ ପଟିଆ ଦୁର୍ଗେଶ ।

* * *

ହୋଇ ହୃଷ୍ଟମତି ମାଧବ ଶ୍ରୀମତୀ ପଦକୁ ସୁମନେ ଚିନ୍ତ
ଯା'ର ନାମ ଭବ୍ୟ ସଦାଚିନ୍ତେ ଦିବ୍ୟସିଂହ ଦେବ ନରନାଥ ।

* * *

ବିଗତ ହୋଇଛି ଲଜ୍ଜା ବିଳମ୍ବେ ତୁମ୍ଭର
ବିଳପି ରୋଦନ କରେ ବାସକ ସଜ୍ଜାର ।
ଜୟଦେବୋଦିତ ଗୀତ ରସିକ-ଜନର
କରୁ ମୋଦ ଭଣନ୍ତି ପଟିଆ ଦୁର୍ଗେଶ୍ୱର ।

ଆଗୋ ସୁଦନ୍ତୀ ବସନ୍ତେ ଚଞ୍ଚଳିତ ଯହିଁ ପୀକଚୟ ନାଦ ତୋଷରେ
ଦେବ ମଙ୍ଗଳ ମୋହନ ରସ ରସେ ଭଣିତ ଏ ପଦ୍ମାବତୀ ଈଶରେ ।
ସଜନୀ ବଚନ ଶ୍ରବଣେ କିଶୋରୀ ଗମନେ ବଳିଲା ସୁମାନସରେ
ଭାଷେ ପଟିଆ ଭୂମୀଶ ରହୁ ଚିତ୍ତ ସେ ଦମ୍ପତି ସୁପଦ ସାରସରେ ।

* * *

ଆହେ ରସିକ ଜନେ ହୃଷ୍ଟେ ଏ ରସେ ରସ
କହେ ସମୋଦେ ଦିବ୍ୟସିଂହ ଦେବ ନରେଶ ।
ନାଶନ୍ତୁ ଏ ମୋ ଦୁଃଖ ଶ୍ରୀମତୀ ପୀତବାସ
ତାହାଙ୍କ ପାଦ-ସାରସେ ରହୁ ମୋ ମାନସ ।
ଇତିଶ୍ରୀ ଗୀତଗୋବିନ୍ଦେ ରସମଞ୍ଜରୀ ସମାପ୍ତ ।

* * *

ଜୟ ତ ଜୟ ବୃନ୍ଦାବନ ଚନ୍ଦ୍ରମା ଜୟ ଶ୍ରୀ ବୃଷଭାନୁ ରାଜ ଜେମା ।

* * * *

Digitized by PPRACHIN, SOA

ଭଣି ଗୋବିନ୍ଦ ମାନ ଶୁଣି ସେ ପକ୍ଷୀ ଗାନ ଭାଜି ନିଦ୍ରା
ନ ଭାଜି ପ୍ରେମା ।
ଦ୍ରୁନି(?) ହୋଇ ବର୍ତ୍ତିଲେ ତୁନି ହୋଇ ପଡ଼ିଲେ ବେନି ଅଙ୍ଗ
ମୋଡ଼ିଲେ କି ମା ।

* * *

ଏହି ସେବାରେ ଯେ କେହିଂ ମୁ ହୋଇବି ସଙ୍ଗ
ବୋଲେ ଦ୍ୱିଜ ମାନଗୋବିନ୍ଦ ଅଭାଗ୍ୟବନ୍ତକୁ କାହିଂସେ ଯୋଗ ।

* * * *

ଇତି ଅଷ୍ଟକାଳପ୍ରମିତଂ ମାନଗୋବିନ୍ଦାକ୍ଷ କୃତଂ ଗୀତଂ ସଂପୂର୍ଣ୍ଣଂ ।

No Colophon.

2

Cat. No. O. L. /387-B

ଦଧିମନ୍ଥନ ନାବକେଳି   କବି—ବୈଶ୍ୟ ହରି

Dadhimanthana Nabakeli   By—Vaisya Hari

Substance —Palm leaf. No. of folia- 8, Size—39·8. ×3 C. M. Each side contains 3 to 4 lines. Character—Oriya. Datef of capy—C. 19th Century A. D. Complete, Condition—Not so good. Find spot—Bhubaneswar-2, district-Puri.

ନିଶି ପାହିଲା ଉଠିଲେ ଗୋପୀଗଣ ।
ପ୍ରାତଃକାଳରୁ କଲେ ଦଧି ମନ୍ଥନ ।
ମାଣିକ୍ୟର ଦୀପାବଳୀ ଜାଳି ବହନ ।
ଆଲୋକ ଉଦିତରେ ନିର୍ମଳ ସଦନ ।
ମହଣା ପାତି ଗୋଈ ଗୋରସ ଭରି ତହିଁ ।
ଗଛ ଖୁଆ ଡ଼େରିଣ ଡ଼ୋରି ଏକ ଲଗାଇ ।
ବୁକୁ ଠେଲି ରମଣୀ ସଳଖେ ଉଭା ହୋଇ ।
ଓଟାରନ୍ତି ସେ ବେନି କରେଣ,
ଅଣ୍ଡା ଦୋହଲନ୍ତେ କରେ କିଙ୍କିଣୀ ସୋନ(ସ୍ୱନ)"

* * * *

ଶୁଣି ଗୋପୀଙ୍କର ବାକ୍ୟ ହଜଇ ।
ବୃଷଭାନୁ ଜେମା ମେଲଣ ହୋଇଂ
କୃଷ୍ଣଙ୍କ ପାଶୁ ହୋଇଲେ ମେଲାଣି ।
ଯମୁନା ପାଣି ହେଲା ଆଣ୍ଟୁଆଣି ଗୋ;
ସେ ଅଦିନ ବଢ଼ି,
ନାହିଁ ଉଦ୍‌ବାର୍ଯ୍ୟ (?) ଯାଇଅଛି ଛାଡ଼ି ।

Digitized by PPRACHIN, SOA

ସେ ବ୍ରଜ ସୁନ୍ଦରୀ ସହୀ ସଙ୍ଗତେ ।
ମନ୍ଦିରେ ପ୍ରବେଶ ଉଭୟ(?) ଚିତ୍ତେ"
ମସ୍ତକଚ୍ଛୁଂ ଓଲ୍ୟାଂଇଲେ ପସରା ।
ନିଶ୍ଚିଚିନ୍ତ ହୋଇଲେ ରମଣୀ ହୀରା ଲୋ !
ବଶ୍ୟ ହରି ଭଣେ ।
ଚିତ୍ତ ନିବେଶି ଗୋବିନ୍ଦ ଚରଣେ ।

There are some folia containing ସାଧନା ଦର୍ପଣ and କେଦାର କଳ୍ପ in the manuscript.

No Colophon.

3

Cat. No. O. L. - 200

ଦଧିମନ୍ଥନ ଲୀଳା ଓ ଅନ୍ୟାନ୍ୟ

କବି–ଦୁଃଖିଶ୍ୟାମ ଦାସ ଓ ଅନ୍ୟାନ୍ୟ

Dadhimanthan lila and others

By—Dukhisyama Dasa and others

Substance —Palm leaf, No. of folia 206. Size 22 × 3 C. M. to 36·6 × 3·7 C. M. (different sizes). Each side contains 2 to 6 lines. Character — Oriya. Date of Copy —C. 19th Century A. D. , Incomplete. Condition — Not so good, find spot — Provincial Museum, Cuttack.

ଦଧିମନ୍ଥନ ଲୀଳା—

ରୋହେନୀ ସୁନ୍ଦେର ଗେଲ ନାମୋ ଯାର ଦାସ
ଗୋବିନ୍ଦ–ମଙ୍ଗଲ ଗାୟେ **ଦୁଃଖିଶ୍ୟାମ ଦାସ** ।

ବକାସୁରବଧ ଲୀଳା—

ଶିଶୁମେଲେ କୃଷ୍ଣରୂପ ଦେଖି ବକାସୁର,
ତତକ୍ଷନି ନିଜକାୟା କରିଲ ବିସ୍ତାର ।
ଦୁଃଖିଶ୍ୟାମ ଦାସ ଭନେ ଗୋବିନ୍ଦ ଶରନେ
ବାରେକ ଉଦ୍ଧାର କର ପ୍ରଭୁ ନାରାୟନେ ।

ଗୋପୀଭାଷା—

ତାକୁ ଅପୂର୍ବ ଦ୍ରବ୍ୟ କେଉଂ ଅବା
ଦାସ ଦନାଇ ନିରନ୍ତରେ ସେବା ।

Digitized by PPRACHIN, SOA

କାଳୀଦଳନ—

କରେ ଅର୍ଘ୍ୟପାତ୍ର ଯୋଡ଼ି ଦୁଇହାତ ସ୍ତୁତିକରେ ନାଗରାନୀ,
କ୍ରିଷ୍ଣେର ଚରନେ **ଦୁଃଖିଶ୍ୟାମ** ଭନେ ଗୋବିନ୍ଦ ମଙ୍ଗଳବାନୀ ।

ଧେନୁକାସୁର ବଧ—

ଶୁକ କହେ ଶୁନ ହେ ରାଜନ ପରୀକ୍ଷିତ,
କ୍ରୀଡ଼ା ରଙ୍ଗେ ରାମ କାହ୍ନୁ ବନେ ଉପନୀତ ।
ଦୁଃଖିଶ୍ୟାମ ଦାସ ବୋଲେ ଶୁନ ସାଧୁଜନ,
ନା ଲୟଂ ଆମାର ଦୋଷ କରୁ ନିବେଦନ ।

ଗୋଚ୍ଚରଣ ଲୀଳା—

ଗୋବିନ୍ଦ ଦାସେ ତ ବୋଲେ ସେ ହରି ଯଶୋଦାର କୋଲେ
ବେଶ ହୟାଂ ଚରାଇବେ ଗୋଧନ ।

ଅନନ୍ତବ୍ରତ —

ଅନ୍ତଃ କାଳରେ ପତ୍ନୀ ସହିତରେ ପୁନର୍ବସୁ ନକ୍ଷତ୍ର ହୋଇ କଳ୍ପ ପର୍ଯ୍ୟନ୍ତ...... ରହିବ । ଏମନ୍ତ ବରପାଇ ଗୃହକୁ ଆସି ଅନନ୍ତଙ୍କୁ ଆରାଧନ କରି ନିଶ୍ଚନ୍ତରେ ରହିଲେ ।

ଅନନ୍ତଶୟନ ଲୀଳା—

ଏତେ କହି ଦେବଗନ ଚଳିଲ ଯେ ଭୁବନ **ଦୁଃଖିଶ୍ୟାମ ଦାସ** ବିରଞ୍ଚନ ।

ତ' ପୋଇ—

କୃଷ୍ଣ ଚରଣେ ମୋର ଆଶ, କହଇ **ଗୋପୀନାଥ ଦାସ** ।
କୃଷ୍ଣନ୍ତୁଂ ନ ଜାଣଇ ଆନ, କୃଷ୍ଣ ଯେ ମୋହର ଜୀବନ
କୃଷ୍ଣ ଚରଣେ ମୋର ଆଶ, କହିଲେ **ଗୋପୀନାଥ ଦାସ** ।

ଏ ପୋସ୍ତକ ଆଠଗଡ଼ ରାଜ ଭିତରମୁଠା କୁଆନନ୍ଦ ଗ୍ରାମର **ପଶ୍ଚିମ ମୁଣ୍ଡରେ** ଥିବା ବିଦ୍ୟାଳୟରେ ବେଳ ଚଉଦ ଘଡ଼ି ଠାରେ ଏ ପୋସ୍ତକ **ସଂପୂର୍ଣ୍ଣ ହେଲା । କୃଷ୍ଣ** ପାତ୍ର ସାକ୍ଷର ।

ବୃନ୍ଦାବତୀ ହରଣ—

ଦୁଃଖିଶ୍ୟାମ ଦାସ ବୋଲେ କୃଷ୍ଣ ମୋର ପ୍ରାନ
ମନପ୍ରାନ ବାନ୍ଧିଦେଇ କୃଷ୍ଣେର ଚରନ ହେ ।

ମହାରହାସ—

ଏକଚିତ୍ତ ହୟା ରାଜା ଶୁନ ସାବଧାନେ,
କହିବ କ୍ରିଷ୍ଣେର କାଥା ତୋମା ବିଦ୍ୟମାନେ ।
ଯେ ରୂପେ ଯଶୋଦାନନ୍ଦ ପାଲେ ନାରାୟନ,
ଶୁନିତେ ସୁନ୍ଦର କାଥା ଭୁବନ ପାବନ ।
ତବେ ଯେ କ୍ରିଷ୍ଣ ନନ୍ଦେର ଭୁବନେ,
ଗୋବିନ୍ଦ ମଙ୍ଗଲ **ଦୁଃଖିଶ୍ୟାମ ଦାସ** ଭନେ ।

Digitized by PPRACHIN, SOA

ଭାଗବତକୃଷ୍ଣଲୀଳା—

ଭାଗବତ କୃଷ୍ଣଲୀଳା ଅପୂର୍ବ କଥନ,
ଭୂଦେବ **ଦୁଃଖିଶ୍ୟାମ** କରେନ ଗାୟନ ।

ପ୍ରଳମ୍ବାସୁର ବଧ—

ଗୋବିନ୍ଦ ମଙ୍ଗଳ ରସେ **ଦୁଃଖିଶ୍ୟାମ ଦାସ** ଭାଷେ
କତପୂର୍ଣ୍ଣ ମାୟାର ପ୍ରସ୍ତର ।

ଫଳଭୋଜନ—

ଧାୟା ଗିୟା ଶବରନୀ ପାଶେ ଯଦୁରାୟେ
ଦୁଃଖିଶ୍ୟାମ ଦାସଦେଖି ଚରନେ ଲୋଟାୟେ ।

ହରଗୌରୀ ପୂଜା— ଓ ବସ୍ତ୍ରହରଣ—

ଅବେଭାର କାଥାକର ଉଲଗ୍ନେ ପଶଂ ଜଳର ପରଜନେ ଦୋଷାଦୋଷ ଦିଅଗୋ
କହେ **ଦୁଃଖିଶ୍ୟାମ ଦାସ** ଶୁନ ଓହେ ପୀତବାସ ଘଞ୍ଚାଲ ନାକରି ବହ୍ର ଦିଅ ହେ

4

Cat. No. O. L. /1546

ଦୟାସାଗର କୋଇଲି: କବି—ତ୍ରିଲୋଚନ ଦାସ

Dayā Sāgara Koili By—Trilochana Dāsa

Substance —Palm leaf. No. of folia 128. Size—20·7 × 3·3 C. M. Each side contains 3 to 7 lines. Character—Oriya. Date of copy C. 18th century A. D. complete. Condition—worm-eaten. Find spot —Mahanga, District Cuttack.

କୋଇଲି, ମୋଛାର କହିବି କିସ,
ଲାଗି ରହିଅଛି ବିଷୟା ବିଷଲେ, କୋଇଲି ।

କୋଇଲି, ପୂର୍ବର କିଛୁଥିଲା ବାସନା
ଭାବି କହିଲେ **ତ୍ରିଲୋଚନ** ସିନା ଲେ, କୋଇଲି ।

ଇତି ଦୟାସାଗର କୋଇଲି ସଂପୂର୍ଣ୍ଣ ।

There are some folia containing ଗୁଣିଗାରତି, ସ୍ତୋତ୍ର କବଚ, ଶ୍ୟାମ ନ ଉଦେ କୋଇଲି by ଲୋକନାଥ to wards the end of the manuscrip

No Colophon.

Digitized by PPRACHIN, SOA

5

Cat. No. O. L. /1551

ଦୟାସାଗର କୋଇଲି କବି-ତ୍ରିଲୋଚନଦାସ

Dayāsāgar Koili By—Trilochan Dāsa

Substance —Palm leaf No. of folia 74. Size —14·8 × 2·7 C.M. Each side contains 3 to 4 lines. Character —Oriya. Date fo copy—C. 19th Century A. D. Incomplete. Condition—Good Find spot —Rudrapur, P. O. Chhatia, District Cuttack.

କୋଇଲି, କହିବି କଥାଏ ଶୁଣ,
କାହିଁକି ହେଉ ଉଛନ୍ନ ।

ନାମ ଚିହ୍ନି ଭକ୍ତ ଥାଅ
ଶୁକ ପଢିଲା ପ୍ରାୟେ ଆଉତୁ ନୁହଁ ଲେ, କୋଇଲି !

କର ତୁ ତତ୍ୱ ଗୁରୁଙ୍କୁ ସେବା,
କହିଦେଲୁ ଯେଣୁ ଗତି ପାଇବା ଲେ, କୋଇଲି !

କୋଇଲି, ଅନେକ ଗୁରୁ ଅଛନ୍ତି ,
ଅନ୍ୟ ଅନ୍ୟକେ ବୁଝାନ୍ତି ।

ତାଙ୍କ ବାକ୍ୟେ କାର୍ଯ୍ୟ କିସ,
ନିଷ୍ଫଳ ହେବ ତାଙ୍କ ଉପଦେଶ ଲୋ. କୋଇଲି !

There are some folia containing ଗରୁଡ଼ଗୀତା by ଜଗନ୍ନାଥ ଦାସ at the beginning of the manuscripts.

No Colophon.

6

Cat. No. O. L./763-B

ଦର୍ଶନ ଭୋଗ

Darśana Bhoga

Substance —Palm leaf. No. of folia 16. Size—17·5 × 3·3 C. M. Each side cantains 3 to 4 lines. Character—Oriya. Date of

Digitized by PPRACHIN, SOA

Copy C. 18th Century A. D., Complete, Condition—good.
Find spot—Gada Tapanga, P.-S.—Khurda, District—Puri.

ଶୁଣ ସୁଜନେ ଦେଇ ମନ । ମହେଶ ଦେଖିବ ମଧ୍ୟେଣ ॥
କହୁଣ ଥିବ ଯେତେ ଠାର । କରୁଣ ଥିବ ନମସ୍କାର ॥
ଆଦ୍ୟେଣ ସିଂହ ଦ୍ୱାର ସ୍ଥାନ । ପତିତ୍‌ ପାବନ ଦ୍ରୁଶନ ॥
ବେନି ସିଂହ ସେ ପାବଛେଣ । କାଶୀ ବିଶେଶ୍ୱର ଦ୍ରୁଶନ ॥
କୈବଲ୍ୟ ହାଟକୁ ଦେଖିବ । କୁମ ବେଢ଼ା ପ୍ରବେଶ ହେବ ॥
ଭୋଗ ମଣ୍ଡବ ଦରଶନ । ମହେଶ ଦେଖିବ ମଧ୍ୟେଣ ॥
ବଟକୁ ଦ୍ରୁସନ କରିବ । ପାଖେ ମଙ୍ଗଳାଙ୍କୁ ଦେଖିବ ॥
ବଟ ପୂର୍ବରେ ଦରଶନ । ଦେଖ କୃଷ୍ଣ ନନ୍ଦ ନନ୍ଦନ ॥
ଭୈରୋବ ମୁରତି ଦେଖିବ । ପାଶେ ଗଣେଶଙ୍କୁ ନମିମ ॥
ବଟେଶ୍ୱରଙ୍କୁ ଦରଷନ । ଦେଖିବ ଅନନ୍ତ ଶୟନ ॥
ସୂର୍ଯ୍ୟଙ୍କୁ କରିଂ ଦରଶନ । ଭୈରୋବ କ୍ଷତ୍ରପାଳ ଚରଣ ॥
ମୁକତ ମଣ୍ଡପେ ବସିବ । ନୃସିଂହ ଦେଖି ତ ହୁଂ ଯିବ ॥
ଢଡ଼ି ଗଣେଶ ଦରଶନ । କାକ ରୋହିଣୀ କୁଣ୍ଡରେଣ ॥
ଚକ୍ରରେ ଚକ୍ରକୁ ଦେଖିବ । ବିମଳାକ୍ଷୀ ପାଦେ ନମିବ ॥
ଗୋପୀନାଥଙ୍କୁ ଦରଶନ । କୁଲୀ ନାନୀକି ଦେଖିପୁଣ ॥
ସେ ତିନି ଦାରୁ କଳେବର । ଦେଖିବ ଦେଉଳ ପଛର ॥

* * *

ନିତ୍ୟ ପୁରୁଷୋତ୍ତମ ଭଜି । ସେ ନିତ୍ୟ ସିଦ୍ଧା ଭକ୍ତ ମଜି ॥
ନାନା ଅବତାର ଭଜଇ । ତାକୁ ସାଧନ ସିଦ୍ଧା କହି ॥
ସର୍ବ ଘଟେ ହରି ଦେଖନ୍ତି । କୃପା ସିଦ୍ଧା ଭକ୍ତ ସେହୁଟି ॥

ଇତି ଜଗନ୍ନାଥ ଚରିତାମୃତ ବିଂଶୋଧ୍ୟାୟ ସମାପ୍ତ

There are some folia Contaning ଆଦ୍ୟ ଚିନ୍ତାମଣି and ବେଢ଼ା ପରିକ୍ରମା towards the end of the manuscript.

No Colophon.

Digitized by PPRACHIN, SOA

7

Cat. No. O. L./1272

ଦଶପଟଳ କବି—ଅଚ୍ୟୁତାନନ୍ଦ ଦାସ

Daśapatala By—Achyutananda Dasa

Substance —Palm leaf, No. of folia 66, Size 32·6×3·3 C. M. Each side contains 3 to 4 lines. Character—Oriya. Date of copy Sana 1313 sāla or 1906 A. D. Complete. Condition — Good. Find spot -Jenapur area, District Cuttack.

ଶୁଣ ସୁଜନେ ପରମ ଗୁପତ ।
କାହିଂ କେତେଭକ୍ତ ହୋଇବେ ଜାତ ॥
ରାମଚନ୍ଦ୍ର ଦାସ ମୋହୋର ଶିଷ ।
ଆମ୍ଭ ଚରଣେ ତା ବଡ଼ ବିଶ୍ୱାସ ॥
ଗୁରୁଶିଷ୍ୟ ବେନି ମୂରତି ହେଲୂଂ ।
ନିଗମ ସ୍ଥାନରେ ଯାଇଂ ବସିଲୁ ॥
ପଗ୍ଭରିଲ ସବୁ ଆଗତ ବାଣୀ ।
ଚରଣେ ପଡ଼ି ଯୋଡ଼ି ବେନି ପାଣି ॥
ଭୋ ଗୁରୁ ବ୍ରହ୍ମଂ ସାକ୍ଷାତେ ଈଶ୍ୱର ।
ମନେ ପଡ଼ିଲ ଯେ କଥାଏ ମୋର ॥
ପଞ୍ଚଶାଖା ତୁମ୍ଭେ ଜନମ ହେଲ ।
ପ୍ରଭୁଙ୍କ ସଂଗତେ ଜନ୍ମ ଲଭିଲ ॥
କଳିରେ କାହିଂରେ ତୁମ୍ଭ ଜନମ ।
କେତେ ଅଂଶ କାହିଂ ସ୍ଥିତି ପ୍ରମାଣ ॥

* * *

କଳିରେ କଳଙ୍କି ରୂପ ଉଦଏ ।
କଳିଙ୍କି ରୂପକୁ କରିଛି ଲଏ ॥
ପଞ୍ଚସଖାଙ୍କୁ ଘେନି ନିରନ୍ତରେ ।
ବିଜେ ସ୍ୱାମୀ ନୀଳଗିରି ଶିଖରେ ॥
ସେହିଠାରୁଂ ଆମ୍ଭେ ଆଜ୍ଞା ପାଇବୁ ।
ଦେହ ବହିଣ ଯେ ଜନ୍ମ ହୋଇବୁ ॥
ପଞ୍ଚ ଯୁଗକୁ ଯେ ପଞ୍ଚ ଦେବତା ।
ପଞ୍ଚଶାଖା ଯେ ବ୍ରହ୍ମାଣ୍ଡ କରତୀ ॥
ସୁଦାମା ଶାଖା ଯେ ମୋହର ନାମ ।
ସତ୍ୟେ କପାଞ୍ଜଳ ଋଷି ଆଶ୍ରମ ॥

* * *

Digitized by PPRACHIN, SOA

କଳି ଯୁଗରେ ଚୈତନ୍ୟ ଠାକୁର ।
ଅବତାର ହେଲେ ନବଦ୍ୱୀପର ॥
* * *

ଚୈତନ୍ୟ ନିତ୍ୟାନନ୍ଦ ସଙ୍ଗତରେ ।
ମହାପ୍ରଭୁ ପାଶେ ଖଟୁ ନିତ୍ୟରେ ॥
* * *

ସମୁଦ୍ର କୂଳରେ ଜନମ ହୋଇଂ ।
ଦୀନ ଅଚ୍ୟୁତ ମୋ ନାମ ବୋଲଇଂ ॥
* * *

ପଞ୍ଚ ଶାଖା ମୋ ପଞ୍ଚତିଳକଇ ।
ପଞ୍ଚଭୂତ ଆତ୍ମା ଏ ମୋର କହି ॥
ରୁକ୍ମିଣୀ ବୋଇଲେ ଶୁଣ ଗୋସାଇଂ ।
କେମନ୍ତ ଭାବେ ଭକ୍ତ ଥିବେ ରହିଂ ॥
* * *

ଯେତେବେଳେ କଳି ହୋଇବ ଶେଷ ।
ପଞ୍ଚ ଗୋପାଳେ ହେବେ ପ୍ରକାଶ ॥
* * *

ଗୋପରେ ସରୂପାନନ୍ଦଟି ଯେହି ।
କଳିରେ ଅଚ୍ୟୁତ ଜାଣିମ ସେହି ॥
* * *

ବଳରାମ ଦାସର ଯେ ଜନମ ।
ଗୋବିନ୍ଦ ତହୁଂ ଯେ ସେ ଉତପନ ।
କଳ୍କିଙ୍କି ରୂପକୁ ଧ୍ୟାନ ନିଷ୍କଳେ ।
ଏକାମ୍ବର ବନେ ବାହାଡ଼ା ମୂଳେ ॥
ବାହାଡ଼ା ମୂଳେ ଯେ ତାହାର ବାସ ।
ତାରକ ବର୍ଣ୍ଣ ବାଙ୍ଗର ମନୁଷ୍ୟ ॥
* * *

ଦ୍ୱାପର ଯୁଗରେ ଉଦ୍ଧବ ଜାଣ ।
କଳିଯୁଗରେ ଅନନ୍ତ ପ୍ରମାଣ ॥
ପଞ୍ଚଶାଖାରେ ସେ ଦାସଟି ଜାଣ ।
ଶୁଣ ରୁକ୍ମିଣୀ ହୁଅ ସାବଧାନ ॥
* * *

ସୁହାଙ୍ଗ ଦେଶେ ଲେମ୍ବାଳୋ ଗ୍ରାମରେ ।
ଏ ପ୍ରସଙ୍ଗ ହେଲା ଯେତେ ପ୍ରକାରେ ॥
ସୁଦାମା ଶାଖା ମୋ ଦୀନ ଅଚ୍ୟୁତ ।
ମୋହ ଆଜ୍ଞାରେ ରଖିଅଛି କୃତ୍ୟ ॥
* * *

Digitized by PPRACHIN, SOA

ଅଚ୍ୟୁତ ଦାସର ଗୁପତ ଖେଳ ।
ତୋତେ କହିଲିଂ ରାମଚନ୍ଦ୍ର ବାଳ ॥
ସଦା ଗୁପତରେ ଚିହ୍ନିଣ ଥିବୁ ।
ଗୁରୁ ଆଜ୍ଞାକୁ ହେଳା ନକରିବୁ ॥
ଇତି ଶ୍ରୀ ଅଚ୍ୟୁତି ଗୋସ୍ୱାମୀଙ୍କ ଦଶପଟୋଳ ପରିଛେଦନ ।

ଶ୍ରୀ ଅଚ୍ୟୁତିଙ୍କ ବିଭୂତି——

ଜୟ ଅନାଦି ଆଦିକନ୍ଦ ହରି ।
ଜୟ ମାଧେବ ମୁକୁନ୍ଦ ମୁରାରି ॥
ଜୟ ଠୂଳଶୂନ୍ୟ ଅରୂପ ରାଶି ।
ମନ୍ତ୍ର ମଧ୍ୟରେ ଏକାକ୍ଷର ଘୋଷି ॥
ବେଦଙ୍କ ମଧ୍ୟେ କହି ଶିଶୁ ଦେବ ।
ଛନ୍ଦ ମାନଙ୍କରେ ଗାଇତ୍ରୀ ଛନ୍ଦ ॥

*   *   *

ସିନ୍ଧୁ ବାଲି ଅବା ହୋଇବ ଗଣି ।
ହରି ମହିଂମା ନୋହିବ ବଖାଣି ॥
ମୁ ଯେ ହୀନଜନ କହିବି କିସ ।
କେବଳ ସାଧୁଙ୍କ ଚରଣେ ଦାସ ॥
କୋଟି ଜନ୍ମେ ମୋର ଭରସା ଥାଉ ।
ଏଥୁଂ ଅଧିକ ମୋତେ ଆଜ୍ଞା ହେଉ ॥
ଜନ୍ମେ କରି ରଖ କୋଏର ।
ଏହା ମାଗୁଅଛି ଅଚ୍ୟୁତି ଛାର ॥

ଇତି ଅଚ୍ୟୁତାନନ୍ଦଙ୍କ ବିଭୂତି ସଦାଜଏ ସଂପୂର୍ଣ୍ଣ ।

Colophon——ଭୀମ ସ୍ୟାପି ....ନ ବିଦ୍ୟତେ ॥
ଭଗ୍ନପୃଷ୍ଠଃ .... ପ୍ରତି ପାଳୟେତ୍ ।

ହେ ସୁଜ୍ଞଜନେ ଶୁଦ୍ଧ ଅଶୁଦ୍ଧ ପୂରାଇଂ ଗାଇବ । ଲେଖ୍ନକାର ଦୋଷ ନ ଧରିବ । ଯଥା ଦୃଷ୍ଟି ତଥା ଲେଖ୍ନ । ଏ ପୋସ୍ତେକ ପ୍ର——ଶାଇବିରି । ମୌ——ତରତଙ୍ଗ ଶ୍ରୀ ତପୋନିଧି ମହନ୍ତ ରାମଚନ୍ଦ୍ର ଭାରଥି ଗୋସାଇଂ ଜୀଉଙ୍କର । ଏ ପୋସ୍ତେକ ସଂପୂର୍ଣ୍ଣ ହୋଇଲେ ସ୍ନ ୧୩୧୩ ସାଇ ମୀନ ଦି ୨୯ ନ ଚଇତ୍ର ଶୁକ୍ଳପକ୍ଷ ଚତୁଦଶୀ ବେଳ ଘ ୧୪ ଢ଼ି ସମଏ ଯେ ପୁସ୍ତେକ ଲେଖକ ପ୍ର——ମରଡ଼ । ମୌ——ଶିଘାଂର ପୁର ମଠଶାଇ ହରିଭାରଥି ଶ୍ରୀ ଗୋବିନ୍ଦି ଜୀଉଙ୍କ ଅନୁସ୍ୱରଣିଅ ଅଧମ ଅକ୍ଷିତ ଅଟେ । ଶ୍ରୀ ଶୁଭମସ୍ତୁ । ଶ୍ରୀ ଶୁଭମସ୍ତୁ, ଶ୍ରୀ ଶୁଭମସ୍ତୁ । ଏ ପୋସ୍ତେକ ପଢି ମଦ୍ୟ ଆମିଷ ଖାଇଲେ ବଂଶ ନିଶୋଧନ ହୁଏ; ଚକ୍ଷୁ ଫୁଟିଯାଏ । କୋଷ୍ଟ ବ୍ୟାଧି, ହୁଏ, ଯେ ପ୍ରମାଣ ଏମାନ ନିଯମ ଅଛି ଗୋସ୍ୱାମୀଙ୍କର ।

Digitized by PPRACHIN, SOA

8

Cat. No. O. L./228

ଦଶପୋଇ କବି—ଯୁଗଭଞ୍ଜ

Dasa Poi By—Yuga Bhanja

Substance —Palm leaf, No. of folia 40. Size—30·4 x 3·8 C. M. Each side contains 3 to 5 lines. Character—Oriya. Date of Copy—C. 19th Century A. D. Complete. Condition—Good. Find spot —Ranapura area, District Puri.

ଦଶପୋଇ

ଯାଉ ପଥିକ ପାତକୀ ପାଞ୍ଚିଲେ କେତକୀ ଯମ ଦାଢ଼େ ଆମ୍ଭେ ପଡିଲୁଇଂ
କହେ ନୃପ **ଯୁଗ ଭଞ୍ଜ** ବିକଶିତ କଞ୍ଜ ସରସୀ ରସିକା ଶୋଭାବହି ।

* * *

ଅଙ୍ଗ କୁସୁମ ପତନ କୁଳିଶ ସମାନ ଘଡ଼ଘଡି ସମ ପିକରଡି,
ଯୁଗ ଭଞ୍ଜ ନରେଶ୍ୱର ବୋଲେ ଦାମୋଦର 'ତନୁ' ଦେଖୁ ଦେଖୁ ଗଲୁ ସଡି ।

Substance — Palm leaf, No. of folia -61, Size —20·6 x 3·2 C. M. Each side contains 3 to 5 lines. Character - Oriya. Date of Copy - 1259 Sala or 1852 A. D. Complete, Condition - wormeaten. Find spot —Presented by Hata Kishora Dasa, Patia, District - Puri.

Digitized by PPRACHIN, SOA

ଆନନ୍ଦେଣ ବିଜେ ପ୍ରଭୁ ନୀଳଗିରିବାସ
ଜଗନ୍ନାଥ ଆଗ୍ୟାଂରେ କହିଲେ **ଦାମ ଦାସ**

ଯେହୁ ଆଜ୍ଞା ଦେଲେ ମୋତେ କମଳାବିଳାସ
କ୍ଷେତ୍ରର ମହିମା ଯେ କହିଲେ **ଦାମ ଦାସ** ।

ଦୈବଗ୍ୟଂ କୁଳରେ ମୁହିଁ ଜନମ ହୋଇଲି
ଶ୍ରୀକୃଷ୍ଣ ଚରଣେ ମୁ ଯେ ଶରଣ ପଶିଲି ।

ଇତି ଶ୍ରୀ କଳିଯୁଗ ପୁରାଣେ ଦାରୁବ୍ରହ୍ମ ସଦାଜୟେ ସମ୍ପୂର୍ଣ୍ଣ ।

ଭୀମସ୍ୟାପି............................ନ ବିଦ୍ୟତେ ।

ଶ୍ରୀଗୁରୁ ଗୋବିନ୍ଦ ଉଦ୍ଧାର କରିବେ । ସମସ୍ତ ଅ ୪୩ ଙ୍କ ସନ ୧୨୫୯ ସାଲେ **ସିଂହ** ମାସ ଦି ୨୨ ନେ ଶନିବାରେ ।

52

Cat. No. O. L. /1351

ଦାରୁବ୍ରହ୍ମ ଗୀତା   କବି—ଦାମ ଦାସ

Darubrahma Gita   By Dama Dasa

Substance—Palm leaf, No. of folia -88, Size -43·5 x 3·4 C. M. Each side contains 3 to 4 lines. Character - Oriya. Date of Copy -C., 19th century A. D. Complete. Condition -Badly worm-eaten. Find spot — Village - Talanga, P.-S. Bhadrak, Distric Balasore. Name of the scribe — Daivajna Lakshmana.

ଇନ୍ଦ୍ର ଯେ ଦ୍ରୁମନ ବୋଇଲା ଯେବେ ଦେବ ବର ।
ସତ୍ୟ ମୋତେ କର ତୁମେ ପ୍ରଭୁ ଚକ୍ରଧର ।।

ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଂ ।
ମୋହର ବଂଶରେ ଦେବ ନଥିବେ କେହି ।।

ଠାକୁରେ ବୋଇଲେ ଏହା ମାଗିଲୁ କିମ୍ପାଇ ।
ତୋତେ ଘେନି କଳିଯୁଗ ରାଜା କରିବଇ ମୁହି ।।

ଇନ୍ଦ୍ର ଯେ ଦ୍ରୁମନ ବୋଇଲେ ତେଣେ କାର୍ଯ୍ୟ ନାହିଂ ।
ସବୁଦିଗେ ମୋହୋର କୀରତି ଥିବ ରହି ।।

Digitized by PPRACHIN, SOA

ପୁତ୍ର ନାତି ଥିଲେ ବୋଲିବେ ଦେଉଳ ମୋହୋର ।
ସେ ହୋଇଥିଲେ ଧର୍ମ ଛାଡ଼ିବ ମୋହର ॥
ଇନ୍ଦ୍ର ଯେ ଦ୍ରୁମନ କହିଲା ଯେହୁ ଏତେ ଆଶ ।
କ୍ଷେତ୍ର ମୋହାତମ ଯେ କହିଲା **ଦାମ ଦାସ** ॥
ମୋତେ ରକ୍ଷା କରିବେ କମଳାବିଳାସ ॥
ଶ୍ରୀ ଦାରୁବ୍ରହ୍ମ ଗ୍ରନ୍ଥ ସଦାଙ୍କଏ ସମ୍ପୂର୍ଣ୍ଣ ।

Colphon—ହେ ସୁଗ୍ୟ ଜନମାନେ ଶୁଦ୍ଧ ଅଶୁଦ୍ଧ ପ୍ରରୋଇ ଗାଇବ । ଲେଖନକାର ଦୋଷ ନ ଧରିବ । ଶ୍ରୀ ଜଗନ୍ନାଥ ଓଧାର କରିବେ ଦୈବଗ୍ୟ ଲକ୍ଷଣକୁ !

There are some folia Containing Gunasagara by Krushna Das towards the end of the manuscript.

53

Cat. No. O. L./1560

ଦାରୁବ୍ରହ୍ମ ଗୀତା   କବି—ଦାମ ଦାସ

Darubrahma Gita   By—Dama Dasa

Substance — Palm leaf, No. of folia -126. Size —17·7 x 3 C. M. Each side Contains 3 to 5 lines. Character - Oriya. Date of Copy - Sana 1259 Sala or 1852 A. D Com plete. Condition—Good. Find spot -Village Rudrapur, P.-S. Chhatia, District Cuttack. Name of the Scribe - Krupasindhu Mishra, Village Baeranga, Pragana—Kokakhanda.

ଠାକୁରେ ବୋଇଲେ ରାଜା ମାଗିଲୁ ଯେ ଏହା ।
ଯାହାତୁ ମାଗିଲୁ ତୋର ସିଦ୍ଧ ହେଉ କାୟା ॥
ଜୟ ଜୟ ଜଗନ୍ନାଥ ଜୟ ନାରାୟଣ ।
ଶିଶୁ ଦାମ ଦାସ ଏବେ ପଶିଲା ଶରଣ ॥
ଇତି ଶ୍ରୀ ଦାରୁବ୍ରହ୍ମ ସଦାଙ୍କଏ ସମାପ୍ତ ।

Colophon—ଶ୍ରୀ ନୀଳାଦ୍ରିସିଂହାୟ ନମଃ । ସମସ୍ତ ୪୩/୫୯ ଅଙ୍କ ସ୍ନ ୧୨ ରଘ ଶତାଣ ୫୯ ସାଲ ପ୍ରଗଣେ କୋକାଖଣ୍ଡ ମୌ:—ବଏରାଙ୍ଗ ଗ୍ରାମରେ ରହଣି କୃପାସିନ୍ଧୁ ମିଶ୍ରଙ୍କର ଏ ପୋଥି ହସ୍ତାକ୍ଷର ବିଛା ୨୦ ଦିନ ଏ ପୋସ୍ତକ ବେଳ ଦୂଇଘଡ଼ି ଠାରେ ଆରମ୍ଭରେ ଅଧୀନ ତା ୧୫ × × × ଏପୋସ୍ତକ ଲେଖନକାର ସମାପ୍ତ ଶନିବାର ଏ ପୋସ୍ତକ ଯେ ମାଗିନେଇ ରଖିବ ତା ସପ୍ତପୁରୁଷ ଅହିନର୍କରେ ପଡ଼ିବେ, ଏ ସତ୍ୟ ।

There are some folia containing Atmaparache Gita by Yasovanta Dasa, at the beginning of the manuscript.

Digitized by PPRACHIN, SOA

Cat. No. O. L. /1353

ଦାରୁବ୍ରହ୍ମ ଗୀତା   କବି—ରାମ ଦାସ

Darubrahama Gita   By Rama Dasa

Substance—Palm leaf. No. of folia—30, Size—48·5 x 3·5 C. M. Each side contains 2 to 4 lines. Character—Oriya. Date of Copy—C 19th Century A. D. Complete. Condition-Worm-eaten and some folia are broken. Find spot - Village—Talanga, P.-S. Bhadrak—district Balasore.

ଜୟ ଜୟ ଜଗନ୍ନାଥ ତୁମ୍ଭର ଧୂପ ବେଳେ ।
ଦ୍ରଶନ କରିବିଂ ଯାଇ କଳା ପାବଛର ତଳେ ॥

ଦିହୁଡ଼ି ଗହଳେଂ ନାଥ ନ ଦିଶେ ଶ୍ରୀମୁଖ ।
ଚୂଳ ମାଳ କସ୍ତୁରୀ କପୋଳ ତିଳେକ ॥

କୋଟି କୋଟି ରତ୍ନହାର ଶ୍ରୀଅଙ୍ଗେ ଅଛି ପଡ଼ି ।
……………………ଦେଉଳ ବଳରାମ ହରି ॥

ଫୁଲର ଚରିତ ମୁଁ କହିବିଂ କେତେ ଛଟା ।
ବାର ହାତ ଲମ୍ବିଥାଇ ଧଣ୍ଡାମାଳ ଗୋଟା ॥

ତେର ହାତ ଲମ୍ବିଥାଇ କରଡ଼ିଆ ମାଳ ।
ଲମ୍ବି ପଡ଼ିଥାଇ ଦୁଇଭାଇଙ୍କ ବକ୍ଷସ୍ଥଳ ॥

*   *   *

ଶ୍ରୀ ପଦ୍ମଚରଣ ବନ୍ଦେ ଯଶୋଦା ନନ୍ଦନ ।
ନିରଞ୍ଜନ ପୁରୁଷ ତୋ ନାହିଂ ରାତ୍ରଦିନ ॥

ପରୀକ୍ଷ ରାଜାକୁ କହିଲେ ଶୁକ ହରିବଂଶ ।
……………………କୃଷ୍ଣ ପିଣ୍ଡ କଢ଼ାଇ ଧର୍ମଶିକ୍ଷ ॥

ଦେବତାଙ୍କ ବୋଲେ ସେ ସମୋଦ୍ରେ ମେଲିଦେଲେ ।
ତହୁଂ ମାତାଙ୍କୁ ଘେନି ପାଞ୍ଚ ଭାଇ ହେମବନ୍ତେ ଗଲେ ॥

Digitized by PPRACHIN, SOA

ସକଳେ ପଡ଼ିଲେ ଦ୍ରୌପଦୀ ଖପର ।
ସ୍ୱ ଦେହେ଼ଂ ଯୁଧିଷ୍ଠିର ଗଲେ ସ୍ୱର୍ଗପୁର ।।

ଭୋ ଶୁକମୁନି ମୋତେ କହିବା ବୁଝାଇ ।
ବିଷ୍ଣୁ ପିଣ୍ଡଂ ସାଗରେ ଭାସି ଭାସି ଯାଇ ।।

କେଉଂ ଠାରେଂ ଲାଗିଲା କେ ତାହାଙ୍କୁ ନିଲା ।
କଳି ଯୁଗେଂ ଦାରୁବ୍ରହ୍ମ କେ ନେଇ ପୂଜିଲା ।।

* * *

ସାବଧାନ ହୋଇ ଶୁଣ ଅଭିମନ୍ୟୁର ସନ୍ତତି ।
କଳିଯୁଗେଂ ଉତ୍ତ ଇନ୍ଦ୍ରଦ୍ୟୁମନ ନୃପତ ।।

* * *

ମାଳବ ଦେଶରେ ଯେ ଅଟଇ ଚାର ପୁର ।
ଗୁଣ୍ଡିଗ୍ୱ ବୋଲି ରାଣୀ ନାମ ସେ ତାହାର ।।

ଗ୍ୱଚେକଶ୍ୱର ବୋଲି ମନ୍ତ୍ରୀ ତା ଅଟଇ ।
ଜମ୍ବୋଦ୍ୱୀପ ଭୂଧଖଣ୍ଡେ ଏକାଙ୍ଗ ନୃପସାଇଂ ।।

* * *

ପୂର୍ବ ଦିଗକୁ ବିଦ୍ୟାପତି ବ୍ରାହ୍ମଣ ଦୂତ ଗଲା ।
ଖୋଜି ଖୋଜି ଶବର ପଲ୍ଲୀରେଂ ମିଳିଲା ।।

ଶବର ପଲ୍ଲୀରେଂ ଦେଖିଲା ପୁରୁଷ କେହି ନାହିଁ ।
ଶବର ଝିଅ ଲଳିତା ଏକା ବସିଛଇ ।।

* * *

ମନ୍ତ୍ରୀବର ବଚନ ରାଜା କେବେ ହେଂ ନ କଲା ।
ଶ୍ରୀକର ଲଗାଇ ରାଜା ମୁଦ ସେ ଭାଜିଂଲା ।।

ଭିତରକୁ କବାଟେ ରାଜା ପେଲି ଦିଲା ହସ୍ତ ।
ତିନି ମୂର୍ତ୍ତି ଚତୁର୍ଦ୍ଧା ରୂପେ ବସିଛନ୍ତି ଜଗନ୍ନାଥ ।

Digitized by PPRACHIN, SOA

ଦେଖିକରି ରାଜନ ସେ ସ୍ୟାନନ୍ଦ ହୋଇଲା ।
ନିସ୍ତରିଲିଂ ନିସ୍ତରିଲିଂ ବୋଲିଣ କହିଲା ।।

ଶିଶୁ ରାମଦାସ ଏହା ମଣାଇଂ କହିଛି ।
ଇନ୍ଦ୍ର ଦ୍ୟୁମନ ରାଜା ଯେ ସ୍ତୁତି ଆରମ୍ଭିଲା ।।

ଆନନ୍ଦେଂ ଦେଉଳକରେଂ ରାଜନ ପଶିଲା ।
ଦାରୁବ୍ରହ୍ମ ତିନିମୂର୍ତ୍ତି ନୟନେ ଦେଖିଲା ।।

ଏଁଅଙ୍କର ହସ୍ତ ଅଙ୍ଗୁଳି ଘଡ଼ା ହୋଇ ନାହିଁ ।
ବୋଇଲା ଯେଡ଼େ ମନ୍ଦ କୃତ୍ୟ କଲିଂ ମୁହିଂ ।।

ଦୁଇଜଣେ ଯାହା ମାଗିଲେ ଦିଲେ ଚକ୍ରଧର ।
ବଳରାମ ଜଗନ୍ନାଥ ସୌଭଦ୍ରା ରହିଲେ ଦେଉଳର ।।

ରାଜା ବୋଇଲେ ଷାଠିଏ ପଉଟି ଅବଡ଼ା ବରଗଡ଼ା ଅନ୍ନ ।
ପ୍ରତିଦିନ ଲାଗୁଥିବ ଆପଣଙ୍କ ମୁଖେଣ ।।

ପ୍ରମାଣ କଲେ ସର୍ବ ରାଜୀବ ଲୋଚନ ।
ଯେତେ ମାଗିଲେ ବର ଅସ୍ତୁ କଲେ ଭଗବାନ ।।

ବଡ଼ାଇ ମାନେ ଗଲେ ରାଜ୍ୟ ଭୋଗ କଲେ ।
ଖଟଣି ସେବାକାରୀ ବିଦ୍ୟାପତି ରହିଲେ ।।

ଜୟ ଜୟ ଜଗନ୍ନାଥ କମଳ ଲୋଚନ ।
ଶିଶୁ ରାମଦାସ ପଦ୍ମଚରଣେ ଶରଣ ।।

ଇତି ଶ୍ରୀ ମହାନାଟକେ ନୀଳାଞ୍ଚଳକ୍ଷେତ୍ରମାହାତ୍ମେ ଶ୍ରୀଦାରୁବ୍ରହ୍ମ ସଦାଜୟେ ସମ୍ପୂର୍ଣ୍ଣ ।

Colophon—ଶ୍ରୀ ତିନିମୂର୍ତ୍ତି ଶ୍ରୀଚରଣେ ଶରଣଂ ସର୍ବଦେବ ଚରଣେ ଶରଣଂ ଶ୍ରୀ ସର୍ବଦେବଚରଣେ ଶରଣଂ ।

ଭୀମ ସଦ୍ୟାପି......................ନ ବିଦ୍ୟତେ ।

ଯଥାଦୃଷ୍ଟି ତଥା ଲେଖନ, ଲେଖକୋ ନାସ୍ତି ଦୋଷଃ ଶ୍ରୀ ପୁରୁଷୋତ୍ତମ ରକ୍ଷା କରିବେ ମମ ପୁତ୍ର ପୌତ୍ରାଦି ସମସ୍ତ ବଂଶାଦି । ଲିଖିତଂ ଶ୍ରୀ ରାମହରି ଦେବଶର୍ମଣୋ ଅଧମ ଦ୍ୱିଜ । ଶ୍ରୀ ଲକ୍ଷ୍ମୀ ନାରାୟଣ ଶ୍ରୀ ଚରଣେ ଶରଣଂ ।

Digitized by PPRACHIN, SOA

Cat. No. O. L. /1199

ଦାସିଆ ବାଉରୀ ଭାଗବତ   କବି-ବାଲିଙ୍ଗା ଦାସିଆ

Dasia Bauri Bhagavat By—Balinga Dasia

Substance — Palm leaf. No. of folia—19, Size —42·5 x 4 C. M. Each side contains 3 to 4 lines. Character—Oriya. Date of Copy—Sana 1300 sala or 1893 A. D. Complete. Condition—Badly wormeaten. Find spot —Bhubaneswar -2, district Puri. Name of the Scribe—Chemei Mahapatra, Village—Purohita Pur, Pragana—Kothadesa.

ଜୟ ତୁ ଶ୍ରୀୟା ଦେବୀ ବର । ବନ୍ଦଇ ନମସ୍ତେ ଶ୍ରୀଧର ।।
ବନ୍ଦଇ ଦେବ ନରହରି । କମଳା ଯାର ମନୋହାରୀ ।।
ବନ୍ଦଇ ଜୟ ଜଗନ୍ନାଥ । ସାରଙ୍ଗ ଗଦା ଶଙ୍ଖ ହସ୍ତ ।।
ନମଇ ଗଦା ପଦ୍ମଧାରୀ । ମଛ କୁରୁମ ରୂପଧାରୀ ।।
ଶୂକ୍ର ଯେ ନୃସିଂହ ବାମନ । ପର୍ଶୁରାମ ଶ୍ରୀରାମ ଧନ୍ୟ ।।
ବନ୍ଦଇ ନମସ୍ତେ ବଉଦ । ଶ୍ରୀ ଜଗନ୍ନାଥ ବଳଭଦ୍ର ।।
ମଧ୍ୟେ ସୋହଦ୍ରା ଦେବୀ ଶୋହେ । ଶେତ କୁଙ୍କୁମ ଚାରକାଏ ।।
ଅନାଦି ରୂପେ ଅବତରି । ନୀଳା ବିହାର ମଞ୍ଚପୁରୀ ।।

* * *

ଇତି ଶ୍ରୀମଦ୍ ଭାଗବତେ ମହା ପୌରାଣେ ବାଲିଙ୍ଗା ଦାସିଆ ଶ୍ରୀ ଭଗବାନ ସମ୍ବାଦେ ଛାହସ୍ତେ ଲେଖନ ନାମ ପ୍ରଥମ ଅଧ୍ୟାୟ ।

* * *

ଶୁଣି ହୋଇଲେ ମନ ତୋଷ ।
ଭଣିଲେ ବାଲିଙ୍ଗାଆ ଦାସ ।।
ଏ ଅଧ୍ୟା ତେୟା ନବେ ପଦ ।
କେ ଜାଣି ପାରିବ ଅଗାଦ (ଧ) ।।

* * *

ଯେ କଳି ଯୁଗ ଅନ୍ୟାଶ୍ବର ।
ଯେ ଖେଳ ହେବ ଦାମୋଦର ।।
ବାଲିଙ୍ଗା ଦାସ ଠାରୁ ଶୁଣି ।
କହନ୍ତି ପ୍ରଭୁ ଚକ୍ରପାଣି ।।
ପ୍ରଭୁ ବୋଲନ୍ତି ଶୁଣ ଦାସ ।
କଳିରେ ଯେତେ ଯିବେ ନାଶ ।।
ପ୍ରଥମେ ଯେକ ଯେ ଅସକ୍ଷ ।
ଦ୍ବିତୀୟେ ଦଗା କରି ଭକ୍ଷ ।।

Digitized by PPRACHIN, SOA

ତୃତୀୟେ ଜନ୍ମ ଯେତେ ବିଧି ।
ଚତୁର୍ଥେ ଅଶ୍ୱ ଚଢି ସାଜି ॥
ପଞ୍ଚମେ ଶାଖା କରି ସଙ୍ଗ ।
ଘୋର ସଂଗ୍ରାମେ ରଣ ରଙ୍ଗ ॥
ଦିଲିରୁ କଳିଙ୍ଗ ଦକ୍ଷିଣ ।
ଲାଗିବ ମହାଘୋର ରଣ ॥
କାକ ଶୃଗାଳ ଘୋର ରଡ଼ି ।
କାନ୍ତାନୀ ମାନେ ଶୂନ୍ୟେ ଉଡ଼ି ॥

* * *

ଆମ୍ଭେ ଚଇତ୍ର ମାସର । ଦ୍ୱିତୀୟା ବୃହସ୍ପତି ବାର ॥
ଅଠରନଳାଠାରେ ଯାଇ । ପଶ୍ଚିମେ ଅଶ୍ୱ ଥିବେ ରହି ॥
ସିଂହଦ୍ୱାର ଠାରେ ସାତ । କଳ୍ପବଟରୁ ଅଶ୍ୱ ଜାତ ॥
ଚଢ଼ିବୁ ତେରଟି ଅଶ୍ୱର । ହସ୍ତରେ ଧରିବୁ କୁଠାର ॥
କ୍ଷେତ୍ରରେ ପଶିବୁ ଧସଂାଇ । ଆମ୍ଭେ ଯେ ଥିବୁ ବେନି ଭାଇ ॥
ତେର ଯେ ଅଶ୍ୱଆର ସଙ୍ଗେ । ରଥ ଚଢ଼ିବୁ ନାନା ରଙ୍ଗେ ॥
ଗୋଡ଼ାଇ ମାରିବୁ ଅସୁର । ଟିକରା ଗୋହରି ମଧ୍ୟର ॥
ହାଣ ଯେ ଟିକରା ଗୋହିରୀ । ଶ୍ରୀହସ୍ତେ ପକାଇବୁ ମାରି ॥
କାଳିଆ ଘାଇ ଯାଏ ପୁଣି । ତେର ଅଶ୍ୱରେ ଯିବୁ ହାଣି ॥

* * *

ଝାଡ଼ରେ ଖଣ୍ଡାୟତ ଥାଇଂ । ପର ପଦାର୍ଥେ ନେବେ ବହିଂ ॥
ଗୁହାର ନ ଶୁଣିବେ ରାଜା । ବିକଳେ ହୋଇବ ପରଜା ॥
କ୍ଷେତ୍ରି ଯେ କରନ୍ତି ଲେଖନ । ବାଲିଙ୍ଗା ଦାସ ନାମ ପୁଣ ॥

* * *

ବାଲିଙ୍ଗା ଦାସ ପାଦେ ଆଶ । ମିଛୁଆ ଚୋକାର ନିବାସ ॥

* * *

ବାଲିଙ୍ଗା ଦାସିଆ ଆଗତ । କହିଲେ ଦେବ ଜଗନ୍ନାଥ ॥
ବାଖର ଛାଟ ପାଞ୍ଚ ଛାନ୍ଦ । ହସ୍ତେ ଲେଖିଲେ ଆଦିକନ୍ଦ ॥
ଲେଖିଲେ ଆଗତ ଭବିଷ । ସିଘାଂସନରେ ପ୍ରଭୁ ବେଶ ॥
ସିଘାଂସନରେ ତିନିଜଣ । ଦାସିଆ ଗରିବ ଶରଣ ॥
ଏ ଅଧ୍ୟା ସତାଶୋଇ ପଦ । ଭାବିଲା ଲୋକଟି ପାଇବ ॥
ସେ ମନ ମୋର ପାଦେ ଆଶ । ବଉଦ ମିଛୁଆ ଯେ ଦାସ ॥
ଆର ଜନ୍ମରେ ନ ଜାଣିଣ । ଏ ଜନ୍ମେ ଭ୍ରମୁ ଅଛି ପୁଣ ॥

ଇତି ଶ୍ରୀମଦ୍ ଭାଗବତେ ମହା ପୌରାଣେ ଶ୍ରୀ ଭଗବାନ ବାଲିଙ୍ଗା ଦାସିଆ ସମ୍ବାଦେ ଆଗତ ଭବିଷ କଥନେ ନାମ ପଞ୍ଚମ ଅଧ୍ୟାୟ ।

Colophon ଭୀମ ସ୍ୟାପି .... ନ ବିଦ୍ୟତେ ॥

ସମସ୍ତ ମୁକୁନ୍ଦ ଦେବ ମହାରାଜାଙ୍କ ସନ ୧୩୦୦ ସାଲେ ମେଷ ମାସ ପଞ୍ଚମୀ ଦିନ ରୋଜ ମଙ୍ଗଳବାରେ ଏ ପସ୍ତ ହେଲା ବେଳ ପାଞ୍ଚ ଘଡ଼ି ଠାରେ ସମାପତ । ପ୍ରଗନ–କୋଠଦେଶେ, ମୌଜା–ପୁରୋହିତ ପୁର ଚେମେଇ ମାହାପାତ୍ରଙ୍କର ଏ ଗ୍ରନ୍ଥ ଯେ ନେବ ନ ଦେଲେ ଗୁରୁ ଦ୍ୱାରେ ଦୋଷୀ ହେବ । ଆହେ ସୁଗ୍ୟଂଜନମାନେ ଦୋଷ ନ ଧରିବ ।

Digitized by PPRACHIN, SOA

56

Cat. No. O. L./665

ଦିବ୍ୟସିଂହ ଦେବ ରାଣୀଙ୍କ ଶୋକ ଓ ଅନ୍ୟାନ୍ୟ

Divyasingh Deva Raninka Soka and others

Substance —Palm leaf, No. of folia—29, Size—21·3 × 3·1 C. M. Each side Contains 2 to 4 lines. Character—Oriya, Date of Copy—C., 19th Century A. D. Incomplete, Condition—Not so Good. Find spot—Bhubaneswar—2, district Puri.

କରୁଣାସାଗର ହରି, ଅପୂର୍ବ ବାଳକ ଅନାଥ କରି,
ମୋ କାନ୍ତ ପ୍ରାଣ କେଶରୀ,
ହେ ଜଗବନ୍ଧୁ ।

କ୍ଷଣ ନ ଛାଡ଼ଇ ମୁହିଂ, ଖଣ୍ଡି କରି ଗଲେ ଦାରୁଣ ବିହି ଯେ,
ମୋତେ ସେ କାହାକୁ ଦେଇ ।
ହେ ଜଗବନ୍ଧୁ ।

ଗରୁ ଯଉବନ ମୋର, ଯୁବାକାଳେ କାନ୍ତ ହେଲେ ଅନ୍ତର ଯେ
ରହିଲେ ମେଦନୀପୁର,
ହେ ଜଗବନ୍ଧୁ ।

ଘରୁ ଯେତେବେଳେ ଗଲେ, ଚରଣଧରି ମୁ ପଡ଼ିଲି ତଳେ ଯେ
ନାହିଂ ନାସ୍ତି ମୋତେ କଲେ,
ହେ ଜଗବନ୍ଧୁ ।

*   *   *

ଟଙ୍କା ସୁନା ଧନ ମୋର, ନେଲେ ନେବ ପଛେ ସାଇବ ଘର ଯେ
ରାଜନ ଆସନ୍ତୁ ମୋର ।
ଠାବ କରି ନ ପାରିଲି, ଠିକ କଥାକୁ ମୋ ମନେ ଜାଣିଲି ଯେ
ଉଡ଼ିସାକୁ ହରାଇଲି ।

There are some folia Containing ଚଉତିଶା (incomplete) and ତାଲ ନିର୍ଣ୍ଣୟ (incomplete) towards the end of the manuscript.

No. Colophon.

Digitized by PPRACHIN, SOA

Cat. No. O. L./828

ଦୀକ୍ଷା ସମ୍ବାଦ   କବି-ଜଗନ୍ନାଥ ଦାସ

Diksha Sambada   By—Jagannatha Dasa

Substance — Palm leaf. No. of folia—116, Size—20·7—3·3 C. M. Each side contains 6 to 7 lines. Character—Oriya. Date of Copy—Sana 1288 Sala or 1881 A. D. Complete. Condition—Good. Find spot—Presented by Shri Narasingh Mishra, Village —Gadamanitri, P.-S. Begunia, district Puri. Name of the scribe—Gangadhara Tripathy.

ନମଇଂ ଅଲେଖ ଅବ୍ୟଏ । ନମଇ ପ୍ରଭୁ ବିଷ୍ଣୁ କାଏ ।।
ନମସ୍ତେ ଶ୍ରୀ ପୁରୁଷୋତ୍ତମ । ନମସ୍ତେ ଜ୍ୟୋତିର୍ମଏ ବ୍ରହ୍ମଂ ।।

* * *

କହଇ **ଦାସ ଜଗନ୍ନାଥ** । ସୁଜନ ହିତେ ଭାଗବତ ।।
ମୋହର ନ ଧରିବ ଦୋଷ । ପ୍ରାକୃତବନ୍ଧେ ମହାରସ ।।

ଇତି ଶ୍ରୀମଦ୍‌ଭାଗବତେ ଦୀକ୍ଷାସମ୍ବାଦେ ହରପାର୍ବତୀ କଥନେ ଶୁକପରୀକ୍ଷ ସମ୍ବାଦେ ନାମ ପ୍ରଥମ ଅଧ୍ୟାୟ ।

* * *

ବୋଲଇ ଜଗନ୍ନାଥ ଦାସ । ପିବ ସୁଜନେ ଦିବ୍ୟରସ ।।
ଶ୍ରୁତି ପଥରେ ଚିତ୍ତେ ଧର । ଗ୍ୟାଂନଚକ୍ଷୁରେ ଲଏ କର ।।
ଲଏ ରହିଲେ ଗଲା ଭଏ । ହୋଇଲା ବ୍ରହ୍ମର ଉଦଏ ।।
ବ୍ରହ୍ମ ଉଦଏ ସର୍ବନାଶ । ଭଣଇ **ଜଗନ୍ନାଥ ଦାସ** ।।

ଇତି ଶ୍ରୀଦୀକ୍ଷାସମ୍ବାଦେ ହର ପାର୍ବତୀ କଥନେ ଲଏ ସୂତ୍ର ଉଦାହରଣ ଆଖ୍ୟାନେ ଶୁକପରୀକ୍ଷ ସମ୍ବାଦେ ନାମ ପଞ୍ଚବିଂଶ ଅଧ୍ୟାୟ ।

Colophon—ଭୀମସ୍ୟାପି..............ନ ବିଦ୍ୟତେ ।
ଆକାଶାତ୍........................ପ୍ରତି ଗଚ୍ଛତି ।।

ବୀର ଶ୍ରୀଗଜପତି ଗୌଡ଼େଶ୍ୱର ନବକୋଟିକର୍ଣ୍ଣାଟକଳେବର ବୀରାଧିବୀରବର ପ୍ରତାପ ଶ୍ରୀଦିବ୍ୟସିଂହ ଦେବ ମହାରାଜାଙ୍କ ସମସ୍ତ ଅ ୨୫ ଙ୍କ, ସନ୍ ୧୨୮୮ ସାଲ ମାର୍ଗଶୀର ମାସ ଶୁକ୍ଳପକ୍ଷ ପୌର୍ଣ୍ଣମୀ ଗୁରୁବାର ବେଳ ଘ ୨ ଢ଼ି ସମୟରେ ଏ ଗ୍ରନ୍ଥ ସମ୍ପୂର୍ଣ୍ଣ । ଆହେ ସ୍ୱଗ୍ୟଂ ଜନମାନେ ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ ଲେଖନକାର ଦୋଷ ନ ଧରିବ । କିଲେ–ଖୁରୁଧା, ଜିଲେ–କୁଟୁପଲା ଗଡ଼ କଡ଼ବ ମଉଜେ ଖଣତି ରହଣି ଗଙ୍ଗାଧର ତ୍ରିପାଠୀ ଏ ଲେଖକ ଶ୍ରୀ ଶୁଭ, ଶ୍ରୀ ଶୁଭମସ୍ତୁ ।

Digitized by PPRACHIN, SOA

58

Cat. No. O. L./829

ଦୁତିବାମନ କଥା ବା ଦୁତିଆ ଓଷା

କବି—ପୁରୁଷୋତ୍ତମ ଦାସ

Dutivamana Katha or Dutia Osha

By—Purushottama Dasa

Substance — Palm leaf. No. of folia—54, Size—27·7 × 3·2 C. M. Each side contains—2 to 4 lines. Character—Oriya Date of Copy —C. 19th Century A. D. Complete, Condition—Good. Find spot — Presented by Abhirama Panda, Village—Nischinta Koili, P.-S. Salepur, district Cuttack.

ଶ୍ରୀ ଗଣେଶାୟ ନମଃ । ଅବିଘ୍ନ ମସ୍ତୁ ।

ଜୟ ତୁ ଜୟ ଧର୍ମ ନିରଞ୍ଜନ ।
ଜୟ ତୁ ଜୟ ଦୁତୀ ବାମନ ॥
ଯାହା ନାମ ଗୋଟି ସଂସାରେ ସାର ।
ଶୁଣିଲେ ନାନା ଦୋଷୁ ହୋଏ ପାର ॥
ଦୁତୀୟା ଓଷାର ଚରିତ୍ର ଯେତେ ।
କଥା ରସ କରି ବସାଅ ଗୀତେ ॥
ବାଂଝୀ ମଡ଼ଛୀ ଅଭ୍ୟାଗତ ନାରୀ ।
କାକ ପୁରୁଷ ପେଟଦାହ ସ୍ତିରି ॥

* * *

ଅନ୍ୟ ଓଷାରେ ନାହିଂ ଯେତେ କାଷ୍ଠା ।
ଦୁତିଆ ଓଷାର ଫଳ ବି ଶ୍ରେଷ୍ଠା ॥
ଦୁତିଆ ଓଷାର ଫଳବିଶେଷେ ।
ଗୀତେ କହିଲେ **ପୁରୁଷୋତ୍ତମଦାସେ** ॥

* * *

ସୂର୍ଯ୍ୟ ମଣ୍ଡଳ ବୋଲି ନଗ୍ର ଯେକ ।
ସେ ନଗ୍ରେ ବସନ୍ତି ଯେତେକ ଲୋକ ॥
ଛତିଶ ପାଟକ ବସନ୍ତି ପ୍ରଜା ।
ସୁରଜିତ ବୋଲି ସେ ରାଜ୍ୟେ ରାଜା ॥

* * *

Digitized by PPRACHIN, SOA

ଦୁଲଭା ନାମେ ଯେ ଏକ ବ୍ରାହ୍ମଣୀ
ବାଳୁତ ବିଧବା ହୋଇଛି ପୁଣି ।
ରୂପ ଲକ୍ଷଣ ଯେ ତାହାର ଶୋଭା,
କି ଅବା ସୁନ୍ଦର ପାର୍ବତୀ ରମ୍ଭା ।
ପକାଇ ଧାନ ସବୁ କୁଟୁଣୀ କି
କୁଟା ଧାନ ଦେଲା ସେ ବ୍ରାହ୍ମଣୀ କି ।
ରାଜା ନଗରକୁ କୁଟା ଖଞ୍ଜିବ,
ଗ୍ୱରି ଦିନେ ସବୁ ଗ୍ୱଉଳ ଦେବ ।
ଖରାକୁ ସିନା ସବୁରି ଭରସା,
ଦଇବେ ସେ କଲା ମେଘ ବରଷା ।
କେହି ନକୁଟିଲେ ବରଷା କଲା ।
ବ୍ରାହ୍ମଣୀ ଦେଖି ଅଧଉର୍ଦ୍ଧ ହେଲା ।

* * *

ମୋ ପତି ହେବ ଧର୍ମ ନିରଞ୍ଜନ,
ଶୁଖାଇ ଦିଅ ମୋ ଉଷୁନା ଧାନ ।

* * *

ଦିବସ ଶେଷେ ହୋଇଲାକ ରାତି,
ବ୍ରାହ୍ମଣୀ ପୁରକୁ ଧର୍ମ ଆସନ୍ତି ।
ଯେମନ୍ତେ ସତ୍ୟ ସେ ବ୍ରାହ୍ମଣୀ କଲା,
ସତ୍ୟ କରି ପୁଣି ଅସତ୍ୟ ହେଲା ।
ସତ୍ୟ କରି ଅଛି ଆସିବେ ବୋଲି ।
ପୁଣି ବିଗ୍ୱରିଲା କପଟ କଲି ।

* * *

ପୋଇଲୀ ବୋଲି ଚିହ୍ନିଲେ ତାହାକୁ,
ବୋଇଲେ ସତ୍ୟ ଭଣ୍ଡିଲା ଆମ୍ଭଙ୍କୁ ।
ଆମ୍ଭେକି ଛୁଇଂବା ପୋଇଲି ଅଙ୍ଗ,
ଯେତେ ବିଗ୍ୱରି ବାହୁଡ଼ିଲେ ବେଗ ।

* * *

ଦଶ ମାସ ଯତ୍ନଂ ହେଲା ସମ୍ପୂର୍ଣ୍ଣ
ଆଶିଣ୍ୟ କୃଷ୍ଣ ଅଷ୍ଟମୀର ଦିନ ।
ମୂଳା ନକ୍ଷତ୍ର ଅଟେ ଦିନ ମାନ,
ବେଳ ଉଦୟକୁ ଜାତ ନନ୍ଦନ ।
ରୂପ ଗୁଣ କିସ ଉପାମା ଦେବା,
କାମଦେବ ପ୍ରାୟେ ଦିଶଇ ଶୋଭା,
ମୂଳା ନକ୍ଷତ୍ର ଧନୁରାଶି ଜନ୍ମ,
ଦୂତୀବାହାନ ତେଣୁ ହୋୟେ ନାମ ।

* * *

Digitized by PPRACHIN, SOA

ବିଧବା ଲକ୍ଷଣ ଅମଙ୍ଗଳ ବାଣୀ,
ତୋଷ ହେବ ଯେବେ ଏ କଥା ଶୁଣି ।
ଯେଉଂ ପୁରୁଷ ଧର୍ମ ନିରଞ୍ଜନ,
ତେଣୁ ଯେ ପୂଜିଲେ ଏ ନିରଞ୍ଜନ ।
ଦୁତିବାହାନଙ୍କ ପର୍ବର ମୂର୍ତି,
ରବିକୁମର ଯେ ପୂଜାର ସ୍ଥିତି ।
ରାଣ୍ଡ ବ୍ରାହ୍ମଣୀ ସ୍ୱେରୀ ରତି ଆସେ ।
ତାହାଙ୍କୁ ପୂଜା କଲେ ଦେଶ ଦେଶେ ।
ଜୟ ବଳଭଦ୍ର କୁମର ତୁହି,
ରାମ ରାମ୍ୟ (ରହିମ) ଦୁହେଂ ଏକୋଇ ଭାଇ ।
ବେଦ ବଉଦ ଦୁଇ ରୂପେ ରହୁ,
ହିନ୍ଦୁ ମୁସଲମାନ ରୂପ ବହୁ ।
ଶୁଣି ବିରୋଧ କରିଥିଲି ମନ ।
ବଳଭଦ୍ର ରୂପ ଦୁତିବାହାନ ।

* * *

ଷଷ୍ଠଦଶ ଛାନ୍ଦ ହୋଇଲା ଶେଷ ।
ଭାବେ ଭଣିଲେ **ପୁରୁଷୋତ୍ତମ ଦାସ**
ଇତି ଶ୍ରୀ ଦୁତିବାହାନ କଥା ସଂପୂର୍ଣ୍ଣ ।

Colophon—ଭୀମସ୍ୟାପି.....................ନ ବିଦ୍ୟତେ ।

ହେ ସୁଜ୍ଞଜନମାନେ ଅଶୁଧ ଶୁଧ କରି କରି ଗାଇବ ଲେଖନକାର ଦୋଷ ନ ଧରିବ ॥

59

Cat. No. O. L./1001

ଦୁତବାହନ ଓଷା କବି—ପୁରୁଷୋତ୍ତମ ଦାସ

Dutibahana Osha By—Purusottama Dasa

Substance — Palm leaf. No. of folia—41, Size —28 × 3·4 C. M. Each side contains 4 lines throughout the manuscript. Character—Oriya. Date of Copy—C. 19th Century A. D. Complete. Condition—Good. Find spot—Village, Andilo, Post—Balianta, District—Puri.

ବେଦ ବଉଦ ଦୁଇ ରୂପ ହୋଇଂ ।
ହିନ୍ଦୁ ମୁସଲମାନ ଏ ହେଲେ ଦୁଇ ॥
ଶୁଣି ବିରୋଧ କରିଥିଲି ମନେ ।
ବଳଭଦ୍ର ସେ ଯେ ଦୁତିବାହନେ ॥

Digitized by PPRACHIN, SOA

ଯେଣୁ ଆଗ୍ୟାଂ ଦେଲେ ଲକ୍ଷ୍ମୀଂବିଳାସ ।
ତେଣୁ ଏ କଥା ହୋଇଲା ପ୍ରକାଶ ।।
ମନେ ଚିନ୍ତାକର ଦୁତିବାହନ ।
ସକଳ ପାପ ହୋଇବ ଦହନ ।।
ଏ କଥାକୁ ଶୁଣି ରଚିଲି ଗୀତ ।
ଯେହୁ କୃପା କଲେ କମଳାକାନ୍ତ ।।
ମୋହର ଆଏତ ନୁହଇ ଏହିଂ ।
ପୁରୁଷୋତ୍ତମ ଦାସ ଗୀତେ କହଇଂ ।।

Colophon—ଏ ପୋସ୍ତେକ ତଳଗଡ଼ ପାଟଣା ମହେଶ୍ୱର ପଣ୍ଡାଙ୍କର ।

60

Cat. No. O. L./1025

ଦୁତିବାହନ ଓଷା ବା ଦୁତିଆ ଓଷା

କବି–ପୁରୁଷୋତ୍ତମ ଦାସ

Dutibahana Osha or Dutia Osha

By—Purusottama Dasa

Substance — Palm leaf. No. of folia—32, Size —32·6 × 3·1 C. M. Each side contains 3 to 4 lines. Character—Oriya. Date of Copy—C. 19th Century A. D. Complete. Condition—Good. Find spot — Presented by Prahlada Panda. Village Andilo, Post—Balianta, District—Puri. Name of the Scribe—Gauranga Nayak, Mauje—Andilo, Pragane Kothadesa.

Text same as in Cot. No. O. L. /1001

Colophon—ମୁକୁନ୍ଦଦେବ ତେଇଶି ଅଙ୍କରେ ।
ଲେଖା ଆଶିନ୍ୟ ମୂଳା ଅଷ୍ଟମୀରେ ।।
କୃଷ୍ଣପକ୍ଷ ଅଟେ ଅଷ୍ଟମୀ ଦିନ ।
ଏହୁ ଗ୍ରନ୍ଥ ଯେ ହୋଇଲା ସମ୍ପୂର୍ଣ୍ଣ ।।

ଆହେ ସୁଗ୍ୟଂଜନମାନେ ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ । ଲେଖନକାର ଦୋଷ ନ ଧରିବ । ଶ୍ରୀଗୁରୁଦେବ ଉଦ୍ଧାର କରିବେ ଅଧମ ଗୌରାଙ୍ଗ ନାୟକକୁ । ଶ୍ରୀ ରାଧାକାନ୍ତ ଶରଣ । ଏ ଦୁତିଆ ଓଷା ପୋଥି କଣ୍ଣ ପଡିଙ୍କର, ମୌ—ଅଣ୍ଡିଲୋ, ପ୍ର—କୋଠ—ଦେଶେ । ଲେଖିତଂ ଗୌରାଙ୍ଗ ନାୟକ, ମୌ—ଅଣ୍ଡିଲୋ ।

Digitized by PPRACHIN, SOA

61

Cat. No. Or. Pr/5

ଦୁତିବାହନ ଓଷା କଥା

Dutibahana Osha Katha

Substance — Palm leaf. No. of folia—62, Size —33·1 × 4 C. M. Each folia contains 5 to 8 lines, Character—Oriya. Date of copy—C. 18th Century A. D. Complete. Condition—Good. Find spot — Puri Town.

ଦୁତିବାହନ କଥା—ଯେକ ରାଜ୍ୟରେ ଯେକ ନଗର । ଚକୁଳିଆ ପଣ୍ଡା ବୋଲି ବ୍ରାହ୍ମଣ ଜଣେ ଅଛି । ତାହାର ଗ୍ରରି ପ୍ରାଣୀ । ସେ ବ୍ରାହ୍ମଣୀ ଭିକ୍ଷା ମାଗି ବଞ୍ଚଇ । ତାହାର କର୍ମ ଏମନ୍ତ । ପାଞ୍ଚ ଗାଂ ବୁଲିଲେ, ଗ୍ରଉଳ ଅବା ସେରେ ଧାନ ଅବା ସେରେ, ରବି ଅବା ସେରେ, ମାତ୍ର ମିଳଇ । ଯେହି ରୂପେ ତିନି ଗାଂ ବୁଲି ସେରେ । ସାତ ଗାଂ ବୁଲି ସେରେ ମିଳଇ । * * * ଶୁଣ ପ୍ରାଣୀମାନେ ସେହି ରାଜ୍ୟରେ ରାଜାଘରେ ବିଭାଘର ହୋଇଲା । ରାଜା ସେ ନଗ୍ରରେ ଧାନ କୁଟାଇଲା । ଯେମନ୍ତ ସମୟରେ ସେ ରାଣ୍ଡ ବ୍ରାହ୍ମଣୀର କେହି ନାହିଂ । ତାହାଘରେ ଧାନ ଉଆ ପଡ଼ିଅଛି । ସେ ବ୍ରାହ୍ମଣୀ ଧର୍ମ ଦେବତାଙ୍କୁ ସୁମରଣାଇଲା । ବୋଇଲା, ହେ ଧର୍ମଦେବତା, ଯେ ନଗ୍ର ବରଷା କରୁ । ମୋହ ଦୁଆରେ ଖରା କରିଥାଉ । ମୁଂ ତୋତେ ଆପଣା ଅଙ୍ଗ ସମର୍ପିବି । ଯେମନ୍ତେ ସେ ବ୍ରହ୍ମଣୀ ଯାହା ବିଗ୍ରରିଲା ସେହି ମାଫକେ ଯେହା ଦୁଆରେ ଖରା କରି ଥାଇ । ନଗ୍ର ଯାକରେ ବରଷିଲା । ସେ ବ୍ରାହ୍ମଣୀ ଧାନକୁଟି ରଜାଙ୍କ ଘରେ ଗ୍ରଉଳ ଦେଇ ଆସିଲା । * * * ଯେମନ୍ତେ ଈଶ୍ୱର କୃପାରୁ ଯେ ଦୁତିବାହନ ଓଷା ସଦାଜୟେ ସଂପୂର୍ଣ୍ଣ ଇତି କଥା ସମାପତ । ଶ୍ରୀଗୋପୀନାଥ ଉଦ୍ଧାର ହେ ।

There are some folia containing ପୁଷ ରବିବାର କଥା, ବିନାୟକ ବ୍ରତ କଥା, ନାଗଲ ଚଉଠୀ କଥା, ସୋମନାଥ ବ୍ରତ କଥା, ତେରପାଳି ବୁଧ ମଙ୍ଗଳବାର କଥା, ସୁବୁଦ୍ଧି ବୁଧବାର କଥା, ଶ୍ରୀରାମ ଜନ୍ମ କଥା, ଲକ୍ଷ୍ମୀନାରାୟଣ ପଞ୍ଚକ କଥା, ସଙ୍କଟାଇ କଥା, ଉଉରାଣୀ କଥା, ବାଲି ତୃତୀୟା କଥା, କେଦାର ବ୍ରତ କଥା, ରାଧାଜନ୍ମ କଥା, ମୁଗପାଟ ସଙ୍କରାନ୍ତି କଥା in the Manuscript,

No Colophon.

62

Cat. No. Or. Pr. /40

ଦୂତିବାହନ ଓଷା କଥା

Dutibahana Osha Katha

Substance — Palm leaf. No. of folia—17, Size—31·4 × 33 C. M. Each side contains 2 to 4 lines. Character—Oriya

Digitized by PPRACHIN, SOA

Date of Copy—Sana 1302 Sala 'or 1895 A. D. Complete. Condition—not so good. Find spot —Presented by Pandit Damodara Dasha. Bhubaneswar,—2, district Puri.

Text same as in Cat. No. Or. Pr./35.

Colophon—ଶ୍ରୀ ଶ୍ରୀ ରାମ ଶିବ ମଣ୍ଡପଠାରେ ଏ ପୁସ୍ତକ ସମାପ୍ତ । ସନ ୧୩୦୦ ଦୁଇ ୨ ସାଲେ ଭାଦ୍ରବ କୃଷ୍ଣ ପକ୍ଷ ଷଷ୍ଠୀ ରବିବାରେ ଏ ପୁସ୍ତକ ସମାପ୍ତ ।

63

Cat. No. Or. Pr. /35

ଦୂତିବାହନ କଥା

Dutibahana Katha

Substance —Palm leaf. No. of folia -18, Size —20·2 x 3·8 C. M. Each side contains 4 to 5 lines. Character —Oriya- Date of copy - C. 19th Century A. D. Complete. Condition . worm eaten. Find Spot - Presented by Abhirama Panda, collected from Salepur area, district Cuttack.

ଶ୍ରୀଦୁତିଆ ଓଷା କଥା ଲିଖ୍ୟତେ

ଆଶ୍ୱିନ୍ୟ ମାସେ କୃଷ୍ଣ ପକ୍ଷେ ରାଜାଙ୍କର ପିତୃପକ୍ଷ ପଡ଼ିଲା । ରାଜାଙ୍କ ଘରେ ଶ୍ରାଦ୍ଧ ନିମନ୍ତେ ଧାନ ଓରା ପଡ଼ିଲା । ଅଘର ଦ୍ୱାରେ ଉଆ ଉଷୁନା ଓରା ପଡ଼ିଲା । ସେଦିନ ବହୁତ ଝଡ଼ି ଦୁର୍ଗମ କଲା । ଧାନ ନଶୁଖିଲା । କେହି କୁଟି ନ ପାରିଲେ । ଗ୍ଊଳ ନମିଳିଲା । ମ ଘାସି (?) ନାମେ ଏକ ବ୍ରାହ୍ମଣୀ ଥିଲା । ବହୁତ କାଷ୍ଟା କଲା । ଗ୍ଊଳ ନିମିତ୍ତେ ଧାନ ଓରା ପଡ଼ିଲା । ସେ ଈଶ୍ୱରଙ୍କୁ ବହୁତ କାଷ୍ଟା କଲା । ବୋଇଲା ଭୋ ଦେବ ଈଶ୍ୱର, ମୋହୋ ଦୁଆରେ ଖରା କରିବ । ଉଆ ଉସୁନା ଧାନ ଶୁଖିବ । ମୁଂ ରାଜାଙ୍କୁ ଗ୍ଊଳ ଦେବି । ଏମନ୍ତେ ବହୁତ କାଷ୍ଟାରେ ଖରା କଲା । ଉଆ ଉଷୁନା ଧାନ ଗ୍ଊଳ ଦେଲା । ରାଜାଙ୍କ ଠାରେ ବହୁତ ପୌରସ ପାଇଲା । ଈଶ୍ୱର ତାକୁ ଜାଗ୍ରତେ କହିଲେ ତୁ ଯେ ଆମ୍ଭକୁ ସତ୍ୟ କଲୁ । ଆମ୍ଭେ କେଉଂଦିନ ତୋହଠାକୁ ଯିବୁ । ବ୍ରାହ୍ମଣୀ ସେହିଦିନ ଗୋଟିଏ କରାଳ ଦେଇଥିଲା । * * *

ଅପୁତ୍ରିକ ଲୋକ ପୁତ୍ରପାଏ । ବାଂଝୀମତ୍ରୀ ମଡ଼ିଛି କୁଷ୍ଠରୋଗ ନାଶ ହୁଏ । ଯେ କଥା କହିବ ତାଙ୍କୁ ଉତ୍ତମ କରି ବିଦା କରାଇବ । ଦୁତିବାହନଙ୍କ ପାଇଁ ଉତ୍ତମ କରି ଗୋଟିଏ ଲୁଗା କରିବ । ତାହା ବ୍ରାହ୍ମଣଙ୍କୁ ଦେବ ; ସବୁଫଳ ଫୁଲ ଦେବ । ଶ୍ରୀ ଦୁର୍ଗା ବ୍ରତ * * ସଂବାହନ ଗୋସାଇଂଙ୍କ ଓଷା କଥା ସମାପ୍ତ ।

No Colophon.

Digitized by PPRACHIN, SOA

64

Cat. No. Or. Pr./ 19

ଦୂତିବାହନ ବ୍ରତ କବି—ପୁରୁଷୋତ୍ତମ ଦାସ

Dutibahana Vrata By—Purusotama Dasa

Substance — Palm leaf. No. of folia -112, Size —33·8 x 3·2 C. M. Each side contains 3 to 6 lines. Character - Oriya. Date of Copy - C. 18th Century A. D. Complete. Condition - Badly worm eaten. Find spot - Presented by Dev Mohapatra, Dharadharpur, district Cuttack.

ଦୂତିବାହନଙ୍କ ଜନମ ଛାନ୍ଦ ପଢ଼ନ୍ତେ ଶୁଣନ୍ତେ ହୋଏ ଆନନ୍ଦ ।

ସେ ଧର୍ମ ନିରଞ୍ଜନଙ୍କ ଚରଣେ **ପୁରୁଷୋତ୍ତମ ଦାସ** ପଶେ ଶରଣେ ।

There are some folia Containing ସିଦ୍ଧ ବିନାୟକ ବ୍ରତ, ସୋମନାଥବ୍ରତ, ନାଗଚତୁର୍ଥୀ, ସୁଦଶାବ୍ରତ, ରବିନାରାୟଣବ୍ରତ, ଅନନ୍ତବ୍ରତ, ରାଧାଷ୍ଟମୀବ୍ରତ । in the manuscript, No Colophon.

65

Cat. No. O. L. /282

ଦୂତିଆ ଓଷା କବି—ବଳଭଦ୍ର ଦାସ

Dutia Osha By—Balabhadra Das

Substance —Palm leaf, No. of folia—46, Size —15·8 x 3·2 Cm. Each side contains 3 to 5 lines. Character—Oriya, Date of the Copy—C. 18th Century A. D., Complete. Condition—Badly worm-eaten. Find spot—Gada Manitri, P.-S. Begunia, district Puri.

ବିପ୍ର କହିଲେ ଏମନ୍ତ ଭାଷା, ପ୍ରଭୁ ରଖିବେ ମଢ଼ଛାଙ୍କ ଆଶା ।

ବଳଭଦ୍ର ଦାସ ପଶେ ଶରଣ, ସବୁ ଓଷାଇଟିକି ମାଗୁଛି ପୁଣ ।

ଇତି ଶାଧର୍ମ ପୁରାଣେ ଧର୍ମସୁତ ଦୂତୀୟା ଓଷା କଥନେ ଚଉଦ ଛାନ୍ଦ ସମ୍ପୂର୍ଣ୍ଣ ।

Colophon ଶ୍ରୀ ଗୋପୀନାଥ ଶରଣ ରଖିବେ ଅଧମ ଜନମାନଙ୍କୁ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣେ ଶରଣ ରଖିବେ ।

Digitized by PPRACHIN, SOA

66

Cat. No. O. L. /876

ଦୁତିଆ ଓଷା ଓ ଅନ୍ୟାନ୍ୟ କବି—ପୁରୁଷୋତ୍ତମ ଦାସ ଓ ଅନ୍ୟାନ୍ୟ

Dutia Osha and others By Purusottam Das and others

Substance —Palm leaf, No. of folia—128, Size —23·2 x 2·6 Cm. Each side cantains 3 to 4 lines. Character—Oriya. Date of Copy—C. 19th Century, Complete. Condition—Good. Find spot—Presented by Maheswar Misra, Raja Sunakhala, district Puri.

ଦୁତିଆ ଓଷା—

ଶ୍ରୀ ଗଣେଶାୟ ନମଃ

ଅବିଘ୍ନ ମସ୍ତୁ

ଜୟ ତୁ ଜୟ ଧର୍ମ ନିରଞ୍ଜନ, ଜୟ ତୁ ଜୟ ତୁ ଦୁତିବାହନ ।
ଯାହା ନାମ ଗୋଟି ସଂସାରେ ସାର, ଶୁଣିଲେ ନାନା ଦୋଷୁଂ ହୋଯେ ପାର
ଦୁତିୟା ଓଷାର ମହିଂମା ଯେତେ, କଥାବନ୍ଧ କରି କହିବା ଗୀତେ ।

* * *

ଦୁତିୟା ଓଷାର ଫଳ ବିଶେଷ, ଗୀତେ ଛନ୍ଦିଲେ ପ୍ରଦ୍ୟୁମ୍ନ ଦାସ ।

* * *

ନାଗଲ ଚତୁର୍ଥୀ ବ୍ରତ —

ଶୁଣ ସୁଜନେ ଗ୍ୟାନର ବିଧାନ, ଅନନ୍ତଙ୍କ ଠାରୁ ଗ୍ୟାନ ପୁଣ୍ୟମାନ ।
ଅନନ୍ତକୁ ଚିତ୍ତେ ସୁମରଣା କଲେ, ସକଳ ପାତକ ହରଇ ଭଲେ ।
ଅନନ୍ତର ନାମେ ଏ ଓଷା ହେଲା, କହିବା ତହିଂର ଚରିତ୍ର ଭଲ ।
ଅନନ୍ତଠାରୁ ସର୍ବନାଗ ଜାତ, କହିବା ତହିଂର ଚରିତ୍ର ଯାକ ।
କାର୍ତ୍ତିକ ଶୁକଳ ଚଉଠି ଓଷା, ତହିଂର ଚରିତ୍ର କହିବା ଭାଷା ।
ତୃତୀୟା ଦିନ ଅଧିବାସ କରିବ, ଚତୁର୍ଥୀ ଦିନ ସେ ଓଷା କରିବ ।

ଇତି ଶ୍ରୀ ସ୍କନ୍ଦପୁରାଣେ ନାଗୁଲୀଚତୁର୍ଥୀ କଥା ସମାପ୍ତ ।

There are some folia containing ଚିଢବ୍ରତ କଥା according to ଶିବ ପୁରଣ and first few chapters of ଦଶମସ୍କନ୍ଦ of the Bhagabata by ଜଗନ୍ନାଥ ଦାସ towards the end of the manuscript, No Colophon.

Digitized by PPRACHIN, SOA

67

Cat. No. O. L. /1296

ଦୁତିଆ ଓଷା କବି—ପୁରୁଷୋତ୍ତମ ଦାସ

Dutia Osha By—Purusottam Das

Substance —Palm leaf., No. of folia—31, Size —34 x 3·3 Cm. Each side contains 1 to 4 lines. Character—Oriya. Date of Copy—C. 19th Century A. D., Complete. Condition—Slightly damaged. Find spot—Presented by—Upendra Pati, village Gangeswarapur, P.-S. Bhubaneswar, district Puri.

ଜୟ ତୁ ଜୟ ଧର୍ମ ନିରଞ୍ଜନ,
ଜୟ ତୁ ଜୟ ଦୁତିବାହନ ।
ଯେହି ନାମ ଗୋଟି ସଂସାରେ ସାର, ଶୁଣିଲେ ନାନା ଦୋଷୁ ହୋଇବ ପାର ।
ଦୁତିୟା ଓଷାର ମହିଂମା ଯେତେ,
କଥା ଭାଙ୍ଗି କରି କହିବି କେତେ ।

* *

ଦୁତିବାହନଙ୍କ ମହିଂମା ଶେଷ,
ଗାତେ ଛନ୍ଦିଲେ ପୁରସ୍ତମ ଦାସ ।

* *

ଦୁତିବାହନଟି ଫଇକୀର ପୁତ୍ରୀ,
ରହିବ ପୁରାଣେ ଯେ ନାମ ଛିତି ।
ରାଣ୍ଡ ବ୍ରାହ୍ମଣୀ ଗ୍ଭେରୀ ରତି ଦୋଷେ,
ଏ ଘେନି ହୋଇଲେ ମୁଗଲ ଅଂଶେ ।

ଜୟ ବଳଭଦ୍ର ମହିଂମା ମୁହିଂ, ରାମ ରହିମ ଦୁହେଂ ବେନି ଭାଇ ।
ବଦ ଉଦିତ କି ରୂପେ ରହୁ, ହିନ୍ଦୁ ମୁସଲମାନ ଯେହୁ ମାରୁ ସେହୁ ।
ଶୁଣି ବିରେଧ କରିଥିଲେ ମନେ, ବଳଭଦ୍ର ରୂପେ ଦୁତି ବାହନେ ।
ଏକଥା ଯହୁଂ ଯେତେ ହେଲେ ଦୃଶ୍ୟ, ଗାତେ ଛନ୍ଦିଲେ ପୁରସ୍ତମ ଦାସ ।

ଇତି ଶ୍ରୀ ଦୁତିୟା ଓଷା ସମ୍ପୂର୍ଣ୍ଣ ।

Coiophon—ଭୀମସ୍ୟାଦି .. .. ନ ବଦ୍ୟ୦ ତ

Digitized by PPRACHIN, SOA

68

Cat. No. O. L. /1434

ଦୁତିଆ ଓଷା କବି—ପୁରୁଷୋତ୍ତମ ଦାସ

Dutia Osha By—Purusottam Dasa

Substance —Palm-leaf., No. of folia—44, Size —27·5 x 3·2 Cm. Each side contains 3 to 4 lines. Character—Oriya. Date of Copy—C. 19th Century A. D. Incomplete. Condition—Slightly damaged. Find spot —Presented by Lingaraja Sahu, village—Pathuri Pada, Kaia Pathara, P.-S. Banki, district Cuttack.

ଦୁତିୟା ଓଷାର ଫଳ ବିଶେଷ,
ଗାଏ ଛନ୍ଦିଲେ ପୁରୁଷୋତ୍ତମ ଦାସ
ଆଶ୍ୱିନ୍ୟ କୃଷ୍ଣ ସପତମୀ ଦିନ,
ଯେକବାର କରି ଓଷା ବିଧାନ ।
ନାନା ମେଷ୍ଟନରେ ହୋଯେ ସମ୍ପୁର୍ଣ୍ଣ,
କ୍ଷୀରି ପିଠା ଆଦି ଘୃତାଦି ଅନ୍ନ ।
ଯେକା ଲେଉଟିଆ ଶାଗକୁ ଛାଡି,
ସବୁ ପରିବା ଯେ ଯାହାକୁ ଲୋଡି ।
ଏ ମାନ ସଂଯୋଗ କରି ଥୋଇବ,
ସୁଗନ୍ଧ ଘେନି ସ୍ନାହାନକୁ ଯିବ ।
ହଳଦୀ ଅୟେଳା ସାବେତ୍ରୀ ମାନ,
ନବଗ୍ରହ ଆଦି ଯେତେ ବିଧାନ ।
ଏ ମାନ ଘେନି ସ୍ନାହାନ ସାରିବ,
ଚୀଲ ଶିଆଳଙ୍କୁ ଆଗେ ରଖିବ ।
ପୋଖରୀ କୂଳ ଓଳିଆଇ ଦେବ,
ବାଲିରେ ଚୀଲ ଶିଆଳ ଲେଖିବ ।

* * *

ତେଣୁ ସେ ଦୁତିବାହାନଙ୍କ ରସ,
ଗାଏ ଛନ୍ଦିଲେ ପୁରୁଷୋତ୍ତମ ଦାସ ।

No Colophon

69

Cat. No. Or. Pr./11

ଦୁତିୟା ଓଷା କବି—ପୁରୁଷୋତ୍ତମ ଦାସ

Dutia Osha By—Purusottam Das

Substance — Palm-leaf. No. of folia—62, Size — 30 x 3·1 Cm. Each side contains 2 to 5 lines. Character—Oriya. Date of Copy—C. 18th Century A. D. Complete. Condition—Badly worm-eaten. Find spot—Gadamanitri area, P.-S. Begunia, district Puri.

Text same as in Cat. No. O. L. /1434.

Colophon—ଗାଏ ପଦର ଛାନ୍ଦ, ପାଞ୍ଚଶହ ଅଠଷଠି ପଦରେ ସମ୍ପୂର୍ଣ୍ଣ ।

There are some folia containing Somanatha Vrata and Ananta Vrata at the beginning of the manuscript.

Digitized by PPRACHIN, SOA

70

Cat. No Or. Pr./31

ଦୁତିୟା ଓଷା   କବି—ପୁରୁଷୋତ୍ତମ ଦାସ

Dutia Osha   By—Purusottam Das

Substance — Palm-leaf. No. of folia 63., Size —21·8 x 3 Cm. Each side contains 3 to 5 lines. Character—Oriya. Date of Copy—C., 19th Century A. D. Complete, Condition—Slightly damaged. Find spot — Khurdha area, district Puri.

ଆର ଦିନ ପ୍ରାତଃ କାଳରୁ ଉଠି ନଦୀ ତୀରକୁ ଯିବ,
ଚୀଲ ଶିଆଳୀଙ୍କି ଫୁଲଫଳ ଦାନ୍ତକାଠି ଦେବ ।
ଏ ଉତାରୁ ଦାନ୍ତ ଘଷି ଆପଣା ସ୍ନାନ କରିବ,
ହରଗଉରାଙ୍କୁ ତୋଳି ଜଳରେ ମେଲିବ ।

ଏ ଉତାରୁ ଓଷା ପୂଜାରେ ଯେତେ ଗନ୍ଧ ସିନ୍ଧୁର ଦ୍ରବ୍ୟ ତାହା ରନ୍ଧନ କରି ବନ୍ଧୁ ବାନ୍ଧବଙ୍କୁ ଦେଇ ଆପଣେ ଭୋଜନ କରିବ । ଆଗ୍ରର୍ଯ୍ୟଙ୍କୁ ଦକ୍ଷିଣା ଦେବ ।

ଇତି ଶ୍ରୀ ଭବିଷ୍ୟାନ୍ତରେ ଦୁତିଆ ଓଷା କଥା ସମ୍ପୂର୍ଣ୍ଣ ।

Colophon—ହର ଯେ ମହାଦେବ ଉଦ୍ଧାର କରିବେ ଅଧମ ଲେଖକକାରକୁ ।

There are some folia containing Balitrutiya Vrata and worship at the beginning of the manuscript.

71

Cat No. Or. Pr /45

ଦୁତିୟା ଓଷା ଓ ଅନ୍ୟାନ୍ୟ

କବି ପୁରୁଷୋତ୍ତମ ଦାସ

Dutia Osha and others

By—Purusottam Das

Substance — Palm leaf., No. of folia—62., Size — 26.5 x 3.3 Cm. Each side contains 3 to 5 lines. Character—Oriya. Date of Copy—C. 19th Century A. D. Complete. Condition—not so Good. Find spot—Presented by Chaitanya Das, village—Andilo, Post—Balianta, district Puri.

Digitized by PPRACHIN, SOA

ବ୍ରାହ୍ମଣୀ କାହାଣୀ—

ଆଶ୍ୱିନ ମାସରେ କୃଷ୍ଣ ପକ୍ଷରେ ମୌଳା ଶ୍ରାଦ୍ଧ ପଡ଼ିଲା । ଅଷ୍ଟମୀ ଦିନ ରାଜାଘର ଶ୍ରାଦ୍ଧ ହୋଇଲା । ରାଜ୍ୟରେ ଧାନ କୁଟା ପଡ଼ିଲା । ସେ ନଗ୍ରେ ଏକ ରାଣ୍ଡୀବ୍ରାହ୍ମଣୀ ଥିଲା । ତାହା ଘରେ ଅରୁଆ ଗୁଣ୍ଡଳ ପାଇଂ ଧାନ କୁଟା ଦେଲେ । ମେଘ ବରଷା କଲା । ଝଡ଼ି ହୋଇଲା ଧାନ ନ ଶୁଖିଲା । ବ୍ରାହ୍ମଣୀ ବହୁତ ଆରତ ହୋଇଂ ଧର୍ମଦେବତାଙ୍କୁ ଗୁହାରି କଲା ।ବୋଇଲା ହେ ମହା ପ୍ର(ଭୁ) ମୁ ବଡ଼ ଅରକ୍ଷିତ । ରାଜାଘରେ ମୁଂ ଗୁଉଳ ନଦେଲେ ମୋ ବେପାର ସରିବ । ହେ ଧର୍ମ ଦେବତା ତୁମ୍ଭେ ଯେବେ ସତ୍ୟ ତେବେ ମୋ ଗୁହାରୀ ଶୁଣିମ । ମୋ ଘରଦ୍ୱାର ଛାଡ଼ି ଇନ୍ଦ୍ର ସବୁଠାରେ ବର୍ଷା କରିବ । ବ୍ରାହ୍ମଣୀର ଭକ୍ତି ଭାବ ଘେନି ଧର୍ମଦେବତା ତା ଦୁଆରେ ଖରା କଲେ । * * * * ତାହା ଦୁଆରେ ଲେଉଟିଆ ଶାଗ କିଆରିଏ ଥିଲା । ତହିଂ ଧର୍ମଦେବତାଙ୍କର ମନ ଉହିଥିଲା । ସେ ଶାଗକୁ ବ୍ରାହ୍ମଣୀ ଖାଇଲା । ତହିଂ ହେତୁରୁ ବ୍ରାହ୍ମଣୀ ଗର୍ଭବାସ ହୋଇଲା ।

There are same folia containing Somanatha Vrata, Kukkuti Vrata, Ravi Narayana Vrata and Mruguni Stuti in the Mansuscript.

No Colophon.

72

Cat. No. O. L./1029-B.

ଦୁତିଆ ଓଷା

କବି—ପୁରୁଷୋତ୍ତମ ଦାସ

Dutia Osha By—Purusottama Das

Substance — Palm leaf, No. of folia -38, Size — 24·7 x 3.. Cm. Each side contains 2 to 4 lines. Character—Oriya Date of Copy—C. 19th Century A. D. Complete. Condition—worm-eaten. Find spot—Gadamanitri, P.-S. Begunia, district Puri.

ସତ୍ୟ କରାଇଲେ ଦୂତୀ ବାମନ । ପୂଜିବେ ହିନ୍ଦୁ ମୁସଲମାନ ।।
ମହିଂମା ତେଣୁ ହୋଇଲା ବିଖ୍ୟାତ । ଗୀତେ ଛନ୍ଦିଲେ ପୁରୁଷୋତ୍ତମ ଦାସ ।।
ଏମନ୍ତ ଭାବେ ଯେ ଦୁତିଆ ଓଷା । ଦୂତୀ ବାମନଙ୍କୁ ପୂଜାର ଭାଷା ।।
* * *

ଯେ ଓଷା ସାମିଗିରି ଖାଇବ ନାହିଂ । ରାତ୍ରଥାଉ ସ୍ନାନ କରିବ ଯାଇ ।
ଆସି ରାନ୍ଧିବ ବିବିଧ ବେଞ୍ଜନ । ଖିରି ପିଠା ଆଦି ଘୃତାଦି ଅନ୍ନ ।
ପୁତ୍ର ଗୁରୁଷ୍ଟ ଏମାନଙ୍କୁ ଦେବ । ଆପଣେ ପୁଣି ଭୁଞ୍ଜି ବସିବ ।
ଏମନ୍ତ ହୋଇ ଯେ ଦୁତିଆ ଓଷା । କଲା ଲୋକର ପାଲଟଇ ଦଶା ।
ଏ ରୂପେ ମୋତେ ହୋଇଲାକ ଦୃଶ । ଗୀତେ ଛନ୍ଦିଲେ **ପୁରୁଷୋତ୍ତମ ଦାସ** ।

No Colophon.

Digitized by PPRACHIN, SOA

73

Cat. No. O. L./291-B.

ଦୁତୀୟ ଗୀତା କବ—କୃଷ୍ଣ ଦାସ

Dutiya Gita By—Krushna Das

Substance — Palm leaf, No. of folia—30., Size—41·3 x 3·4 Cms. Each side contains 4 to 5 lines. Character—Oriya. Date of Copy—1207 Sala or 1800 A. D.. Complete. Condition—Badly worm-eaten, Find spot — Dharadharapur, P.-S. Jagatsinghpur, district Cuttack. Name of the Scribe—Maguni Dasa.

ନମଇ ପ୍ରଭୁ ନାରାୟଣ ।
ଏ ଦେବ ସଂସାର ଧାରଣ ।

ନୀଳ ଜଳଦ ନିନ୍ଦେ କାୟେ ।
ଶ୍ରୀମୁଖ ସୁଧାକର ପ୍ରାୟେ ।

ସୁସଞ୍ଚ ନାସାପଦ୍ମନେତ୍ର ,
ସୁରଙ୍ଗ ଅଧର ପବିତ୍ର ।

କଣ୍ଠେ କଉସ୍ତୁଭମଣିହାର ,
ଭୂଷଣ ନାନା ଅଳଙ୍କାର ।

* * *

ସେ ପାଦପଦ୍ମକୁ ମୋ ଆଶ,
ଶରଣ ପଶେ କୃଷ୍ଣ ଦାସ ।

* * *

ପ୍ରଥମେ ଗୀତା ଯହୁଂ ଗଲା
ଦୁତୀଅ ଗୀତା ଉଦେ ହେଲା ।
ଅର୍ଜୁନ ଦ୍ଵାରକାରେ ଥାଇ
ବୋଲଇ କୃଷ୍ଣ ମୁଖ ଗ୍ଵହିଂ ।

* * *

ଦୁତୀୟଗୀତା ଏବେ କହ,
ମନରୁ ଫେଡ଼ ମୋ ସନ୍ଦେହ ।

* * *

Digitized by PPRACHIN, SOA

ଇତିଶ୍ରୀ ଦୁତୀଅଗୀତା ଗ୍ରନ୍ଥେ ମହାପୁରାଣେ ହରିଅର୍ଜୁନସମ୍ବାଦେ କ୍ରୋଧ ଅବସ୍ଥା କଥନେ ନାମ ପ୍ରଥମ ଅଧ୍ୟାୟ । ଇତି ଶ୍ରୀ...............ପ୍ରହଲ୍ଲାଦ ଚରିତ କଥନେ ନାମ ଦୁତୀୟ ଅଧ୍ୟାୟ, ଇତିଶ୍ରୀ.................

ବଡ଼ଇ ଯବା ଫିରି ଆଶ୍ରୟ,
ଉଣେ ନୃସିଂହ ଦାସ ଶିଷ୍ୟ ।
ପାମର **କୃଷ୍ଣ ଦାସ** କହି
ଦୁଇଶ ପଦେ ଯେହୁ ରହି ।

* * *

ଇତିଶ୍ରୀ..................ଗୂରୁମାତାଙ୍କ କାମନାବୋଧନେ ନାମ ଦ୍ୱାଦଶ ଅଧ୍ୟାୟ ।

ପ୍ରଥମ ଗୀତା ଦୁତୀୟ ଗୀତା ମିଶି ଚଉବିଶ ଅଧ୍ୟା ସମ୍ପୂର୍ଣ୍ଣ । ଦୁତୀୟ ଗୀତା ସମାପ୍ତ ।

Colphon—ୟେ ପୁସ୍ତକ ପଙ୍କପାଳ ଶାସନ ମଧ୍ୟେ ଶାଳ ଦକ୍ଷିଣ ଶାଲ ମାଗୁଣି ଦାସଙ୍କର ଅଧମ ଅପାଣ୍ଡୁକ ଲେଖନ ଧରି ଆସେ ନାହିଂ ସମସ୍ତ ମୁକୁନ୍ଦ ଦେବ ମହାରାଜାଙ୍କ ବିଜେ ଶୁଭରାଜ୍ୟେ ସମସ୍ତ ବାଇଶି ଅଙ୍କ ସନ ୧୨୦୭ ସାଲେ କକଡ଼ା ବାର ଦିନେ ଶ୍ରାବଣେ ମାସି ଶୁକ୍ଳ ପକ୍ଷେ ଅଦ୍ୟ ଷଷ୍ଠି ଆଡିଥୋଉ ବ୍ରୋହସୋତି ବାସରେ ଶ୍ରବଣା ନକ୍ଷତ୍ରେ ଏ ପୋଥି ସମ୍ପୂର୍ଣ୍ଣ ହେଲା । ଶ୍ରୀକୃଷ୍ଣଚନ୍ଦ୍ର ଉଧାର କରିବେ ଅଧମ ମାଗୁଣି ଦାସକୁ ।

ଭୀମସ୍ୟାପି......................... ପ୍ରତି ପାଳୟତେ ।

There are some folia Containing ଛତ୍ରରସଗୀତା by କୃଷ୍ଣ ଦାସ, ଏକାଦଶୀ ମାହାତ୍ମ୍ୟ by କୃଷ୍ଣ ଦାସ, ଲଖବିନ୍ଧା by ଦାମ ଦାସ and ଅଷ୍ଟାଦଶାକ୍ଷର ଗୋପାଳ ମନ୍ତ୍ର in the manuscript.

74

Cat. No. O. L./585

ଦୁତୀୟ ଗୀତା କବି—କୃଷ୍ଣ ଦାସ

Dutiya Gita By—Krushna Dasa

Substance—Palm leaf, No. of folio -93, Size —17·3 x 3·4 Cm. Each side contains 4 to 5 lines. Character—Oriya. Date of Copy—C. 18th Century A. D. Complete, Condition—Very badly worm-eaten. Find spot—Madhupura, district Cuttack.

Text same as in Cat. No. O. L. /367-B discussed previously.

No Colophon.

Digitized by PPRACHIN, SOA

75

Cat. No. O. L./633

ଦୁତୀୟ ଗୀତା   କବି—କୃଷ୍ଣ ଦାସ

Dutiya Gita   By—Krushna Dasa

Substance — Palm leaf., No. of folia—69, Size — 30 x 3·3 Cm. Each side contains 2 to 4 lines. Character—Oriya. Date of Copy—C. 19th Century A. D. Complete. Condition—Not so good. Find Spot—Presented by Damodara Dasa, Bhubaneswar-2, district Puri.

ଇତି ଶ୍ରୀଦୁତୀୟ ଗୀତା ରହସ୍ୟେ ମହାପୁରାଣେ ହରିଅର୍ଜୁନ ସମ୍ବାଦେ ଯମପୁର ମହିମା କଥନେ ମଥୁରା ପ୍ରବେଶେ ନାମ ଦ୍ୱାଦଶ ଅଧ୍ୟାୟ ।

The text same as in Cat. No. O. L. 367 B.

No Colophon.

76

Cat. No. O. L./1126

ଦୁତୀୟ ଗୀତା   କବି—କୃଷ୍ଣ ଦାସ

Dutya Gita   By—Krushna Dasa

Substance — Palm leaf. No. of folia -103, Size —19 x 3·1 Cm. Each side Contains 4 to 5 lines. Character - Oriya. Date of Copy - C., 19th Century A. D. Incomplete. Condition - worm eaten. Find spot - Presented by Dr. Bansidhara Mahanty, Head of the Department, Oriya, Utkal University, Vani Vihar, Bhubaneswar, district—Puri.

ବନ୍ଦଇ ଦେବ ନାରାୟଣ । ତୁ ଦେବ ସଂସାର କାରଣ ।
ନୀଳେନ୍ଦି ପଦ୍ମ ଜିଣି କାୟେ । ଶ୍ରୀମୁଖ ସୁଧାକର ପ୍ରାୟେ ।
ସୁସଞ୍ଚ ନାସା ପଦ୍ମନେତ୍ର । ସୁରଙ୍ଗ ଅଧର ବିଚିତ୍ର ।
କଣ୍ଠେ କୌସ୍ତୁଭ ମଣିହାର । ଭୂଷଣ ନାନା ଅଳଙ୍କାର ।।

*   *   *

ସୁଜନେ ହରିନାମ ଘୋଷ । ଭାବେ ଭଣଇ କୃଷ୍ଣ ଦାସ ।

ଇତି ଶ୍ରୀମତ୍ ଦୁତୀଅ ଗୀତା ମାହାପୁରାଣେ ହରିଅର୍ଜୁନ ସମ୍ବାଦେ କ୍ରୋଧ ବେବସ୍ଥା ନାମ ପ୍ରଥମ ଅଧ୍ୟାୟ ।

No Colphon.

Digitized by PPRACHIN, SOA

77

Cat. No. O. L./558-C

ଦୁତୀୟ ରସ

କବି— ତ୍ରିଲୋଚନ ବଳୟାର ସିଂହ

Dutiyarasa

By—Trilochana Baliarasingh

Substance — Palm leaf., No. of folia - 63, Size — 42·2 x 3·6 C. M. Each side Contains 4 to 5 lines. Character—Oriya, Date of Copy - C. 18th Century A. D. Complete Condition—Badly worm eaten. Find spot—Gadamanitri, P. S. Begunia, district Puri.

ଶ୍ରୀଗୁରୁଭ୍ୟୋ ନମଃ

ରାଗ—ଗୁର୍ଜରୀ—ପଢ଼ିତାନ୍ତ

ସଙ୍ଗମ ତିଆରି ବାଣୀରେ ଗାଇବ ।

ଜୟ ମଙ୍ଗଳ ନିଧାନ ଶ୍ରୀଜଗନ୍ନାଥ ।
ନବଘନ ଶ୍ୟାମ ଶଙ୍ଖ ରଥାଙ୍ଗ ହାଥ ।
ଦକ୍ଷିଣଜଳଧିତଟ ବଟ ନିକଟ ।
ମହତେଜ ରୂପମୟ ତେଜ ପ୍ରକଟ ।
ନୀଳଗିରି ଗଗନ-ନିର୍ମଳ-ଚନ୍ଦ୍ରମା ।
ମହତତ୍ତ୍ୱ-ବିଭୁ-ଭବ-ଲାବଣ୍ୟ-ସୀମା ।
ଶ୍ରୀପୁରୁଷୋତ୍ତମ ଶଙ୍ଖକାର ନଗରେ ।
ବ୍ରହ୍ମାଣ୍ଡେଶ ତୁଛରାଜ (?) ନିତ୍ୟେ ବିହରେ ।
ବନ୍ଦାରୁ ବୃନ୍ଦାରକ—ବୃନ୍ଦ ବନ୍ଦ୍ୟ ବିଭୁ ।
ସମସ୍ତ ବ୍ରହ୍ମାଣ୍ଡ ପ୍ରତିପାଳକ ପ୍ରଭୁ ।
ମୁନିମାନସର ପଦ ଶୋଣାରବିନ୍ଦ ।
ସ୍ୱର୍ଦ୍ଧୁନି ନୀର ନିକର ତା ମକରନ୍ଦ ।
ସାଧୁ ଜନ ମନ ମଧୁକରକୁ ଥାନ ।
କାମ ମୋକ୍ଷ ଧର୍ମାର୍ଥ ପରାଗ ଯେସନ ।
ଆନନ୍ଦ କନ୍ଦ ସମ୍ଭବ ଜ୍ଞାନାଦି ନାଳ ।
ସତ୍ତ୍ୱ ରଜ ତମ ତହିଂ କଣ୍ଟକ ଜାଲ ।
ପ୍ରଣବ ପ୍ରକାଶ ଅଣିମାଦି ତା ଦଳ ।
ଦଳେ ସମ ସଂଖ୍ୟା ଆର ନିତ୍ୟ ଅମଳ ।

* * *

ସେ ପ୍ରଭୁ ପୁରୁଷୋତ୍ତମେ ପ୍ରାସାଦ ଗର୍ଭେ,
ନିର୍ଭରେ ନିର୍ଲକ୍ଷେ ବିଜେ ଦାସ ସନ୍ଦର୍ଭେ ।
ଅବତାରୀ ରୂପେ ଏଥେ ବିଜେ ଅଚ୍ୟୁତ ।
ଯେଥୁ ଅବତାରମାନ ହୋଏ ସମ୍ଭୂତ ।

* * *

Digitized by PPRACHIN, SOA

ଶ୍ରୀପଦ୍ମପୁରାଣେ ସତାବନ ଅଧ୍ୟାରେ
ଅଛି ଏକ ଚରିତ୍ର ବିଚିତ୍ର ରସରେ ।
ପାର୍ବତୀଙ୍କି କହିଛନ୍ତି ନୀଳଲୋହିତ ।
ଶିଶୁପାଳ ଦନ୍ତବକ୍ର ହତ ଚରିତ ।
ଶୁଣ ବରାରୋହେ ପୁଣି ବଦତି ଶିବ ।
ପ୍ରକାଶିଲେ ଗୋପଲୀଳା ବିବିଧ ଭାବ ।
ଭାଷାମତେ ସେ ଚରିତ କରିବି ଗୀତ ।
ଏମନ୍ତ ପଥେ ପ୍ରସ୍ତର କରୁଛି ଚିତ ।
ପାରେଶ୍ୱର କହିଛନ୍ତି ବିଷ୍ଣୁ ପୁରାଣେ
ମନ ବଳୁଅଛି ଯେଥେ ସେହି କାରଣେ ।
କରଯୋଡ଼ି କହୁଅଛି ଖଳମାନଙ୍କୁ ।
ବିଦ୍ୟାଗର୍ବ ନ ବହିବ ଏହୁ ଗୀତକୁ ।
ତୁମ୍ଭଙ୍କୁ କରଯୋଡ଼ିଲେ ହୋଇବ କିସ ।
ସ୍ୱର୍ଣ୍ଣପେଟି ସର୍ପ ବିଷ ନକରେ ନାଶ ।
ସାଧୁଙ୍କୁ ଏଥି ଉତ୍ତାରୁ ଯୋଡୁଛି କର ।
ଭାଷା ଦୋଷ ଥିଲେ ସଦୟାରେ ଉଦ୍ଧର ।
ତ୍ରିଲୋଚନ ଦାସର ବିପତ୍ତି କାରଣ ।
ଦାରଣେ ବାରଣ ଅରି ହରି ଚରଣ ।
ଜୟ ନୀଳାଚଳ ଶିରି ବିଚିତ୍ରଇନ୍ଦୁ ।
ତ୍ରିଲୋଚନ ଦାସ ମନ-ନୟନ-ବିନ୍ଦୁ ।

* * *

ଅଷ୍ଟ ନାଏକା ବର୍ଣ୍ଣନା କହିଲି ଏ ଛାନ୍ଦେ ।
ଅଷ୍ଟବିଧି ସାତ୍ୱିକ କହିଲି ସଙ୍ଗେ ବନ୍ଧେ ।
ତ୍ରିଲୋଚନ ଦାସ ବଳଆର ସିଂହ ମନ
ଗୋପୀପତି ପଦାମ୍ବୁଜ ନିତ୍ୟେ କରେ ଧ୍ୟାନ ।

* * *

ସମସ୍ତଙ୍କୁହି ଯୋଗପୀଠେ ବସାଇ ବୋଇଲେ ବଇକୁଣ୍ଠ ଯାଅ ।
ଆମ୍ଭଙ୍କୁ ଆଶ୍ରୟ କଲାଫଳ ତୁମ୍ଭେ ଅଚ୍ୟୁତ ହୋଇ ରହିଥାଅ ।
ଆଗ୍ୟାଂ ହୋଇଲା ବୈକୁଣ୍ଠପୁର ତାଙ୍କୁ ବାସ ।
ଗୋ ଗୋପ ଗୋପୀ ରହିବାରୁଂ ସେ ପୁର ଗୋଲକ ନାମରେଂ ପ୍ରକାଶ ।
ତହୁଂ ଦ୍ୱାରକା ଗମନ ମନୋଗତ ସକଳ ବ୍ରହ୍ମାଣ୍ଡ ଈଶ୍ୱର ।
ତେଜି ଗୋପ ଦେଶ ବିମାନେ ପ୍ରବେଶ ବିମାନ ମଣ୍ଡିଲା ଆମ୍ବର ।
ଦିବ୍ୟ ଦେବତାଗଣରେ ସ୍ତୂୟମାନ ହୋଇ ।
ଦ୍ୱାରକା ନଗରକୁ କଲେ ବିଜୟେ ଅଶେଷ ବ୍ରହ୍ମାଣ୍ଡ ଗୋସାଇଂ ।
ପ୍ରବେଶେ ବସୁଦେବ ଉଗ୍ରସେନକୁ କଲେ ଯଥାବିଧି ଆନନ୍ଦ ।
ବଳଭଦ୍ର ପ୍ରଦଗ୍ନ (ପ୍ରଦ୍ୟୁମ୍ନ) ସହିତେ ନିକଟେ ପ୍ରବେଶ ହୋଏ ସୁତବୃନ୍ଦ ।
କଲେ ଯେ ଯାହା ପୂଜା ପୂଜ୍ୟତମମାନଙ୍କୁ ।
ଯୁବତୀ-ଜଳଧି ଦେଖି ସାନନ୍ଦିତ ଶ୍ୟାମଚନ୍ଦ୍ର କୃଷ୍ଣଚନ୍ଦ୍ରଙ୍କୁ ।

Digitized by PPRACHIN, SOA

ପ୍ରମବ୍ରହ୍ମ ପରମାନନ୍ଦ ଆନନ୍ଦ କନ୍ଦ ଶଚ୍ଚିଦାନନ୍ଦ ବିଭୁ ।
ଯୋଗୀ ମାନସ ଅରବିନ୍ଦ କଳିନ୍ଦ ଭଗତ ଜନ ପ୍ରିୟ ପ୍ରଭୁ ।
ପାଦ କମଳେ ଶରଣ **ତ୍ରିଲୋଚନ ଦାସ** ।
ବଳିଆର ସିଂହ ଏ ଚରିତ ରସ ଗୀତ ବାଟେଂ କଲା ପ୍ରକାଶ ।

Colphon—ଶ୍ରୀରାମଚନ୍ଦ୍ର ଶରଣଂ ମମ । ନନ୍ଦ ନନ୍ଦନ ପଦେ ଶରଣ ।

78

Cat. No. O. L./1558-E

ଦୁର୍ଗା ଆର୍ତ୍ତତ୍ରାଣ **କବି—ବାଳକବି**

Durga Arttatrana **By—Balakavi**

Substance — Pal m leaf. No. of folia - 90 Size 24·6 x 3·6 C. M. C. M. Each folia contains 2 to 4 lines. Character - Oriya. Date of copy - C., 19th Century A. D. Complete. Condition - Good. Find spot - Rudrapur, Chhatia., district—Cuttack.

ଦୁର୍ଗାଆର୍ତ୍ତତ୍ରାଣ ଲେଖ୍ନ—

କୃପାମୟୀ ବଦନ କରିଣ ଦରଶନ
କେଉଂ ଅଭଗ୍ୟ ଦୀନଜନ ।
କରିରିପୁ ପଛରେ କର ଦେଇଣ କରେ
କହୁଛି ନିଜ ଗୁଣମାନ ହେ ।
ଭଦ୍ରକାଳି !
କଲତ ଅନୀତି ବିପତ୍ତି ।
କହିବାକୁ ନାହିଂନା କ୍ଷିତି ।
କରି ମନ ଫୁରୁଣା କଲ ନାହିଂ କରୁଣା
କେତେ ହେଂ ଛାର ମୋ ଦୁଗତି ଗୋ !

* * *

ଛ ଛନ୍ଦେ ଛାର **ବାଲକବି** ।
ଭଗବତୀଙ୍କ ଚିତ୍ତେ ଭବି ।
କ୍ଷଣେ ମନେ ବିଗ୍ଭରି ବିଷୟା ଦୂର କରି
କ୍ଷମେ ମୁଂ ଅନ୍ତର ନୁହଇ ଗୋ !

There are some folia ଶିବ ଆର୍ତ୍ତତ୍ରାଣ ଭଜନ by କୃଷ୍ଣ ଦାସ, କୃପାସିନ୍ଧୁ ଜଣାଣ by କୃଷ୍ଣ ଦାସ, ବ୍ରହ୍ମନାରାୟଣ ମହିମା by ଜଗନ୍ନାଥ ଦାସ, ଧ୍ରୁବସ୍ତୁତି by ଜଗନ୍ନାଥ ଦାସ, ବୃନ୍ଦାବନ ପରିକ୍ରମା by ବଳରାମ ଦାସ, ଆଳତି ପରିକ୍ରମା by ଗଙ୍ଗା in the manuscripts.

No Colophon.

Digitized by PPRACHIN, SOA

79

Cat. No. O. L./833

ଦୁର୍ଗା କବଚ   କବି–ବାପୀ ଦାସ

Durga Kabacha   By—Bapi Dasa

Substance — Palm leaf. No. of folia -17, Size —22·2 x 3 C. M. Each side contains 3 to 4 lines. Character - Oriya. Date of Copy - C. 16th Century A. D. Incomplete, Condition - Not so Good. Find spot - National Library, New Delhi.

ଦୁର୍ଗାକପଚ ଯେ କପଚରୁ ସାର ।   ସାତ ବାତୁରି ଗର୍ଜିତା ଘର ।

*   *

ଯେ କପଚ ବିଧି ଦକ୍ଷିଣା କରି । ଆମ୍ଭେ ନପଢ଼ି ପଢ଼ାୟ ଯାବୁରି ।।
ଯେଉଂ ଦୀକ୍ଷାର ମନରେ ଅଇ ।   ସୋର୍ପ୍ନୟ ମାସକେ ପ୍ରାପତ ହଇ ।
ଗୋତ ଜନ୍ମଯାର ବାସନା ଥିବ ।   ସେ ସିନା କବଚ ଦୃଢ଼ କରିବ ।
ଯେଉଂ ଶାସ୍ତ୍ର ପଢ଼ି ୟମର ହଇ ।   ଯୋ ସାଧ୍ୟ ବିଦ୍ୟା ସାଧ୍ୟକୁ ୟଯି ।
ଏ କପଚହାର ହନ୍ତି ଯାର ।   କାଳମୃତି ଭୟ ନାହି ତାହାର ।

*   *   *

ଦାଣ ସିଂହାର ଭେଦ ମଥା ମୁଡ଼ି । କେହି ନକାଟନ୍ତି କପଚ ପଢ଼ି ।
ୟାପଣେ ପଢ଼ିବ ଗୁପତ କରି । କେବେ ହେ ପରହସ୍ତେ ନକରି ।

*   *   *

ଯେ କପଚ କହେ ଦେବାଧିରାଜ ।
କହେ **ବାପୀନାଥ** କପଚ ସାଜ ।

Colphon—ୟରକ୍ଷିତକୁ ସୁରକ୍ଷା କରିବ ।   ଥିଲ ନଥିଲ ପୁରାଇ ଗାଇବ
ଲେଖନଗାର ଦଶ ନଧରିବ ।   ମାତା ସୁରକ୍ଷା କରି କରିବ ।

80

Cat. No. O. L./299

ଦୁର୍ଗା ରହସ୍ୟ   କବି–ମଧୁସୂଦନ

Durga Rahasya   By—Madhusudan

Substance — Palm leaf, No. of Folia -31, Size —30.6 x 3.7 C. M. Each side contains 3 to 5 lines. Character—Oriya, Date of Copy—Sana 1256 sala or 1849 A. D., Complete, Condition wormeaten,. Find spot—Dharadharapur, Jagatasinghpur, District Cuttack. Name of the Scribe—Hari Panigrahi.

Digitized by PPRACHIN, SOA

ରାଗ—ମଙ୍ଗଳ

ଜୟ ଜୟ ଉମାସୁତ ଜୟ ବିଘ୍ନରାଜ,
ଜୟ ସୁର-ନିକର ବନ୍ଦିତ ପାଦ ଯୁଗ ହେ ।

ଜୟ ସଦାଶିବ ହୃଦମୋଦ ହି ବର୍ଦ୍ଧନ,
ଜୟ ଦେବ ସିନ୍ଦୁର ସୁନ୍ଦର ସୁବଦନ ହେ

* * *

ପୂର୍ବେ ତୁମ୍ଭ ମୁଖୁଂ ସର୍ବ ଧର୍ମ ଅଛୁ ଶୁଣି,
ଦୁର୍ଗା ଭଗବତୀଙ୍କ ଚରିତ କହ ପୁଣି ହେ ।

କେଉଂଠାରୁ ଉତପତି କି କର୍ମ ତାଙ୍କର,
କି କି କର୍ମ କରିଛନ୍ତି ଫଳ କି ପ୍ରକାର ହେ ।

ସେବା କରି ତାଙ୍କୁ କେ ବର ଅଛି ପାଇ,
ବିସ୍ତାରିଣ କହ ସର୍ବ ଗ୍ୟାଂତା ତ ଗୋସାଇଂ ହେ ।

* * *

ଯେତେ କହି ଚଣ୍ଡିକା ଚରଣେ ଦେଇ ମନ,
ଆରମ୍ଭିଲେ ଚଣ୍ଡୀପାଠ ମୁକୁନ୍ଦନନ୍ଦନ ହେ ।

ଶ୍ରୀମଧୁସୂଦନ ଦେବ ନୃପତି ବୋଲନ୍ତି,
ଯେ ଘୋର ସଙ୍କଟ୍ ମୋତେ ରଖନ୍ତୁ ପାର୍ବତୀ ହେ !

* * *

ଏହି ରୂପେ ମହା ପ୍ରଭାବରେ ମାୟା ହୋଇଲକ ଉତପତି,
ସତ, ରଜ, ତମ ଗୁଣ ଅବଲମ୍ବ କରି ପ୍ରକଟ ହୁଅନ୍ତି,
ସେ ସଦା,
ସୁରମାନଙ୍କ ମଙ୍ଗଳପ୍ରଦା ସେ,
ମହାଭୟ କାଳେ ଅଭୟଦା ସେ,
ଭକ୍ତଜନମାନଙ୍କ କାମପ୍ରଦା ସେ ।

ମାରକଣ୍ଡ ଋଷି ଚଣ୍ଡୀଗୁଣ ଭାଷି ପ୍ରକାଶିତ ପୁଣ୍ୟ ବନେ,
ଶୁଣି ମୁନିବୃନ୍ଦ ହୋଇଣ ଆନନ୍ଦ, ଚଳିଲେ ଯେ ଯାହା ସ୍ଥାନେ,
ସେ ଜନେ,
ଏଥି ବିଶ୍ୱାସ କର ଯତନେ ହେ,
ତୁମ୍ଭେ ବୁଦ୍ଧି ନ ଧର ଅଗ୍ୟାନେ ହେ,
ହେବ ଭୁକ୍ତି ମୁକ୍ତି ଏ ଗାୟନେ ସେ ।

Digitized by PPRACHIN, SOA

ଧରଣୀ ମଣ୍ଡଳୁ ଶ୍ରୀମଧୁସୂଦନ ଦେବକୂଳ ନୃପମଣି,
ଚଣ୍ଡିକାଚରଣ ତଳରେ ଶରଣ ହୋଇଂ ଦେଲେ ତୋଷେ ଭଣି
ସେ ଗ୍ୟାନୀ
ମାନେ ଗାଇବ ଭକ୍ତି କି ଘେନି ସେ,
ବାଞ୍ଛା ପୂର୍ଣ୍ଣ କରିବ ଜନନୀ ହେ,
ସୁଖେ ନେବ ଦିବସ ରଜନୀ ହେ,
ଭୃତ୍ୟ କରୁଛି ଯେତେ ଦୟିନି ହେ ।

Colophon —ସମସ୍ତ ରାମଚନ୍ଦ୍ର ଦେବଙ୍କ ୩୯ ଅଙ୍କ ସ୍ବ ବାରଶ ଛପନ ସାଲେ ତୁଳ ୱ୦ର ଦିନେ କାର୍ତ୍ତିକ ଶୁକ୍ଳ ପଞ୍ଚମୀ ପଣ୍ଡିତ ବାସରେ ବେଳ ବାର ୧୨ ଦଣ୍ଡ ଭିତରେ ଶ୍ରୀ ଶ୍ରୀ ଚଣ୍ଡୀଗୀତ ସମ୍ପୂର୍ଣ୍ଣ ହୋଇଲା । ଶ୍ରୀ ମାଆ ଦୁର୍ଗା ରକ୍ଷା କରିବେ ଅଧମଂ ବିପ୍ର ହରି ପାଣିଗ୍ରାହୀଙ୍କୁ । —— ଶ୍ରୀ ଶୁଭମସ୍ତୁ ——

81

Cat. No. O. L./315

ଦୁର୍ଗା ରହସ୍ୟ କବି–ମଧୁସୂଦନ ଦେବ

Durga Rahasya By—Madhusudan Deva

Substance —Palm leaf, No. of folia -24, Size —20.5 x 3.5 C. M. Each side contains 2 to 5 lines. Character—Oriya, Date of Copy - C. 19th Century, Incomplete, Condition—Badly, worm-eaten, Find spot —Dharadharapur Area, Jagatasinghapur, District Cuttack.

ଯେତେ କହି ଚଣ୍ଡିକା ଚରଣେ ଦେଇ ମନ,
ଆରମ୍ଭିଲେ ଚଣ୍ଡୀପାଠ ମୃକୁଣ୍ଡ ନନ୍ଦନ ହେ ।

ମଧୁସୂଦନ ଦେବ ନୃପତି ବୋଲନ୍ତି,
ଏ ଘୋର ସଙ୍କଟୁ ମୋତେ ରଖନ୍ତୁ ପାର୍ବତୀ ହେ ।

No Colophon.

The text is Same as in Cat. No. O. L./299

Digitized by PPRACHIN, SOA

82

Cat. No. O. L./1164

ଦୁର୍ଗ ରହସ୍ୟ ଓ ଅନ୍ୟାନ୍ୟ

କବି—ମଧୁସୂଦନ ନୃପ

Durga Rahasya and others

By—Madhusudan Nrupa

Substance —Palm leaf, No. of folia -62, Size —31·4 x 3·3 C. M. Each side contains 2 to 5 lines. Character - Oriya, Date of Copy - C., 19th Century A. D., Complete, Condition - Not so good. Find spot —Gadamanitri, P.-S.—Begunia, District -Puri.

ମାରକଣ୍ଡ ଋଷି ଚଣ୍ଡୀ ଗୁଣରାଶି ପ୍ରକାଶିଲେ ପୂର୍ଣ୍ୟବଳେ,
ଶୁଣି ମୁନିବୃନ୍ଦ ହୋଇଣ ଆନନ୍ଦ ଯେ ଯାହା ଆସ୍ଥାନେ ଗଲେ,
ହେ ଜନେ,
ଏଥି ବିଶ୍ୱାସ କର ଯତନେ ହେ,
ତୁମ୍ଭ ବୁଦ୍ଧି ନ ରହୁ ଅଜ୍ଞାନେ ହେ,
ହେବ ଭୁକ୍ତି ମୁକ୍ତି ଏ ଗାୟନେ ହେ ।

ଧରଣୀମଣ୍ଡନ ଶ୍ରୀ ମଧୁସୂଦନ ଦେବ ନୃପ କୁଳମଣି,
ଚଣ୍ଡିକା ଚରଣ ତଳରେ ଶରଣ ହୋଇ ତୋଷେ ଦେଲେ ଭଣି,
ହେ ଜ୍ଞାନୀ
ମାନେ ଗାଇବେ ଭକ୍ତି କି ଘେନି ହେ,
ବାଞ୍ଛା ପୂର୍ଣ୍ଣ କରିବେ ଜନନୀ ହେ,
ସୁଖେ ନେବ ଦିବସ ରଜନୀ ହେ ।

Colophone—ଯଦକ୍ଷରଂ ପରିଭ୍ରଷ୍ଟଂ ମାତ୍ରା ହୀନଂଚ ଯଦ୍ ଭବେତ୍,
କ୍ଷନ୍ତୁମର୍ହସି ମେ ଦେବୀ କସ୍ୟ ନ ସ୍ଖଳିତଂ ମନଃ ।

ମାତ୍ରାପଶ୍ଳୋକ ବିଗତେ ନ୍ୟୂନାଧିକା ଯେ ମମ ପାଠ ଦୋଷାଃ,
ଅନ୍ୟେପି ଦୋଷା ମମ ଦେବି ସହ୍ୟା ଯତୋଽହମଜ୍ଞୋ ଜନିତ ହ୍ୱୟୈବ ।

ଭୀମସ୍ୟାପି .... ନ ବିଦ୍ୟତେ

ଶ୍ରୀ ଦୁର୍ଗା ଦେବ୍ୟୈ ନମଃ

ଭଗବତୀ ଜଣାଣ —

କୃପାମୟୀ ଚରଣ କରିଣ ପ୍ରଦକ୍ଷିଣ କେବଳ କର୍ମହୀନ ଜନ,
କରିରିପୁ ପଛରେ କର ଦେଇ କପୋଳେ କହୁଛି ନିଜ କଷ୍ଟମାନ ଗୋ
ଭଗବତି
କଳତ ଅତିହିଁ ବିପତ୍ତି,
କହିବାକୁ କେ ଅଛି କ୍ଷିତି,
କରି ମନ ଦୁଃଖୁଣା କଲେ ନାହିଂ କରୁଣା କେତେ ହେଂ ଛାର ମୋ ବିଧଛି ଗୋ.

* * *

Digitized by PPRACHIN, SOA

କ୍ଷେମାକର ଷୋଡ଼ଶକଳା ସମ୍ପୂର୍ଣ୍ଣ ଦିନ, କ୍ଷୀର, ଖାର, ଆର୍ଦ୍ର ଆଣିଲି,
କ୍ଷୀଣଚନ୍ଦ୍ର ନିଶିରେ ଖଗଚରଣାଗ୍ଧ୍ରେ ଦିଶିତେ ମଧୁ ସମର୍ପିଲି ଗୋ,
ଭଗବତି
କ୍ଷାତ ଖେଚଡ଼ କୂଳ କଲି,
ଖଳଙ୍କ ସଙ୍ଗ ଦୂର କଲି,
କ୍ଷଷଦ୍ରେ **ବାଲକବ୍ର** ଛାଡି ସକଳ ଆଶା ଶ୍ରୀଭଗବତୀ ଆଶ୍ରେ କଲି ଗୋ ।

There are some folia containing ଯଜ୍ଞୋପବୀତ ମନ୍ତ୍ର, ଦୀପଦାନ ବିଧି ଶ୍ଳୋକାବଳୀ, ମନଶିକ୍ଷା towards the end of the manuscript.

83

Cat. No. Or. Pr./14

ଦୁର୍ଗାବ୍ରତ

Durgavrata

Substance — Palm leaf., No. of folia -34, Size —30·5 x 2·8 C. M. Each side contains 4 lines throughout the Manuscript Character—Oriya, Date of Copy—C. 18th Century, A. D. Condition—worm eaten. Incomplete. Find spot—Presented by Deva Mohapatra, Dharadharapur, District—Cuttack.

There are some folia containing କୁକ୍କୁଟୀବ୍ରତ and ଅନନ୍ତବ୍ରତ in the Manuscripts.

କୁକ୍କୁଟୀ ବ୍ରତ—ଯୁଧିଷ୍ଠିର ପଚ୍ଚରୁଂ ଅଛନ୍ତି—ହେ ପରମେଶ୍ୱର, ପୁରୁଷମାନଙ୍କୁ ନାନା ବ୍ରତମାନ କହିଅଛ । ସ୍ତ୍ରୀମାନେ ଯେ ଭବସାଗରରେ ପାରି ହୋଇବାକୁ ଉପାୟେ କି କୁହ । ସ୍ତ୍ରୀମାନେ ଯେ ଭବସାଗରରେ ଜାତ ହୋଇ ଅଛନ୍ତି । କି ବ୍ରତ କରିବେ, କି ପୁଣ୍ୟ କରିବେ, ତାହା କହିବାକୁ ହୋଉ । ଶ୍ରୀକୃଷ୍ଣ କହୁଅଛନ୍ତି—ହେ ଯୁଧିଷ୍ଠିର, ପୁରା ପୂର୍ବକାଳରେ ବ୍ରାହ୍ମଣ ବଂଶରେ ଜାତ ହୋଇଂ ଲୋମଶ ନାମ ଋଷି ମଥୁରାକୁ ଆସନ୍ତି, ତାଙ୍କୁ ବସୁଦେବ ଦେବକୀ ପୂଜାକଲେ । ଆସନରେ ବସାଇଲେ । ଦେବକୀ ପଚ୍ଚରୁ ଅଛନ୍ତି—ଭୋ ଋଷେ ନହୁଷ ବୋଲି ରାଜା କେ ତାହା ଭାର୍ଯ୍ୟା ଚନ୍ଦ୍ରମୁଖୀ ସେ ଅବା କେଉଂଦିନ ଦୁଃଖୀ ହୋଇଥିଲା । ସେ ଅବା କି ବ୍ରତ କଲା, କି ପୁଣ୍ୟ କଲା, ତହୁଂକରି କେମନ୍ତ ପ୍ରକାରେଣ ହୋଇ ସୌଭାଗ୍ୟବନ୍ତୀ ହୋଇ ରୂପବନ୍ତୀ କେମନ୍ତ ପ୍ରକାରେ ହୋଇଲା । ଯେହା ମୋତେ କହିବାକୁ ହୋଉଂ । .... ଇତି ଶ୍ରୀ ଭବିଷ୍ୟ ପୁରାଣେ କୁକ୍କୁଟୀ ବ୍ରତକଥା ସମାପ୍ତ ।......................ଇତି ଶ୍ରୀ ଦେବୀ ପୁରାଣେ ଦୁର୍ଗାବ୍ରତ କଥା ସମ୍ପୂର୍ଣ୍ଣ..........................ଶୁଣ ହେ ଯୁଧିଷ୍ଠିର—ତୁମ୍ଭେ ଯେ ଆମ୍ଭଙ୍କୁ ବ୍ରତ ପଚ୍ଚରିଲ । ଯେଥକୁ ବିଷ୍ଣୁର ସମ୍ବନ୍ଧୀ ଏକ ବ୍ରତ ଅନନ୍ତ ବ୍ରତ ଅଛି । ସେ ବ୍ରତ ପୂର୍ବକାଳରେ ଇନ୍ଦ୍ର କରିଅଛନ୍ତି । ସେ ବ୍ରତ ଭାଦ୍ରବ ମାସ ଶୁକ୍ଳ ପକ୍ଷରେ ଚତୁର୍ଦ୍ଦଶୀ ଦିନରେ ହୋଅଇ ।

No Colophon

Digitized by PPRACHIN, SOA

84

Cat. No. Or. Pr./26

ଦୁର୍ଗାଷ୍ଟମୀ ବ୍ରତ

Durgastami Vrata

Substance —Palm leaf, No. of folia—270. Size —23·2 x 3·1 C. M. Each side contains 3 to 5 lines. Character—Oriya, Date of Copy—C. 18th Century A. D. Complete. Condition—worm-eaten. Find spot—Bhawanipatna, District—Kalahandi.

କେଉଂ ନିଶି କାଳରେ ଦେବତା ମାନଙ୍କ ମଧ୍ୟରେ ବସି ନାରଦ ନାନା କଥା ମାନ କହନ୍ତେ ସନ୍ତୋଷ ହୋଇଲେ । ସେ ନାରଦଙ୍କୁ ଦେବତା ମାନେ ପଗ୍ଚରିଲେ ! ନାରଦ ଉବାଚ—ଦେବତାଏ କହୁଛନ୍ତି, ହେ ନାରଦ ! ଶୁମ୍ଭ ନିଶୁମ୍ଭ ଆଦି ଯେତେ ଦୁଷ୍ଟ ଜନ୍ତୁମାନେ ଥିଲେ ସେ ଅସୁର........................ସେହୁମାନେ ମହା ବଳୀଆର ଅଟନ୍ତି........................ହେ ନାରଦ, ସେ ଦୁର୍ଗାମାହାତ୍ମ୍ୟ ଶୁଣିମାକୁ ଆମ୍ଭେମାନେ ଇଛା କରୁଅଛୁ । ତୁମ୍ଭେ ସମସ୍ତ କଥା ଜାଣ । ସମସ୍ତେ ତୁମ୍ଭଙ୍କୁ ପୂଜା କରନ୍ତି । ତେଣୁ କରି ଆମ୍ଭେମାନେ ପଗ୍ଚରୁଅଛୁ । ତୁମ୍ଭେ କହ । ଦେବତା ମାନଙ୍କର ବଚନ ଶୁଣି ନାରଦ ଧ୍ୟାନ କଲେ । ଦେବୀଙ୍କର ଉତ୍ତମ ଚରିତ୍ର କଥା ମାନ ପୁରାଣ କରି ସବୁ କହିଲେ । ନାରଦ କହୁଅଛନ୍ତି ଦେବତାମାନଙ୍କ ଆଗରେ—ହେ ଦେବତାମାନେ ସେ ଦୁର୍ଗାଙ୍କ ଚରିତ୍ର ଶୁଣ । ସେ ଚରିତ୍ର ସକଳ କାର୍ଯ୍ୟମାନ ଦିଅଇ । ପୂର୍ବେ ସୋମ ଶାସନ ବୋଲି ସତ୍ୟ ଯୁଗେ ପାଟଣାଏ ଥିଲା । ରାଜା ସେ ମନ୍ତ୍ରୀକି ପଗ୍ଚରିଲେ—ଯମଲୋକ ଭୟ ନ ଲାଗିବ ଯେମନ୍ତେ ତାହା ଆମ୍ଭଙ୍କୁ କହ ।

There are some folia Containing ଗଣେଶ ବ୍ରତ କଥା, ସୋମନାଥ ବ୍ରତ କଥା, ପୂର୍ଣ୍ଣମୀ ଉପବାସ କଥା, କୃଷ୍ଣ ଜନ୍ମକଥା, ସାବିତ୍ରୀ ବ୍ରତ କଥା, ସୋମନାଥ ବ୍ରତ କଥା, ଏକାଦଶୀ ବ୍ରତକଥା, ଲକ୍ଷ୍ମୀ ନାରାୟଣ ବ୍ରତକଥା, ରବି ନାରାୟଣ ବ୍ରତକଥା, ଧାନମାଣିକା ଗୁରୁବାର କଥା, ତିଜ ବ୍ରତକଥା, ଗୁରୁବାର ଓଷା କଥା, ସୁଦଶା ବ୍ରତକଥା, ଦୁତି ବାହାନ ବ୍ରତକଥା, ଚୈତ୍ର ମଙ୍ଗଳବାର କଥା, ବୁଧବାର କଥା, ମହାଦୁର୍ଗା ମଙ୍ଗଳବାର କଥା, ଉତ୍ତରାୟଣୀ କଥା in the manuscript.

No, Colophon

85

Cat. No. O. L./1195

ଦୁର୍ଗାସ୍ତୁତି ଓ ଅନ୍ୟାନ୍ୟ

କବି—ଦୀନ ଜଗନ୍ନାଥ ଓ ଅନ୍ୟାନ୍ୟ

Durgastuti and others

By—Dina Jagannath and others

Substance —Palm leaf. No. of folia -19, Size —32·1 x 3·5 C. M. Each side contains 2 to 4 lines. Character Oriya. Date of Copy—C. 19th Century A. D. Complete. Condition—Good. Find spot—Village - RanaSinha Pur., P. S. Bhubaneswar, District - Puri.

Digitized by PPRACHIN, SOA

ଶ୍ରୀଦୁର୍ଗାସ୍ତୁତି—

ଜୟ ଜୟ ଦୁର୍ଗା ମାଗୋ ଜଗତ ତାରିଣୀ ।
ଦୁଷ୍ଟଦୈତ୍ୟ ନାଶ କରି ରଖିଲ ଧରଣୀ ॥
ଦେବତାଙ୍କୁ ରଖିଣ ଯେ ଭକ୍ଷିଲ ଅସୁର ।
ରକ୍ଷଣୀ ଭକ୍ଷଣୀ ନାମ ଅଟେ ଯେ ତୁମ୍ଭର ॥
ସ୍ଥାବର ଜଙ୍ଗମ କୀଟ ଆଦି ସ୍ୱରିଖାନି ।
ତୁମ୍ଭର ଅଙ୍ଗରୁ ଜାତ ହେଲେ ରୂପ ଘେନି ॥
ତେଣୁ କରି ତୁମ୍ଭ ନାମ ଅଟଇ ଅରୂପା ।
ପାଇଲୁ ପରମ ଗତି ଜପିଣ ଅଜପା ॥
ପ୍ରଥମରେ ଦୁର୍ଗାଦେବୀ ଦ୍ୱିତୀୟରେ ଉମା ।
ଅନନ୍ତ ନାମ ତୋହର ଅପାର ମହିମା ॥

* * *

ତୁମ୍ଭର ଚରଣ ମାଗୋ ରହୁ ମୋର ଚିର ।
କହେ **ଦୀନ ଜଗନ୍ନାଥ** ଭକ୍ତ ଆଦିମାତ ॥

ବୃନ୍ଦାବତୀ ସ୍ତୁତି—

ମାଗୋ ତୁଳସୀ ଦେବୀ
ଅଟୁ ଶ୍ରୀକୃଷ୍ଣ ପ୍ରାଣ ବଲ୍ଲଭୀ ॥
ପ୍ରଭାତୁ ଉଠିଣ ତୋ ମୁଖ ଗ୍ରହିଂଣ ସନ୍ଧ୍ୟାକାଳେ ସଞ୍ଜଦେଇ
ଓଦା ବସ୍ତ୍ର ପିନ୍ଧି ତୋ ପାଦ ସେବିଲେ ବୈକୁଣ୍ଠ ଲଭିବା ପାଇଂ ॥

* * *

ମୂଳେ ତୋର ବ୍ରହ୍ମା ଡ଼ାଳେ ତୋର ବିଷ୍ଣୁ
ପତ୍ରେ ଦେବତାଙ୍କ ବାସ ॥

ତୋ ପତ୍ର ପଡ଼ିଲେ ମଣୋହିଂ ହୁଅଇ
ଭଣଇ **ଗୋଲୋକ ଦାସ** ॥

ସର୍ବମଙ୍ଗଳା ସ୍ତୁତି—

ଅନୁଗ୍ରହ କର ସାରଳା ଦେବୀ କାଇ (?)
ଭଣିଲେ **ସାରଳା** ଦେବୀ ରଖନ୍ତୁ ମହାମାଇ ॥

* * *

ତୁମ୍ଭ ଚରଣେ ମୋର ରହୁ ମନ ସ୍ଥିତ ।
କହେ **ବୃନ୍ଦାବନ (ନ)** ଯେ ଉଦ୍ଧାର ଆଦିମାତ ॥

Digitized by PPRACHIN, SOA

86

Cat. No. O. L./420

ଦୁର୍ଜନରଞ୍ଜନ ପାଲି   କବି—କବିକର୍ଣ୍ଣ

Durjana Rajana Pala By—Kavikarnna

Substance — Palm leaf, No. of folia - 174, Size - 37·2 x 3·5 C. M. Each side contains 3—5 lines. Character - Oriya, Date of Copy - Sana 1307 Sala or 1900 A. D. Incomplete. Condition Badly worm-eaten. Find spot -Dharadharapur, District - Cuttack. Name of the scribe—Guru Prasada Rath.

ରାଜାର ମନ୍ଦିରେ ପ୍ରଭୁ ବିଜେ କଲେ ଯାଇ '
ଦେଖିଯା ଦୁର୍ଜନ ରାଜା ମନେ ବିସ୍ମରଇ '
କେଉଁ ପଥେ ଫକୀର ଚଳିଲ ନିଜ ଧାମ '
ହୀନ କବି ହେଟ ଭଜେ ପୀରେର କାଲାମ '

There are some folia containing ଭ୍ରମରବର ପାଲା, ରଙ୍ଗଲତା ପାଲା, ଲକ୍ଷ୍ମଣ କୁମର ପାଲା, ବିଦ୍ୟାଧର ପାଲା, ସତ୍ୟନାରାୟଣ ଜନ୍ମପାଲା and ମଦନସୁନ୍ଦର ପାଲା in the manuscripts.

Colophon—ମୁକୁନ୍ଦ ଦେବଙ୍କ ୨୩ ଅଙ୍କ ସନ ୧୩୦୭ ସାଲେ ମାହେ ମାର୍ଗଶୀର ଦି୨୫ନ ରବିବାରେ ବେଳ ଦ୨୪ଣ୍ଡ ସମୟରେ ଯେ ପୁସ୍ତକ ସମ୍ପୂର୍ଣ୍ଣ ହୋଇଲା । ଲେଖନକାର ଗୁରୁପ୍ରସାଦ ରଥ ।

87

Cat. No. O. L./1070

ଦୁର୍ଜନରଞ୍ଜନ ପାଲି   କବି—କବିକର୍ଣ୍ଣ

Durjan Rajan Pala By—Kavikarnna

Substance — Palm leaf, No. of folia -37, Size —19·9 x 3. C. M. Each side contains 3 to 4 lines. Character - Oriya, Date of Copy - C. 19th Century A. D. Incomplete, Condition - Not so good. Find spot - Presented by Krsna Chandra Das. Village - Bachhara, Post - Nuagaon, District - Puri.

ଏହି ମତି ଦୁର୍ଜନ ଯେ ଦୟା ନ ବସିଲ '
ଡ଼ଗରାକୁ ଆଜ୍ଞା ଦେଇ ଘରକୁ ଚଳିଲ ।
ଶ୍ରୀ କବିକର୍ଣ୍ଣେଟେ ବୋଲେ ସତ୍ୟପୀର କଥା '
ଶୁଣିଲେ କଲୁଷ ଯାଏ ସୁଖ ମିଳେ ଯଥା !

No Colophon.

Digitized by PPRACHIN, SOA

87

Cat. No. O. L./1079 (C)

ଦୁର୍ଜନରାଜନ ପାଲି   କବି-କବିକର୍ଣ୍ଣ

Durjan Rajana Pala   By—Kavikarnna

Substance —Palm leaf, No. of folia -14, Size 37·7 x 3·9 C. M. Each side contains 2 to 5 lines. Character - Oriya, date of Copy - C., 18th Century A. D., Complete, Condition - Badly wormeaten, Find spot -Presented by Kulamani Panda, village - Basantapur, Post - Nimapada, district - Puri.

The text same as in Cat. No. O. L. -1077 (B) discussed previously.

No Colophon.

88

Cat. No. O. L./1276

ଦୁର୍ଜନରାଜନ ପାଲି   କବି-କବିକର୍ଣ୍ଣ

Durjan Rajana Pala   By—Kavikarnna

Substance—Palm leaf., No. of folia -188, Size 28·6 x 3·2 C. M. Each side contains 4 to 6 lines. Character Oriya, date of Copy - C. 18th Century A. D., complete. condition—Good. Find spot—Gada Manitri, P. S.—Begunia, district—Puri.

ଆଗେ ବନ୍ଦିଲୁ ଆମି ପରମ ପୁରୁଷ ।
ଜ୍ୟୋତିର୍ମୟେ ହେନ ଭାବି ଯାହାର ସ୍ୱରୂପ ।
ଶୁଣ ସର୍ବେ ସଭାଜନେ ହୟା ଏକ ମନେ,
ଦୁର୍ଜନ ରାଜନ ବସିୟାଛେ ସିଂହାସନେ ।
ଆନନ୍ଦ ମନ ହୟା ରାଜା ରାଜ୍ୟେଶ୍ୱର,
ଅନେକ ଧନ ତାହାର ସଞ୍ଚିୟା ମନ୍ଦିର ।

*   *   *

Digitized by PPRACHIN, SOA

ଭିକ୍ଷା ସେ ସତ୍ୟପୀର ଚଳିଲେ ମନ୍ଦିରେ,
ସୁନ ହେ ଦୁର୍ଜନ ରାଜା ଭିକ୍ଷା ଦେବ ନରେ ।
ଦୁର୍ଜନ ଆଗେନ ତବେ କହେ ଲକ୍ଷ୍ମୀ ବର,
ଭିକ୍ଷା ଦେବା ମୋରେ ରାଜା ତୁମି ତତପର ।
ଦୁର୍ଜନ ବୋଲେନ ଆମାର ଘରେ ନାହିଂ ଧନ,
କେମନ କରିୟାଂ ଆମି ଦିବେ ତତଖନ ।

* * *

ଅପରାଧ କ୍ଷମା କର ଆମି ଦୀନଜନ,
ଶ୍ରୀସତ୍ୟନାରାୟଣ ପୂଜା ଦୁର୍ଜନ ରାଜନ ।

ଶହେ ଏକାନବେ ପଦରେ ସମ୍ପୂର୍ଣ୍ଣ ହୋଇଲା ।

There are some folia containing ବନ୍ଦନା, ଜନ୍ମପାଲ, ମର୍ଦଗାଜୀ ପାଲ, ବିଦ୍ୟାଧର ପାଲ, ପଦ୍ମଲୋଚନ ପାଲ, ଶ୍ୱେତ ବସନ୍ତ ପାଲ, ଗୁଡ଼ିଆ ଶଙ୍କର ପାଲ, ଚନ୍ଦ୍ରଜିତ ପାଲ, ମନୋହର ଫାଶିଆର ପଲା, by କବି କର୍ଣ୍ଣ in the manuscript

No colophon.

89

Cat. No. O. L./1077 (B)

ଦୁର୍ଜନସିଂହ ପାଲ୍ — କବି-କବିକର୍ଣ୍ଣ

Durjana Sinha Pala — By—Kavikarnna

Substance —Palm leaf, No. of folia—23, Size 41·7 x 3·5 C. M. Each side contains 3 to 4 lines. Character Oriya, date of Copy—C., 19th Century A. D. Complete, Condition — Good. Find spot—Bhubaneswar, district—Puri.

ଯେ ଦୁର୍ଜନ ସିଂହ ପାଲ ଲେଖନ ହୋଇ ।
ହରି ହରି ବୋଲ ହେ ସକଲ ବନ୍ଧୁଗନ ॥
ହୁଲହୁଲି ଦିଅଲେ ସକଲ ନାରୀଗନ ।
ଶୁନଶୁନ ସଭାଜନେ ହୋଇ ଏକମନ ॥
ଚନ୍ଦ୍ରାଜିତ ପାଲ ଆମି କରିବୁଂ ଗାୟନ ।
ଚନ୍ଦ୍ରାଜିତ ପିତା ନାମ ଦୁର୍ଜନ ରାଜନ ।
ବସଇ ସେ ମହାରାଜା ରତ୍ନ ସିଂହାସନ ।

* * *

Digitized by PPRACHIN, SOA

ଯେହି ରୂପେ ସର୍ବ ପାଲ୍ଲ ଅପୂର୍ବ କାହାନୀ
ଭବିଷ୍ୟପୁରାନ ଯେହା କହେ ବ୍ରହ୍ମ ମୁନି ।

* * *

ବଉଦ ରୂପରେ ପ୍ରଭୁ ବିଜେ ନୀଳଗିରି
ତୁମାର ନାମ ଧରିୟାଂ ପାପୀ ଗେଲ ତରି ।
ଶ୍ରୀ କବି ପଣ୍ଡିତ ଗାଏ ସତ୍ୟପୀର ପାଏ
ହରି ହରି ବୋଲ ଭାଇ ପାଲ୍ଲ ହେଲ୍ୟା ସାଯେ ।

* * *

ଇତିଶ୍ରୀ ଦୁର୍ଜ୍ଜନସିଂହ ପାଲ୍ଲ ସମାପ୍ତ ।

There is only one folio containing two Brajavoli Bhajanas

ବାଂଶୋରୀ ଭୟେଲୋ ସାରା ଦିନ ଘୁମୁ ଯାୟା ହୋ,
ଜଲକ ବିହିନେ ପଦ୍ମନ ନ ଫୁଟେ ଯେସନେ ଚନ୍ଦ୍ର ଚକୋରା ହୋ ।
ପୀତ ପତନୀ କେ ସେଜ ବିଛାୟାଂ
ତଦଗତ ଗିତ ହାମାର ହୋ ।
ବୃନ୍ଦାବି ବନ କେ କୁଞ୍ଜେ ଗଲି ମେ
ନୟନୁ ବହେ ପ୍ରେମ ଧାରା ହୋ ।
ଚନ୍ଦ୍ରସଖୀ ହିତ ବାଲକୃଷ୍ଣୋହବ
ଚରନେ କମଲ ଚିତଚୋରା ହୋ ।

* * *

ତୁମାର ବିନା ମେରୋ ପୂର୍ଣ୍ଣ ଖବର ନିଯେ
ଗୋବରଧନ ଗିରିଧାରୀ ।
ଗୋବରଧନ ଗିରି ମାଥ ପରେ ରାଖୋ
ଗୋକୁଲ କୁଲ ହିତକାରୀ ।
ଗୋପେ ରହିୟୋ ବୈଂଶରୀ ବାଜାୟୋ
ବଧ କିୟୋ ପୂତନା ଅସୁରୀ ।
କେଶୀ ଅଘା ବକା · ସହିତ ନାଶିଲ
ପାଦେ ମର୍ଦ୍ଦିଇ କାଲୀ ।
ମୀରା କହେ ପ୍ରଭୁ ଗିରୀଧର ନାଗର
ଚରନ କମଲେ ବଲିହାରୀ ।

Digitized by PPRACHIN, SOA

Cat. No. O. L./751

ଦୂତୀ ଚଉତିଶା   କବି-ସଦାନନ୍ଦ ଦାସ

Duti Chautisha   By—Sadananda Dasa

Substance — Palm leaf, No. of folia - 159, Size 32·5 x 3·4 C. M. Each side contains 3 to 5 lines. Character Oriya. Date of Copy - C., 19th Century A. D. Complete. Condition - Some folia are broken. Find spot - Kapileswara, Bhubaneswar, district Puri.

କହନ୍ତି ରାଧିକା ଦୂତୀ ଗଲି ନୀର ଆଣି ।
କାଳନ୍ଦୀରେ ସ୍ନାନ କରି ବୁଡ଼ାଇଲି ପାଣି ॥
କାଖେ କୁମ୍ଭ ଘେନି ମୁଂ ଆସିବାର ବେଳେ ।
କୋଟିଏ କନ୍ଦର୍ପ କଳା ଉଭା ତରୁ ମୂଳେ ॥
ଦୂତୀ ଗୋ
ମୁହିଂ ଦେଖିଲି କଦମ୍ବ ତରୁ ମୂଳେ ।
ସେହି ନନ୍ଦନନ୍ଦନଙ୍କୁ ଆଣିବ ନା ବେଳେ ॥

*   *   *

ଛଛନ୍ଦେ ଛାଡ଼ିଲ ଅଙ୍ଗୁ ଅନଙ୍ଗ ବାଧା ।
ଛଛନ୍ଦେ ଶ୍ରୀକୃଷ୍ଣ ରତି କଲେଟି ଶରଧା ॥
ଛଛନ୍ଦେ ଗାଇଲ କବି **ସଦାନନ୍ଦ** ରସି ।
ଛଛନ୍ଦେ ଶ୍ରୀ ରାଧାକୃଷ୍ଣ ପୀରତିରେ ଭାଷି ।

There are some folia containing ପିକବର ଚଉତିଶା by ଗୋବର୍ଦ୍ଧନ, କୁନ୍ଦଫୁଲ ଚଉତିଶା by ଭଗବାନ, ଉଦ୍ଧବ ଚଉତିଶା by ବଂଶୀ ଦାସ, କଂସଦୂତ ଚଉତିଶା by ଯଦୁ ଦାସ, ହନୁମାନ ଚଉତିଶା by ରାମାନୁଜ ଦାସ and others in the manuscript.

No colophon

Digitized by PPRACHIN, SOA

91

Cat. No. O. L./690

ଦୃଷ୍ଟାନ୍ତର ଚଉତିଶା ଓ ଅନ୍ୟାନ୍ୟ

କବି-ଦୀନକୃଷ୍ଣ ଦାସ ଓ ଅନ୍ୟାନ୍ୟ

Drustantar Chautisha and others

By—Dinakrushna Das and others

Substance — Palm leaf, No. of folia -171, Size —37·7 x 3·7 C. M. each side contains 1 to 7 lines. Character - Oriya, Date of Copy - C., 19th Century. Complete, Condition - Badly worm eaten. Find spot - Gada Tapanga, P.-S. Khurda, District Puri

ଦୃଷ୍ଟାନ୍ତର ଚଉତିଶା—

ରାଗ—ବଙ୍ଗାଳଶ୍ରୀ

କମଳ ନୟନ ଦୂତୀକର ଧରି କହନ୍ତି ବିନୟ କରି,
କେଉଁ ଦୋଷକୁ ମୋ ବିଷୟରେ ରୋଷ କରିଅଛି ଜୀବେଶ୍ୱରୀ ।
କାରଣ ନ ଥାଇ ପ୍ରଭୁ କୋପକଲେ ଚହିଁକି ନାହିଁ ଉପାୟେ ।
କେବଳ ଜାଣିଲି କୁମତି ଗୁଆଂର କବିତ୍ୱ ବୁଝିବା ପ୍ରାୟେ ।

*   *   *

କ୍ଷେମେ ଚଳ ମୁଂ ଏହି କୁଞ୍ଜେ ରହିଲି ତୋହେ ଆସିବାକୁ ଗ୍ରହିଂ
ଛନ୍ଦ ରହିତ ପକ୍ଷୀ ପୋତ ପରାୟେ ଅକଥ୍ୟ ଦଶାକୁ ବହି ।
ଛଛନ୍ଦ ହୋଇ ଦୂତୀ ବେଗେ ଚଳିଲା କ୍ଷିତି ମଣ୍ଡନକୁ ରଖି,
କ୍ଷୀନ ମତି **ଦୀନକୃଷ୍ଣ** କହେ ଯେହେ ଆନନ୍ଦେ ବସାଇ ଭୋଖି ।

ପଣ୍ଡିତବୋଧ ଚଉତିଶା—

ରାଗ—ଗୁର୍ଜ୍ଜରୀ

କଞ୍ଜ ଲୋଚନୀ ଅଗ୍ରତେ କହେ କାନ୍ତ ଗ୍ରଟୁବାଣୀ କିକାରଣେ ମୋରେ ରାଗ କରିଛ ରମା
କୁରଙ୍ଗଧର ବିପକ୍ଷ କରିବ ମୋ ତନୁ ନାଶ କମଳସୁତବଦନୀ କରତୁ କ୍ଷମା ।
କାଳ କାଳ କାଳ ଏ ଘନ—
କେସନେ ତୋ ସଙ୍ଗ ବିନୁ ଥିବୁ ଜୀବନ ।

*   *   *

କ୍ଷିତିବଳୟମଣ୍ଡନୀ କାନ୍ତ ଅନୁନୟ ଘେନି ଛାଡ଼ିଲା ହୃଦରୁ ମାନ ରମଣୀମଣି,
କ୍ଷୀରସିନ୍ଧୁସୁତମୁଖୀ କାନ୍ତରେ ହୋଇଣ ସୁଖୀ ଚଟକେ ଚଳିଲା ଗଳେ ସୁବାହୁ ବେନି
କ୍ଷୀରଜା ପତିର ଚରଣ
କ୍ଷେମେ ନୃପ **ଧନଞ୍ଜୟ** ପଶେ ଶରଣ ।

Digitized by PPRACHIN, SOA

ପାଦାନ୍ତ ଯମକ ଚଉତିଶା—

ଆଷାଢ଼ ଶୁକ୍ଳ ବାଣୀରେ ଗାଇବ ।

କୃଷ୍ଣ ଦୂତୀକି କହିଲେ ନିବେଦନା, କହିବୁ ରାଧା ଆଗେ ମୋ ବେଦନା,
କୁରଙ୍ଗନୟନୀ ଚନ୍ଦ୍ରବଦନା, କାମଶାସ୍ତ୍ରଦୀକ୍ଷା କୁନ୍ଦରଦନା ।
କାମିନୀବନ୍ଦନା,
କିମ୍ବା କ୍ରୋଧ କଲା କେଳିସଦନା ।

* * *

କ୍ଷଟକ ହାସୀକି ଗଲି ଶରଣ, କ୍ଷେମାଦିନ୍ଧୁ ନାଶୁ କାମ ମାରଣ ।
କ୍ଷୋଭ ନାଶି ଗତି ଜିତ ବାରଣ, ଛାଡ଼ୁ ରୋଷ ଦୁଃଖୁ କରୁ ତାରଣ ।
କ୍ଷେତ୍ରଜ୍ଞ ଚରଣ
କ୍ଷେମେ ଚିନ୍ତେ ଭଞ୍ଜ ହରିଶରଣ ।

ନୀଳକଣ୍ଠ ଚଉତିଶା—

ରାଗ——କାମୋଦୀ

କ୍ଷୋଭନାଶିନୀ ଆଗେ କହିଦୁ ତୋର ଦାସ ଜଣାଉ ଅଛି କର ଯୋଡ଼ି
ଛଟକ ବେଣୀ ତୋର ପାଦ ଧୂଳି ତା ଶିରେ ଦେଲେ ପାଇବ ଜରି ଶାଢ଼ୀ ।
ଗୋ ଠାକୁରାଣି !
ଛଛନ୍ଦେ ଦେଇ ଭାବରସ ।
କ୍ଷତି ମଣ୍ଡନୀ ପାଶେ ଘୋଷ ।
କ୍ଷନ୍ଦେ ଗୋପୀଚରଣ ସେବି **ହରି ଶରଣ ଭଞ୍ଜ** କହଇ ଯେହୁ ରସ ।

ଦୃଷ୍ଟାନ୍ତର ଚଉତିଶା—

ରାଗ—ବଙ୍ଗାଳଶ୍ରୀ

କହଇ ଦୂତୀ ରାଧିକା କର ଧରି କୃଷ୍ଣର ବିରହ ଦୁଃଖ ।
କଉଂ ଦୋଷକୁ ରୋଷ କରି କାନ୍ତକୁ କଲୁଟୁ ଏତେ ବିମୁଖ ।
କେ ସେ କାହାକୁ କେତେ ଦୂର ଅନ୍ତର ଯେହା ନ ବିଗରୁ ମନେ ।
କଞ୍ଜ କୁମୁଦକାନ୍ତ ରବି ଚନ୍ଦ୍ରମା କହନ୍ତି ଜଗତ ଜନେ ।
କାନକଟା କୀଟ କା କାନ କାଟିଛି କେହି ନକରେ ବିବେକ ।
କଳଙ୍କ ଦିଅନ୍ତି ଅକଳଙ୍କ ଜନେ ଏହି ରୂପେ ଅବିବେକ ।
କଲେ ହେଂ ଦୋଷ ନିଜ ଦାସେ କରିବା ଭୟ ଦେଖାଇ ସଦୟେ ।
କଠିଣ କୋମଳ ବାହିଜ ଅନ୍ତରେ କଓଦରୀ ଫଳ ପ୍ରାୟେ ।

* * *

Digitized by PPRACHIN, SOA

ଛିଡ଼ଇ ଗୁଣ ଟାଣ ଧନୁ ମଧ୍ୟରୁଂ ଛନ୍ଦିବା ଓଟାରି ବଳେ
ଛାର ସାମୁକ ପଙ୍କ ପାନ..................ମୁଖ କମଳେ ।
ଛାଡ଼ି କର୍କଶ ହୃଦ କରି କୋମଳ ପ୍ରେମ ଅଙ୍କୁର ପ୍ରକାଶ
ଛଛନ୍ଦେ ମନ ମୁକୁରକୁ ମାଜି ତୁ ହରି ପ୍ରତିବିମ୍ବ ବିଃ ।
ଛାଡ଼ ଧର ହୋଅ ଅସାଧୁ ସାଧୁଙ୍କ ଗରଳ ଅମୃତ ଭୋଗ
.......................ଶ୍ୱେତ ପକ୍ଷରେ ହେଲେ ସଂଯୋଗ ।
ଛାଇ ଯେସନେ ଯେମନ୍ତକୁ ତେମନ୍ତ କ୍ଷେମାନିଧି ସେହି ରୂପ ।
କ୍ଷଣକେ ଭଗତି ଭୂମି ଦାନ ଦ୍ୟନ୍ତି କୃପାକଲେ ଭକ୍ତ ଭୂପ ।

ପୂରବୀ ଚଉତିଶା—

କଉଂ କାମୁକ ବିରହେ ରହେ କାନ୍ତା ଚିନ୍ତା କରି ବାଧା ସହେ
କାମେ ଉନ୍ମାଦ ଦଶା...................................କହେ।

ରେ କାମଦୂହା,

କଳାଗୋରୀ କାମକେଳି କାମଦୁହାରେ ।
କରି ଏକା ତଟେ କଳି ଦେହ ଲହେ ।
କାମ କାଣ୍ଡ ସୁହାନିକି ଯାଇ କୁହାରେ ।

* * *

ଆରେ କ୍ଷମାଳୟା

କ୍ଷମା ଭୂଷା ମୋତେ କରିଥିବୁ ଦୟା ।।
କ୍ଷୟକୃତ ମୋର ଚିତ୍ତ ସୟଭୟ 1

No Colophon

92

Cat. No. O. L./170

ଦେଉଳ ତୋଳା — କବି-ଦାମ ଦାସ

Deula Tola — By—Dama Dasa

Substance —Palm leaf, No. of folia—122, Size 38·1 x 3·6 C. M. Each side contains 3.-4 lines. Character—Oriya. Date of Copy—1763 A. D. Complete. Condition—Good. Find spot—Puri Town.

ଠାକୁରେ ବୋଇଲେ ରାଜା ମାଗ ତୁମ୍ଭ ହିତେ
ତୋର ପାଇଂ ବର ମାଗ ବୋଇଲେ ଜଗନ୍ନାଥେ ।।
ଇନ୍ଦ୍ର ଯେ ଦ୍ୟୁମନ ବୋଇଲା ଯେବେ ଦେବ ବର ।
ସତ୍ୟ ଯେବେ କରିଥିବ ପ୍ରଭୁ ଚକ୍ରଧର ।।
ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଂ ।
ମୋହୋର ବଂଶରେ କେହି ନଥିବେ ଗୋସାଇଂ ।।

Digitized by PPRACHIN, SOA

ଠାକୁରେ ବୋଇଲେ ଏହା ମାଗିଲୁ କିଂପାଇଂ ।
ତୋତେ ଘେନି ଯୁଗ ରାଜ୍ୟ କରୁଥିବି ମୁହିଂ ॥
ଇନ୍ଦ୍ର ଯେ ଦ୍ୟୁମନ ବୋଇଲା ତେଣେ କାର୍ଯ୍ୟ ନାହିଂ ।
ସବୁ ଦିନକୁଇ ଯେହୁ କଥା ଥିବ ରହି ॥
ପୁଅ ନାତି ଥିବେ ବୋଲିବେ ଦେଉଳ ମୋହୋର ।
ମୋହୋର ବୋଇଲେ ଧର୍ମ ଛାଡ଼ିବ ଶ୍ରୀରୀର ॥
ଇନ୍ଦ୍ର ଯେ ଦ୍ୟୁମନ ରାଜା କହିଲା ବିଶ୍ୱାସ ।
ଜଗନ୍ନାଥ ଆଜ୍ଞାକୁ କହିଲେ **ଦାମ ଦାସ** ॥

Colophon—ଶ୍ରୀ ବୀରକେଶରୀ ଦେବ ମହାରାଜାଙ୍କ ବିଜେ ଶୁଭ ରାଜ୍ୟେ ଯମସ୍ତ ୩୩ ଅଙ୍କ ମିଥୁନ ଦି ୩୧ ନେ ଆଷାଢ଼ ଶୁକ୍ଳ ତୃତୀୟା ବୁଧବାରେ ଯେ ଦେଉଳ ତୋଳା ସମ୍ପୂର୍ଣ୍ଣ ହେଲା । ଯଥା ଦୃଷ୍ଟ ତଥା ଲେଖନ । ଭୀମସ୍ୟାପି———— ନବିଦ୍ୟତେ । ଶ୍ରୀ ରାମକୃଷ୍ଣ ଉଦ୍ଧର ଅଧମ ସେବକକୁ ।

There are some folia containing ଜଳଧର ଚଉତିଶା by ଲୋକନାଥ ଗୋବିନ୍ଦ ବିଳାସ by ଗୋପୀନାଥ, ସର୍ବାଙ୍ଗସୁନ୍ଦରୀ by ଲୋକନାଥ towards the end of the manuscript.

93

Cat. No. O. L./279

ଦେଉଳ ତୋଳା   କବି–ଦାମ ଦାସ

Deula Tola   By—Dama Dasa

Substance — Palm leaf, No. of folia—78, Size 27·8 x 3 C. M. Each side contains 3 lines throughout the manuscript. Character—Oriya, Date of Copy—C. 19th Century A. D. Complete. Condition - Good. Find spot - Dharadharpur, area, Jagatasinghpur, District—Cuttack. Name of the scribe—Anadi Nayaka.

ତୁମ୍ଭେ ଯେବେ ବରଦେବ ମାଗୁଅଛି ମୁହିଂ,
ମୋହର ବଂଶରେ କେହି ନଥିବେ ଗୋସାଇଂ ।

* * *

ପୁଅ ନାତି ଥିଲେ ବୋଲିବେ ଦେବତା ଆମ୍ଭର
ଏମନ୍ତ ବୋଇଲେ ଧର୍ମ ଛାଡ଼ିବ ମୋହର ।
ଇନ୍ଦ୍ରଦ୍ୟୁମନ ବୋଇଂଲା ବର ମାଗୁଅଛି ମୁହିଂ
ଏମନ୍ତ ଆଗ୍ୟାଂ ଗୋଟି ମତେ ଦେବାକୁ ଗୋସାଇଂ
ହଉ ବୋଲି ଆଗ୍ୟାଂ ଦେଲେ କମଳା ବିଳାସ,
କ୍ଷେତ୍ର ମହାପ୍ରଭୁଙ୍କୁ ଶରଣ **ଦାମ ଦାସ** ।

Colophon—ସମସ୍ତ ସତେଇଶି ଅଙ୍କ ଶାହୀ ବିଛା ଦି୯ନେ ଚନ୍ଦ୍ରମାନେ ମାର୍ଗଶୀର କୃଷ୍ଣପକ୍ଷ ସମବାରେ ପଞ୍ଚମୀ ଏ ଦିନ ବେଳ ଦ[illegible]ଲିତା ଠାରେ ଏ ପୋସ୍ତେକ ଲେଖା ବଢ଼ିଲା । ଶ୍ରୀରାଧାକାନ୍ତ ରକ୍ଷାକରିବେ ଅନାଦି ନାଏକକୁ ।

Digitized by PPRACHIN, SOA

94

Cat. No. O. L/487

ଦେଉଳ ତୋଳା   କବି—ଦାମ ଦାସ

Deula Tola   By—Dama Dasa

Substance —Palm leaf, No. of folia—51, Size 21·5 x 4 C. M. Each side contains 4 to 7 lines. Character - Oriya. Date of Copy -C., 19th Century A. D. Complete. Condition—Wormeaten Find spot—Haladia, P. S. Khurda, District—Puri. Name of the Scribe - Vidyadhara.

ଏହା ଯେ ଶୁଣିମ ତାର ପାପ ହୋଏ ଧ୍ୱଂସ,
କ୍ଷେତ୍ରମାହାତ୍ମ୍ୟ କହେ ଶିଶୁ ଦାମ ଦାସ ।

ଶ୍ରୀ ଦେଉଳ ତୋଳା ପୋସ୍ତେକ ସଦାଙ୍ଗଏ ସଂପୂର୍ଣ୍ଣ ।

Colophon—ଶ୍ରୀବୀର ଶ୍ରୀଦେବ ମହାରାଜାଙ୍କ ସମସ୍ତ ୨୩ ଅଙ୍କ ସିଂହ ଦି୨୦ନେ ଅଶିଣ ମାସ ଶୁକଳ ପକ୍ଷ ଏକବାର ଦିନ ଲେଖା ସଂପୂର୍ଣ୍ଣ ହେଲା । ଆହେ ସୁଗ୍ୟଂଜନମାନେ ଶୁଦ୍ଧ ଅଶୁଦ୍ଧ ପୁରୋଇ ଗାଇବ, ଲେଖନକାର ବିଦ୍ୟାଧର ଦୋଷ ନ ଧରିବ, ଏ ପୁସ୍ତେକ ବଡ଼ମା ଜିଲେ ପଛିମ ଦିଗ ମୌଜେ ଖଏରପଙ୍ଗା ଭଜମନ ବଳିଆର ସିଂହଙ୍କର । ଏ ପୋସ୍ତେକ ଯେ ମାଗିନେବ ତା ସପ୍ତପୁରୁଷ ତଳ, ଏହାଙ୍କ ସପ୍ତପୁରୁଷ ଉପର । ଶ୍ରୀ ଶ୍ରୀ ଜଗନ୍ନାଥେ ରକ୍ଷାକରିବେ ଅଧମ ବିଦ୍ୟାଧରକୁ । ଶ୍ରୀ ଜଗନ୍ନାଥଙ୍କୁ ଶରଣ ।

95

Cat. No. O. L./654

ଦେଉଳ ତୋଳା   କବି—ଦାମ ଦାସ

Deula Tola   By—Dama Dasa

Substance —Palm leaf, No. of folia 56, Size—26·4 x 3·7 C. M. Each side contains 3 to 4 lines. Character - Oriya. Date of Copy—C. 19th Century A. D. Incomplete. Condition—Not so Good. Find spot—Presented by Shri Damodara Dasha Sharma' Bhubaneswar-2, District—Puri.

No Colophon.

The text is same as in Cat. No. O. L./297 discussed previouslp.

Digitized by PPRACHIN, SOA

96

Cat. No. O. L./1044

ଦେଉଳତୋଳା କବି—ଦାମ ଦାସ

Deula Tola By—Dama Dasa

Substance — Palm leaf, No. of folia -47, Size 25·4 x 2·8 C. M. Each side contains 3 to 4 lines. Character - Oriya. Date of Copy - C. 19th Century A. D. Incomplete. Condition - Badly wormeaten. Find spot - Presented by Shri Narayana Behera, Ranasinghpur, P.-S. -Bhubaneswar, district—Puri.

The text same as in Cat. No. O. L./297, discussed previously.

No Colophon.

97

Cat. No. OL/1282

ଦେଉଳ ତୋଳା କବି—ଦାମଦାସ

Deula Tola By—Dama Das

Substance —Palm leaf, No. of folia—85, Size 15.7 x 3.2 C. M. Each side contains 3 to 5 lines. Character - Oriya. Date of Copy - C., 18th Century A. D. Complete, Condition - Badly wormeaten. Find spot - Presented by Shri G. B. Jena, village Orakala, P.-S. - Bhubaneswar, district Puri.

ନୀଳାଞ୍ଚଳେ ବିଜେ କଲେ ତ୍ରୈଲୋକ୍ୟ ଗୋସାଇଂ
ବାରମାସ ଛତିସ ଯେ ପରବ ଭିଆଇଂ ।।

ଇନ୍ଦ୍ରଦ୍ୟୁମନ କହିଲ ତହିଂର ସନ୍ଦେଶ,
ଜଗନ୍ନାଥ ପ୍ରସନ୍ନେ କହିଲେ **ଦାମ ଦାସ** ।।

କ୍ଷେତ୍ର ମାହାତମ ଯେ କହିଲେ ଇତିହାସ୍ୟ,
ଜଗନ୍ନାଥ ସେବି କହିଲେ **ଦାମ ଦାସ** ।।

ହରି ଚରଣ ଅମୃତ ରସ ଧ୍ୱନି ।
ମହାପାପ ଖଣ୍ଡିବ ଏ ଦାରୁବ୍ରହ୍ମ ଶୁଣି ।।

ଶର୍ବଣେ ଶୁଣିଣ ଦାନ ପୁଣ୍ୟ କରୁଥିବ ।
ଜଗନ୍ନାଥ ବଚନେ ଯେ ଏ ଫଳ ପାଇବ ।।

ଇତି ଶ୍ରୀ ଦେଉଳ ତୋଳା ସମ୍ପୂର୍ଣ୍ଣ ।

Colophon—ଆହେ ସୁଗ୍ୟଂଜନମାନେ ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ । ଲେଖନକାର ଦୋଷ ନ ଧରିବେ । ଯଥା ଦୃଷ୍ଟି ତଥା ଲେଖ୍ନ ।

Digitized by PPRACHIN, SOA

୨୪

Cat. OL./386

ଦେଉଳ ତୋଳା

କବି—ମାଗୁଣି ଜ୍ୟୋତିଷ

Deula Tola By—Maguni Jyotisa

Substance — Palm leaf, No. of folia -61, Size 31·2 x 3·3 C. M. Each side contains 2 to 5 lines. Character - Oriya, Date of Copy - C., 19th Century A. D., Complete, Condition - worm-eaten. Find spot - Bhubaneswar, district—Puri.

ଶ୍ରୀଗଣେଶାୟ ନମଃ

ଅବିଘ୍ନ ମସ୍ତୁ

ନମଇ ଶାରଦା ଚରଣ, ଆଜ ମୁ ପଶିଲି ଶରଣ ।
ନମୋ ଶାରଦା ପାଦେ ପଡ଼ି, ବର ମାଗଇ କର ଯୋଡ଼ି ।
ତୋ ଅନୁଗ୍ରହ ମୋତେ ହେଉ, ସଂସାରେ ମୋର ଯଶ ରହୁ ।

* * *

ଶୁକ ମୁନିଙ୍କ ପାଦେ ପଡ଼ି, ବୋଲେ ପରୀକ୍ଷ କର ଯୋଡ଼ି ।
ହେ ମୁନି ନମୁ ତୋ ଚରଣେ, ସଂଶୟ ହେଲା ମୋର ମନେ ।

କହ ହେ କଳିଯୁଗ ଗତି, ଶୁଣିଲେ ଲଭିବା ମୁକତି ।
କଳିଯୁଗରେ ବିଷ୍ଣୁ ଜାତ, କି ରୂପେ ହୋଇବେ ବିଖ୍ୟାତ ।

କହନ୍ତି ଶୁକ ମହାମୁନି, ଶୁଣ ପରୀକ୍ଷ ରାଜା ଧ୍ୟାନୀ ।
କଳିଯୁଗରେ ଅବତାର, ବିଜୟେ ଶ୍ରୀନୀଳକନ୍ଦର ।
ଗୁପତେ ନୀଳ ଯେ ମାଧବ, ପୂଜେ ଶବର ବସୁଦେବ ।।

* * *

କେବଳ ଆଶ୍ରେ ଚକ୍ରପାଣି, କହିଲ **ଜ୍ୟୋତିଷ ମାଗୁଣି** ।

ଇତି ଶ୍ରୀ ଅସନ୍ଦ ପୁରାଣେ ଇନ୍ଦ୍ରଦ୍ୟୁମ୍ନ ଦୂତ ବିଦ୍ୟାପତି ବ୍ରାହ୍ମଣ ଶବର ଶବରପଲ୍ଲୀରେ ପ୍ରବେଶ ନାମ ପ୍ରଥମ ଅଧ୍ୟାୟ ।

* * *

Digitized by PPRACHIN, SOA

ଦେଉଳତୋଳାର ପୁରାଣ, ଶୁଣନ୍ତେ କଳୁଷ ନାଶନ ।
ଅସନ୍ଦ ପୁରାଣେ ଯେ ରସ, କହିଲ **ମାଗୁଣି ଜ୍ୟୋତିଷ** ।

ଇତି ଶ୍ରୀଅସନ୍ଦ ପୁରାଣେ ବିଦ୍ୟାପତି ବ୍ରାହ୍ମଣ ରାଜା ଆଗେ ଶ୍ରୀନୀଳକନ୍ଦର ମାହାତ୍ମ୍ୟ କଥନେ ନାମ ଦ୍ୱିତୀୟଅଧ୍ୟାୟ ।

* * *

ଦେଉଳ ତୋଳାର ଚରିତ, କହିଲ **ମାଗୁଣି** ପଣ୍ଡିତ ।
ଯେତେର ମୋହର ମାଗୁଣି, ଶରଣ ରଖ କମ୍ବୁପାଣି ।

ଇତି ଶ୍ରୀ ମଦ୍ ଭାଗବତେ ମହାପୁରାଣେ ଦେଉଳ ତୋଳା ପ୍ରତିଷ୍ଠା ବିଧାନେ ଶ୍ରୀ ବ୍ରହ୍ମା ଇନ୍ଦ୍ର ଗାଲମାଧବ କଳି କଥନେ ନାମ ତୃତୀୟଅଧ୍ୟାୟ ।

* * *

ଇତି ଶ୍ରୀ ......ଶ୍ରୀଦାରୁବ୍ରହ୍ମ ବିଷୟ ବୃଦ୍ଧ ବଢ଼ାଇ ଅନନ୍ତ ମାହାରଣା ନିର୍ବାଣ କଥନେ ନାମ ଚତୁର୍ଥଅଧ୍ୟାୟ ।

* * *

ଦେଉଳ ତୋଳାର ପୁରାଣ, ଶୁଣନ୍ତେ କଳୁଷ ନାଶନ ।
ହୃଦରେ ତତ୍ତ୍ୱ କରି ଘେନ, ପାଇବ ବୈକୁଣ୍ଠେ ଥାନ ।
ଅପୁତ୍ରୀ ହୋଏ ପୁତ୍ରବନ୍ତ, ନିର୍ଧନ ଲଭେ ବହୁ ବିତ୍ତ ।

* * *

ଦେଉଳ ତୋଳାର ଯେ ରସ, କହିଲ **ମାଗୁଣି ଜ୍ୟୋତିଷ** ।
ଏ ଅଧ୍ୟା ପାଞ୍ଚ ସମାପତ, ଦେଉଳ ତୋଳାର ଚରିତ ।

ଇତି ଶ୍ରୀଅସନ୍ଦ ପୁରାଣେ ଦେଉଳ ତୋଳାର ଚରିତ କଥନେ ଶ୍ରୀଦାରୁ ବ୍ରହ୍ମ ବଉଦରୂପ ସିଂହାସନ ବିଜୟେ ନାମ ପଞ୍ଚମଅଧ୍ୟାୟ ।

* * *

No Colphon

There are some folia Contaning ମୃଗୁଣୀ ସ୍ତୁତି by ବଳରାମ ଦାସ at the begining of the manuscript.

Digitized by PPRACHIN, SOA

99

Cat. No. O. L. 979

ଦେଉଳତୋଳା କବ—ମାଗୁଣି ଜ୍ୟୋତିଷ

Deulatola By Maguni Jyotisha

Substance—Palmleaf, No. of folia—82, Size 19·5 X 3·1 Cm. Each side contains 2 to 5 lines. Character Oriya, Date of copy—Sana 1319 sala or 1912 A. D. Complete, Condition—wormeaten Findspot—Bhubaneswar, Dist.—Puri, Name of the scribe—Gauranga Kundu.

ଯେଥି ଉତାରୁ ଯେବେ ଶୁଣ, କହିବା କ୍ଷେତ୍ରର ବିଧାନ ।
କେବଣ କ୍ଷେତ୍ର ଏ ବୋଲଇ, କହ ତୁ ମୋତେ ତ ବୁଝାଇ ।

* * *

ଯେ ଶଂଖ ଲଭିର ମଧ୍ୟର, ସମସ୍ତ କ୍ଷେତ୍ରଙ୍କର ସାର ।

* * *

ଯେହୁ କରନ୍ତି ପ୍ରଦକ୍ଷିଣ, ହୁଅଇ କଲୁଷ ଖଣ୍ଡନ ।
ତା ପରେ ନୀଳଚକ୍ର ଦେଖି, ଭଯେ ବୁଜିଲେ ବେନି ଆଖି ।

ଦକ୍ଷିଣ ବେଢ଼ା ପାଶ୍ବରେ, ଅଛନ୍ତି ବରେହା ସେଠାରେ ।
ପଶ୍ଚିମ ପାଶ୍ବରେ ଯାଇଂ ନୃସିଂହ ଅଛନ୍ତି ସେ ରହି ।

* * *

ଉତର ବେଢ଼ା ପାଶ୍ବରେ, ବାମନ ଅଛନ୍ତି ସେଠାରେ ।
ଯେମନ୍ତେ ପ୍ରଦକ୍ଷିଣ କରି, ଦଉଳେ ଦେଖିବ ଶୀହରି ।

* * *

ବଟ ମହିମା ଯେବେ ଶୁଣ, ସେ ବଟ ବିଷ୍ଣୁ ନାରାୟେଣ ।
ବଟମୂଳରେ ବଟେଶ୍ୱର, ସେ ବଟେ ତାଙ୍କ ଅଧିକାର ।

ନିର୍ମଳ ମନ କରି ଶୁଣ, ରୋହେଣୀ କୁଣ୍ଡର ବିଧାନ ।
ସେ କୁଣ୍ଡେ କାକ ଚତୁଭୁଜ, ଅମର ହୋଇ ପକ୍ଷୀରାଜ ।

ଏ ଅଗ୍ନିକୋଣେ କ୍ଷେତ୍ରପାଳ, ଦ୍ରଶନେ ନ ଦଣ୍ଡଇ କାଳ ।
ତହୁଂ ବାହୁଡିଣ ଆସିବ, ଅନନ୍ତଶେଯ୍ୟାରେ ଭେଟିବ ।

ଏହାଙ୍କ ନଇରତ କୋଣେ, ଅଛନ୍ତି କପିଳମୋଚନେ ।

* * *

Digitized by PPRACHIN, SOA

ଯହୁଂ ସେ ଶଙ୍ଖପ୍ରନାଳରେ, ଅଛନ୍ତି ନୀଳକଣ୍ଠେଶ୍ୱରେ ।

* * *

ଏଥି ଉତ୍ତାରୁ ବେଲେଶ୍ୱରେ, ଅଛନ୍ତି କ୍ଷେତ୍ରର ପ୍ରାନ୍ତରେ ।

* *

ଉତ୍ତରେ ଛନ୍ତି ମହେଶ୍ୱର, ମାର୍କଣ୍ଡ ନାମଟି ଯାହାର ।
ବ୍ରହ୍ମଂ ପ୍ରଳୟ ଯାର ନାହିଂ ଉତ୍ତର ମାଡିଛନ୍ତି ରହି ।

କ୍ଷେତ୍ରେ ପରିଛା ତାକୁ ଜାଣି, ଦର୍ଶନ କରେ ଯେଉଂ ପ୍ରାଣୀ ।
ଈଶାନେ ଛନ୍ତୀଶାନେଶ୍ୱର, ମହା ମହିମା ଯୋଗେଶ୍ୱର ।

* * *

ଶୁଣ ନୃପତି ମନହିରେ, ଦକ୍ଷିଣେ ଛନ୍ତି ଯମେଶ୍ୱରେ ।
ଦକ୍ଷିଣ ମାଡି ସେ ଅଛନ୍ତି, ଯେ କ୍ଷେତ୍ରେ ପ୍ରଧାନ ଅଟନ୍ତି ।

* * *

ପଶ୍ଚିମେ ଛନ୍ତି ଲେକେଶ୍ୱର, କ୍ଷେତ୍ରରେ ତାଙ୍କ ଅଧିକାର ।
ନୃପତି ଯେବେ ହୋ ଶୁଣିବା, ଅଷ୍ଟଚଣ୍ଡୀଙ୍କି ଯେ କହିବା ।
ଅଛନ୍ତି ପଶ୍ଚିମେ କ୍ଷେତ୍ରରେ, ସର୍ବମଙ୍ଗଳାଇ ସେଠାରେ ।

* * *

ଦକ୍ଷିଣେ ଛନ୍ତି ଚଣ୍ଡୀ ମୁଣ୍ଡୀ, ତାଙ୍କୁ ସେବିଲେ ପାପ ଖଣ୍ଡି ।
କାଳିକା ଛନ୍ତି ବାବ୍ୟ କୋଣେ, କାଳ ନ ରହେ ତା ଦ୍ରଶନେ ।

ବିମଳା ନୈଋତେ ଅଛନ୍ତି, ସେ ମହାମାୟୀ ଯେ ଅଟନ୍ତି ।
ତାହାଙ୍କୁ ବିଷ୍ଣୁ ଅଙ୍ଗିକାର, ବିମଳା ନାମ ଯେ କ୍ଷେତ୍ରର ।

* * *

ଉତ୍ତରପାରୁଶରେ ପୁଣି, ରହିଛି ଯେ ଉତ୍ତରାୟଣୀ ।
ବାମପାରୁଶେ ଅଛି ମାଡି, କାଳକୁ ଦେଇଛି ଘଉଡି ।

ବଟମଙ୍ଗଳା ବଟରାଣୀ, ଦ୍ରଶନେ କଳୁଷ ନାଶେନି ।
ଦେଉଳ ତୋଳାର ପୁରାଣ, ସୁଜନେ କଳୁଷ ନାଶନ ।

* * *

ସୁଜନେ ନ ଧରିବା ଦୋଷ, ମୁଂ ତୁମ୍ଭ ଭୃତ୍ୟଙ୍କର ଶିଷ୍ୟ ।
ଦେଉଳ ତୋଳାର ଯେ ରସ, କହିଲ **ମାଗୁଣି କେୟାଭଷ** ।
ପଞ୍ଚମ ଅଧ୍ୟା ସମାପତ, ଦେଉଳତୋଳାର ଚରିତ୍ର ।

Digitized by PPRACHIN, SOA

ଇତି ଶ୍ରୀଅଚ୍ଛନ୍ଦ ପୁରାଣେ, ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ବଧାନେ ଦେଉଳ ତୋଳା ଚରିତ୍ର କଥନେ ନାମ ପଞ୍ଚମଅଧ୍ୟାୟ ।

Colophon—ଇତି ଶ୍ରୀ ଦେଉଳ ତୋଳା ସଦା ଜୟ ସମ୍ପୂର୍ଣ୍ଣ ହୋଇଲା । ଆହେ ସୁ୍‌ଜ୍ଞ୍ୟ ଜନମାନେ ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ । ଲେଖନକାର ଦୋଷ ନ ଧରିବ । ଲେଖନକାର ଘର ପ୍ର : ଅନ୍ତରୋଧ, ମୌଜା ଉଭୟେମୁଖୀ, ଅଧୀନ ଅପାଣ୍ଡୁତା, ଅଯୋଗ୍ୟ ଅଧମ ଗୌରାଙ୍ଗ କୁଣ୍ଡୁଙ୍କୁ ଶ୍ରୀ ବାସୁଦେବ ଉଦ୍ଧାର କରିବେ । ଶ୍ରୀ ଶୁଭମସ୍ତୁ ଶ୍ରୀ ଶୁଭମସ୍ତୁ, ସମସ୍ତ ଅଡ଼ତିରିଶ ଅଙ୍କ ସନ ୧୩୧୯ ସାଲ ବୃଷ ଏଗାର ଦିନ ରୋଜି ଶନିବାର ଏ ପୋସ୍ତକ ବେଳ ଚଉଦ ଘଡ଼ିରେ ସଦାଜଏ ସମ୍ପୂର୍ଣ୍ଣ ହୋଇଲା । ଇତି ଏ ପୋସ୍ତକ ପ୍ର—ଅନ୍ତରୋଧ, ମୌଜା—ଉଭୟମୁଖୀ ନିବାସୀ ରହଣି ଚଇତନ ଶତପଥୀଙ୍କର ଏ ପୋସ୍ତକ ଯେ ମାଗିନେବ, ଅଥବା ଗେରଇ ନେବ ତାହାର ସପ୍ତ ପୁରୁଷ ଚଳ । ଏହାର ସପ୍ତ ପୁରୁଷ ଉପର । ବାସୁଦେବ ଉଦ୍ଧାର କରିବେ ଅଧମ ଗୌରାଙ୍ଗକୁ ଓ ବିଶ୍ୱନାଥକୁ ।

100

Cat. No. O. L. 1092

ଦେଉଳତୋଳା କବି—ଦୀନବନ୍ଧୁ ଦାସ

Deulatola By—Dinbandhu Das

Substance—Palmleaf, No. of folia—70 Size—37.4 X 3.6 Cm. Each side contains 4 to 5 lines. Charactor—Oriya, Date of copy—C. 19th Century A. D. Complete. Condition—worm-eaten, Find spot Bhubaneswar, Dist. Puri.

ଶ୍ରୀ ଗଣେଶାୟ ନମଃ

ନମ ଶାରଦା ପାଦେ ପଡ଼ି । ବୋଲେ ପରୀକ୍ଷ କର ଯୋଡ଼ି ॥
ତୋ ଅନୁଗ୍ରହ ମୋତେ ହେଉ । ସଂସାରେ ମୋର ଯଶ ରହୁ ॥
କହିବ କ୍ଷେତ୍ରର ବିଗ୍ରର । ତୁ ଅନୁଗ୍ରହ ମୋତେ କର ॥

* * *

କହ କଳିଯୁଗର ଗତି । ଶୁଣିଲେ ଲଭିବି ମୁକତି ॥
କଳିଯୁଗରେ ବିଷ୍ଣୁଜାତ । କି ରୂପେ ହୋଇଲେ ବିଖ୍ୟାତ ॥

* * *

କଳିଯୁଗରେ ଅବତାର । ବିଜୟେ ଶ୍ରୀନୀଳକନ୍ଦର ॥
ଗୁପତେ ନୀଳମାଧବଙ୍କୁ । ବସୁ ଶବର ପୂଜେ ତାଙ୍କୁ ॥
ଗୁପତ କରିଣ ପୂଜଇ । ସଂସାରେ କେହି ନ ଜାଣଇ ॥

* * *

Digitized by PPRACHIN, SOA

ଧନ୍ୟ ମାନବ ଦେବରାଜା । ବିଷ୍ଣୁଙ୍କୁ କରେ ନିତ୍ୟେପୂଜା ।।
ନାରଦ ଯେକ ଦିନକରେ । ମିଳିଲେ ରାଜାଙ୍କ ଛାମୁରେ ।।
ଦେଖିଣ ଭଗତି ରାଜାର । କଲ୍ୟାଣ କଲେ ମୁନିବର ।।

* * *

ଶୁଣ ରାଜନ ସାବଧାନେ । ବିଷ୍ଣୁ ଅଛନ୍ତି ଯେଉଂ ସ୍ଥାନେ ।।
ନୀଳମାଧବ ରୂପେ ହରି । ନୀଳ ଶରୀରେ ବିଜେ କରି ।।
ଗୁପତେ ପୂଜଇ ଶବରେ । କେହି ନ ଜାଣନ୍ତି ସଂସାରେ ।।

* * *

ଶ୍ରୀନୀଳଗିରିରେ ରାଜନ । ଦେଉଳ ତୋଳାଅ ବହନ ।।
ବିଳମ୍ବ ନକର ତୁ ରାଜା । ନୀଳମାଧବ କର ପୂଜା ।।

* * *

ପୂର୍ବଦିଗକୁ ବିଦ୍ୟାପତି । ବିଷ୍ଣୁଙ୍କୁ ଖୋଜୁଣ ଅଛନ୍ତି ।।
ଗଙ୍ଗା ଯମୁନା ପାରି ହେଲେ । ନିଗମ ଅରଣ୍ୟେ ପସିଲେ ।।

* * *

ଅରଣ୍ୟେ ତିନିଦିନ ଗଲେ । ଶବର ପଲ୍ଲୀରେ ମିଳିଲେ ।।
ବସୁ ଶବର ଘରଠାରେ । ମିଳିଲେ ଯାଇ ସେ ସତ୍ୟରେ ।।
ସେଦିନ ଶର୍ବ ଶବରଣୀ । ଘରେ ନାହାନ୍ତି କେହି ପୁଣି ।।
ଲଳିତା କୁମାରୀ ନାମେଣ । ଘରକୁ ଥାଇ ସେ ଜଗିଣ ।।
ଯେଣୁ ସମୟେ ସେ ବ୍ରାହ୍ମଣ । ମିଳିଲା ଲଳିତା ପାଶେଣ ।।

* * *

ଅମୃତମୟେ ହାରି ରସ । ସୁଜନ ଜନେ ଏଣେ ଘୋଷ ।।
ହିଂସା କପଟ ଦୂରେ ତେଜ । ନିରତେ ତୁମ୍ଭ (?) ପାଦେ ଭଜ ।।
ଯେ ଦାରୁବ୍ରହ୍ମ ଯେ ପୁରାଣ । ଶୁଣନ୍ତେ କଳୁଷ ନାଶନ ।।

* * *

ଦେଉଳତୋଳାରେ ଯେ ରସ । ଭଣଇଂ ଦୀନବନ୍ଧୁ ଦାସ ।।
ଏ ପାଞ୍ଚଅଧ୍ୟା ସମାପତ । ଦେଉଳତୋଳାର ଚରିତ ।।

ଇତିଶ୍ରୀ ଭବିଷ ପୁରାଣେ ଶ୍ରୀପୁରୁଷୋତ୍ତମ

କ୍ଷେତ୍ରର ବିଧାନ ଦେଉଳତୋଳା ଚରିତ୍ର କଥନେ ନାମ ପଞ୍ଚମୋଽଧ୍ୟାୟ ।

There are some folia containing first five Cahapters of the ଭାଗବତ (୧୦ମ ସ୍କନ୍ଦ) at the beginning of the Manuscript.

Colphon—ଆହେ ସୁଜ୍ଞଜନମାନେ ଶୁଧ ଅଶୁଧ ଚଳାଇ ବୋଲିବ । ଲେଖନକାରୀର ଦୋଷ ନ ଘେନିମ । ମନକୁ ଲେଖିନାହିଁ, ଆଦୃଶରେ ଯାହା ଲେଖାଥିଲା ତାହା ଲେଖିଲି, ଶ୍ରୀ ଜଗନ୍ନାଥ ପ୍ରଭୁ ବଳଭଦ୍ର ପ୍ରଭୁ, ଶ୍ରୀ ସୁଭଦ୍ରା ପ୍ରଭୁ ରକ୍ଷା କରିବେ ଅଧମ ନାରଣ ମିଶ୍ରକୁ ଲିଖିତଂ ଶ୍ରୀ ନାରଣ ମିଶ୍ରେ ।

Digitized by PPRACHIN, SOA

101

Cat. No. Or. Ms/56

ଦ୍ୱାରକା ଲୀଳା   କବି–କୃଷ୍ଣଚନ୍ଦ୍ର ନରେନ୍ଦ୍ର

Dvarika Lila

By—Krushnachandra Narendra

Substance—Paper. No. of pages—66. Size—26·6 X 24·2 C. M· Each side contains 13 to 20 lines, Character—Oriya, Date of copy· 1922 A. D. Complete. Condition—good. Find spot—Oriental manuscripts library, Madras.

ଦ୍ୱାରିକା ଲୀଳା ପ୍ରାରମ୍ଭ

ଶ୍ରୀ ଗଣେଶାୟ ନମଃ

ଆଦୌ ଦେବକୀ ଦେବୀ ଗର୍ଭ ଜନନଂ ଗୋପୀଗୃହେ ବର୍ଦ୍ଧନଂ
ମାୟାପୂତନଜୀବତାପହରଣଂ ଗୋବର୍ଦ୍ଧନୋଦ୍ଧାରଣମ୍ ।

କଂସୋଚ୍ଛେଦନକୌରବାଦିନିଧନଂ କୁନ୍ତୀସୁତାପାଳନଂ
ଏତଦ୍ ଭାଗବତଂ ପୁରାଣକଥିତଂ ଶ୍ରୀକୃଷ୍ଣଲୀଳାମୃତମ୍ ।

ଶ୍ରୀକୃଷ୍ଣଂ କରୁଣାକରଂ ଜନହିତଂ ରାଧାପତିଂ ସୁନ୍ଦରଂ
ଶ୍ୟାମଂ କାମଜିତଂ ପ୍ରସନ୍ନବଦନଂ ବଂଶୀଧରଂ ମୋହନମ୍ ।

ଭାଲେ ଚନ୍ଦନବିନ୍ଦୁମିନ୍ଦୁ ସଦୃଶଂ କର୍ଣ୍ଣେ ଲସତ୍ କୁଣ୍ଡଳଂ
ଚଂ ଦିବ୍ୟାମ୍ବରଭୂଷଣଂ ନଟବରଂ ତ୍ରୈଲୋକ୍ୟନାଥଂ ଭଜେ ।

* * * *

ଜୟ ଜୟ ନାରାୟଣ ମତ୍ସ୍ୟରୂପ ହେଲ ।
ଶଙ୍ଖାସୁରକୁ ନିବାରି ବେଦକୁ ଆଣିଲ ।
ପୀତବାସ ହେ !
ବ୍ରହ୍ମାଙ୍କର ମନକଲ ତୋଷ ହେ ।
ଜୟ ଜୟ ନାରାୟଣ କୂର୍ମ ଅବତାର ।
ସପତ ଦ୍ୱୀପା ପୃଥିବୀ ପୃଷ୍ଠଦେଶେ ଧର ।
ନାରାୟଣ ହେ !
ଦୁଷ୍ଟକୁଳ କଲ ଯେ ନିଧନ ହେ ।

ଶ୍ରୀ ଦ୍ୱାରିକା ଲୀଳା ଯେ ଅଟେ ସିନ୍ଧୁସମ ।
ମୁଁ ଛାର ଅଧମ ଏହା କରିବି ବର୍ଣ୍ଣନ ହେ ।

Digitized by PPRACHIN, SOA

ଶୁକ ବେଦ ବ୍ୟାସଙ୍କ ନନ୍ଦନ ମହାଯତି ।
ପାଦେ ପଡ଼ି ମହାରାଜା ହୋୟାଛେ ବିନତି ହେ ।
ରାଜା ଭକ୍ତି ଦେଖି ମୁନି ଆନନ୍ଦିତ ମନ ।
ବୋଇଲେ ଶୁଣ ହେ ରାଜା ଅପୂର୍ବ ବିଧାନ ହେ ।
କୃଷ୍ଣଚନ୍ଦ୍ର ନରଇନ୍ଦ୍ର ଭାଷନ୍ତି ଏ ଗିର ।
ଶ୍ରୀ ରାଧାକାନ୍ତ ଚରଣେ ନିତ୍ୟେ ନମସ୍କାର ହେ ।

* * * *

There are some pages containing ଚଉତିଶା by Kishore Chandra Rajendra and ପଦ୍ମନାଭ ଦେବ towards the end of the mansuscript.

କିଶୋର ଚନ୍ଦ୍ର ଭାଷେ ଶ୍ୟାମ ରହି ବିଦେଶେ ।
କହିଲେ ପ୍ରିୟ ସହଚରଙ୍କୁ ବିରସେ ହେ ।

* * * *

ପଦ୍ମନାଭ ଦେବ କହି ରାଧାଭାବ ମନେ ଧ୍ୟାୟି ।
ନାଗର ଚିତ୍ତ ଆନନ୍ଦ ହୋଇଲା ହେ ।

No Colophon.

102

Cat. No. O. L./136

ଦ୍ୱାରିକା ଲୀଳା **କବି—ଦିବ୍ୟ ସିଂହ**

Dvarika Lila **By—Divya Sinha**

Substance—Palm leaf, No. of folia—72, Size—37·5 X 3 C. M. Each side contains 3 lines throughout the manuscript. Character—Oriya. Date of Copy—Sana 1282 Sala or 1875 A. D. Complete. Condition—Not so good. Find spot—Puri town.

ଶ୍ରୀ-ଇଷ୍ଟଦେବତାୟେ ନମଃ
ଗଣେଶଙ୍କ ମଙ୍ଗଳାଚରଣଂ

ଆତଙ୍କହର ଶଙ୍କର ନନ୍ଦନ ଜଣାଉଁଛି ଏ ମାତଙ୍ଗ ବଦନ,
ଅମର ନିବାସୀ ପାଦପଦ୍ମେ ଆସି ସର୍ବଦା କରନ୍ତି ଧ୍ୟାନ

Digitized by PPRACHIN, SOA

ମୋର ବିଘ୍ନ ହତ କରତା ଅନାଥ ତୁମ୍ଭ ବିନା ନଜାଣଇ ମୁ ଆନ ।
ମୋ ନିବେଦନ ହୃଦୟେ ଘେନ,
ଭାଷିଲି ଭାଷିଲି ସନ୍ତାପ ବନ ।

* * * *

ତା ପଦ୍ମ ଚରଣେ ଅନୁଗତ ଧ୍ୟାଇ ଦିବ୍ୟସିଂହ ଦେବ ଭୂପତି କହଇ,
ଶ୍ରୀ ପଟିଆଦୁର୍ଗେଶ ରଚିତଂ
ଦ୍ୱାରିକା ଲିଳାକ୍ଷଂ ସମାପ୍ତଂ ୧୨୮୨ ।

103

Cat. No. Or. Ms/81-D

ଦ୍ୱିତୀୟ ଗୀତା କବି—କୃଷ୍ଣ ଦାସ

Dvitiya Gita By—Krshna Dasa

Subtance—Paper. No. of pages—59. Size—23·5X17·7 C. M. Each page contains 9 to 22 lines. Character—Oriya. Date of Copy—Sana 1250 Sala or 1843 A. D. Complete. Condition—good. Find spot—Baptist Mission, Balasore. Name of the scribe—Madhusudana Pattanaik. Village—Karali, Pragana Remuna, Dist. Balasore.

ପାମର କୃଷ୍ଣ ଦାସ କହି । ଏକାଣୋଇ ପଦେ ଏ ରହି ॥

ଇତିଶ୍ରୀ ମୋହାପୁରଣେ ଦ୍ୱତୀଅ ଗୀତା ରସେ ହରି ଅର୍ଜୁନ ସମ୍ବାଦେ ଗୁରୁକାମେଳୀ ବୋଧନେ ନାମ ଦ୍ୱାଦଶ ଅଧ୍ୟାୟ ।

Colophon—ଭୀମସ୍ୟାପି................................ନ ବିଦ୍ୟତେ ।

ଏକବୃକ୍ଷସମାରୂଢ଼ା ନାନାପକ୍ଷୀବିହଙ୍ଗମାଃ ।
ପ୍ରଭାତେ ଦଶଦିଶଂ ଯାନ୍ତି କା କସ୍ୟ ପରିବେଦନା ॥

ହେ ସୁଗ୍ୟଂଜନମାନେ ଶୁଦ୍ଧ ଅଶୁଦ୍ଧ ପୁରୋର ଗାଇବ, ଲେଖନକାର ଦୋଷ ନ ଧରିବ । ଏ ପୋସ୍ତେକ ସଦା ଜଏ ସପୂର୍ଣ୍ଣ । ଶ୍ରୀଶ୍ରୀ ରାମ ଚନ୍ଦ୍ର ଦେବୋ ମାହାରାଜାଙ୍କ ବିଜେ ଶୁଭ ରଜ୍ୟେ ସନ ୧୨୫୦ ସାଲେ ମୀନ ମାସ ଦି୮ନେ ରବିବାର ଦିନ ଦୁଇଘଡ଼ି ସମୟରେଂ ସଂପୂର୍ଣ୍ଣ ହେଲେ ଏ ପୋସ୍ତେକ ଲେଖିଲେ ଅଧମ ମଧୁସୋଦନ ପଟନ୍ନାଏକ, ସାଖିନ କରଳୀ, ପ୍ର ରେମୁଣା, ଶ୍ରୀଗୁରୁ ଉଦ୍ଧାର କରିବା ହୋଇବ ।

ଭଗ୍ନ ପୃଷ୍ଠଃ......................................ପ୍ରପାଳୟେତ୍ ।

There are some pages containing Karttika Mahatmya, Chhatisa Gupta gita, Tulabhina and Lakshmi Purana in the manuscript.

Digitized by PPRACHIN, SOA

104

Cat. No. O. L./62-C.

ଦ୍ୱିତୀୟ ଗୀତା — କବି-କୃଷ୍ଣ ଦାସ

Dvitiya Gita — By—Krusna Dasa

Substance—Palm leaf, No. of folia—84, Size—36·4x2·8 C. M. Each side contains 2 to 5 lines. Characher—Oriya, Date of Copy—1214 Phasali or 1807 A. D. Complete. Condition—Badly wormeaten Find spot—Government Oriental Manuscripts Library, Madras.

Biginning— ଶ୍ରୀ ବ୍ରହ୍ମ ରାଜ ନମଃ ।

ନମଇଂ ପ୍ରଭୁ ନାରାଏଣ, ତୁ ଦେବ ସଂସାର ଧାରଣ ।
ନୀଳ ଜଳଦ ଯାର କାଏ, ସର୍ଗର ଶୁଭାକର ପ୍ରାଏ ।
ସୁସଞ୍ଚ ନାସା ପଦ୍ମ ନେତ୍ର, ସୁରଙ୍ଗ ଅଧର ପବିତ୍ର ।
* * * *

କହଇ ଛଡ଼ରସ ଖଣ୍ଡଂ, ହେଲେ ମେଣ୍ଟିବ ଯମ ଦଣ୍ଡଂ ।
ସଂସାରେ କ୍ରୀତି ମୋର ଥାଉ,......................... ।
* * * *

Colophon— * * * * * * ସମୟରେ ରାମ ମାହାନ୍ତିଙ୍କ ଗୃହରେ * * * * * ଲେଖନକାର ଭିକାରୀ ମାହାନ୍ତିଙ୍କର ଜାଣିବ । ଶ୍ରୀ ଲକ୍ଷ୍ମୀ ନୃସିଂହ ଉଧର ଅଧମ ଅରକ୍ଷିତ ଲେଖନକାର ଭୀକାରୀ * * * ଶ୍ରୀ ରକ୍ତାକ୍ଷୀ ନାମ ସମ୍ବତ୍ସରେ କାର୍ତ୍ତିକ କୃଷ୍ଣ ସପ୍ତମୀ .. .. ବାରେ ମହୁରୀପୁର ଗ୍ରାମରେ ଲେଖା ସମ୍ପୂର୍ଣ୍ଣ ହେଲା । ଲେଖନକାର ଇଛାପୁର କରଣ ଭିକାରୀ ମାହାନ୍ତି, ସନ ୧୨୧୪ ଫସଲି ।

There are two other works entitled ଧର୍ମ ସାଗର and ନାମରତ୍ନଗୀତା by କୃଷ୍ଣ ଦାସ in the manuscript.

105

Cat. No. O. L./66

ଦ୍ୱିତୀୟ ଗୀତା — କବି-କୃଷ୍ଣ ଦାସ

Dvitiya Gita — By—Krusna Dasa

Substance—Palm-leaf, No. of folia—61, Size—31·3x3·2 C. M. Each side contains 4 lines throughout the manuscript. Character—Oriya, Date of Copy—C.19th Century A. D. Complete. Condition—Worm eaten. Pind spot—Puri town.

ବଢ଼ଇ ଯଶ ଶ୍ରୀ ଆୟୁଷ, ଭଣ ନୃସିଂହ ଦାସସ୍ୟ ।
ପାମର କୃଷ୍ଣ ଦାସ କହି, ଦୁଇଶ ପଦେ ଯେହୁ ରହି ।

ଇତିଶ୍ରୀ ଦ୍ୱିତୀୟ ଗୀତା ଗ୍ରନ୍ଥେ ମହାପୁରାଣେ ହରି ଅର୍ଜୁନ ସମ୍ବାଦେ ଗୁରୁ କାମିନୀ ବୋଧନେ ନାମ ଦ୍ୱାଦଶ ଅଧ୍ୟାୟ ।

Colophon—ଦ୍ୱିତୀୟ ଗୀତା ସମ୍ପୂର୍ଣ୍ଣ । ସକଳେଶ୍ୱର ଶରଣ, ଉଦ୍ଧରିବେ ।

Digitized by PPRACHIN, SOA

106

Cat. No. O. L./367 (B)

ଦ୍ୱିତୀୟ ଗୀତା　　　　କବି-କୃଷ୍ଣଦାସ

Dvitiya Gita　　　　By—Krusna Dasa

Substance—Palm-leaf, No. of folia—89, Size—21.5x3.7 C. M. Each side contains 4 to 5 lines. Character—Oriya, Date of Copy—C. 19th Century A. D., complete. Condition—Warm eaten, find spot—Khallikota, Dist. Ganjam.

ଶୁଣହେ ବୀରଙ୍କ ଉତ୍ତମ, ଦ୍ୱିତୀୟ ଗୀତା ଯେହା ନାମ ।
ଯେଣେ ଯେ କରେ ଦୃଢ଼ ମତି, ଶ୍ରବଣେ ଶୁଣୁଥିବି ନିତି ।
ସକଳ ଦୁର୍ଗତି ନାଶଇ, ଅନ୍ତେଣ ବୈକୁଣ୍ଠେ ବସଇ ।
ବଢ଼ଇ ଯଶ ଶ୍ରୀ ଆୟୁସ, ଭଣେ ନୃସିଂହ ଦାସ ଶିଷ ।
ପାମରକୃଷ୍ଣ ଦାସ କହି, ଦୁଇଶ ପଦେ ଯେହୁ ରହି ।

ଇତିଶ୍ରୀ ଦ୍ୱିତୀୟ ଗୀତା ରସେ ମହା ପୁରାଣେ ହରି ଅର୍ଜ୍ଜୁନ ସମ୍ବାଦେ ଗୁରୁ କାମେନୀ ବୋଧନେ ନାମ ଦ୍ୱାଦଶ ଅଧ୍ୟାୟ ।

Colophon—ଭାଦ୍ରବ ଶୁକ୍ଳ ପଞ୍ଚମୀ ରବିବାର ଦିନ ଯେ ପୋସ୍ତକ ସଦାଙ୍କଯେ ସମ୍ପୂର୍ଣ୍ଣ ହେଲା ।

There are same folia Containing ଅଙ୍ଗଦ ଚିଟାଉ by ଲକ୍ଷ୍ମୀଧର ଦାସ at the beginning of the manuscript.

107

Cat. No. O. L.—634-B

ଦ୍ୱିତୀୟ ଗୀତା　　　　କବି-କୃଷ୍ଣ ଦାସ

Dvitiya Gita　　　　By—Krusna Dasa

Substance—Palm-leaf, No. of folia—55, Size-23·x3·1 C. M. Each side contains ,3 to 5 lines. Character—Oriya, Date of Copy—C. 18th Century A. D. Complete, Condition—Good, Find spot.—presented by Sitarama Dasa Collected from Medinapur Area of West Bengal.

Colophon—ଭୀମସ୍ୟାପି.............................. ନ ବିଦ୍ୟତେ

ବୀରଶ୍ରୀ ଗଜପତି ଗୌଡେଶ୍ୱର ନବକୋଟୀ କର୍ଣ୍ଣାଟ କଳେବର କିଶୋରବୀରାଧି ବୀରବର ଶ୍ରୀ ପ୍ରତାପ ଶ୍ରୀ ରାମଚନ୍ଦ୍ର ଦେବ ମହାରାଜାଙ୍କ ଅ ୨୮ଙ୍କ କୁମ୍ଭଦି ୪ ନେ ଗୁରୁବାରେ ବେଳ ଦ ୯/୨୪ ଠାରେ ଏ ପୋସ୍ତକସମ୍ପୂର୍ଣ୍ଣ ।

The text is same as in Cat. No. O.L—367(B) discussed previously.

Digitized by PPRACHIN, SOA

108

Cat. No. O. L./1196

ଦ୍ୱିତୀୟ ଗୀତା   କବି-କୃଷ୍ଣ ଦାସ

Dvitiya Gita   By—Krusna Dasa

Substance—Palm-leaf No. of folia—142 Size—31·7x3·3 C. M. Each side Contains 3 to 6 lines. Character—Oriya. Date of copy—17th Amka year of the king Mukunda Deva of the Khurdha dynasty or C. 19th Century A. D. Complete. Condition—Worm eaten. Find spot—Village—Geruala, P.-S. Brahmagiri, Dist. Puri.

ଶୁଣହେ ବୀରଙ୍କ ଉତ୍ତମ । ଦ୍ୱିତୀୟ ଗୀତା ଏହା ନାମ ।।
ଏଣେ ଯେ କରେ ଦୃଢ଼ମତି ।ଶର୍ବଣେ ଶୁଣୁଥାଇ ନୀତି ।।
ସକଳ ଦୁଃଖ ବିନାସଇ । ଅନ୍ତେଣ ବୈକୁଣ୍ଠେ ବସଇ ।।
ପାମର କୃଷ୍ଣ ଦାସ କହି । ପାଞ୍ଚ ଉଣା ଦୁଇଶ ହୋଇ ।।
ବଢ଼ଇ ଯଶ ଶ୍ରୀ ଆୟୁଷ । ଭଣେ ନୃସିଂହ ଦାସ ଶିଷ ।।

ଇତି ଶ୍ରୀ ଦ୍ୱିତୀୟ ଗୀତା ରହସ୍ୟେ ମହାପୁରାଣେ ହରି ଅର୍ଜୁନ ସମ୍ବାଦେ ଗୁରୁ କାମିନୀ ବୋଧନେ ନାମ ଦ୍ୱାଦଶୋ ଅଧ୍ୟାୟ । ଦ୍ୱିତୀୟ ଗୀତା ସମ୍ପୂର୍ଣ୍ଣ ।

Colophon—ଶ୍ରୀ ଶୁଭମସ୍ତୁ, ବୀର ଶ୍ରୀ ମୁକୁନ୍ଦ ଦେବ ମହାରାଜାଙ୍କ ବିଜେ ଶୁଭ ରାଜ୍ୟେ ସମସ୍ତ ଅ୧୭ଙ୍କ ମକର ଦି୨ନେ ଏ ପୋସ୍ତକ ଲେଖା ବଢ଼ିଲା । ହେ ସୁଜ୍ଞ ଜନମାନେ ଶୁଦ୍ଧ ଅଶୁଦ୍ଧପୂରାଇ ଗାଇବ । ଲେଖନକାର ଦୋଷ ନ ଧରିବ । ଯଥା ଦୃଷ୍ଟି ତଥା ଲେଖନ । ମୁହି ଯେ ଅଧମ ଜନ । ଭରସା ମୋର ପ୍ରଭୁ ଭଗବାନ ।

There are two folia containing Bhagavati Janana in the from of Chautisa towards the end of the manuscript.

109

Cat. No. O. L./1205

ଦ୍ୱିତୀୟ ଗୀତା   କବି-କୃଷ୍ଣ ଦାସ

Dvitiya Gita   By—Krushna Dasa

Substance—Palm-leaf. No. of folia—64. Size—24·1x3·3 C. M. Each side contains 4 to 5 lines. Character—Oriya. Date of Copy—C. 19th Century A. D. Incomplete. Condition—Slightly worm eaten. Find spot—Presented by Sri Damodara Dasa, Bhubaneswar-2. Dist.—Puri.

Text is same as in Cat. No. oz/1196.

No Colophon.

Digitized by PPRACHIN, SOA

110

Cat. No, O. L./1378

ଦ୍ୱିତୀୟ ଗୀତା — କବି-କୃଷ୍ଣ ଦାସ

Dvitiya Gita — By—Krushna Dasa

Substance—Palm leaf. No. of folia—77 size—21·8×3 C. M.f Each side Contains 4 to 5 lines. Character—Oriya. Date of Copy—C. 19th Century A. D. Complete. Condition—Worm eaten. Find spot—Puri town.

Text is same as in Cat. No. Or. Ms/81-D.

Colophon—ଶ୍ରୀ ରାମ ଶ୍ରୀଚରଣେ ଯେ ଖେଦ(?) ଅଧମ ଜନଙ୍କୁ । ଶ୍ରୀ ଗୁରୁ କୃଷ୍ଣ ଉଦ୍ଧରିବେ । ଶ୍ରୀ ରାଧାକାନ୍ତ ଶ୍ରୀ ଚରଣେ ଶରଣଂ । × × × ୬୩ ଅଙ୍କ କୁମ୍ଭ ଦି....ନ ଶନିବାରେ ସୂର୍ଯ୍ୟୋତ୍ୱାଦି ବେଳ ତିନିପହର ସରିକି × × × ଶ୍ରୀ ଗୋପୀନାଥ ମହାପ୍ରଭୁଙ୍କ ମନ୍ଦିରଠାରେ ପୋସ୍ତକ ଲେଖା ବଢ଼ିଲା । ଆହେ ସୁଗ୍ୟଂ ଜନମାନେ ଶୁଦ୍ଧ ଅଶୁଦ୍ଧ ମିଶାଇ ଗାଇବ । ଲେଖନକାର ଦୋଷ ନ ଘେନିମ । ଶ୍ରୀ ବୃନ୍ଦାବନ ଚନ୍ଦ୍ର ମହାପ୍ରଭୁ ଉଦ୍ଧରିବେ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ଉଦ୍ଧରିବେ ହେ ।

111

Cat. No. O. L./1404

ଦ୍ୱିତୀୟ ଗୀତା — କବି—କୃଷ୍ଣ ଦାସ

Duitiya Gita — By—Krushna Dasa

Substance—Palm leaf. No. of folia-101. Size—33·3×3·4 C. M. Each side contains 1—4 lines. Character—Oriya. Date of Copy—C. 19thCentury A. D. Complete. Condition—Worm eaten. Find spot—Presented by Kruttivasa Deo, Bauda. Dist. Phulbani.

Text is same as in Cat. No. O.Z./1378.

Colophon—ଶ୍ରୀ ସରସ୍ୱତୀ ଗଣପତି ଶ୍ରୀ ସାରଳାଦେବୀ ଚରଣେ ଶରଣ । ଶ୍ରୀ ଅଷ୍ଟ ଦିଗପାଳ ଚରଣେ ଶରଣ । ଶ୍ରୀ ବଉଦ ସହର ଦେବାଦେବୀ ଚରଣେ ଶରଣ । ଶ୍ରୀ ଗୁରୁଦେବ ଚରଣେ ଶରଣ । ଏ ପୁରାଣ ବଢ଼ିଲା ଅଶ୍ୱିଣ ମାସ ଶୁକ୍ଳ ପକ୍ଷ ସମବାର ନବମୀଦିନ ।

There are some folia Containing a Chautisa by Balaram alias Balia son of Jagannatha Dasa towards the end of the manuscript.

Digitized by PPRACHIN, SOA

ଶ୍ରୀ ସପତ ରାଗ—ରାଗ—ଆଷାଢ଼ଶୁକଳ

ଶ୍ରୀ ଗଣେଶାଏ ନମଃ

କେତେ କେତେ ଦୁର୍ଭାର ସଙ୍କଟୁ କରି ପାର
ରକ୍ଷା କରିଛ ଭାବଗ୍ରାହୀ ।
କାଳେ ହେଲି ନିଆଶା ଯେହ୍ନେ ଘୃଚେକ ଦଶା
କୋଟି କଷ୍ଟ ପାନ୍ତେ(?) ଯାଉ ନାହି ।।
ହେ ମୋହାପ୍ରଭୁ ।
କାହିଂତେ ନୋହିଛ ସାହା ।

* * * *

କ୍ଷିଦ୍ର ବୁଦ୍ଧି ମୋର ଅଗ୍ୟାନ ପାମୋର
ସାଧୁକୁ ସେବା ନ କଲି ।
ଶ୍ରୀ ବିନ୍ଧ୍ୟ ବାସେନୀ କିଛୁ ଦୟା କଲେ
ସପତ ରାଗ ବୋଇଲି ।
ଛନ୍ଦ ଛ ଏବେ ଛନ୍ଦେ ଭଜିଲି
କ୍ଷଏ ଯିବ ପାପଦଶା ।
ଜଗନ୍ନାଥ ଦାସ ସୁତ ବଳିଆର
ଏକା ଗୋବିନ୍ଦ ଭରସା ।

112

Cat. No. OI. 1126

ଦ୍ୱିତୀୟ ଗୀତା   ଲେ:—କୃଷ୍ଣ ଦାସ

Dvitiya Gitaboli   By—Krushna Das

Substance—Palm leaf, No. of folia—103. Size—19x3·2 C. M Each side Contains 3 to 4 lines. Character—Oriya. Date of copy—C. 19th Century A. D. incompletely, Condition—Worm eaten. Find spot—Presented by Dr. B. D. Mohanty, Professor and Head of the Department, Oriya, Vanibihara Bhubaneswar.

ବନ୍ଦଇ ପ୍ରଭୁ ନାରାୟଣ । ତୁ ଦେବ ସଂସାର ତାରଣ ।।
ନୀଳେନ୍ଦି ପଦ୍ମ ଜିଣି କାୟେ । ଶ୍ରୀମୁଖ ସୁଧାକର ପ୍ରାୟେ ।।
ସୁସଞ୍ଚନାସା ପଦ୍ମନେତ୍ର । ସୁରନାଥଧର ବିଚିତ୍ର ।।

* * * *

ସୁଜନେ ହରିନାମ ଘୋଷ । ଭାବେ ଭଣଇ **କୃଷ୍ଣଦାସ** ।

ଇତି ଶ୍ରୀମତ୍ ଦ୍ୱିତୀଆ ଗୀତାରସେ ମାହା ପୁରାଣେ ହରି ଅର୍ଜୁନ ସମ୍ବାଦେ ଜ୍ଞୋଧ ବେବସ୍ଥା କଥନେ ନାମ ପ୍ରଥମ ଅଧ୍ୟାୟ ।

No Colophon.

Digitized by PPRACHIN, SOA

113

Cat. No. O. L./1223

ଦ୍ରୋଣ ପର୍ବ   କବି—କୃଷ୍ଣ ଚନ୍ଦ୍ର

Drona Parva   By—Krushna Chandra

Substance—Palm leaf. No. of folia—20. Size—30·3x3·2 C. M· Each side contains 1 to 4 lines. Character—Oriya. Date of Copy—C. 19th Century A. D. Complete. Condition—Good. Find spot—village—Ranasimhapur. P.-S. Bhubaneswar, Dist. Puri.

ଶ୍ରୀଗଣେଶ ପାଦେ ରହୁ ମୋ ଧ୍ୟାନ ।
ଇନ୍ଦୁର ବାହାନ କି ଶୋଭାବନ ।।
ଲିହି କାଠିଏ ଆପଣ ପଢ଼ିଲ ।
ବେଦ ବିଦ୍ୟାରେ ତ୍ରିପୁର ଜିଣିଲ ।।
ସୁରଗୁରୁ ବୃହସ୍ପତି ଯେ,
ବୁଦ୍ଧି କି ତୁମ୍ଭର ସମାନ ନୋହିଲେ ହାରିଲେ ଅଙ୍ଗିରା ଯତୀ ଯେ ।।

*   *   *   *

ଜଉତିଷ କୃଷ୍ଣ କଲା ରଞ୍ଜନ କଟକ ଜିଲା ନିବାସୀ ଯେ ।।

*   *   *   *

ସେହିଠାରେ ମିଳିଗଲେ ବୀର ଅଭିମନ୍ୟୁ ।
କୃଷ୍ଣଚନ୍ଦ୍ର ବୋଲେ ସେ ତ ଅର୍ଜୁନର ତନୁ ।।

*   *   *   *

ବହନ ଯଦ୍ୟରଥ ବୀର ।
ଧାଇଂ ଆସେ ଧାଡିକାର ।।
ହସ୍ତେ ଗଦା ଧରିଣ, ପିଟେ ଅଭିମନ୍ୟୁକୁ ବହନ ।।
ହୋଇ ଗଲା ହତ ଅର୍ଜୁନର ସୁତ,
ମାଆ ମାଆ ଡାକେ ଖରେ ।
କୁରୁଗଣ ଯେତେ ହରଷ ହୋଇଲେ,
ହେଲେ ବସିଣ ସତ୍ରରେ ।
କୃଷ୍ଣ ଜ୍ୟୋତିଷ ଭଣି ।
ତ୍ରାହି କରିବେ ମୁରଲୀ ପାଣି ।।

No Colophon.

Digitized by PPRACHIN, SOA

114

Cat. No. OI. 898

ଧନମାଳୀଶ୍ରୀ ଚଉତିଶା ଓ ଅନ୍ୟାନ୍ୟ

ଲେ:—ଧନୁ ଦାସ ଓ ଅନ୍ୟାନ୍ୟ

Dhanamalisri Chautisa and Others

By—Dhanu Dasa and Others

Substance—Palm leaf. No. of folia—143. Size—37·5x3·9 C. m. Each side Contains 4 to 5 lines. Character—Oriya. Date of Copy—C 18th Century A. D. Complete. Condition—Good. Find spot—Bhubaneswar, Dist Puri, Name of the scribe—Lokanatha Misra.

ରାଗ—ମାଳଶ୍ରୀ

କ୍ଷୀରୋଦ ସୁତା ଶେଖର ଭାବିନୀ, କ୍ଷଣେ ନଛାଡୁ ଅର୍ଦ୍ଧଅଙ୍ଗ ଘେନି ।
କ୍ଷରିତ ଅଧରୁଂ ଏ ଅମୃତ ପାନେ, ଛ ଛନ୍ଦେ ମତ୍ତ ଶଙ୍କର ତୁମ୍ଭେନେ ।
କ୍ଷୀର ନିଧିଜଳ ମନ୍ଥନେ ଗରଳ ଅମର ହର ରକ୍ଷିଣ ।
କ୍ଷିତି ରହିଲା ଯଶ ଶ୍ରବଣଭୂଷଣ ।

ହୁତାଶନରୁଁ ହୋଇଲୁ ଅବତାର, ହରିଣଧର ବଦନ ରୁଚିର ।
ହାଟକ ହେମ ପୁଷ୍ପଆଦି ପୁଞ୍ଜ, ହାସକରେ ତବ ସୁଭଗ ଅଙ୍ଗ ।
ହଟକାରଣେ ନିଶାକାଳେ ଭ୍ରମଣ ହରଷେ ସୁର ଭିଆଇ
ହରିଲୁ ମହୀ ଭାରା ମାହାମାୟୀ ।

* * * *

କୋପେଣ ସେନାପତି ଆଗୁସାର । କହେ ପ୍ରତିଜ୍ଞା ଶୁଣ ନୃପବର ।
କଟିରେ ଥିବେ ରାଜାଏ ତୁମ୍ଭର । କରି ଘୋର ରଣ କାମିନୀମାର ।
କେଶରୀ-ବାହିନୀ ପାଦକମଳରେ ମଧୁବ୍ରତ ମୋର ଶିର ।
କହେ **ଧନୁଦାସ** କରୁଣାକର ।

ହଂସଦୂତ-ଚଉତିଶା—

କ୍ଷୀରୋଦ ସୁତା-ପତି ପତିତ ଜନପତି ରତି ପତିରେ ମନଭଳି
କ୍ଷପାକର-ବଦନୀ କୁନ୍ଦରଜନୀ ବୃଷଭାନୁନନ୍ଦନୀ ଗୁଣଭାଳି ସେ ।
ବନମାଳୀ
ଛ ଛନ୍ଦେ ଦିନେ ମଧୁପୁରେ କ୍ଷିରେନ୍ଦୁ ସମ ମଣ୍ଡପରେ ।
କ୍ଷପାକର କିରଣେ କୁସୁମ ବନିକାରେ
ଯେମନ୍ତ ମନରେ ବିସ୍ମରେ ସେ ।

Digitized by PPRACHIN, SOA

ହରିଣ ବିଲୋଚନା ମତ୍ତ ପୀକବଚନା ଛାମୁରେ ଯେ ମୋର ବେଦନା
ହୋଇ ଯେକାନ୍ତ କାନ୍ତ ବଚନ କାନ୍ତା ଆଗେ କେହୁ କରିବ ନିବେଦନ ସେ
ବନମାଳୀ

ହୃଦରେ ବିଗ୍ଭରି ଏମନ୍ତ ।
ହଂସକୁ ଦେଖିଣ ଅଗ୍ରତ ।
ହୋଇ ହରଷ ହଂସଗମନୀକି ଉଦେଶ କହିଲେ ଯେମନ୍ତ ଉଦନ୍ତ ।

* * * *

କୃଷ୍ଣବଚନ ଶୁଣି କାଦମ୍ବବୃନ୍ଦ ମଣି –ପୂଜିତ କରି ଶୂନ୍ୟେଗଲା ।
କାଳନ୍ଦୀତୀରେ ବୃନ୍ଦା ବିପୀନେ କଦମ୍ବରେ କିଞ୍ଚିତ କାଳ ବିଶ୍ରାମିଲା ସେ ।
କଳହଂସ ।

କୃଶୋଦରୀକି ତହୁଁ ଦେଖି,
କୃଷ୍ଣବିରହେ ସେ ଯେ ଦୁଃଖୀ
କହିଲା ଯେତେକ ଉଦନ୍ତ କୃଷ୍ଣଚନ୍ଦ୍ରର କହିଲା ଶ୍ୟାମଘନ ଲକ୍ଷି ହେ ।

ଗଗାର୍ଣ୍ଣବ ଚଉତିଶା————ରାଗ-କୌଶିକ

କ୍ଷୋଣୀବଲ୍ଲଯା ତନୟାକାନ୍ତ ସୁତା ସନ୍ନିଧ ଗହନ କାନନେ ।
କ୍ଷଣଦାପିତୁ ପୂର୍ଣ୍ଣ ଗ୍ଭରୁବଦନୀ ଛଳି ନିର୍ମିତମାନ କୃଷ୍ଣେ ।
ଛିଦ୍ରପେସିଣ ତନୁ ଶ୍ୟାମରେ ସ୍ୱେଦବୃନ୍ଦ
କ୍ଷମା ଅବଶେଷ କେଳିରେ ଲଳସ ଘୂର୍ମିତ ନେତ୍ର ଅରବିନ୍ଦ ।

* * * *

କେଶବବାମା କରଧରି ବିଜୟେ କଲେ ଗମନ ମଧୁପୁର, ।
କମଳମୁଖୀ ମୁଖ ଗ୍ଭହିଁମେଲଣି ଦେଇ ବିଜେ କୃଷ୍ଣନଗର ।
କଲେ ଶୟନ
ନିଶି ଉନିଦ୍ର ବହୁ ଶ୍ରମ ।
ଭୂଷକମଳ ବେନିପାଦ ଧରିଣ ଧୀରେ ଘ୍ଭପଇ ଶିଶୁରାମ ।

ଉଦ୍ଧବ ଚଉତିଶା

କୃଷ୍ଣ ଗୁଣଗୁଣି ବରଜ ତରୁଣୀ ଉଦ୍ଧବେ କହନ୍ତି ଯେକ
କଳାଲୋକଙ୍କର ସଙ୍ଗତେ ସେନେହ କଲାଲୋକ ଅବିବେକ ।
ଉଦ୍ଧବ ହେ ।

କସ୍ତୁରୀଭୃଙ୍ଗ କୋକିଳ ।
କେଶ କୃଷ୍ଣଫଣୀ ରାହୁ ଯମ, ଶନି, କାଳିଆ କେଉଁଟା ଭଲ ।

* * * *

Digitized by PPRACHIN, SOA

କ୍ଷମାନିଧି କହେ ଶୁଣ ଉଦ୍ଧବ ମୁଁ ନିରନ୍ତରେ ଅଛି ଗୋପେ
ଛାଡ଼ି ନିଦ୍ରାଭାବ ସ୍ୱପନେ ଯେସନେ ମନଖେଳେ ଦିବ୍ୟ ରୂପେ ।
ଉଦ୍ଧବ ହେ ।
କ୍ଷଣେ ଗୋପୀଗାଳି ଶୁଣି,
ଛାର ପ୍ରାୟେ ମୋତେ ଦେବ ସ୍ତୁତିପ୍ରତେ କବି ଭୂପତି ବଖାଣି ।

There are 124 folia containing ରସକଲ୍ଲୋଳ by ଦୀନକୃଷ୍ଣ ଦାସ at the beginning of the manuscript.

No Colphon.

ଶ୍ରୀକୃଷ୍ଣଚନ୍ଦ୍ର ଉଦ୍ଧରିବେ ।

ଭୀମସ୍ୟାପି——————ନ ବିଦ୍ୟତେ ।

ପୁସ୍ତକଂ ହରତେ——————ନରକଂ ନୟେତ୍ ।

ଭଗ୍ନପୃଷ୍ଠଃ——————ପରିପାଳୟେତ ।

ଶ୍ରୀଲୋକନାଥ ମିଶ୍ରେଣଂ ଲିଖିତଂ ଇଦଂ
ପୁସ୍ତକଂ । ଏ ପୋଥି ବ୍ରାହ୍ମଣ କପିଳିସାହୁଙ୍କର ।
ଶ୍ରୀରାମଚନ୍ଦ୍ର ଉଦ୍ଧରିବେ ।

115

Cat. No. O. L./237

ଧର୍ମ ସାଗର କବି—ଦୀନକୃଷ୍ଣ ଦାସ

Dharma Sagara By—Dinkrushna Dasa

Substance—Palm leaf. No. of folia—289.Size-16·3x3·4C. m. Each side contains 2 to 5 lines. Character—Oriya. Date of Copy—C. 19th Century A. D. Complete. Condition—Worm eaten, Some folia are brittle. Find spot—Jagasinghpur area. Dist.—Cuttack.

ଶ୍ରୀଜଗନ୍ନାଥଙ୍କ ଶରଣେ ଶରଣ ଅରକ୍ଷିତ କୃଷ୍ଣଦାସ ।
ଇତି ଶ୍ରୀଧର୍ମପୋସ୍ତେକସଦା ଜୟେ ସମ୍ପୂର୍ଣ୍ଣ ।

No Colophom.

Digitized by PPRACHIN, SOA

116

Cat. O. L./830

ଧର୍ମ ସାଗର   ଲେ:—କୃଷ୍ଣ ଦାସ

Dharma Sagara   By—Krusna Dasa

Substance—Palm leaf. No. of folia—84. Size—32·2x3·4 Cm. Each side contains 4 to 5 lines. Character—Oriya, Date of Copy—C 19th Century A. D. Complete. Condition—Wormeafen Find spot—Sundaragrama, Dist—Cuttack. Name of the scribe—**Dhav Malce.**

ଶୁଣି ଯୁଯେଷ୍ଠି ହୋଇଲୁ ଟିକି ତୁଷ୍ଟି ।
ପ୍ରତେ ପାଇଲୁକି ଚିତେ ।
ଶୃଣ୍ଡାଳୀ ବୋଲି ଆମ୍ଭଙ୍କୁ କାହିଂ ପାଇଂ
ନିନ୍ଦା କଲୁ କୋନ୍ତି ସୁତେ ।।
ଧର୍ମକ ବଚନେ ଯୁଯେଷ୍ଠି ବୋଇଂଲେ
ନ ଜାଣି ହୁଡ଼ିଲା ବାବା ।
କେଉଁଠ ଦେବତା ମୋତେ ବିଡ଼ିବାକୁ ।
କପଟେ ଅଇଲୁ ଅବା ।।
ସରୂପ କହ ନୋହିଲେ ମୋର ଦେହ
ବିନାଶ କରିବି ଏଣେ ।
ମାହା ପାତକ ଦୋଷ ତୋତେ ଲାଗିବ
ବେଦ ଶାହାସ୍ତ୍ର ପ୍ରମାଣେ ।।
ଯୁଯେଷ୍ଟିଙ୍କ ବାଣୀ ଧର୍ମଦେବ ଶୁଣି
ବୋଇଲେ ଆମ୍ଭେ ତୋ ପିତା ।
ତୁହୋ ଆମ୍ଭ ପୁତ୍ର ସତ ପାଳୁ ଆମ୍ଭେ
ହାଦେ ଜଗତେ ହୋଇଂଲୁ ଜିତା ।।
ଲକ୍ଷେ ରାଜାଙ୍କୁ ବରଣ କରି ଆଣି
ରଞ୍ଚିଲୁ ରାଜୁସି ଯାଗ ।
ତେଣୁ କରି ଆମ୍ଭେ ଦେଖିତ ଅଇଂଲୁ
ଆମ୍ଭର ବହୁତ ଭାଗ୍ୟଂ ।।
ଶୁଣି ଯୁଯେଷ୍ଠି ହୋଇଣ ମହାତୁଷ୍ଟି
ପାଦେ ପ୍ରଳମ୍ଭିତ କଲେ ।
କୋଟି ଦଣ୍ଡବତ କରିଣ ପିତାଙ୍କୁ
ଆପଣା ପୁରକୁ ନେଲେ ।।
ଶୃଣ୍ଡାଳ ରୂପ କରିଣ ଦେବ ଗୋପ୍ୟ
ବିଜେ କଲେ ଦେବ ଧର୍ମ ।
ଯୁଯେଷ୍ଠି ବୋଇଂଲେ ନିସ୍ତାର ପାଇଲି
ଆଜି ମୋ ସୁଫଳ କର୍ମ ।।

Digitized by PPRACHIN, SOA

ପିତା ପୁତ୍ରେ ଆସି ଏକ ସ୍ଥାନେ ବସି
କହନ୍ତି ସରୂପ କଥା ।
ଯାଗ ଅର୍ଣ୍ଣ ଖାଇ ସନ୍ତୋଷ ହୋଇଲେ
ଆପଣେ ଧର୍ମ ଦେବତା ।।
ସେ ଦିନ ତହିଂ ହରଷ ମନ ହୋଇ
ରହିଂଲେ ଧର୍ମ ଗୋସାଇଂ ।
ଆର ଦିନ ନିଶିପ୍ରଭାତୁ ଚଳିଲେ
ଯୁଧେଷ୍ଟି ଦେବଙ୍କୁ କହିଂ ।।
ସ୍ୱର୍ଗ ଭୁବନେ ଅମର ନିଜ ସ୍ଥାନେ ।
ପ୍ରବେଶ ହୋଇଲେ ଯାଇଂ ।
ଶ୍ରୀ ଜଗନ୍ନାଥଙ୍କ ଚରଣେ ଶରଣ
ଦୀନକୃଷ୍ଣ ଦାସେ କହି ।

Colphon—ପୁସ୍ତକ ହରତେ——————————ବୃଦେତ୍ । * * * ଈଶର ସାହୁ ଏ. ପୋଃ ଶ୍ରୀ ଶୁଭମସ୍ତୁ ଶ୍ରୀ ଶୁଭମସ୍ତୁ * * * ଉଦ୍ଧାର କରିବେ ଅରକ୍ଷିତ ଧର୍ମ୍ମକୁ ଶ୍ରୀ ବିମଳା ରକ୍ଷା କରିବେ ଅର * *

117

Cat. No. O. L./1186

ଧର୍ମ ସାଗର ଲେ:—କୃଷ୍ଣ ଦାସ

Dharmasagara By—Krusna Dasa

Substance—Palm leaf. No. of folio—99. Size—42x4 Cm. Each side contains 4 t o 5 lines. Character—Oriya. Date of Copy—1908 A. D. Complete. Condition—Worm eaten. Find spot—Geruala P.-S. Brahmagiri, Dist.—Puri. Name of the Scribe—Bhagirathi Misra

ସୁଜନ ଯେ ପ୍ରାଣୀ ହୃଦପରେ ଶୁଣି ନ ଘେନିମା ମୋର ଦୋଷ ।
ଶ୍ରୀ ଜଗନ୍ନାଥଙ୍କୁ ଶରଣ ପଶିଲି ଅରକ୍ଷିତ **କୃଷ୍ଣଦାସ** ।

ଯେ ଧର୍ମ ସାଗର ବୋଲି ସଦାଜୟେ ସଂପୂର୍ଣ୍ଣ ।

Colphon—ଭୀମସ୍ୟାପି—ନବିଦ୍ୟତେ । ସ୍ନ ୧୯୦୮ ମସିହା ନଭେମ୍ବର ମାସ ୬ ତାରିଖେ ସ୍ନ ୧୩୧୬ ସାଲ ତୁଳ ମାସ ଦି ୨୧ ନେ ଶୁକ୍ଳ ପକ୍ଷ ଦ୍ୱାଦଶୀ ବୃହସ୍ପତି ବାସରେ ବେଳ ଘ ୧୨ ୱା ଦ ୧ ୱ ମି ୧୨ ନିଟ ସେ ୮ କଣ୍ଡ ସମୟେ ଯେ ପୋସ୍ତେକ ସଂପୂର୍ଣ୍ଣ ହୋଇଲା । ଲେଖନକାର—ଭାଗ୍ୟରଥି ମିଶ୍ରେ । ଯଥା ଦୃଷ୍ଟି ତଥା ଲିଖ । ପ୍ରଚବିଶିକୁଦ ମୌ—ଗେରୁଆଳ ନିବାସୀ ଚୈତନ୍ୟ ଜେନା ପୁତ୍ର ପରମାନନ୍ଦ ଜେନାଙ୍କର ଯେ ପୋସ୍ତେକ । ଯେ ପୋସ୍ତେକ ପରମାନନ୍ଦ ନ ନେବାରୁ ଟଙ୍କା ଦେଇ ମୋହର ରହିଲା ।

Digitized by PPRACHIN, SOA

118

Cat. No. O. L./559

ଧୁନି ସଂହିତା ଓ ଅନ୍ୟାନ୍ୟ

ଲେ:—ଅଚ୍ୟୁତାନନ୍ଦ ଦାସ

Dhuni Samhita and others

By—Achyutananda Dasa

Substance—Palm leaf. No. of folia—121.Size—27·5x3·5 Cm. Each side contains 1 to 6 lines. Character—Oriya. Date of Copy—C. 19th Century A. D. Complete. Condition—Worm eaten. Find spot—village Tureintra. P.-S. Balipatna. Dist. Puri.

ଧୁନି ସଂହିତା—

ରାମଚନ୍ଦ୍ର ଦାସ ତଳେ କରିବା
ଅନ ହତ ଧୁନି ଭେଦାଇ ଦେବା ।
ଧୁନି ଅନହତ କହିବା ଭେଦ,
ନ ଥିବ ଭ୍ରାନ୍ତି ତୋ ନ ଥିବ ଖେଦ ।
ଯାହା ଶୁଣିଲେ ଅନ୍ୟ ନ ଶୁଣିମ୍ବ ,
ଅବିନାଶୀ ଯୁଗେ ଯୁଗେ ହୋଇବୁ ।

*　　*　　*

ଅନହତରେ ଦେଇ ଥାଅ ଚିତ୍ତ ।
ଅନ ହତ ଗୀତା କହେ ଅଚ୍ୟୁତ ।।

ଛାୟା ସଂହିତା—

ସାବଧାନ କରି କହିଲି ତୋତେ ।
ଜାଗ ରାମଚନ୍ଦ୍ର ବୋଲେ ଅଚ୍ୟୁତେ ।

ଛାୟା ସଂହିତା ସଂପୂର୍ଣ୍ଣ ।

ଜ୍ୟୋତି ସଂହିତା:—

ଜ୍ୟୋତି ମଣ୍ଡଳେ ଯେ ବଜାଅ ଚିତ୍ତ,
ରାମଚନ୍ଦ୍ର କହେ ଦୀନ ଅଚ୍ୟୁତ ।।

Digitized by PPRACHIN, SOA

ବୀଜ ସାଗର ଗୀତା:—

ବେଳ ବୁଡ଼ିଯିବ କହୁଂ ଯେ ତୋର,
ବଳବନ୍ତା ପଣ ହୋଇବ ଦୂର ।

ବେଳୁ କର ନାଶ ।
ଦୀନ ଅଚ୍ୟୁତ ବୋଲେ ହରି ଘୋଷ ।।

ଢସାଣ:—

ଅଚ୍ୟୁତ ଦାସର ଏଠାକୁ ଧ୍ୟାନ,
ରାମଚନ୍ଦ୍ର ଦାସ କରେ ଭାବନ ।।

ଅଣାକାର ବ୍ରହ୍ମ ଯନ୍ତ୍ର:—

ରାମଚନ୍ଦ୍ର ଦାସ ବିନୟ ହୋଇଣ ଶ୍ରୀଗୁରୁ ଚରଣେ ପଡ଼ି ।
ଆଗ୍ୟାଂ ହୋଇବ ମୋତେ ଶ୍ରୀଗୁରୁ ବ୍ରହ୍ମଂ ଯେ ତନ୍ତ୍ରଂ ମନ୍ତ୍ରଂ ଯନ୍ତ୍ରଂ ଧାଡ଼ି ।

* * *

ପାମର ଅଚ୍ୟୁତ ପଦ୍ମଂପାଦେ ଚିର ପଦ୍ମଂ ବନରେ ନିବାସ ।
ଯନ୍ତ୍ରଂ ମନ୍ତ୍ରଂ ତନ୍ତ୍ରଂ ହୋଇଲେ ସଂପୂର୍ଣ୍ଣ ଭଣିଲେ ଅଚ୍ୟୁତ ଦାସ ।

ଭଗବତୀ ଜଣାଣ:—

କ୍ଷପାକର ଷୋଡ଼ଶ କଳା ସଂପୂର୍ଣ୍ଣ ଦୀନଭକ୍ତିରେ କେତେ ପୂଜାକଲି
କ୍ଷୀଣ ଚନ୍ଦ୍ର ନିଶିରେ ପଦ୍ମଂ ଚରଣ ଉର୍ଦ୍ଧ୍ୱେ ଇଷିତେ ମଧୁ ସମର୍ପିଲି ଗୋ
ଭଗବତୀ,

* * *

ଖଳକୁ ସଙ୍ଗ ଦୂର କଲି
ଛନ୍ଦଳେ ବାଳକବି ଛାଡ଼ି ସକଳ ଆଶା ଶ୍ରୀଭଗବତୀ ଆଶ୍ରେ କଲି ଗୋ ।

ପଦ୍ମକଣ୍ଟୀକା:—

ଜୟ ତୁ ଜୟ ଜଗନ୍ନାଥ ଅଶେଷ ପ୍ରାଣୀ ତାତ ମାତ,
ନମଇଂ ତୁମ୍ଭର ଚରଣ ତୁମ୍ଭେ ଅଶେଷ ପ୍ରାଣୀ ପ୍ରାଣ ।

* * *

Digitized by PPRACHIN, SOA

ଆମ୍ଭ ରାମରେ ଯାର ଭକ୍ତି, ସେ ଲୋକେ ରୋଷାଇ କରନ୍ତି ।
* * *

ଭାଗବତର ପଦ ଅର୍ଥ, ଯେ ପ୍ରାଣୀ ବୁଝେ ପଦ ଅର୍ଥ
ଅଧିକାରୀଟି ସେହି ହେବ, ସକଳ ନ୍ୟାୟ ସେ କରିବ ।
ସକଳ ଘଟେ ନାରାୟଣ, ଜାଣଇଂ ଶ୍ୟାସ୍ତ୍ର ବିଧିକ୍ରମ ।
* * *

ପଦ୍ମକଳ୍ପେ ଟୀକାରସ ମାରକଣ୍ଡ ମୁନି ଉପଦେଶ
ତହିଁରୁ ସାରସ୍ୱତ ବାଣୀ ମୁଁ ଏବେ ଗ୍ରନ୍ଥ କଲି ଆଣି ;
ଭଣଇ ଜଗନ୍ନାଥ ଦାସ ସୁଜନେ କ୍ଷେମାକର ଦୋଷ ।

ଇତି ଶ୍ରୀ ପଦ୍ମକଳ୍ପ ଟୀକାୟା କୃଷ୍ଣ ଉଦ୍ଧବ ସମ୍ବାଦେ ସତ୍‌ସଙ୍ଗ ବିଗ୍ରହଣେ ଭାବ-କଥନେ ନାମୋ ସପ୍ତମୋଧ୍ୟାୟ ।

ବ୍ରହ୍ମ ଜ୍ଞାନ ଚଉତିଶା–

କହନ୍ତି ଉଦ୍ଧବକୁ ହରି । କର ଆସନ ଦୃଢ଼ କରି ।।
ଖଞ୍ଜାଅ ଅଣଗ୍ରଶ ବାଇ । ତିନ ନାଳରେ ରଖ ନେଇ ।।
ଗଙ୍ଗାକୁ ବୁହାଅ ଉଜାଣି । ଗଗନ ଶିଖେ ରହୁ ପାଣି ।।
ଘାଟ ମୁଣ୍ଡରେ ବନ୍ଧ ବାନ୍ଧି । ଘେନି ପରସୁକୁ ନିରୋଧି ।।
ଓଁକାର ମଧ୍ୟେ ରଖ ହେତୁ । ଉଡ଼ନ୍ତା ପକ୍ଷିକୁ ଧରନ୍ତୁ ।।
* * *

କ୍ଷକ୍ଷ ଚନ୍ଦ୍ର କହଇ **ଦ୍ୱାରିକା** । ଛାଡ଼ ତୋହର ମନୁ ବ୍ୟଥା ।।

ଭଗତି ଟୀକା–

ଚୈତନ୍ୟ କହୁଁଛି ମନକୁ । କିଂମ୍ପା ଖୋଜୁଛ ସେ ନାମକୁ ।।
ଗ୍ଋରିବେଦକୁ ଅଗୋଚର । ସକଳ ସାହା ମୁଁ ବାହାର ।।
ବଚନେ ତାହାଁକୁ ହେଁ ନ ପାଇଁ । ଜିହ୍ୱା ଅଗ୍ରତେ ନ ବସଇ ।।
* * *

କହଇ **ଅରକ୍ଷିତ ଦାସ** । ସେ ନାମ ଯେ କରଇ ଆଶ ।।
ତାହାର ମହିଂମା କହିବା । ଆର ଅଧ୍ୟାରେ ବୁଝାଇବା ।।

ଇତି ଶ୍ରୀ ହରି ଭକ୍ତି ଟୀକା ହରି ଅର୍ଜୁନ ସମ୍ବାଦେ ନାମ ବ୍ରହ୍ମଂ କଥନେ ନାମ ଚତୁର୍ଥ ଅଧ୍ୟାୟ ।

ବ୍ରହ୍ମ ଜ୍ଞାନ କୋଇଲି–

ଛାଡ଼ ତୁ ଏବେ ମୁକତି ବାଟ । ଛାର **ନାଥିଆ** ଖୀଦ୍ର ବୁଦ୍ଧି ଖଟ ଲୋ ।।

No Colophon.

Digitized by PPRACHIN, SOA

119

. at. No. O. L./1537

ଧାନ ମାଣିକା ବ୍ରତ

Dhanamanika Vrata

Substance—Palm leaf. No. of folia—27. Size—20·2x3·5 C. M Each side Contains 2—6 lines. Character—Oriya. Date of copy C. 18th Century A. D. Incomplete. Condition—Badly worm-eaten Find spot—Chatrapada, Narendrapur. Dist. Balasore.

ନମସ୍ତେ ଶ୍ରୀ ମହାଲକ୍ଷ୍ମୀ ବିଷ୍ଣୁଙ୍କ ଘରଣୀ ।
ତ୍ରିପୁର ସୁନ୍ଦରୀ ମୁଖ ଦରିଦ୍ର ନାଶନୀ ॥

ନମସ୍ତେ ଶ୍ରୀ ଜଗତ ଜନନୀ ଜଗତ ମାତ ।
ସିନ୍ଧୁ ରାଜା ଦୁହିତା କମଳା ନାମେ ଖ୍ୟାତ ॥

ତୁମ୍ଭେ କୃପା ଦୃଷ୍ଟି ମାଗୋ ହୁଏ ଯାହା ଠାର ।
କୋବେର ସଂପତ୍ତି ତାକୁ କେତେକ ମାତର ॥

ଯେଉଁ ଜନ ଠାରେ ମାତ ହେଉ ତୁ ବିମୁଖ ।
ବ୍ରହ୍ମାଣ୍ଡେ ବୁଲିଲେ ନମିଳଇ ଭିଖ ॥

ମୋର ଠାରେ କୃପା ଦୃଷ୍ଟି କର ଜଗତ୍ ମାତ ।
କହିବି ଧାନ ମାଣିକ ଉଷାର ଚରିତ ॥

କାର୍ତ୍ତିକର ଅନ୍ତେ ମଗୁଶୀର ଗୁରୁବାର ।
ପ୍ରଥମ ଲକ୍ଷ୍ମୀ ବିଜେ କଲେ ସାଧବ ଦୁଆର ॥

ବୃଦ୍ଧା ଯେ ବ୍ରାହ୍ମଣୀ ରୂପ ଧରି ମୋହା ମାଇ ।
ସାଧବାଣୀ ସନ୍ନିଧେ ପ୍ରବେଶ ହେଲେ ଯାଇ ॥

* * *

କି ଗୋ ସାଧବାଣୀ ଯେ କି କର୍ମ ଯେ ତୋହର ।
ଆଜ ଲୋ ପ୍ରଥମ ମଗୁଶୀର ଗୁରୁବାର ।

ଧାନ ସିଝାଇଣ ଧାନ ଦେଉଛୁ ଝିଣାଇ ।
ଆଜ ଦିନ ଯେ କର୍ମ ତୋ କରି ନ ଯୋଗାଇ ।

* * *

ପ୍ରମଲକ୍ଷ୍ମୀ କହୁଛନ୍ତି ଉଷାର ବିଧାନ ।
ଗୋମୟେ ଲେପିଣ ପୁର କରିବୁ ମାର୍ଜନ ।

କୁଙ୍କୁମ କସ୍ତୁରୀ ଘେନି ସ୍ନାହାନ କରିବୁ ।
ପାଟ ଯେ ପଡନି ଝୀନ ବସନ ପିନ୍ଧିବୁ ॥

Digitized by PPRACHIN, SOA

ଯେକ ବର୍ଣ୍ଣ ଶୁକ୍ଳ ଧାନ ମାଣରେ ଭରିବୁ ।
ଗନ୍ଧହଳଦୀରେ ବେନି ଚକ୍ଷୁ ନିର୍ବାଣିବୁ ॥

ନେତ୍ରକୁ ବେନି କଉଡ଼ି ନିର୍ବାଣ କରିବୁ ।
ସିଂହାସନେ ବସାଇଣ ସୁଚିରେ ପୁଜିବୁ ॥

ଦାସ ଯେ କରାଣ୍ଟି ଫୁଲ ବଦରୀ ପଲ୍ଲବ ।
ଅଏଁଳା ଫୁଲ ଗନ୍ଧ ପୁଷ୍ପ୍ୟ ଧୂପ ଦୀପ ॥

ନାରିକେଳ କଦଳୀ ଶାକର ଦଧି ଘୃତ ।
ପଞ୍ଚାମୃତ କରି ଆଗେ ବାଢ଼ିବୁ ତୁରିତ ॥

ପୁର ଅଗଣାରେ ଖଣ୍ଡେ ଗୋମୟ ଲେପିବୁ ।
ଶୁକ୍ଳ ସୁସଞ୍ଚ ଧାନ ମାଣେ ସୁଖାଇଣ ଦେବୁ ॥

କାକ ଯେ ପାରୁଆ ତାହା ଖାଉ ଥିବେ ପଡ଼ି ।
କୋପଭର ହୋଇ ତାଙ୍କୁ ନ ଦେବୁ ଘଉଡ଼ି ॥

ତାହାଙ୍କ ଭୋଜନୁ ଯେ ଉବୁରିବ ଧାନ ।
କୁଟି କାଣ୍ଡି ଯତନେ ତା କରିବୁ ତରଣ ॥

ମୋହାଲକ୍ଷ୍ମୀ ନାମେ ବାଢ଼ି ପାଣି ଛଡ଼ାଇବୁ ।
ବେନି ଘଡ଼ି ବସି ଉଷା ଚରିତ ଶୁଣିବୁ ॥

ପ୍ରଥମ ପାଳିରେ ବାଢ଼ିବୁ ତରଣ ।
ମହାଲକ୍ଷ୍ମୀ ପଦ୍ମ ପାଦେ ପସିବୁ ଶରଣ ॥

ଦ୍ୱିତୀୟ ପାଳିରେ ଏହି ସଞ୍ଚା ମାନ କରି ।
ଚିତଉ କରିଣ ତୁ ପୂଜିବୁ ବିଷ୍ଣୁନାରୀ ॥

ତୃତୀୟ ପାଳିରେ କହି ପୂଜା ବିଧି ଯାହା ।
ଦଧି କଢି ଅନ୍ନରେ ଭୁଞ୍ଜାଇ ହରିପ୍ରିୟା ॥

ଚତୁର୍ଥ ପାଳିରେ ମଣ୍ଡା ଗଈଁଠା କରିବୁ ।
ସଂପୂର୍ଣ୍ଣ କରିଣ ବ୍ରତ ଉଷା ଉଝାଇବୁ ।

ଯେ ଧାନ ମାଣିକା ଉଷା ଏମନ୍ତ ବିଧାନ ।
ଯେ ନାରି କରଇ ଉଷା ଧନ୍ୟ ତା ଜୀବନ ॥

There are some folia Containing ଭଜନ by ରାଧୁଦାସ, ଭରତ and others at the begining of the manuscript.

No. Colophon.

Digitized by PPRACHIN, SOA

120

Cat. No. Or. Pr./65

ଧ୍ରୁବ ଚରିତ କବି—ଜଗନ୍ନାଥ ଦାସ

Dhruba Charitra By—Jagannath Dasa

Substance—Palm leaf. No. of folia-52. Size—28·7x3·3 C. M Each side contains 4 lines throughout the manuscript. Character—Oriya. Date of Copy—C. 19th century A. D. Complete. Condition—Good. Find spot—Podamari, Dist. Ganjam.

ଶ୍ରୀ ଗଣେଶାୟ ନମଃ

ନମଇ ଅମ୍ବିକା ସୁତ ଚରଣ ପଙ୍କଜ ।
ସର୍ବ ଦେବ ମଧ୍ୟେ ଯା'ର ନାମ ବିଘ୍ନରାଜ ।।

* * *

ଭକ୍ତିଯୋଗ ମଧ୍ୟେ ଯେ ଉତ୍ତମ ଭାଗବତ ।
କହିବି ଚତୁର୍ଥ ସ୍କନ୍ଦେ ଧ୍ରୁବ ଚରିତ ।।

ସପତ ବରଷ ପୁଅ ଘୋର ବନ ଗଲା ।
ମାତୃ ସପତଣୀ ବାକ୍ୟେ ହରି କି ଭଜିଲା ।।

ପିତା ଜାନୁ ଆରମ୍ଭରେ ଭଗ୍ନ ଦୁଃଖ ମନେ ।
ସପ୍ତ ଋଷି ଉର୍ଦ୍ଧେ ଯାଇ ବସିଲେ ଗଗନେ ।।

* * *

ସେ ହରି ଚରଣେ ନିତ୍ୟେ ହୃଦେ କର ଭାବ ।
ଭଗତି ପୋତରେ ଭବ ସିନ୍ଧୁ ତରି ଯିବ ।।

* * *

(୧) ସେ ହରି ଚରଣ ଯୁଗ ହୃଦେ ଧ୍ୟାନ କରି ।
ବିପ୍ର ଯଗନ୍ନାଥ କହେ ଗୋବିନ୍ଦ ସ୍ମରି

There are some folia containing ଫୁଲେଇରୀ ଓଷା କେଦାର ବ୍ରତ In the manuscript.

No Colophon.

Digitized by PPRACHIN, SOA

121

Cat. No. O. L./1438

ଧ୍ରୁବ ଚରିତ   କବି—କାଳୁ ଦାସ

Dhruba Charita   By—Kalu Dasa

Substance—Palm leaf. No. of folia—159. Size—42·3x3·7 C. M. Each side contains 4 to 5 lines. Character—Oriya. Date of Copy—C. 18th Century A. D. Incomplete. Condition—Not so good. Find spot—Village Chandipur, P. O. Kakhara, Dist.—Balasore.

ଶ୍ରୀକୃଷ୍ଣ ନାରାୟଣ ଶରଣ

ବନ୍ଦଇ ଦେବ ଗଣେଶ୍ୱର । ମହିମା ଅପାର ଅପାର ।।
ଦେବାଧି ଦେବଙ୍କ ତନୁଜ । ଅଗ୍ରେ ତୁମ୍ଭେ ପୂଜ୍ୟ ।।
ତୋର ମହିମା ମୁଖେଂ କହିଂ । କେ ପାରୁ ନରଦେହ ବହିଂ ।।
କର ସଦଏ ଗଣନାଥା । କହିବି କୃଷ୍ଣ ଗୁଣ ଗାଥା ।।
ମୋ ଛାର ହୀନ ମୂଢ଼ ମତି । ତୋ ନାମ କରି ଦିନ ଚିନ୍ତି ।।
ତୁ ଏବେ ରଖ ହରି ମୋତେ । ପଶଇ ତୋର ଚରଣା ଗ୍ରତେ ।।

*   *

ଏମନ୍ତେ ପରୀକ୍ଷ ରାଜନ । ଧରିଣ ଶୁକଙ୍କ ଚରଣ ।। ।
ବୋଇଲେ ଶୁଣ ତପୋବନ୍ତେ । ଧ୍ରୁବର ଜନ୍ମ କହ ମୋତେ ।

*   *   *

ଏବେ ହେ! ଶୁଣ ନୃପ ମଣି । ଧ୍ରୁବର ଜନ୍ମ କର୍ମ ବାଣୀ ।।

*   *   *

ସୁଜନେ ନ ଧରିବା କୋପ । ମୋ ଛାର ବୁଦ୍ଧିରେ ଅଳପ ।।
କେବଳ ବ୍ୟାଧି କୁଷ୍ଠି ହୋଇଁ । ଦିନ ବଞ୍ଚଇ ନାମ ଗାଇଁ ।।
ହେ ସନ୍ଥେ ନ ଧରିବା ରୋଷ । ଭଣେ ଅଧମ **କାଳୁ ଦାସ** ।।

ଇତିଶ୍ରୀ ଧ୍ରୁବ ଚରିତେ ଶୁକ ପରୀକ୍ଷ ସମ୍ବାଦେ ଧ୍ରୁବତୀର୍ଥ ଗମନେ ଗୋବିନ୍ଦ ଦ୍ରଶନେ ଧ୍ରୁବପୁର ସୁବର୍ଣ୍ଣେ ନାମ ପଞ୍ଚମ ଅଧ୍ୟାୟ ।

Digitized by PPRACHIN, SOA

122

Cat. No. O. L./1393

ଧ୍ରୁବ ଚିନ୍ତାମଣି   କବି—ରାଧା କୃଷ୍ଣ ଦାସ

Dhruba Chintamani   By Radha Krushna Dasa

Substance—Palm leaf. No. of folia—91. Size—29·5x3·5 C. M. Each folia containing 3 to 6 lines. Character—Oriya. Date of Copy—C. 19th Century A. D. Incomplete. Condition—Worm-eaten. Find spot—Nimapada, Dist. Puri.

ଶ୍ରୀ ଗଣଶାଏ ନମଃ

ଗୁରୁବ୍ରହ୍ମା ଗୁରୁବିଷ୍ଣୁର୍ଗୁରୁ ଦେବୋ ମହେଶ୍ୱରଃ
ସାକ୍ଷାତ୍ ଗୁରୁ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।।

ନମଇ ଦେବ ଗଣପତି । ତୋ ପାଦେ କରୁଅଛି ତୁଷ୍ଟି ।।
ତୋହୋର ପିତା ସଦାଶିବ । ଦୁର୍ଗତି ନାଶନ ତୁ ଦେବ ।।
ପାର୍ବତୀ ଦେବୀ ଯାର ମାତ । ମଇଂଷାସୁର ନାମେ ଦତ୍ୟ ।।
ତାହାକୁ ବଧ କଲେ ହେଳେ । ମହୀରେ ଯଶ ସେ ରଖିଲେ ।।
ତୋହୋର ପାଦେ ଆଶ୍ରେ କରି । ଲୁଡ଼ଇ ଯିବି ସ୍ୱର୍ଗପୁରୀ ।।

*   *   *

ହେ ଦେବ ଦେବ ଚକ୍ର ପାଣି । ଲେଖଇ ଧ୍ରୁବ ଚିନ୍ତାମଣି ।।
ମୋହର ଦୁଷ କ୍ଷେମା କର । ପଦ ଯୁଡ଼ଇ ନିରନ୍ତର ।।

*   *   *

ଶୁଣିଣ ପରୀକ୍ଷିତ ବାଣୀ । କହନ୍ତି ଧ୍ରୁବ ଚିନ୍ତାମଣି ।।

*   *

ଭଣଇ **ରାଧାକୃଷ୍ଣ ଦାସ** । ସାଧୁଜନଙ୍କ ପାଦେ ଆସ ।।

Cat. No. O. L./496-C   123

ଧ୍ରୁବଲୀଳା   କବି—ଅଚ୍ୟୁତାନନ୍ଦ

Dhruvalila   By—Achutananda

Substance—Palm leaf,. No. folia—24 Size—25·2x3·5 C. M., Each side containing 4 to 5 lines. Character—Oriya. Date of Copy—C. 19th Century A. D. Incomplete. Condition—Worm-eatsn. Find spot—Haladia, P.-S. Khurda, Dist. Puri.

Digitized by PPRACHIN, SOA

ହରି ହରି ବୋଲ ଯେ ସକଳ ସଭାଜନ,
ହୁଳହୁଳି ଦିଅ ଗୋ ସକଳ ମାତା ମାନ ।
ଶୁଣ ସଭାଜନମାନେ ଦେଇ ମନକର୍ଣ୍ଣ,
ଯେ ଚରିତ୍ର ଶୁଣି ହେବ ପରମ କାରଣ ।
ଭାଗବତ ଚରିତ୍ର ଅମୃତ ରସବାଣୀ,
ଏକ ମନ ହୋଇ ତୁମ୍ଭେ ଶୁଣ ସର୍ବ ପ୍ରାଣୀ ।
* * *

ଶ୍ରୀଭାଗବତ ଚରିତ ଅଟେ ସୁଧାବାଣ୍ଡ,
କେଉଁ ଚରିତ୍ର ଶୁଣିମା କୁହ ଦଣ୍ଡଧାରୀ ।
ପରୀକ୍ଷ କହନ୍ତି ମୁନି କରିବାକ ତ୍ରାହି,
ଧ୍ରୁବର ଚରିତ୍ର ମୁନି କହିବ ବୁଝାଇ ।
* * *

ନାସ୍ତି ନକର ମୁ ଯିବି,
ରାଜ ସିଂହାସନେ ବସି ଆସିବି ହେ
କୋଟି ତୀର୍ଥର ଫଳ ପାଇବି,
ଜନନୀ ଗୋ ।

ମାତାଙ୍କୁ ବୁଝାଇ ସୁତ,
ପିତା ଠାକୁ ଯିବା ଆନନ୍ଦ ଚିତ୍ତ ହେ,
କହେ ଅଚ୍ୟୁତାନନ୍ଦ ଏ ଗୀତ,
ସୁଜନେ ହେ ।
* * *

ବାଳେକର ମୁଖ ଶୁହିଂ ସୁରୁଚି କହଇ
ଜାଣିଲି, କୁମର ମୋର ତୋର ତପ ନାହିଂ ହେ ।।
ଧ୍ରୁବ ବୋଲେ ଜନନୀ ଲୋ ତପ ଯେବେ ମୂଳ
ତପ ନକରିଲେ ଆମ୍ଭେ ଲଭିବି ନିଷ୍ଫଳ ହେ ।।
ଏ ଜନ୍ମ ବିଫଳ ପୁଣ୍ୟ ବିଅର୍ଥରେ ଗଲା
ଉତ୍ତମ ଜନ୍ମିଲା କୋଳେ ପୂର୍ବେ ତପ କଲା ।।
ଏବେ ତପ କରିବାକୁ ଯିବି ଘୋର ବନ ।
ତପ ଫଳେ ଲଭିବି ମୁ ରାଜ ସିଂହାସନ ।।
ସୁମଙ୍ଗଳେ ବିଦାକର ବନସ୍ତକୁ ଯିବି ।
ବୋଲଇ ଅଚ୍ୟୁତାନନ୍ଦ ତପ ମୁ କରିବି ହେ ।।
* * *

ଶୁଣଣ ଯେ ଧ୍ରୁବ କହେ ମାତଳିକି ଗୁହିଁ ।
ରାଜ୍ୟ ଦେଶ ପିତା ମାତା ଘେନି ଯିବି ମୁହି ହେ ।।
ନୋହିଲେ କେବେ ହେଂ ମୁ ନଯିବି ସ୍ୱର୍ଗ ପୁରୀ ।
ରଥ ଘେନି ମାତଳି ତୁ ଯାଅ ସ୍ୱର୍ଗ ପୁରୀ ହେ ।।
ଶୁଣିଣ ମାତଳି ପୁଣି ରଥ ଘେନି ଯାଇ ।
ଅଚ୍ୟୁତାନ୍ଦ ଦାସ ପୁଣି ଭାଗବତେ କହି ହେ ।।
* * *

Digitized by PPRACHIN, SOA

ଶୁଣି ଇନ୍ଦ୍ରଗଣ ଯେ କିଙ୍କର ଗଣ ରାଇ ।
ଭୂତ ରୂପ ହୋଇ ଦୂତେ ଗଲେକ ଚଳାଇ ।।
ଅନେକ ଭୟ କରାଇ ଧ୍ରୁବକୁ ଡ଼ରାନ୍ତି ।
ବ୍ରହ୍ମ ମନ୍ତ୍ର ଘାତେ କେହି ପଶି ନ ପାରନ୍ତି ।।
ଫେରି ଯାଇ ଦୂତମାନେ ଇନ୍ଦ୍ରଙ୍କୁ କହିଲେ ।
ପିଶାଚକୁ ଗୃହିଂ ପଠାଇଣ ଦେଲେ ।
ଆଗ୍ୟାଂ ପାଇ ପିଶାଚ ଯେ ଭୟାକାର ମୂର୍ତି ।
ନାନା ଉପାୟ କରିଣ ଧ୍ରୁବକୁ ଡ଼ରାନ୍ତି ।

* * *

ଶ୍ରୀହରି ଚରଣେ ଇନ୍ଦ୍ର ପଶଇ ଶରଣ ।
ଭାଗବତ ଭାବି କହେ ଅଚ୍ୟୁତାନନ୍ଦ ହୀନ ।

Cat. No. Or. Ms./167 **124**

ନନ୍ଦା ବାଇ ଚଉତିଶା କବି—ନନ୍ଦାବାଇ

Nanda bai Chautisa **By— Nandabai**

Substance—Paper, No. of pages—17, Size—20·5x16·3 C. M. Each page contains 12 to 16 lines, Character—Oriya, Complete, Condition—good, Find spot—Bhubaneswar, Dist.—Puri.

କହେ ରାଧା ଶୁଣ ଦୂତି ମିତଣି ।
କୃପା ଜଳଧି କୃଷ୍ଣ ଗୁଣ ଗୁଣି । ।
କରିଛନ୍ତି ବିଜେ ଗୋପରେ ଆସି ।
କମଳ ଭେଦି ମଞ୍ଜେ ଶୂନ୍ୟେ ବାସୀ । ।
କହିବି ତାହାଙ୍କ ଗୁଣ
ବିଶ୍ୱରୂପ ଦେଖି ଭୁଲିଯିବ ଆଖି ଧନ୍ୟ ସେ ମମ ଜୀବନ ।

* * *

ସ୍ୱଛନ୍ଦେ ମଜି କ୍ଷମାନିଧି ପାଦେ ।
ଛାର ରଙ୍ଗରେ ତରିବୁ ଆନନ୍ଦେ ।
ସ୍ୱଛନ୍ଦେ ଜ୍ୟୋତିରାନନ୍ଦ ପ୍ରକାଶ
କ୍ଷଣେ ଚଳିଗଲେ ଆପଣା ଦେଶ
କ୍ଷମା ଚରଣ କମଳେ

ଛାର ନନ୍ଦାବାଈ ସୁଧାରେ ବୁଡ଼ିଲା ମଧୁ ମକରନ୍ଦ ଭୋଳେ ।
ଇତି ଶ୍ରୀ ନନ୍ଦାବାଈ ଚଉତିଷା ସମାପ୍ତ ।

No. Colophon.

Digitized by PPRACHIN, SOA

125

Cat. No. O. L./1151

ନନ୍ଦ କାଳରୁଦ୍ର　　କବି–କପଳେଶ୍ୱର

Nandi Kalarudra　　By—Kapileswara

Substance—Palm leaf, No. of folia—236, Size—27·8x3·3 C. M Each side contains 4 to 7 lines, Character—Oriya, Date of Copy—C. 19th Century A. D. Complete, Condition—good, Find spot-Bhubaneswar, Dist.—Puri.

ନନ୍ଦିକାଳ–ରୁଦ୍ର ଗଣନା

ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ରଚିତ ।

ଜୟଦେବ ସଦାଶିବ ଭକତ ବତ୍ସଳ ।
ସୃଷ୍ଟି ସ୍ଥିତି ଅନ୍ତକର୍ତ୍ତା ପ୍ରଭୁ ଆଦିମୂଳ ।।
କରି ଅନୁଗ୍ରହ ଦେବ ଘେନି ମୋ ଭକତି ।
ନନ୍ଦି କାଳ ରୁଦ୍ର କହିବାକୁ ହୋଏ ମତି ।।
ପୂରଣ କର ମୋ ବାଞ୍ଛା ଆହେ ତ୍ରିଲୋଚନ ।
ତୁମ୍ଭ ପାଦ ପଦ୍ମେ ସଦା କରଇ ମୁଁ ଧ୍ୟାନ ।।
ଶୁଣ ଜନେ ନନ୍ଦିକାଳ ରୁଦ୍ର କଥା ଧୀରେ ।
ମନୁଷ୍ୟ ଆଜନ୍ମ କଥା ଜାଣନ୍ତି ଯହିଁରେ ।।
ଦିନେ କୈଳାଶେ ଶିବ ଦ୍ୱାରପାଳ ନନ୍ଦି ।
କାଳରୂପୀ ରୁଦ୍ରଦେବ ପାଦେ ପୁଛେ ବନ୍ଦୀ ।।
ଆହେ ଦେବ ସଦାଶିବ କରି ଅନୁଗ୍ରହ ।
ରାଶି ନକ୍ଷତ୍ରର ଫଳାଫଳ ମତେ କହ ।।

*　　*　　*

ରେବତୀ ମୀନର ଫଳ ହୋଇଲା ଯେ ଶେଷ ।
ନନ୍ଦି କାଳରୁଦ୍ର ଗୀତେ ବୋଲେ **କପିଳେଶ** ।।
ନନ୍ଦି କାଳରୁଦ୍ର ଗୀତ ସଦାଜୟେ ସମ୍ପୂର୍ଣ୍ଣ ।

Colphon—ବୀର ଶ୍ରୀ............................ପ୍ରତାପ ଶ୍ରୀ ବାଳ ମୁକୁନ୍ଦଦେବ ମହାରାଜାଙ୍କ ବିଜେ ଶୁଭରାଜ୍ୟେ ସମସ୍ତ ଚଉତିଶଙ୍କ ସନ ୧୩୧୭ ସାଲେ ମିଥୁନ ଦି ୮ ନେ ବେଳ ଦୁଇ ପ୍ରହରଠାରେ ଲେଖା ବଢ଼ିଲା । ଏ ପୁସ୍ତକ ଶ୍ରୀ କପିଳ ମୁନି ମହାପ୍ରଭୁଙ୍କ ସେବକ ଦକ୍ଷିଣବା ମହାସୁଆର ହରିହର ଖୁଣ୍ଟିଆଙ୍କର । ଏ ପୁସ୍ତକ ମାଗିନେଇ ଯେ ଗ୍ରହଣ କରି ଗସ୍ତଭାବରେ ରଖିବ ନ ଦେବ ତାହାର ସପ୍ତ ପୁରୁଷ ରୌରବ ନର୍କରେ ପଡ଼ିବେ । ଏ ପୁସ୍ତକ ଲେଖନ କାର ଘର–ଜି–କଟକ କି–ଖୋରଧା ମଉ—ଦାଣ୍ଡୀମାଳେ ଶ୍ରୀ କଳୀଶ୍ୱର ନିବାସୀ ଗୋପାଳ ଖୁଣ୍ଟିଆଏ ।

Digitized by PPRACHIN, SOA

ଶ୍ରୀ ଶୁଭମସ୍ତୁ ।

ଶ୍ରୀ କପିଳେଶ୍ୱର ରକ୍ଷା କରିବେ ଅଧମ ଗୋପାଳ ଖୁଣ୍ଟିଆଙ୍କୁ ଯଥା ଆଦଶ ତଥା ଲେଖନ । ଆହେ ସୁକି ଜନମାନେ ଶୁଦ୍ଧ ଅଶୁଦ୍ଧ ପୁରାଇ ଗାଇବ । ଲେଖନ କାର ଦୋଷ ନଧରିବ ।
ଶ୍ରୀ ଶୁଭମସ୍ତୁ । ଶ୍ରୀ କାଳିକା

There are some folia containing the Oriya translation of Srimad Bhagavad Gita, by Sadhu Charana Dasa and Vaidyasastra at the beginning of the manscripts

---

126

Cat. No. O. L./263

ନ' ପୋଇ **କବି–କଣ୍ଠ ଦାସ**

Na' Poi **By—Kandha Dasa**

Substance—Palm leaf, No. of folio—82Size—36·2x3·2 C. M. Each side contains 4 to 5 lines, Character—Oriya, Date of Copy—C. 18th Century. A. D. Incomplete, Condition—Badly worm-eaten, Find spot—S. K. C. G. College, Parlakhemundi.

ନବୀନ ପଲବ ତରୁ ଫଳ ଭରେ । ଶାଖା ଅବନୀ ଶୋଭିତ ଅବଲମ୍ବେ ।
ପ୍ରଫୁଲ କୁଳ କୁସୁମ କୁଳ ମଧୁକର । ସୁଖ ପରାଗେ ଧୂସର ମନୋରମସେ ।

* * *

ଯେହ୍ନୁ ବନେ ହରି ଚରନ୍ତି ବାଛୁରୀ ସଙ୍ଗେ ଘେନି ସର୍ବ ବ୍ରଜ କାଳ ।
ଯୂଥ ଯୂଥ ହୋଇ ବନେ ବନେ ଯାଇ ବୃନ୍ଦାବନେ ଏକା ନନ୍ଦ ବାଳ ।

* * *

ରାଧା ପ୍ରୀତି ଆସେ ମୋ ଜୀବ ଆବେଶେ ଝୁରଇ କଦମ୍ବତଳେ ବସି ।
ବିପ୍ର କଣ୍ଠ ଦାସ ଭଜେ ପୀତବାସ ରାଧାସନ୍ନିଧକୁ ମନ ପେଷି ।

There are some folia containing ଷୋଳପୋଇ by ଉପେନ୍ଦ୍ର ଭଞ୍ଜ, ବାର ପୋଇ by ଯୁଗ ଭଞ୍ଜ, ଛ ପୋଇ by ଅଚ୍ୟୁତ ଦାସ, ଗୋପୀ ଚିନ୍ତା ବୋଲି by ବାମଦେବ ପଟ୍ଟନାୟକ at the beginning at end of the mansctript.

No. Colophon.

Digitized by PPRACHIN, SOA

127

Cat. No. O. L./269

ନ' ପୋଇ ଓ ଅନ୍ୟାନ୍ୟ

କଣ୍ଠ ଦାସ ଓ ଅନ୍ୟାନ୍ୟ

Na' poi and oth ers

Kantha Dasa and others

Substance—Palm leaf, No. of folia—79, Size—38·3X4·5 C. M. Each side contains 2 to 5 lines, Character—Oriya, Date of Copy—C. 19th Century A. D. Complete, Condition—good, Find spot—Khallikote, District—Ganjam, Name of the scribe—Brajabandhu Badajena Pattanaik.

ନ ପୋଈ

କୁଚରେ କଜ୍ଜ୍ୱଳ   କମଳେ ଭ୍ରଶଳ
ବେନିଅଙ୍ଗ ନିବିଡ଼ରେ ।
ବିପ୍ର କଣ୍ଠ ଦାସ ଭଜେ ପୀତବାସ
ଚରଣକୁ ଆସ ନିରନ୍ତରେ ।

ଷୋଳପୋଈ—

ଶୁଣ ସୁଜନେ ବିଚିତ୍ର କଉତକ ଶାସ୍ତ୍ର
ଗ୍ରନ୍ଥ ରାମାୟଣ ରାମାୟଣ ।
କଲେ ରାମ ରାମାୟଣ ନାମ ରାମାୟଣ
ଶିବ କହନ୍ତି ପାର୍ବତୀ ଶୁଣ
ଶାସ୍ତ୍ର ଆମେ ବାଲମିକ ସିଦ୍ଧ ବାଲମିକ ।
ପୁରାଣ ପୁରାଣ ପରସିଦ୍ଧି ॥
ନାମ ଅଟେ ଷୋଳ ପୋଇ ପଦ ଷୋଳ ପୋଇ ।
ପୋଇରେ ସମସ୍ତ ବିଧି ॥

ଛ' ପୋଈ—

ପଶ୍ଚ ପୋଇ ଠିକ ହୋଇଛି ଜମକ ।
ମଧ୍ୟ ପ୍ରାନ୍ତରେ ବିଦିତ ॥
ମାନସ ପ୍ରମୋଦେ ଘେନହେ କୋବିଦେ ।
ଛେକାନୁ ପ୍ରାସରେ ଗୀତ ହେ ।
ସାଧୁ !

ଚିତ୍ତ ନିବର୍ତ୍ତାଇବ ବିରୋଧୁ ହେ ।
ମୁଁ ଯେ କହିଲି ତୁମ ପ୍ରସାଦୁ ହେ ।
ଭୁଙ୍ଗବର ରାୟ ମୁଁ ଅସାଧୁ ହେ ॥

ସାତ ପୋଈ—

ଅଧମ ଉଦ୍ଧାରଣ ସେହି ।
ଦ୍ୱିଜ ସତ୍ୟବାଦୀ କହେ କରିବେ ତ୍ରାହି ॥

Digitized by PPRACHIN, SOA

ଦଶପୋଈ—

ଯୁବ ଭଞ୍ଜ ନରପତ ଭଣନ୍ତି ବିନତି
ବେଣୁଧର ଧରି ରାଧାଗଲ ।

ବାରପୋଈ—

ହେଲ ଘନାଘନ କାଳ ବିରହୀଙ୍କ କାଳ ଦମକି ଘମକି ପ୍ରକାଶିଲ ।
ଘନ ଗଗନ ଗରାସି ନିଶିଦିନ ରସି
ଭାନୁ ଶିତଭାନୁ ନ ଦିଶିଲ ।

* * *

ପଗ୍ଗୁ ସେ କୃଷ୍ଣ କାହିଂ ପାଶେ ହେଲେ ଯାଇଂ ।
ପଶି ପୁରରେ ବାହୁଡ଼ି ବାଳା ।
ଯୁବଭଞ୍ଜ ମହୀପତ ରସେ କହେ ଦୂତୀ ଯେ ।
ବୋଇଲ ପାଛୋଟି ଆସିଥିଲ ॥

ଯମକରାଜ ଚଉତଶା—

କୁଞ୍ଜବନ କଳାନିଧି କଳାନିଧି କଳାନିଧି ଦେବ ଶ୍ରୀ ହରି ।
କହନ୍ତି ସେ କଳକଣ୍ଠ କଳକଣ୍ଠ କଳକଣ୍ଠ ପ୍ରୀତି ସୁମରି ॥
କୋକିଳ,
କୋକିଳ,
କି କରୁଥିବ ରାମାମଣି ।
କୁସୁମ-ଶାୟକ ଶାୟକ ସାୟକ ବିନ୍ଧୁଥିବ ଟାଣି ।

* * *

କ୍ଷମାନିଧି ଥାଉ ବୃଷାଙ୍କ ବୃଷାଙ୍କ ବୃଷାଙ୍କ ପର ଦହୁ ଅଛି ।
କ୍ଷତି-ମଣ୍ଡଳୀ ପାଶେ ଯେହ୍ୱା କହିବ କରଧରି ଏତେ ମାଗୁଛି ॥
କୋକିଳ,
କ୍ଷମେ ଆଗମନ ବ୍ରଜକୁ ।
କ୍ଷମେ ରକ୍ଷାକର ଉପଇନ୍ଦ୍ର ଉପେନ୍ଦ୍ର ଭଞ୍ଜକୁ ॥

ଭଜନ—

କ୍ଷଣଦା ବାସରେ ଯେହିମନ ।
କ୍ଷନ୍ତ୍ରିବର ଭାଷେ ଭଜି ଯାଉ ଦିନ ହେ ॥

Calophon—ବ୍ରଜବନ୍ଧୁ ବଡ଼ଜେନା ପଟନାୟକ ଏବଂ ପୁସ୍ତକ ଲେଖ୍ନକାରୀ ।

Digitized by PPRACHIN, SOA

128

Cat. No. O. L/1007

ନ' ପୋଇ କବି-କଣ୍ଠ ଦାସ

Na' poi By—Kantha Dasa

Substance—Palm leaf. No. of Folia 11, Size 23 X 2·8 C. M. Each side contains 3 to 5 lines, Character—Oirya, Date of copy 1815 centnry A. D.. Incomplete. Condition—worm-eaten. Find spot—Presented by Chaitanya Dash, village Andilo, P. O. Balianta, district—Puri.

ଶାଶୁଙ୍କ ଗଞ୍ଜଣା କେତେକ ଭୁଛନା ।
କାହା ବାପବେଳେ ସହୁ ତାହା ।।
ବିପ୍ର **କଣ୍ଠଦାସ** ଭଜେ ପୀତବାସ
ରାଧା କହିଲେ ଗୋବିନ୍ଦ ପାଶେ ଯାହା ।।

No Colophon.

129

Cat. No. O. L./1357

ନ' ପୋଇ କବି-କଣ୍ଠ ଦାସ

Na' poi By—Kantha Dasa

Substance—Palm leaf, No. and folia—75, Size 18·2 X2·8 C. M., Each side contains 3 lines thorughout the manscript. Character—Oriya, Complete, Date of Copy—C. 19th century, A. D., Condition—Badly worm-eaten, Find spot—village Talanga, P.-S. Bhadrakha' district—Balasore.

ମଦନ ଅନଳ ଜଳଇ ଶରୀର ।
ବେଣୁ ଧ୍ୱନି ହେଲ ଘୃତଧାର ।।
ବିପ୍ର କଣ୍ଠ ଦାସ ଭଜେ ପୀତବାସ ।
ଦୀନ ଦାସ ବୋଲେ ତ୍ରାହି କର ।।

No. Colophon

There are some folia contaiarng ଛ' ପୋଇ by ଅଚ୍ୟୁତ ଗୋକୁଳ ନାୟକ and Gopala Stava Raja at the beginning and the end of the manuscript.

Digitized by PPRACHIN, SOA

130

Cat. No. O.L./208

ନଳ ଚରିତ — କବି-ମଧୁସୂଦନ

Nala Charita — By—Madhusudan

Subsfance—Palm leaf, No. of folia—30, Size—19·7 X 3·3 C. M· Each side contains 4 to 5 lines, Character—Oriya, Date of Copy—C 19th Centuray A. D. Incomplete, Condition—worm-eaten Find spot—Gadamanitri, district—Puri.

ରାଗ—ଚକ୍ରକେଳି

ରାମବୋଲି ବାଣୀରେ ଗାଇବ

ଶୁଣ ସୁଜନେ ଅତି ଅପୂର୍ବ ରସ , ଯାହା ଶୁଣନ୍ତେ ପାତକ ଯିବ ନାଶ ।
ରାମ ପିତା ବଚନେ ଅରଣ୍ୟେ ଗଲେ , ମାୟା ମୃଗ ଦେଖି ମାରି ମନ କଲେ ।
ତେଣୁ ଜାନକୀ ରାବଣ ନେଲା ହରି , ରାମ ଲେଉଟିଲେ ମାୟା ମୃଗ ମାରି ।

* * *

ଏହା ଜାଣିଲେ ମାରକଣ୍ଡ ଋଷି , ପ୍ରଭୁ ଛାମୁରେ ସେ ବୋଇଲେ ଆସି ।

* * *

ମାରକଣ୍ଡ ଆଜ୍ଞାଦେଲେ ଶୁଣ ରାମ, ତୋତେ କହିବାକ ପୁଣ ତାର ନାମ ।
ସୂର୍ଯ୍ୟବଂଶେ ବୀରସେନ ରାଜା ମାତ, ନଳନାମେ ତାହାର ଏକଇ ସୁତ ।

* * *

ନଳ ଚରିତ୍ର ଏହୁ ବିଚିତ୍ର ରସ , କର୍ଣ୍ଣେ ଶୁଣନ୍ତେ ପାତକେ ହୋଏ ନାଶ ।
ରାମ ନାମ ସୁମରଣ କର ମନେ , କୃଷ୍ଣ କୀର୍ତ୍ତନ ଏକା ଶୁଣିମ କର୍ଣ୍ଣେ ।
ମାୟା ସଂସାର ଏ ମିଛ ଖେଳଘର , ନାରାୟଣ ନାମ ଧରି ହୁଅ ପାର ।
ସର୍ବ ମଙ୍ଗଳ ପ୍ରଭୁ ନାମ ତୁମ୍ଭର , ମଧୁସୂଦନକୁ ରକ୍ଷ ଚକ୍ରଧର ।

No. Colopjhon.

131

Cat. No. O. L./287

ନଳ ଚରିତ — କବି-ମଧୁସୂଦନ

Nalachatita — By—Madhusudana

Substance—Palm leaf. No. of folia—97, Size 23.6 X 3 C. M. Each side contains 3 lines throughout the manuscript. Date of copy—C. 18th Century A. D. Incomplete. Condition—Badly worm-eaten. Find spot—Jagatsimhapur area, district--Cuttack.

Digitized by PPRACHIN, SOA

ଦିଶ ନଟ ନାରାୟଣ—ପୋଛ ବାଣୀରେ ଗାଇବ

ଶୁଣ ସୁଜନେ ଏକ ଅପୂର୍ବ ରସ ।
ଯାହା ଶୁଣନ୍ତେ ପାତକ ହୋଏ ଧ୍ୱଂସ ॥
ରାମ ପିତା ବଚନେ ଅରଣ୍ୟେ ଥିଲେ ।
ମାୟା ମୃଗ ଦେଖି ମାରିବାକୁ ଗଲେ ॥

* * *

ମାରକଣ୍ଡ ଋଷି କହେ ଶୁଣ ରାମ ।
ତୋତେ କହିବାକ ଶୁଣ ତାର ନାମ ॥
ସୂର୍ଯ୍ୟ ବଂଶ ବୀରସେନ ରାଜା ଜାତ ।
ନଳ ନାମେ ତାର ଏକଇ ସୁତ ॥

* * *

ମାୟାସଂସାର ଏ ସର୍ବ ଖେଦଘର ।
ନାରାୟଣ ନାମ ଧରି ହୁଅ ପାର ॥
ସର୍ବମଙ୍ଗଳ ପ୍ରଭୁ ନାମ ତୁମ୍ଭର ।
ମଧୁଶୋଧନକୁ ରଖ ଚକ୍ରଧର ॥

No. Colophon.

132

C9r. No. O. L./312

ନଳ ଚରିତ — କବି—ମଧୁସୂଦନ

Nalacharita — **By—Madhusudana**

Substance—Palm leaf, No. of folia—65, Size—35·6 X 3-5 C. M. Each side contains 4 to 5 lines. Character—Oirya, Date of Copy—C. 18th Century A. D. complete, Condition—Good. Find spot—Gadamanitri. P.-S. Begunia, district.—Puri.

ଶ୍ରୀଗଣେଶାୟ ନମଃ
ରାଗ—ନଟ ନାରାୟଣ ବାଣୀ

ଶୁଣ ସୁଜନେ ଯେବେ ଅପୂର୍ବରସ ।
ଯାହା ଶୁଣନ୍ତେ ପାତକ ହୋଯେ ନାଶ ॥
ରାମ ପିତା ବଚନେ ଅରଣ୍ୟେ ଥିଲେ ।
ମାୟାମୃଗ ଦେଖିଣ ସେ ମାରି ଗଲେ ॥

* * *

ଦଶଗ୍ରୀବ ନେଇ ଜାନକୀ କି ମୋର ।
ନିଶ୍ଚେ ଛେଦିବି ତାହାର ଦଶଶିର ॥

* * *

Digitized by PPRACHIN, SOA

ଯେବେ ଶୁଣିମା ନରେ ହେ ଦିବ୍ୟରସ ।
ଯେକ ଦିନେ ରାମ ବସିଣ ବିରସ ।।
ଯେହା ଜାଣିଲେ ମାରକଣ୍ଡେୟ ଋଷି ।
ରାମ ଛାମୁରେ ମିଳିଲେ ଯେ ଆସି ।।

* * *

ମାର୍କଣ୍ଡେୟ କହନ୍ତି ଶୁଣ ହେ ରାମ ।
ସୂର୍ଯ୍ୟବଂଶେ ବୀରସେନ ସେ ରାଜନ ।।
ନଳ ନାମେଣ ତାହାର ଯେକ ସୁତ ।
ସର୍ବ ଗୁଣରେ ଅଟଇ ସେ ସମ୍ଭୃତ ।।

* * *

ତାଙ୍କ ପଦ୍ମପାଦ ତଳେ ଥାଉ ମୋର ଶିର ।
ମଧୁସୂଦନକୁ ରକ୍ଷାକର ଚକ୍ରଧର ହେ ।।
ଏ ନଳ ଚରିତ ମୁହିଁ ନ ଜାଣି କହିଲି ।
ଅଜ୍ଞାନ ମୁରୁଖ ମୁହିଁ ଶିଶୁବୁଦ୍ଧି କଲି ହେ ।।

* * *

ଏମନ୍ତ କରିଣ ମୁହିଁ କଲି ସାତଛାନ୍ଦ ।
ଭାବରେ ଭଣିଲେ ମୁହିଁ ରଖ ଆଦିକନ୍ଦ ହେ ।।
ଇତିଶ୍ରୀ ନଳଚରିତ ସଦାଜୟେ ସଂପୂର୍ଣ୍ଣ ।

No colophon.

133

Cat. No. O. L./344

ନଳ ଚରିତ **କବି-ମଧୁସୂଦନ**

Nala Charita **By—Madhusudana**

Substance—Palm leaf. No. of folia—54, Size—34.2 X3·4 C. M. Each side contains 3 to 4 lines. Character—Oriya. Date of Copy C. 18th Century A. D. Incomplete. Condition—Worm-eaten, Find spot—Presented by Narasimha Misra., At Gadamanitri, P.-S. Begunia, district Puri.

ଶ୍ରୀ ଗଣେଶାୟ ନମଃ । ଅବିଘ୍ନମସ୍ତୁ ।

ବୋଲି ବାଣୀରେ ଗାଇବ

ଶୁଣ ସୁଜନେ ଯେହୁ ଅପୂର୍ବ ରସ ।
ଯାହା ଶୁଣନ୍ତେ ପାତେକ ହୋଯେ ଧ୍ୱଂସ ।।
ରାମ ପିତା ବଚନେ ଅରଣ୍ୟେ ଥିଲେ ।
ମାୟାମୃଗ ଦେଖି ମାରିବା ବିଷ୍ଣରିଲେ ।।

Digitized by PPRACHIN, SOA

ତେଣେ ରାବଣ ଜାନକୀ ନେଲା ହରି ।
ରାମ ଲେଉଟିଲେ ମାୟାମୃଗ ମାରି ।।

*　　　*　　　*

ତାଙ୍କ ପାଦପଦ୍ମ ତଳେ ଥାଉ ମୋର ଶିର ।
ମଧୁସୂଦନକୁ ତ୍ରାହି କର ଚକ୍ରଧର ହେ ।।

No colophon.

134

Cat. No. O. L./659

ନଳ ଚରିତ　　　କବି-ମଧୁସୂଦନ

Nalacharita　　　By—Madhusudana

Substance—Palm leaf. No. of folia—85. Size—16·8 X3 C. M. Each side contains 3 to 6 lines. Character—Oriya. Date of copy—Sana 1292 Sala or 1885 A. D. Complete. Condition—Both the sides are worm-eaten. Find spot—Presented by Raja of Haladia, district—Puri, Name of the scribe—Mahadeva Mahanty,

Colophon—ଶ୍ରୀକୃଷ୍ଣ ଶ୍ରୀଚରଣେ ଶରଣ । ଶ୍ରୀ ରାଧାକୃଷ୍ଣ ଶ୍ରୀଚରଣେ ଶରଣ । ଶ୍ରୀରାମ ଉଦ୍ଧାର କରିବେ ପୋଥି ଲେଖା ସଂପୂର୍ଣ୍ଣ ହେଲେ । ବେଳ ତିନି ପ୍ରହର ଠାରେ ଏ ପୋଥି ଲେଣ୍ଟୁ ମାହାଦେବ ମାହାନ୍ତିଙ୍କର । ଏହା ନିଜେ ଲେଖି ଅଛନ୍ତି * * * ସ୍ନ ୧୨୯୨ ସାଲ, ତୁଳର ଦି ୧୬ ନ * * * ।

135

Cat. No. O. L./801

ନଳ ଚରିତ　　　କବି-ମଧୁସୂଦନ

Nalacharita　　　By—Madhusudana

Substance—Palm leaf. No. of folia—75. Size—26·3 X 4 C. M. Each side contains 4 to 5 lines. Character—Oriya. Date of copy—C 19th Century A. D. Complete. Condition—Good. Find spot—Presented by Narasimha Mishra, At. Gadamanitri, P.-S—Begunia, district.—Puri.

ଏ ନଳଚରିତ ମୁହିଁ ନ ଜାଣି ଲେଖିଲି ।
ଅଗ୍ୟାଂନ ମୂରୁଖପଣେ ଶିଶୁବୁଦ୍ଧି କଲି ହେ ।।
ପଣ୍ଡିତେ ଶୁଣିଣ ଦୋଷ ନ ଘେନିବେ ମୋର ।
ପୂରୋଇ ଗାଇବ ମୁହିଁ ସେବକ ତୁମର ହେ ।

No colophon.

Digitized by PPRACHIN, SOA

136

Cat. No. O. L./802

ନଳ ଚରିତ — କବି—ମଧୁସୂଦନ

Nala charita — **By—Madhusudan**

Substance—Palm leaf. No. of folia—93. Size—23. X 3.5 C. M. Each side cantains 3 to 5 line. Character —Oriya. Date of copy—Sana 1305 Sala. Complite. Condition—Good. Find spot—Presented by Narasimha Misra, At—Gadamanitri, P.-S.—Begunia, Dist.—Puri.

Colophon—ଇତି ଶ୍ରୀ ନଳଚରିତ ସଦାଳଏ ସଂପୂର୍ଣ୍ଣ । ସ୍ନ ୧୩୦୫ ସାଲ ମେଷ ମାସ ଦି ୧୫ ନେ ପ୍ର—ରାଖିଗେ.................. ।

137

Cat. No. O. L./1030

ନଳ ଚରିତ — କବି—ମଧୁସୂଦନ

Nala charita — **By—Madhusudhan**

Substance—Palm leaf. No. of folia—52, Size—21.1 X 3 C. M. Each side contains 4 to 5 lines. Character—Oriya. Date of Copy—C. 18th Century A. D. Incomplete. Condition—Good. Find spot—Presented by K. C. Das, At.—Bachara, P.-O. Nuagan, Dist. Puri.

ତୁମ୍ଭର ବିପତ୍ତି ନାଶ କରିବା ପାଇଁ ।
ଅନଳ ଭିତରେ ଆସି ତୋତେ ଭେଟିଲଇଂ ହେ ।
ତୋର ତହୁଁ ଅତି ଦୁଃଖ ନଳ ସେ ରାଜନ ।
ଆଦ୍ୟପ୍ରାନ୍ତ କରି କଥା ଶୁଣ ଏକମନ ହେ ॥
ଦଶଗ୍ରୀବ ହତ କରି ସୀତ୍ୟାଙ୍କୁ ଆଣିବ ।
ନିଶ୍ଚଏଂ ଅଯୋଧ୍ୟା ନଗ୍ରେ ରାଜନ ହୋଇବ ହେ ।
ଏତେ କହିଂ ଋଷି ଅନ୍ତର୍ଦ୍ଧାନ ହୋଇଗଲେ ।

No colophon.

138

Cat. No. O. L./1316

ନଳଚରିତ — କବି—ମଧୁସୂଦନ

Nalacharita — **By Madhusudana**

Substance—Palm leaf. No. of folia—78, Size—18.9X2.6 C. M. Each side contains 3 to 4 lines. Charatcer—Oriya. Date of copy—C. 18th Century A. D. Complete. Condition—Not so good. Find spot—Presented by Somanatha Misra, Kotapalla P.-S. Khurdha, Dist.—Puri.

Digitized by PPRACHIN, SOA

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରବର ସେ ରାଜ୍ୟରେ ।
ତହିଁ ହୋଇଛନ୍ତି ଦାରୁବ୍ରହ୍ମ ଅବତାରେ ହେ ।।
ଶ୍ୱେତପଦ୍ମଡ଼ୋଳା ତାଙ୍କ ଶ୍ରୀରଙ୍ଗା ଅଧର ।
ଯେହୁ ଅବଲୋକନ କରନ୍ତି ନୟନର ହେ ।।
ତାଙ୍କ ପାଦରଜ ତଳେ ଥାଉ ମୋର ଶିର ।
ମଧୁସୂଦନକୁ ଜଗନ୍ନାଥେ ରକ୍ଷାକର ହେ ।।
ନଳର ଚରିତ ମୁହିଁ ନ ଜାଣି କହିଲି ।
ଅଗ୍ୟାଂନ ମୂରଖ ପଣେ କିଛୁ ବଖାଣିଲି ହେ ।।
ପଣ୍ଡିତେ ଶୁଣିଲେ ଦୋଷ ନ ଘେନିମ ମୋର ।
ପୂରୋଇ ଗାଇବ ମୁହିଁ ସେବକ ତୁମ୍ଭର ହେ ।।

No colophon.

139

Cat. No. O. L./1485

ନଳଚରିତ **କବି—ମଧୁସୂଦନ**

Nalacharita **By— Madhusudana**

Substance—Palm leaf No. of folia—64, Size—32.4 X3.2 C. M. Each side contains 3 to 4 lines, Character—Oriya. Date of copy—C. 19th Century A. D. Complete. Condition—Good. Find spot—Presented by G. N. Dasa Gosvami Adhikari, Tangi, Dist.—Cuttack.

ନଳଚରିତ୍ର ମୁହିଁ ଯେ ନ ଜାଣି କହିଲି ।
ଅଗ୍ୟାଂନ ମୂରୁଖ ପଣେ ଶିଶୁ ବୁଦ୍ଧି କଳି ।

* * *

ପୂରାଇ ଗାଇବ ତୁମ୍ଭ ସେବା ଯେ ମୋହର ।।
ଶ୍ରୀଦାରୁବ୍ରହ୍ମ ବିଜେ ଶ୍ରୀନୀଳକନ୍ଦର ।
ତାଙ୍କ ପାଦ ପଦ୍ମେ ସେବା କରେ ଯେଉଁ ନର ।।
ସୁଜନ ଜନଙ୍କ ପାଦେ ଲାଗୁ ମୋର ଶିର ।
ହୀନ ଶମ୍ଭୁକୁ ମାଗୁଅଛି ମୁଁ ନିକର ଯେ ।

ଇତି ଶ୍ରୀ ନଳଚରିତ୍ର ସଂପୂର୍ଣ୍ଣ ।

No Colophon.

Digitized by PPRACHIN, SOA

Cat. No. O. L./75 140

ନଳଚରିତ କବି—ମଧୁସୂଦନ

Nala charita By—Madhusudan

Substance—Palm leaf No. of folia—113. Size—34·8 X 4·1 C. M. Each side contains 4 to 5 lines. Character—Oriya. Date of Copy—C. 18th Century A. D. Complete. Condition—badly worm eaten. Find spot—Manjusa. Andhra Pradesh.

ବୈଷ୍ଣବ ଯେହୁ ବୋଲାନ୍ତି, ନାମ କୀର୍ତ୍ତନ କରନ୍ତି ।
ମଧୁସୂଦନ ତାଙ୍କର ପାଦତଳର ଯେ ।
ସୁଗ୍ୟଂ ଜନମାନେ ହରି କୀର୍ତ୍ତନ କରିବ ।
କୃଷ୍ଣ ନାମ ଅହର୍ନିଶି ଶ୍ରବଣେ ଶୁଣିବ ।
ଜଗନ୍ନାଥ ସୁମର ପାତକ ନ ଲାଗଇ ।
ମଧୁସୂଦନକୁ ରଖିବେ ଭାବଗ୍ରାହୀ ।

Colophon—ବୀର ଶ୍ରୀ..........................ପ୍ରତାପ ଶ୍ରୀ ବୀରକେଶରୀ ଦେବ ମହାରାଜାଙ୍କ ବିଜେ ଶୁଭରାଜ୍ୟେ ସମସ୍ତ ୪୩ ଅଙ୍କ କୁମ୍ଭ ଦିୟନେ ଶ୍ରାବଣ ଶୁକ୍ଳ ୨ ମଙ୍ଗଳବାରେ ସେରଗଡ଼ ରାଜ୍ୟରେ ଚାକଡ଼ା ଗ୍ରାମରେ ଲେଖା ସଂପୂର୍ଣ୍ଣ ।

There are some folia containing ବେତାଳ ପଚିଶା at the beginning of the Manuscript.

ଦକ୍ଷିଣ ଦେଶରେ ପ୍ରତିଷ୍ଠା ନାମେ ପୁର ଅଛି । ସେ ରାଜ୍ୟରେ ଗନ୍ଧର୍ବସେନ ବୋଲି ରଜା । ସେ ରାଜା ମୃଗୟା ବିନୋଦକୁ ଗଲେ । ସେ ବନରେ ବକଳାସନ ଋଷିଙ୍କି ଦେଖିଲେ ମନରେ ବିଚାରିଲେ ମୋ ଜନ୍ମ କାଳରୁ ବହୁତ ପାପ କରିଅଛି । ଯେ ମୁନିଙ୍କ ଦର୍ଶନେ ସମସ୍ତ ପାପ ମୋହର ଯିବ । ଯେମନ୍ତ ବିଚାରି ମୁନିଙ୍କ ପାଶକୁ ଗଲେ । ସେ ମୁନିଙ୍କି ଦେଖିଲେ । ସେ ମୁନି ବ୍ରହ୍ମ ଲୋକ ପ୍ରାୟେ ସ୍ୱତେଜରେ ଭିମ ବୃକ୍ଷ ମୂଳରେ ତପସ୍ୟା କରୁଅଛନ୍ତି । ସେ ମୁନିଙ୍କି ଦେଖି ରାଜା ବିଚାରିଲେ ଏହାଙ୍କ ଧ୍ୟାନ କେତେବେଳେ ଭାଙ୍ଗିବ । ମୁଁ କେତେବେଳେ ଦର୍ଶନ କରିବି ।

Cat. No. O. L./435 141

ନଳଚରିତ କବି—ଈଶ୍ୱର ଦାସ

Nala charita By—Isvara Dasa

Substance—Palm leaf No. of folia—174. Size—19·4 X 3·3 C. M. Each side contains 5 to 7 lines. Character —Oriya. Date of Copy—C. 18th Century A. D. Complete. Condition—worm eaten Find spot—Bhawani Patana, Dist. Kalahandi. Name of the scribe—Lingaraja Acharya at Udita Pratapapur Sasana.

Digitized by PPRACHIN, SOA

Colophon—ପଞ୍ଚିଶି ଅଙ୍କ ମାଘ ଶୁକ୍ଳ ଦ୍ୱିତୀୟା ସୋମବାରେ ବେଳ ପାଞ୍ଚଘଣ୍ଟା ସମୟରେ କୁଲାଷ୍ଟ ଭାଜନ ଦେଶ ଇଛା କେଦାର ଉଦିତ ପ୍ରତାପପୁର ଶାସନ ଶ୍ରୀ କେଦାରନାଥ ମହା–ପ୍ରଭୁଙ୍କର ମନ୍ଦିରରେ ସମାପତ ହେଲା ।

ଶ୍ରୀ ରାମଚନ୍ଦ୍ର ଉଦ୍ଧାର କରିବେ ଅଧମ ଲିଙ୍ଗରାଜ ଆଗ୍ରର୍ଯାଙ୍କୁ । ଶ୍ରୀ ମଧୁସୂଦନ ରକ୍ଷା କରିବେ ଅଧମ ଲିଙ୍ଗରାଜକୁ ।

There are some folia Containing Nala charita by Madhusudana towards the end of the Manuscript.

142

Cat. No. O. L./444

ନଳ ଚରିତ **କବି—ଈଶ୍ୱର ଦାସ**

Nala charita **By—Isvara Dasa**

Substance—Palm leaf. No. of folia—152 Size—22·9 X 3·5. C. M. Each side contains 4 to 5 lines. Character—Oriya. Date of Copy—C 18th Century A. D. Complete. Condition—worm-eaten. Find spot—Jemadei Matha, Dist. Ganjam.

ଶ୍ରୀ ଗଣେଶାୟ ନମଃ, ଅବିଘ୍ନମସ୍ତୁ ।

ନମସ୍ତେ ପ୍ରଭୁ ନାରାୟଣ । ସଂସାର ପରମକାରଣ ।
ତୋ ଲୀଳା ଜଗତେ ବିଖ୍ୟାତ । ନମସ୍ତେ ପଦ୍ମାଳୟା କାନ୍ତ ।।

* * * *

ଏଥୁ ଉତ୍ତାରେ ଶୁଣ ରସ । ପାଣ୍ଡବେ ଯାଇ ବନବାସ ।।
କାମ୍ୟେକ ବନେ ଛନ୍ତି ରହି । ବ୍ୟାସ ବିଜୟେ କଲେ ତହିଁ ।।

* * * *

ବ୍ୟାସେ ବୋଇଲେ ତୁକି କଷ୍ଟି । ତୋ ତହୁଂ ଅଛି ମହା କଷ୍ଟି ।।

* * * *

ବୈଦର୍ଭ ଦେଶେ ରାଜା ନଳ । କ୍ଷତ୍ରିପଣକୁ ଅର୍ଗଳ ।
ରୂପେଣ କନ୍ଦର୍ପ ସମାନ । ତୁଲ୍ୟ ଦେବାକୁ ନାହିଂ ଆନ ।।
ସୁନ୍ଦର ଶୂର ତେଜବନ୍ତ । ସକଳ ସୁବିଦ୍ୟା ପଣ୍ଡିତ ।।
ଦୟାଳୁ ଦାତା ପରହିତ । ବିପ୍ର ପୋଷଣେ ଅବିରତ ।।
ପ୍ରଜାପାଳଇ ସତ୍ୟବାଣୀ । ସ୍ୱଧର୍ମ ବେଦମତ ଘେନି ।।

* * *

ଇତି ଶ୍ରୀ ନଳଚରିତ୍ରେ ଈଶ୍ୱର ଦାସ କୃତ୍ୟେ ବ୍ୟାସଧର୍ମ ମାର୍କଣ୍ଡ ଶଚୀ ନାରଦ ସମ୍ବାଦେ ଶ୍ରୀରାମ ବନବାସ ଖଣ୍ଡନେ ଅଯୋଧ୍ୟା ପ୍ରବେଶେ ଶ୍ରୀରାମ ଅଭିଷେକେ ନଳପତି ମୋକ୍ଷଣେ ସ୍ୱଦେଶ ପ୍ରବେଶ ଉହବ ଆନନ୍ଦ ସୁଦଶାବ୍ରତ ନିର୍ଣ୍ଣୟ କଥନେ ନାମ ପଞ୍ଚଦଶ ଅଧ୍ୟାୟ ।

Colop hon—ନଳ ଚରିତ ପାଠ ଏଠାରେ ୧୫ ଅଧ୍ୟା ସମାପ୍ତ । ଶୁଦ୍ଧ ଅଶୁଦ୍ଧ ମିଶାଇ ଗାଇବ ।

Digitized by PPRACHIN, SOA

Cat. No. O. L./697 143

ନଳ ଚରିତ କବି—ଈଶ୍ୱର ଦାସ

Nala charita By—Isvara Dasa

Substance—Palm leaf. No. of folia—71. Size—26·2 X 3 C. M. Each side contains 5 to 6 lines. Character—Oriya. Date of Copy—Sana 1185 Sala or 1778 A. D. Complete up to 5th to 8th Chapter. Find spot—Midnapur, West Bengal. Name of the scribe—Krushna Kanta Devasarma.

Colophon—ସନ୍ ୧୧୮୫ ସାଲ କାର୍ତ୍ତିକ ୧୯ ଦିନ ସମାପ୍ତ । ସମାପ୍ତୋଽୟଂ ଗ୍ରନ୍ଥଃ । କୃଷ୍ଣକାନ୍ତ ଦେବ ଶର୍ମଣୋ ହସ୍ତାକ୍ଷରମିଦମ୍ ।

144

Cat. No. O. L./698

ନଳ ଚରିତ କବି—ଈଶ୍ୱର ଦାସ

Nala charita By—Isvara Dasa

Substance—Plam leaf. No. of Folia—118. Size—35·6 X 2·5 C.M· Each side contains 3 to 4 lines. Character—Oriya. Date of Copy—C 18th Century A. D. Complete up to 12th Chapter. Condition—good Find spot—Midnapur, West Bengal. Name of the scribe—Aniruddha Dvija.

ଏ ନଳରାଜାର ଚରିତ୍ର । ଶ୍ରୀରାମ ମଧୁର ଚରିତ୍ର ॥
ଗାୟନ କଲେଂ ଶୁଣିବାରେ । ବିପତ୍ତି ସଙ୍କଟୁ ନିସ୍ତରେ ॥
ବିଶ୍ୱାସେ ଗାଇବ ଶୁଣିବ । ଧର୍ମକୁ କେବେ ନ ଲଘିବ ॥

* * * *

ଯୁଧିଷ୍ଠି ବ୍ୟାସ ମୁଖୁ ଶୁଣି । ତାଙ୍କ ବିପତ୍ତି ଗଲା ପୁଣି ॥
ଶିଶୁ ଈଶ୍ୱର ଗୀତ ବାଣୀ । ଭାଷା ପ୍ରବନ୍ଧେଂ ଏହୁ ଭଣି ॥

* * * *

ସଂପୂର୍ଣ୍ଣ ଏ ଦ୍ୱାଦଶ ଛାନ୍ଦ ।
ଇତି ନଳ ଚରିତ୍ରେ ଦ୍ୱାଦଶ ଛାନ୍ଦ ।

Colophon—କର୍କଟେ ଶୁକ୍ଳପକ୍ଷେ ଚ
ସପ୍ତମ୍ୟାଂ ଭୌମ ବାସରେ ।
ବିଲିଖତ୍ ନଳ ଚରିତ୍ରଂ
ଅନିରୁଦ୍ଧ ଦ୍ୱିଜନ୍ମନା ॥

Digitized by PPRACHIN, SOA

Cat. No. O. L./699 **145**

ନଳ ଚରିତ **କବି—ଈଶ୍ୱର ଦାସ**

Nala charita **By—Isvara Dasa**

Substance——Palm leaf. No. of folia——91. Size——53·8 X 3·1 C. M. Each side contains 3 lines through out the Manuscript. Character——Oriya. Date of Copy——C 18th Century A. D. Complete up to 11th Chapter. Condition—worm eaten. Find spot——Midnapur West, Bengal.

Colophon—ସଂପୂର୍ଣ ଏକାଦଶ ଛାନ୍ଦ । ଇତି ନଳଚରିତ୍ରେ ଏକାଦଶ ଛାନ୍ଦ ।
କର୍କଟେ ଶୁକ୍ଳ ପକ୍ଷେଚ ସପ୍ତମ୍ୟାଂ ଭୌମ-ବାସରେ ।
ବିଲିଖତ୍ ନଳଚରିତ୍ରଂ ଚ ଅନିରୁଦ୍ଧ ଦ୍ୱିଜନ୍ମନା ।
ଏକାଦଶାଖ୍ୟ ମିଶ୍ରସ୍ୟ ପୁସ୍ତକଂ ନଳଚରିତ୍ରକମ୍ ।
ହରଣଂ କୁରୁତେ ଯସ୍ତୁ ସବଂଶଂ ନାଶୟେଦ୍ଧ୍ରୁବମ୍ ॥
ଭଗ୍ନପୃଷ୍ଠ.................. ପରିପାଳୟେତ୍ ॥

146

Cat. No. O. L./1442

ନଳ ଚରିତ **କବି—ଈଶ୍ୱର ଦାସ**

Nala charita **By—Isvara Dasa**

Substance——Palm leaf, No of folia——116. Size——20·5 X 3·4 C. M. Each side contains 3 to 5 lines. Character——Oriya. Date of Copy——C. 18th Century A. D. Complete. Condition——worm-eatrn. Find spot——Village Guhali pala P.-S. Dhamanagara. Dist. Balasore. Name of the scribe——Radha ballabha Nayaka.

ମୁହିଂ ଈଶ୍ୱର ମୋର ନାମ ,
ସୁଜନେ ଦୋଷ କର କ୍ଷମ ॥
ନିଧି ରାଉତ ନାମ ଯାର ,
ଦୟା କରିବ ଦାମୋଦର ॥

Colophon—ହେ ସୁଗ୍ୟଂଜନ ପୁରେଇ ଗାଇ । ଲେଖନକାର ରାଧାବଲ୍ଲଭ(ଭ) ନା(ଯ)କ ଦୋଷ ନ ଧରିବ । * * * ତୁଳ ୧୨ ଦିନେ ବୁଧବାରେ ବେଳ ଛଅଘଡ଼ି ସମୟରେ ନିବେଦନ କଲୁ ଏହିକି ଅ ୨୪ ଙ୍କ ସନ୍ ୧୨୮୬, ସାଲ ଶ୍ରୀକୃଷ୍ଣ ଶରଣ ଶ୍ରୀ ରାଧାବଲ୍ଲଭ ନାଏକ ଶରଣ ।

Digitized by PPRACHIN, SOA

147

Cat. No. O. L./1476

ନଳ ଚରିତ — କବି—ଈଶ୍ୱର ଦାସ

Nala Charita — By—Isvara Dasa

Substance——Palm leaf. No. of folia——125. Size—38.6 X 3.7 C. M. Each side Cantains 3 to 5 lines. Character——Oriya. Date of copy——C 19th Century A. D. Complete up to 8th Chapter. Condition——good. Find spot——Podamari Dist Ganjam.

There are some folia containing Adhyatmya Ramayana by Gopala Telanga towards the end of the manuscript.

148

Cat. No. O. L./1153

ନଳ ଚରିତ — କବି—କପିଳେଶ୍ୱର୍

Nala Charita — By—Kapilesvar

Substance——Palm leaf. No. of folia——89. Size——37·8 X 3·4 C. M. Each side contains 5 to 7 lines. Character——Oriya Date of Copy—Sana 1306 sala. or 1899 A. D. Complete. Condition—not so good. find spot——Bhubaneswar, Dist. Puri. Name of the scribe——Gopala Khuntia.

ଯେ ନଳଚରିତ ହେଲା ସମାପତ ତେତିଶ ଛାନ୍ଦରେ ଜାଣ ।
ଶୁଣିଲେ ମାନସ ଲଭିବ ସନ୍ତୋଷ ହୋଇଂବ ଦୁଃଖ ହରଣ ।।
ଯେ ଚରିତ ମହାଭାରତରେ ଯାହା ଯାହା ଅଛି ଶୁଣି କରି ।
କହିଲି ଭାଷାରେ ଛାନ୍ଦ ପ୍ରବନ୍ଧରେ ମାନସେ ମୋର ବିଗ୍ରହି ।।
ସାଧୁଜନେ ମୋର ଦୋଷକୁ ନ ଧର ଚଞ୍ଚଳ ସ୍ୱଭାବେ ମୁହିଂ ।
ଲେଖିଗଲି ଯାହା ଯାହା ସବୁ ତାହା ଆଉ ଥରେ ଭାଳି ନାହିଂ ।।

* * * *

ମହମଦ ସନ ବାରଶତ ପୂର୍ଣ୍ଣ ପଞ୍ଚାନବେ ସାଲଠାରେ ।
ଆଶିନ ଶୁକଳ ସପତମୀ ବେଳ ସକାଳ ଓଳି ମଧ୍ୟରେ ।
ହେଲା ସମାପତ ଯେ ନଳଚରିତ ଶୁଣହେ ସୁବୁଦ୍ଧି ଜନେ ।।

* * * *

ଧର୍ମେ ଦେଇଂ ଚିତ୍ତ ଦ୍ୱିଜ ରଘୁନାଥ ନନ୍ଦ ନନ୍ଦନ ଅଧମ ।
କପିଳେଶ ବୋଲେ ଶିବକୁ ଭଜିଲେ ଦେଖା ନ ଦିଅଇ ଯମ ।।

* * * *

Digitized by PPRACHIN, SOA

Colophon—ସମସ୍ତ ଅ ୩୪ ଙ୍କ ସନ ୧୩୦୬ ସାଲେ କକଡ଼ା ଦିନେ ରୋଜ ବୁଧବାରେ ବେଳ ଚଉଦ ଘଡ଼ିଠାରେ ଲେଖା ସଂପୂର୍ଣ୍ଣ ହୋଇଲା । ଯେ ପୁସ୍ତକ ଜି: କଟକ କି : ଖୋରଧା ମ : କପିଳିଶ୍ଵର ଗୋପାଳ ଖୁଣ୍ଟିଆଙ୍କର * * * ଯେ ଲେଖନକାର ନିଜେ ଗୋପାଳ ଖୁଣ୍ଟିଆଯେ ॥

There are some folia containing Samkara Lila and Tripuramohini Harana by the some author at the beginning of the MS.

149

Cat. No. O. L./1249

ନଳ ଚରିତ **କବି—କପିଳେଶ ନନ୍ଦ**

Nala Charita **By—Kapilesa Nanda**

Substance—Palm leaf No. of falia 99—Size—37·5 X 3·2 C. M. Each side contarins 4 to 6 lines. Character——Oriya. Date of Copy——C. 19th Century A. D. Complete. condition——good Find spot——Bhubaneswar, Dist. Puri.

ହେ ଜନେ ଏ ନଳ ଚରିତ କେବଳ ପୁରାଣରେ ଶୁଣିଥିଲି
ଇଷ୍ଟ ଗୁରୁ ପିତାମାତାଙ୍କ କୃପାରୁ ତା ଛାନ୍ଦ ବନ୍ଧେ ବିରଚିଲି ।
ମହମଦ ସନ ବାରଶତ ପୁନ ପଞ୍ଚାନବେ ସାଲଠାରେ
ଆଶିନ୍ୟ ଶୁକଳ ସପତମୀ ବେଳ ସକାଳ ଓଳି ମଧ୍ୟରେ ।
ହେଲା ସମାପତ ଏ ନଳ ଚରିତ ଶୁଣହେ ସୁବୁଦ୍ଧି ଜନେ
ନାହିଂ ପଦ ଗୂଢ଼ ସରଳ ଯେ ବଡ଼ ପଢ଼ିଲେ ଜାଣିବ ମନେ ।
ହେଉ ଯାହା ତାହା ପଦ ଯୋଡ଼ି ଏହା କହିବା କଷଣ ଯେତେ
ଗ୍ରାହକ ବିନାରେ ଏହା ମାନସରେ କରିବ କେ ବା ପରତେ ।

* * * *

ଧର୍ମେ ଦେଇ ଚିତ୍ତ ଦ୍ଵିଜ ରଘୁନାଥନନ୍ଦ ନନ୍ଦନ ଅଧମ
କପିଳେଶ ବୋଲେ ଶିବଙ୍କୁ ଭଜିଲେ ଦେଖା ନଦିଅଇ ଯମ ।
ସେ ପ୍ରଭୁଙ୍କୁ ଚିତ୍ତେ ଭଜି ମୁଂ ନିରତେ ପାଇଲି ବାଞ୍ଛିତ ଫଳ
ଗୀତ ରଚନାରେ ଶ୍ରଦ୍ଧା ବଳିବାରେ ଲଭି ତହିଂ କୁତୁହଳ ।
ସେହି ଦେବ ପାଦେ ଭଜି ଅପ୍ରମାଦେ ଏଛାନ୍ଦ ପୂରଣ କଲି
ମୋ ଦୋଷ ସୁଜନେ ନ ଧରିବ ମନେ ମୁଂ ତୁମ ଶରଣ ହେଲି ।

No Colophon.

Digitized by PPRACHIN, SOA

150

Cat. No. O. L./630

ନଳ ଚରିତ କବି—ସଦାନନ୍ଦ ଦାସ

Nala Charita By—Sadananda Dasa

Substance——Palm leaf. No. of folia——186. Size——25· X 3·3 C. M. Each side contains 2 to 6 lines. Character ——Oriya. Date of copy——sana 1211 sala or 1804 A. D. Complete. Condition ——sligtly worm-eaten Find spot——presented by Damodara Dasa, Bhubaneswar. Dist, Puri. Name of scribe——Krupasindhu Dasa at Phulagorada.

ଶ୍ରୀ ଗଣେଶାୟ ନମଃ ଅବିଘ୍ନମସ୍ତୁ ।

ରା ୀ—ମଙ୍ଗଳ ଗୁଜ୍ଜରୀ

ଜୟ ଜୟ ମୀନ ଅବତାର ।
ଶଂଖାସୁର ମାରି ବେଦ ଉଦ୍ଧରିଣ ଧର ହେ ॥

* * * *

ନବମେ ବଉଦ୍ଧ ରୂପେ ଯୋଗ ସିଂହାସନେ ।
ଦଶମେ କଲ୍କି ରୂପେ ଦୁଷ୍ଟ ନିବାରଣେ ହେ ॥

* * * *

ମାରକଣ୍ଡ ବୋଇଲେ ଶୁଣିମାଂ ରଘୁସାଇଂ ।
ଆମ୍ଭର ବିଗ୍ଧରେ ତୋର କିଛି କଷ୍ଟ ନାହିଂ ହେ ॥

* * * *

ପୂର୍ବେ ଥିଲ୍ଲ ନଳ ରାଜା ବୀରସେନ ଶିଷ ।
ରାଜ୍ୟ ଭ୍ରଷ୍ଟ ହୋଇଣ ସେ କଲା ବନବାସ ହେ ॥

* * * *

ଶୁଣ ରଘୁନାଥ ସତ୍ୟ ଯୁଗର ଚରିତ ।
ବୈଧେଦସନ୍ଥ (ବିଦେହ ଦେଶର) ରାଜା ବୀରସେନ ନାଥ ହେ ॥

ନଳ ତାହାଙ୍କର ନିଜ ତନୁଜ ଅଟଇ ।
ରୂପ ଗୁଣେ ରତିପତି ସମାନ ନୁହଇ ଯେ ॥

* * * *

Digitized by PPRACHIN, SOA

ନୀଳଗିରି ଶିଖେ ଶଂଖନାଭି ମଣ୍ଡଳେ ।
ଚତୁର୍ଦ୍ଧା ମୂରତି ସିଂହାସନରେ ॥
ଛାମୁରେ ବିନତାସୁତ ଲଭିଣ ସୁଖ ।
ତହିଂ ପଞ୍ଚୋନରେ ଥାଇ ଶ୍ରୀମୁଖ ଦେଖ ॥
ସେ ପଦ୍ମ ଶ୍ରୀମୁଖ ଶୋଭା ପଦ୍ମଲୋଚନ ।
ସଦାନନ୍ଦ ଆଶ (ଦାସ) ଆଶା କରିଛି ମନ ॥

* * * *

ଏଥୁ ଅନନ୍ତରେ ମାରକଣ୍ଡ ଋଷି ନିଜ ଆଶ୍ରମ ଚଳିଗଲେ ।
ଲକ୍ଷ୍ମଣ ହି ଆସି ସୁଗ୍ରୀବର ଘେନି ମାଲ୍ୟାବନ୍ତରେ ପ୍ରବେଶିଲେ ॥
ଯାଇ ସମୁଦ୍ରେ ବାନ୍ଧିଲେ ସେତୁବନ୍ଧ ।
ଲଙ୍କାଗଡ଼ରୁ ସର୍ବଦ (ଦୈ) ତ୍ୟ ନାଶିଣ ଛେଦିଲେ ରାମ ଦଶକନ୍ଧ ।

Colophon—ଶ୍ରୀ ନଳ ଚରିତ ସମ୍ପୂର୍ଣ୍ଣ ହୋଇଲା ଏଠାରୁ । ଆହେ ସୁଗ୍ୟଂ ଜନମାନେ ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ, ଲେଖନକାର ଦୋଷ ନ ଧରିବ । * * * ଫୁଲ ଗୋରଡ଼ା ରହଣି କୃପାସିନ୍ଧୁ ଦାସେ । ଭୀମସ୍ୟାପି.................ନ ବିଦ୍ୟତେ । ଆହେ ସୁଗ୍ୟଂ ଜନମାନେ ଗାଇବ, ଲେଖନକାର ଦୋଷ ନ ଧରିବ । * * * ବୀର ଶ୍ରୀ ଗଜପତି ....ଶ୍ରୀ ମକୁନ୍ଦଦେବ ମହାରାଜାଙ୍କ ବିଜେ ଶୁଭ ରାଜ୍ୟେ ସମସ୍ତ ଅ ୨୮ ଙ୍କ ସ୍ନ ୧୨୧୧ ଶାଲ କନ୍ୟ ଦି ୭ ନେ ଏ ପୋସ୍ତକ ସମା(ଦୋ) ଜଏ ସମ୍ପୂର୍ଣ୍ଣ ହେଲା ବେଳ ଷାଠିଏ ଦ ୬୦ ଣ୍ଡ ଭିତରେ ।

There are some folia containing solapoi by Upendra Bhanja and Visnupurana by Prahallda Dasa at the beginning and the end of the manuscript.

151

Cat. No. O. L./1545

ନଳ ଚରିତ — କବି—ଯଦୁ ଦାସ

Nala Charita — **By—Yadu Dasa**

Substance—Palm leaf, No. of folia —95. Size—33·3X3·4 C. M. Each side contains 5 to 7 lines. Character—Oriya. Date of Copy—C 18th Century A. D. complete. Condition—Not so good. Find spot—Berhampur, Dist. Ganjam.

ଶ୍ରୀ ଗଣେଶାୟ ନମଃ ।

ଜୟଦେବ ଦାମୋଦର ବାଣୀରେ ଗାଇବ ।

ଜୟତୁ ସକଳ ବ୍ରହ୍ମାଣ୍ଡ ନାଥ ।
ଶୟଳ ଯାର ପ୍ରକୃତିଗତ ॥

Digitized by PPRACHIN, SOA

ମନ ବଚନେ ଅଗୋଚର ନୋହି ।
ସହଜା ନନ୍ଦ ସରୂପ ବିହି ।।
ମୁନି ମନଚକୋର ପୂର୍ଣ୍ଣଶଶୀ ।
ସକଳ ଭାବେ ଅଭାବେ ବସି ।।

* * * *

ରସକ ସୋଦର ଯଦୁ ଦାସ ।
ହରି ପ୍ରସନ୍ନେ କରଇ ପ୍ରକାଶ ।।
ପ୍ରଥମେ ନୃପ ଜନ୍ମ ନାମ ବହି ।
ଭାଷ୍ୟ ପ୍ରବନ୍ଧେ ପ୍ରବନ୍ଧ ଏହି ।।
ହରି ଚରଣେ ନିରନ୍ତର ଧ୍ୟାନ ।
ରସିକ ଶୁଣି ଆନନ୍ଦ ମନ ।।

* * * *

ବତୀଶ ଛାନ୍ଦ ଏ ନଳ ଅଖ୍ୟାନ ।
ସର୍ବ ଶୁଭରେ ହୋଇଲା ସମ୍ପୂର୍ଣ୍ଣ ।।
କୃଷ୍ଣପାଦେ ଆଶ ।
ରସିକ ସୋଦର ଏ ଯଦୁ ଦାସ ।।
ନଳ ଦମୟନ୍ତୀ ଆଦି ସ୍ୱୟଂବର ଦ୍ୱିତୀୟ ସ୍ୱୟଂବର ସମ୍ପୂର୍ଣ୍ଣ ।

Colophon—ଶ୍ରୀ ଶୁଭମସ୍ତୁ ।
ଭୀମସ୍ୟାପି ....ନ ବିଦ୍ୟତେ ।।
ଶ୍ରୀ ନାରାୟଣ ରକ୍ଷା କରିବେ କାଶୀନାଥ ତ୍ରିପାଠୀଙ୍କି
ଶ୍ରୀ ରାମଲିଙ୍ଗେଶ୍ୱର ରକ୍ଷା କରିବେ କାଶୀନାଥ ତ୍ରିପାଠୀଙ୍କି

There are some folia containing 118 verses on Shri Jagannath with a Sansrit Commentary at the begining of the manuscript

1st Verse—ବିଲୋକନ କଦମକଂ ଯଦୁପଲଭ୍ୟ ଲୁଭ୍ୟତ୍ କିମା–
ଲିଲେହ ନହି କିଂ ପପୌ ନହି ମମଜ୍ଜ କିଂବା ନହି ।
ପରଂ ତୁ କିମିବା ଭବନ୍ନବ ତମାଳ ଲକ୍ଷ୍ମୀତିର–
ସ୍ତ୍ରିୟା ନିଗମ ସାଂପ୍ରଦାୟକ ମୁପାସ୍ମହେ ତନ୍ମହଃ ।।

Commentary—ବଲୋକନ ଇତି । ତନ୍ ମହଃ ତେଜଃ ପଦାର୍ଥଂ ଶ୍ରୀଜଗନ୍ନାଥଂ ଉପାସ୍ମହେ ଧ୍ୟାୟାମଃ । କିଂ ଭୂତଂ ନବା ଯା ତମାଳ ଲକ୍ଷ୍ମୀ ସ୍ତସ୍ୟ ତିର ସ୍କ୍ରିୟାୟାଂ ପରାଭବେ ବିଷୟେ ନିଗମ–ସାଂପ୍ରଦାୟକଂ ବେଦ ସଂପ୍ରଦାୟ ପ୍ରବର୍ତ୍ତକଂ ତତ୍ ପରାଭବକାରଣ ମିତ୍ୟର୍ଥଃ । ଯଦବା ନବା ଯା ତମାଳସ୍ୟ ଲକ୍ଷ୍ମୀଃ ଶୋଭା ଶ୍ରୀଷ୍ଚ ତସ୍ୟା ସ୍ତିର ସ୍କ୍ରିୟା ନିଗମୋ ଽନାଦର ବେଦସ୍ତସ୍ୟ ସାଂପ୍ରଦାୟିକଂ ତଦ୍ ବିଜୟୀତ୍ୟର୍ଥଃ । ତଦିତି କିଂ—ବିଲୋକନ କଦମକଂ ଦ୍ରଷ୍ଟୃଣାଂ ନୟନ ନିକୁରମ୍ବଂ ଯନ୍ମହଃ ଉପଲଭ୍ୟ ପ୍ରାପ୍ୟ ଲୁଭ୍ୟତ୍ କି ମା ଲିଲେହ ଆସ୍ୱା ଦୟାମାସ । ନହି କିଂ ପପୌ ନହି ବା ମମଜ୍ଜ ମଗ୍ନମଭୂତ୍ । କିମ୍ବା ନହି ପ୍ରକାର ତ୍ରୟ ମନ୍ୱଭୂଦିତ୍ୟର୍ଥଃ । ପରଂତୁ ଅନନ୍ତରଂ ପୁନଃ କିମିବା ଭବତ୍ କିଂବା ଽନନ୍ଦ ନବାନନ୍ଦଂ ପ୍ରାପ ଇତ୍ୟର୍ଥଃ ।

Digitized by PPRACHIN, SOA

152

Cat. No. O. L./766

ନଳରାମ ଗୀତା — କବି—ମଧୁସୂଦନ

Nalarama Gita — By—Mdhusudana

Substance—Palm leaf. No. of folia—90, Size—23·5X3 C. M. Each side contains 4 to 5 lines. character—Oriya Date of copy—C. 18th Century A. D. Incomplete. Condition —Some folia are badly broken towards the end, Find spot—Village—Tureintra, P.-S. Balipatana, Dist. Puri.

Colophcn—ଶ୍ରୀ ଲକ୍ଷ୍ମୀନାରାୟଣ ରଖିବେ ଅଧମ ନନ୍ଦକୁ ।

There are some folia containiing Ravana Chautisa and Yasoda Koili by Jagannatha at the beginning of the manuscript.

153

Cat. No. O. L./56

ନଳରାମ ଚରିତ — କବି—ଈଶ୍ୱର ଦାସ

Nala Rama Charite — By —Isvara Das

Substance—Palm leaf. No. of folia—146. Size—32.9X3.5 C.M Each side contains 4 lines throughout the manuscript, Character—Oriya, Date, of copy—8-11-1778 A. D. complet, Condition good, Find spot—Oriental manuscripts library Madras, Name of the scribe—Rama Chandra Panda, Gunupura Dist. Koraput.

ଶ୍ରୀ ଶୁଭମସ୍ତୁ ।

ଶ୍ରୀ ଗଣେଶାୟ ନମଃ, ଶ୍ରୀ ଦୁର୍ଗେ ନମଃ ।

ଶ୍ରୀ ରାଧାକୃଷ୍ଣାଭ୍ୟାଂ ନମଃ ।

ନମସ୍ତେ ପ୍ରଭୁ ନାରାୟେଣ, ସଂସାର ପରମ କାରଣ ।
ତୋ ଲୀଳା ଜଗତେ ବିଖ୍ୟାତ । ନମସ୍ତେ ପଦ୍ମାଳୟା କାନ୍ତ ।

* * * *

ଏଥ ଉତାରେ ଶୁଣ ରସ । ପାଣ୍ଡବେ ଯାଇ ବନବାସ ।
କାମ୍ୟେକ ବନେ ଛନ୍ତି ରହି । ବ୍ୟାସ ବିଜଏ କଲେ ତହିଂ
ଦେଖି ଉଠିଲେ ପଞ୍ଚଭ୍ରାତ । ବ୍ୟାସ ଚରଣେ ପ୍ରଣମିତ ।
କଲ୍ୟାଣ କଲେ ମହାମୁନ୍ୟ । ବିପତ୍ତି ଯାଉ ତୋ ବହନ ।

Digitized by PPRACHIN, SOA

ମୁନି ପଶ୍ନରନ୍ତେ ବାରତା । ବୋଇଲେ ଦେଖ ମୋ ଅବସ୍ଥା ।
ବ୍ୟାସେ ବୋଇଲେ ତୁ କି କଷ୍ଟି । ତୋ ତୋହୁଂ ଅଛି ମହା କଷ୍ଟି ।

* * * *

ଶ୍ରୀରାମ କେତେକ ବିପତ୍ତି । ଏହା କହିବା ବ୍ରହ୍ମପତି ।
ଆବର ଚରିତ ନଳର । କହି କୃତାର୍ଥ ମୋତେ କର ।

* * * *

ଏ ପାଠ ଶୁଣି ହୁଅ ତୋଷ । କହେ **ଶିଶୁ ଈଶ୍ୱର ଦାସ ।**

ଇତି ଶ୍ରୀ ନଳରାଜା ଚରିତ୍ରେ ଈଶ୍ୱର ଦାସ କୃତେ ବ୍ୟାସ ଧର୍ମ ମାର୍କଣ୍ଡ ରାମ ସମ୍ବାଦେ, ଶଚୀ ନାରଦ ସମ୍ଭାଷଣେ ଶ୍ରୀରାମ ବନବାସ ଖଣ୍ଡନେ ଅଯୋଧ୍ୟା ପ୍ରବେଶେ ମୁର୍ଦ୍ଧନା ଅଭିଷେକେ ନଳବିପତ୍ତି ମୋକ୍ଷଣେ ସ୍ୱଦେଶ ପ୍ରବେଶ ଉଛବ ଆନନ୍ଦେ ସୁଦୁଶାବ୍ରତ ନିର୍ଣ୍ଣୟେ ନାମ ପଞ୍ଚଦଶୋଧ୍ୟାୟ ।

Colphon—ଭୀମସ୍ୟାପି............................ନ ବଦ୍ୟତେ ।

ଭଗ୍ନପୃଷ୍ଠ............................ପରିପାଳୟେତ୍ ।

ଗ୍ରନ୍ଥକର୍ତ୍ତା ସ୍ୱୟଂ ବ୍ୟାସୋ ଲେଖକସ୍ତୁ ବିନାୟକଃ ।

ତୟୋର୍ବିଚଳିତା ବୁଦ୍ଧି ମନୁଷ୍ୟାଣାଂ ଚକା କଥା ।

ବିଳମ୍ବିତ ନାମ ସମ୍ବଛରେ ମାର୍ଗଶୀର କୃଷ୍ଣ ପଞ୍ଚମୀ ରବିବାରେ ବେଳ ତିନି ପହର ସମୟରେ ଗୁଡ଼ାରି ଗ୍ରାମରେ ଗୋପୀନାଥ ସାହୁଙ୍କର ପିଣ୍ଡାରେ ଶ୍ରୀ ନଳ ଚରିତ୍ର ପୁରାଣ ସଦାଜୟେ ସମ୍ପୂର୍ଣ୍ଣ ହେଲା । ହେ ଶୁଦ୍ଧ ଜନମାନେ ଶୁଦ୍ଧ ଅଶୁଦ୍ଧ ମିଶାଇ ଗାଇବ । ଏ ଆଦ୍ଶରେ ଯାହାଥିଲା, ତାହା ଲେଖିଲି । ଶ୍ରୀ ରାଧାକାନ୍ତ ଉଦ୍ଧରିବେ ଗୁଣୁପୁରୁ ତାଲୁକା ଗାଦାଖଲା ଗାମସ୍ଥିତ ହେବାର ଶ୍ରୀ ରାମଚନ୍ଦ୍ର ପଣ୍ଡାଙ୍କୁ ନୀଳକଣ୍ଠେଶ୍ୱର ଉଦ୍ଧାରିବେ ।ଲେଖନ-କାରକୁ ଦୋଷ ନ ଧରିବେ । ଅଧମ ରାମଚନ୍ଦ୍ର ପଣ୍ଡାଙ୍କୁ ଏ ପୋସ୍ତକ ଯେ ମାଗିନେଇଂ ରଖିବ, ତା'ର ସପ୍ତପୁରୁଷ ନର୍କରେ ପଡ଼ିବ । ମୁରୁଖ କିଛି ନଜାଣଇ । ଶ୍ରୀ ଶୁଭମସ୍ତୁ । ଏ ପୁସ୍ତକ ନୀଳକଣ୍ଠ ସେନାପତି ଲେଖାଇଛି । ସୁକା ଦେଇ ଖଦି ଯଥାଟେ ।

154

Cat. No. O. L./57

ନଳରାମ ଚରିତ — କବି—ଈଶ୍ୱର ଦାସ

Nalarama Charita — By—Isvara Das

Substance —Palm leaf, No. of folia -164, Size -36 x 3.4 C. M. Each side Contains 2 to 4 lines. Character - Oriya, Date of Copy —C. 18th Century A. D. Complete, Condition—Good, Find spot —Government Oriental Manuscripts Library,

Digitized by PPRACHIN, SOA

Madras. Name of the scribes — Sarathi Patra and Dasarathi Samal, Gurandi, Paralakhemendi, District - Ganjam.

The text is same as in Cat. No. O. L. -56 dtscussed previously

Colophon—କ୍ରୋଧୀନାମ ସମ୍ବତ୍ସର କାର୍ତ୍ତିକ ଶୁଦ୍ଧ ୧୦/୧ ବାରେ ଯେ ପୁସ୍ତକ ସମ୍ପୂର୍ଣ୍ଣ ହେଲା । ଆହେ ସୁଗ୍ୟାଂଜନମାନେ ଶୁଦ୍ଧ ଅଶୁଦ୍ଧ ମିଶାଇ ପଢିବ । ଲେଖନକାର ସାରଥୀ ପାତ୍ର ଦାଶରଥି ସାମଲଙ୍କୁ ଦୋଷ ନ ଘେନିବ । ଯେ ପୁସ୍ତକ ପାରଳା ପୂର୍ବମୁଖା ଗୁରାଣ୍ଡିସ୍ଥିତ ନାରାୟଣ ପାତ୍ରଙ୍କର ଜାଣିବ । ଶ୍ରୀ ରାମାନୁଜାୟ ନମଃ । ଶ୍ରୀମତେ ରାମାନୁଜାୟ ନମଃ । ଶ୍ରୀରାମ ଚରଣେ ଶରଣ ।

155

Cat. No. O. L./660

ନଳରାମ ଚରିତ   **କବି—ମଧୁସୂଦନ**

Nalarama Charita   **By—Mdhusudana**

Substance —Palm leaf. No. of folia—147. Size 26·6 x 3·5 C. M. Each side contains 2 to 4 lines. Character—Oriya. Date of Copy—C. 18th Century A. D. Complete. Condition—worm. eaten. Find spot—Presented by Raja of Haladia, District Puri.

ମଧୁସୋଦନକୁ ଚକ୍ରଧର ରକ୍ଷାକର ହେ ।

*   *   *

ଯେ ନଳଚରିତ ମୁହିଂ ନ ଜାଣି କହିଲି ।
ଅଗ୍ୟାଂନେ ମୁଂ ମୁର୍ଖ ପଣେ ଶିଶୁ ବୁଦ୍ଧି କଲି ହେ ।
ପଣ୍ଡିତେ ଶୁଣିଲେ ଦୋଷ ନ ଧରିବେ ମୋର ।
ମଧୁସୋଦନକୁ ପ୍ରଭୁ ହରି ରକ୍ଷା କର ହେ ।

Colophon—ଶ୍ରୀ ରାମଚନ୍ଦ୍ର ଉଦ୍ଧରିବେ । ଶ୍ରୀ କୃଷ୍ଣାୟ ନମଃ । ଶୁଦ୍ଧ ଅଶୁଦ୍ଧ ପୂରୋଇ ଗାଇବ । ଲେଖନକାର ଦୋଷ ନ ଧରିବ ।

There are some folia containing Rama Janana by Hari Priya Janana by Dinakrushna, Karunakar, Jagannath, and Samanta Simhara at the beginning of the manuscript.

Digitized by PPRACHIN, SOA

156

Cat. No. O. L./1800

ନଳରାମ ଚରିତ ଓ ଅନ୍ୟାନ୍ୟ
କବି—ବଳଭଦ୍ର ନୃପ ଓ ଅନ୍ୟାନ୍ୟ

Nalarama Charita and others

By Balabhadra Nrupa and others

Substance — Palm leaf. No. of folia—120. Size—40·5 x 3·5 C. M. Each side contains 3 to 6 lines. Character—Oriya. Date of Copy—Sana 1150 Sala or 1743 A. D. Complete, Condition Worm-eaten. Find spot—Bhubaneswar, District—Puri. Name of the scribe—Gopinatha Dasa.

ନଳରାମ ଚରିତ

ନମଃ ଶିବାୟ

(ସଙ୍ଗମ ତିଆରି ବାଣୀରେ ଗାଇବ)

ଜୟ ଜୟ ଗୋପୀନାଥ ଗୋକୁଳ ପତି । ଗୋପୀକୁଳ କୁମୁଦକୁ ଯେ ନିଶାପତି ।
ମଦନ ମୋହନ ମୁଦ୍ରା ତ୍ରିଭଙ୍ଗୀ ରୂପ । ଧ୍ୟାନେ ଚିନ୍ତା କଲେ ଛାଡ଼େ ସକଳ ପାପ ।

* * *

ସେ ପଦ କମଳେ ଥାଉ ମୋହୋର ବୁଦ୍ଧି । **ବଳଭଦ୍ର ନୃପ** ସେବେ ଦୟା ପୟୋଧି ।

* * *

ବୋଲନ୍ତି ରାଜନ ଶୁଣ ପକ୍ଷିବର । ଯେମନ୍ତେ ପାଇବା ତାକୁ ଉପାୟେ କର ।
ରାଜାର ଅଗ୍ରତେ ହଂସ ସୁକୃତ କରି । ତର ତରେ ଗଲା ସେହୁ କୁଣ୍ଡି ନଗରୀ ।
ହଂସ ପେଷି ନଳରାୟେ ଗଲେକ ପୁର । **ବଳଭଦ୍ର ନୃପ** ସେବେ ସାରଙ୍ଗଧର ।

ନଳ ଚରିତ

ନମୋ ଗଣପତୟେ ।

ରାଗ—ନଟନାରାୟଣ ବାଣୀରେ ଗାଇବ ।

ଶୁଣ ସୁଜନେ ଯେଥୁ ଅପୂର୍ବ ରସ । ଯାହା ଶୁଣନ୍ତେ ପାତେକ ଯିବ ନାଶ ।
ରାମ ପିତା ବଚନେ ଅରଣ୍ୟେ ଥିଲେ । ମାୟାମୃଗୀ ସୀତା ବୋଲେ ମାରିଗଲେ
ଯେଣେ ଜାନକୀ ରାବଣ ନେଲା ହରି । ରାମ ଲେଉଟି ଅଇଲେ ମୃଗୀ ମାରି ।

Digitized by PPRACHIN, SOA

ଯେବେ ଶୁଣିବାନରେ ଅପୂର୍ବ ରସ । ଏକ ଦିନେ ବସି ରାମ ଅମରସ ।
ତାହା ଜାଣିଲେକ ମାରକଣ୍ଡ ଋଷି । ରାମ ଛାମୁରେ ସେହୁ ମିଳିଲେ ଆସି ।
ମାରକଣ୍ଡ ବସି କହୁଛନ୍ତି ଶୁଣ ରାମ । କହୁଂ ଶୁଣିବା ରାମ ତାହାର ନାମ ।
ସତ୍ୟଯୁଗେ ବୀରସେନ ରାଜା ସୁତ । ନଇଷେଧ ଦେଶରେ ଅଟଇ ନାଥ ।
ସୂର୍ଯ୍ୟବଂଶରେ ରାଜା ସେ ଉତପନ । ସୁଖେ ପାଳଇ ନଗର ପୁରଜନ ।

* * *

ମାରକଣ୍ଡ କହୁଛନ୍ତି ରାମ ଆଗେଂ । ନଳ ଚରିତ୍ର କହିବା ଶୁଣ ଯେବେଂ ।

* * *

ନଳ ଚରିତ ମୁଇଂ ନ ଜାଣଇ କହି । ଅଗ୍ୟାନ ମୁରୁଖ ପଣେ ଗୀତ ବଖାଣଇ ହେ
ତାଙ୍କ ଚରଣେ ଏ ମୋହୋର ଶିର । ମଧୁସୂଦନକୁ ରକ୍ଷାକର ଚକ୍ରଧର ହେ ।
ପଣ୍ଡିତେ ଗାଇଲେ ଦୋଷ ନ ଧରିବ ମୋର । ପୂର୍ଣ୍ଣକରି ଶୁଣିବ ମୁ ସେବକ ତୁମ୍ଭର ହେ ।

ନଳ ଚରିତ—

ନଳଚରିତ ମାରକଣ୍ଡ ଭାଷିତ ରାମଚନ୍ଦ୍ର ଗୋସାଇଂଙ୍କି ଶୁଣାଇଲେ ।
ରାମ ଚରିତ ବ୍ୟାସଋଷି ଯୁଦ୍ଧେଷ୍ଟି ଦେବଙ୍କୁ ଶୁଣାଇଲେ ।

ଯେହା ଶୁଣି ଦୁଇଜଣଙ୍କ ବିପତ୍ତି ଗଲା । ନରମାନେ ଏକମନେ ଶୁଣିଲେ ବିପତ୍ତି ଯିବ ।

ଶୁଣ ସୁଜନେ ସାଧୁ ଧୀର, ଅପ୍ରାଧ ଖଣ୍ଡିବ ମୋହୋର ।
ମୁ ତୁମ୍ଭ ଭୃତ୍ୟଙ୍କର ଭୃତ୍ୟ, ଖଣ୍ଡିବ ମୋହୋର ଦୁଷ୍କୃତ ।

* * *

ଯୁଦ୍ଧେଷ୍ଟି ପାଶେ ମୁନିବର । ଶୁଣ ତୁ ଧର୍ମର କୁମର ।
ଗୋବିନ୍ଦ ଦୟା ମୋତେ ବହିଂ । କହିଂ ଦିଅନ୍ତି ପଦ ସେହି ।
ଲୋକେ କରନ୍ତି ମୋତେ ହୀନ । ଗୋବିନ୍ଦ ଫେଡ଼ ମୋ କଷଣ ।
ତୋ ପାଦେ ପଶୁଛି ଶରଣ । ଷଷ୍ଠମ ଛାନ୍ଦ ହୋଏ ପୂର୍ଣ୍ଣ
ଶ୍ରୀଗୁରୁ ଚରଣ ଶରଣେ । ଦାସ ଈଶ୍ୱର ପଦ ଭଣେ ।
ଶ୍ରୀରାମ ପାଦ ମୁହିଂ ଧରି । ପଶିଲି ଶରଣ ସୁମରି ।
କାକୁସ୍ଥ ଜନକୁ ରଖଇଂ । ଭଗତ ପିତା ମାତା ସେହିଂ ।
ତା ବିନୁ ନାହି ମୋର କେହି । ମୋର ପିଅର ମାତା ସେହି ।
ଶିଶୁ ଈଶ୍ୱର ନାମ ବହେ । ସପ୍ତମ ଛାନ୍ଦ ପୂର୍ଣ୍ଣ ହୋଏ ।

* * *

Colophon—୯ ଅଙ୍କ ସ୍ନ ୧୧୫୦ ସାଲ, ଧନୁ ଦି ୧୩ ନ ମାହାବରଜଙ୍ଗ ବରଗି କି ଭଗାଇ ଆଣିଲା । ପୋଥି ସେ ଦିନୁ ଲେଖା ହୋଇଲା ।

* * *

ଗୋପୀନାଥ ଉଦ୍ଧରିବେ ଗୋପୀନାଥ ଦାସକୁ । ରାଧା ମାଧବାୟ ନମଃ ।

Digitized by PPRACHIN, SOA

157

Cat. No. O. L./899

ନବଘନ ଚଉତିଶା ଓ ଅନ୍ୟାନ୍ୟ

କବି-ଲୋକନାଥ ବିଦ୍ୟାଧର

Navaghana Chautisha and others

By—Lokanatha Vidyadhara

Substance—Palm leaf. No. of folia—III, Size—39·3 x 3·4 C. M. Each side contains 3 to 5 lines. Character—Oriya. Date of Copy—C. 18th Century A. D. Complete. Condition—Not so Good. Find spot—Village & Post—Bhapur, District—Dhenkanal.

ନବଘନ ଚଉତିଶା—

ରାଗ—କଉଶିକ

କଜ୍ଜଳବରନ ଆଷାଢ଼ନ ଘନ ଲୋକନ କରିକେ ବିଦେଶୀ ॥
କାମେ ପୀଡ଼ା ପାଇ...........ଯେ ହୋଇଂ କହଇ ଘନକୁ ଆଶ୍ବାସି ।
ନବଘନ ହେ !
କଳାକର ମୁଖୀ ଛାମୁକୁ ।
କୁଶଳେ ଗମନ କରିବ, ବହନ କହିବ ଉଦନ୍ତ କାନ୍ତାକୁ ॥
* * * *

କ୍ଷଣକେ ଯେତେକ ସୁରସ କଲେକ କବି କବି ହୋଇ କହିଲେ ।
କ୍ଷେମେ ହେବେ କାହୁଂ ଅନୁକ୍ଷଣେ ସେହୁଂ ପରମ ସୁଖରେ ରହିଲେ ।
ଆହେ ସୁଜନେ !
ଛଛନ୍ଦେ କହେ ଯେହୁ ରସ ।
କ୍ଷମେ ଲୋକନାଥ ପାଦେ ଲୋକନାଥ ବିଦ୍ୟାଭରେ ଦେଇଂ ମାନସ ॥

ପାଉଯମକ ଚଉତିଶା—

ରାଗ—ବରାଡ଼ି

(ଆଷାଢ଼ ଶୁକ୍ଳ ବାଣୀରେ)

କାନ୍ତା ବିଚ୍ଛେଦରୁଂ କେଉଂ ନାୟକ
କୃଶ କରି ଦିନୁ ଦିନୁ କାୟକ ।
କରେ ବିଳାପ କୁରରୀ ପ୍ରାୟେକ ।
କ୍ରମେ ହୋଇ ଲୋକ ଆନୁପ୍ରାୟକ ।
: କନ୍ଦର୍ପ ଶାୟକ,
କେ ତାକୁ ନୋହିଲା ଦୁଃଖ ଦାୟକ ।

Digitized by PPRACHIN, SOA

କ୍ଷୋଭ ହେଲା ପୁଷ୍ପଶରାୟୁଧର ।
ଛାଡ଼ି ଗର୍ବ ଧୀରେ ଏହୁଂ ବନ୍ଧର ।
କ୍ଷେମେ ଶ୍ରମ ବୁଝି ଦୋଷ ନ ଧର ।
କ୍ଷନ୍ଦିଲେ ଲୋକନାଥ ବିଦ୍ୟାଧର ।
କ୍ଷିତି ଧର ଧର, ଛଛନ୍ଦେ ଭବସାଗରୁ ଉଦ୍ଧର ।

ପ୍ରାଣବନ୍ଧୁ ଚଉତିଶା—

ରାଗ—ଆଶାବରୀ

କମଳ ଲୋଚନ ଦୁର୍ବାଦଳ ଶ୍ୟାମ ରାମ ।
କାନନେ କରନ୍ତି କରନ୍ତି ଚିନ୍ତା ପ୍ରିୟତମା ନାମ ।
ପ୍ରାଣବନ୍ଧୁରେ ! କେତକୀ ବରନୀ !
କେମନ୍ତେ ମୋ ବିନା ନେବୁ ରଜନୀ ଅହନି ?

* * *

କ୍ଷୋଣୀ ନନ୍ଦନୀ କ୍ଷେମେ ମୋ ସଙ୍ଗତି ଲଭିବୁ ।
ଛଛନ୍ଦେ ପୁଣି ବିବିଧ ବିନୋଦ କରିବୁ ।
ପ୍ରାଣ ବନ୍ଧୁରେ !
ଛାଡ଼ିବୁ ବିରସ ।
କ୍ଷେମେ ଲୋକନାଥ ବିଦ୍ୟାଧର କହେ ରସ ।

ବିପରୀତ ନିଧି ଚଉତିଶା—

ରାଗ—କେଦାର

(ଚକ୍ରକେଳୀ ବାଣୀରେ)

କେଉଁ ପୁରୁଷ ହୋଇ ନାରୀ ବେଶ ।
କାନ୍ତା ଚିନ୍ତି କରେ ଯାଇ ପ୍ରବେଶ ।
ଖଣ୍ଡେ ଦୂରୁ ଦେଖି କହେ ଯେମନ୍ତ ।
କ୍ଷୀଣୋଦରି ତୁ ହେବୁ ମୋର କାନ୍ତ ।

* * *

କ୍ଷେମେ ଚିନ୍ତି କୃଷ୍ଣ ପଦ୍ମପୟର ।
ଛନ୍ଦିଲେ ଲୋକନାଥ ବିଦ୍ୟାଧର ।

Digitized by PPRACHIN, SOA

ବରଷା ଘଟ୍ଟଚଉତିଶା—

ରାଗ—ଚିନ୍ତାଦେଶାକ୍ଷ

କୃପାଲୋଳନେତ୍ରୀ ମହୀ ମୁକୁର କରି ।
କି କାରଣେ ବସିଅଛୁ କହ କିଶୋରି !

ଖମଣ୍ଡଳେ ଦେଖୁ କା ଜଳଦମାଳା ॥
ଖେଳୁଅଛି ତହିଁ ଘନ୍ଷ ଚପଳା ॥

* * *

ଛାଡ଼ି ଦୁଃଖ କଲେ ନାନାବିଧ ସୁରତି ।
କ୍ଷେମେ **ଲୋକନାଥ ବିଦ୍ୟାଧର** ବଦତି ॥

ପ୍ରିୟସଖା ଚଉତିଶା—

କେଉଁ ସୁକୃତରେ ଯେକ ଦିନକରେ ଯେକ ରସିକ ନୃପସୁତ ।
କେଳୀ କଳା କାନ୍ତ କେଳୀକାରୀ କାନ୍ତ କଳେବର କଲା ଲୋକିତ ॥
ପ୍ରିୟ ସଖାକୁ, କହଇ ଯେକାନ୍ତେ ଯେମନ୍ତ ;
କି କହିବି ତତେ କେ କରିବ ପ୍ରତେ ଦେଖିଲି ଆଜ ମୁଁ ଯେମନ୍ତ ॥

* * *

କ୍ଷଣେ ହେ ଯେମନ୍ତ କାନ୍ତାକୁ ଚିନ୍ତିତ କରଇ ଯେ ଧ୍ୟାନ ତାହାର ।
କ୍ଷିତିଜନ୍ମ ସାର୍ଥ ହୋଇଲା ତାହାର କଲାଯେ ତା ସଙ୍ଗେ ବିହାର ।
ଆହେ ସୁଜନେଁ ! କ୍ଷେମେ ଚିନ୍ତି କୃଷ୍ଣପୟର ।
ଛନ୍ଦେ **ଲୋକନାଥ ବିଦ୍ୟାଧର** ଜଗନ୍ନାଥ ବିଦ୍ୟାଧର କୁମର ॥

ପାନ୍ତ ଯମକ ଚଉତିଶା—

ରାଗ—ପଟହମଞ୍ଜରୀ

କନ୍ଦର୍ପ ମତେ ଯେତେକ ଦେଲାନି ବେଦନା ।
କାହା' ଆଗେ ଯେହା କରିବି ନିବେଦନା । ।
ଖଞ୍ଜନ ନୟନୀ ଯେବେ ଥାନ୍ତା ମୋ ପାଶରେ ।
ଖଳ କାମ ତେବେ ଅବା କିକରନ୍ତା ଶାରେ ଯେ ।

* * *

କ୍ଷଣକୁ କ୍ଷଣ ହୋଇଲେ ସେ ମହାହରଷ ।
କ୍ଷମେ **ଲୋକନାଥ ବିଦ୍ୟାଧର** କହେ ରସ ହେ ॥

Digitized by PPRACHIN, SOA

ପ୍ରୀତିପ୍ରିୟା ଚଉତିଶା

ରାଗ—ଦକ୍ଷିଣକାମୋଦୀ

କମଳ କୁମର ସିକି ? ଯେହା କଲା ।
କାନ୍ତାମଣି ମୋର ଯେବେ କାହିଂଗଲା ?
ଖେଦ ସାଗରେ ମୋତେ ଭସାଇଂ ଦେଲା ।
ଖୀଣୋଦରୀ ମୋର ଯେବେ କାହିଂଗଲା ?

* * *

କ୍ଷଣେ ମନ ଆନେ କାହିଂ ନ ରମିଲା ।
ଛନ୍ଦେ ଲୋକନାଥ ବିଦ୍ୟାଧର ଲୀଳା ॥

ପଞ୍ଚାନରଙ୍ଗ ଚଉତିଶା—

ମୁଖାରି ରାଗେ—ଏକତାଳୀ

କହଇ ଯେକ ପୁରୁଷ କାଲି ମୁ ଯିବି ବିଦେଶ
ଯେବେ କେ ତୋର ମାନସ କରିବ ତୋଷ ।
ସଜନି ! ।
ଖୀନ ହୀନ ଚନ୍ଦ୍ରମୁଖୀ ଆହା ଆଜନମ ସୁଖୀ ।
କେହି ଏବେ ହେବୁ ଦୁଃଖୀ ମତେ ନ ଦେଖି ।
ସଜନି !

* * * *

କ୍ଷତ୍ରିୟବର ସୁନ୍ଦର ଶ୍ରୀରାମ ପଦ୍ମପୟର
ଲୋକନାଥ ବିଦ୍ୟାଧର ଅଭୟ କର ।
ସଜନି !

ପ୍ରୀତି ସାଗର ଚଉତିଶା—

ରାଗ—ବରାଡ଼ି—ଆଷାଢ଼ ଶୁକଳବାଣୀ

କଳ ହାନ୍ତରିତା କାନ୍ତର କାନ୍ତ । କହଇ ଦୂତୀକି ଡ଼ାକି ଯେମନ୍ତ ।
କି କାରଣେ କୋପ କରି କିଶୋରୀ । କଥା ନ କହିଲା ପ୍ରୀତି ପାଶୋରୀ ।
କେତକୀ ବରନୀ !
କି ରୋଷ କରିଛୁ କି ଦୋଷ ଘେନି !

* * *

ପଞ୍ଚାନ ଭଙ୍ଗ ଚଉତିଶା—

ରାଗ—ଦକ୍ଷିଣ କାମୋଦୀ—ଏକତାଳୀ

କୁସୁମକାଳେ କମଳଦଳ ନୟନ । ଖୀଣୋଦରୀ ରାଧାକୁ କହିଲେ ଏସନ । ।
ଗୋପରୁ ମଥୁରାକୁ କାଲି ଆମ୍ଭେ ଯିବୁଂ ।
ଘନ ଋତୁ ଆଗତରେ ପୁଣି ଆସିବୁ !

* * *

ହରିଣ ଇକ୍ଷଣୀ ସଙ୍ଗେ ରଙ୍ଗେ ରହିଲେ । କ୍ଷେମେ ଲୋକନାଥ ବିଦ୍ୟାଧର କହିଲେ ॥

Digitized by PPRACHIN, SOA

ନବଘନ ଚଉତିଶା—

ରାଗ—ପଞ୍ଚମବରାଡ଼ି

କେବଣ ବିଦେଶୀ ଜନ କାମକାଣ୍ଡେ ହୋଇ ଖୀନ
ଚିନ୍ତଇ କାନ୍ତାକୁ ନିଶିଦିନ ।
କେତେ କାଳ ଅବଶେଷେ କାଳସ୍ୱରୂପ ଆକାଶେ
ବିଲୋକନ କଲା ନବଘନ ସେ, ନୃପସୁତ
କରଯୋଡ଼ି କହେ କାଳିକାକୁ ।
କର ଅନୁକୂଳ ମୋ ବାଳା ଛାମୁକୁ । ।

* * *

କ୍ଷଣକ ତାଙ୍କର ସୁଖ ହେଲେ ଲକ୍ଷ ଲକ୍ଷ ମୁଖ
କେ କହି କରିବ ଲେଖ ଶେଷ ।
କ୍ଷୀରଜ ଆସନୀ ନାଥ ପାଦଚିନ୍ତି **ଲୋକନାଥ-
ବିଦ୍ୟାଧର** ଭଣେ ଯେହୁ ରସ ହେ !
ସାଧୁଜନେ !
କ୍ଷଣେ ହେ କ୍ଷୀଣ ନକରି କାଳ ।
କ୍ଷେମେ ଚିନ୍ତାକର କମଳା ଗୋପାଳ ହେ !

ଦୋଳଯାତ୍ରା ଚଉତିଶା—

ରାଗ—ବସନ୍ତ

କୃପାସିନ୍ଧୁ କୃପା କୃପଣ ହୋଇଲେ କେମନ୍ତେ ସଂସାରେ ରହିବା ।
କୋଟି ବ୍ରହ୍ମାଣ୍ଡ ପତି ଦେଲେ ବିପତ୍ତି କାହାକୁ କି ବୋଲି କହିବା ।
ସଙ୍ଗାତ !
କେତେ ଦୁରିତ କରିଛାଇଂ ।
କମଳାକାନ୍ତ କାନ୍ତ ଦୋଳ ଉତ୍ସବ ଅବଲୋକନ ନ କଲାଇଂ ।

* * *

ଛଛନ୍ଦେ ଯେ ରସ ଭାବନା ବର୍ଣ୍ଣନା କରନ୍ତେ ପାପ କ୍ଷୟ ଗଲା ।
କ୍ଷମାସାଗର ମହିମାବ୍ଧି କ୍ଷେତ୍ରରେ ଅଙ୍ଗଦରଶନ ହୋଇଲା ।
ସଙ୍ଗାତ
କ୍ଷମେ ଚଉତିଶା ବଢିଲା ।
ଛନ୍ଦିଲେକ **ଲୋକନାଥ ବିଦ୍ୟାଧର** ପାପ ପୁରେ ପୀଡ଼ା ପଡ଼ିଲା । ।

ଧନୁଭଗ୍ନ ଚଉତିଶା—

ରାଗ—କଉଶିକ

କମଳ ନୟନ ଦୂର୍ବାଦଳ ବର୍ଣ୍ଣ ସକଳ ଲୋକ ଅଭିରାମ ।
କରୁଣା କରୁଣାବାସ ପୀତବାସ କୋଟି କାମଧାମ ଶ୍ରୀରାମ । ।
କ୍ରମେ ତାଡ଼କୀ ତାଡ଼ନା କରି କଉଶିକ ।
କ୍ରତୁ ରକ୍ଷାକରି ଘେନି ସଉମିତ୍ରୀ ବିଶ୍ୱାମିତ୍ର ରଘୁତିଳକ । ।

* * *

Digitized by PPRACHIN, SOA

କ୍ଷିତିଭାର ନାଶ ସାଧୁଜନ ତୋଷ କାରଣେ ବ୍ରହ୍ମ ଅବତାର ।
ଛଛନ୍ଦେ ତାଙ୍କ ପଙ୍କଜ ପୟର ଚିନ୍ତା କରି ନିଶା ବାସର ।
ଛନ୍ଦିଲେ ଧନୁଭଗ୍ନ ଚଉତିଶା ସାର ।
କ୍ଷେମେ **ଲୋକନାଥ ବିଦ୍ୟାଧର** ଜଗନ୍ନାଥ ବିଦ୍ୟାଧର କୁମର ।

ପଦ ମୁକ୍ତାବଳୀ ଚଉତିଶା—

କମଳ କମଳ ଅମଳ ବିଶାଳ ଚଞ୍ଚଳମଂଜୁଳ ନେତ୍ରୀରେ ।
କନକ କନକ କେତେକ ଚଂପକ ସଂପକ ସଂପାକ ଗାତ୍ରୀରେ ।
ସୁନ୍ଦରି !
କିଂପା ଅନିଦାନ ମାନରେ ।
କହ ପ୍ରାଣବନ୍ଧୁ କୃପା ରସସିନ୍ଧୁ ଏକାଳେ ଅଧୋ ଆନନରେ ।

* * *

କ୍ଷିତୀଶ ଲକ୍ଷ ଅଲକ୍ଷ ମୋକ୍ଷ ରାକ୍ଷ ମୋକ୍ଷ ଦରକ୍ଷ ଅରକ୍ଷ ହେ ।
କ୍ଷମାର୍ଣ୍ଣବଦକ୍ଷ ପେକ୍ଷ ପଦାବେ୍ଜମନ କରି ମଧୁରକ୍ଷ ହେ ।
ସୁଜନେ !
ଛନ୍ଦିଲେ ଏ ରସ ସାର ହେ ।
କ୍ଷେମେ ଜଗନ୍ନାଥ ବିଦ୍ୟାଧର ସୁତ **ଲୋକନାଥ ବିଦ୍ୟାଧର** ହେ ।

ପ୍ରାଣ ସଖା ଚଉତିଶା—

ରାଗ—ଦେଶୀ କାମୋଦୀ ।

କେଉଂ ନବ ବିଦେଶୀ ଚିତ୍ତଇ ଅହର୍ନିଶି ରସିକା ଗୁଣ ଗଣ ସେ ।
କହେ ପ୍ରାଣସଖାକୁ କମଳ ବଦନାକୁ କେମନ୍ତେ ମୁ ପାଇବି ହେ ।
ପ୍ରାଣ ସଖା !
କାମକେଳୀ କୁଶଳା ସେ ।
କେହି ମୋ ସଙ୍ଗ ରଙ୍ଗବିନା ନବୀନା ଅଙ୍ଗ ଦଣ୍ଡେ ରଖି ପାରିବ ହେ ।।

* * *

କ୍ଷେମେ ଯେ ଜଗନ୍ନାଥ କରିବେ **ଲୋକନାଥ ବିଦ୍ୟାଧର** ମଙ୍ଗଳ ହେ ।।

There are some more Chautisas and Chaupadis written by Lokanatha Vidyadhara in the manuscript which will be discussed in their respective places.

No Colophon.

Digitized by PPRACHIN, SOA

158

Cat No. O. L./901

ନବଘନ ଚଉତିଶା ଓ ଅନ୍ୟାନ୍ୟ

କବି—ଚକ୍ରଧର ଭଞ୍ଜ ସାମନ୍ତ ସିଂହାର ମହାପାତ୍ର

Navaghan Chautisha and others

By—Chakradhara Bhanj

Samanta Simhara Mahapatra

Substance—Palm-leaf, No. of folia—91, Size—31 x 3·3 C. M. Each side contains 4 lines throughout the manuscript. Character—Oriya. Date of Copy—C. 19th Century A. D. Complete, Condition—worm-eaten and some folia are broken. Find spot—Bhubaneswar, District—Puri. Name of the scribe—Gadai Mahanti.

ନବଘନ ଚଉତିଶା—

କେଉଂ କାମୁକଜନ କାମେ କାତର ହୋଇ ବିଷ୍ଣୁପଦରେ ଦେଖି ଘନ ।
କାନ୍ତାର କାନ୍ତଗତ ଭାବ ଭାବନା କରି କହଇ ବିନୟ ବଚନରେ ।
ନବଘନ !
କର ଗମନ ରାମା ପାସ ।
କୁନ୍ଦ କୋରକ ଶୁଭ୍ରଦନ୍ତୀ ଦନ୍ତୀଗମନୀ ଛାମୁରେ କହିବୁ ସନ୍ଦେଶରେ ।

* * *

କ୍ଷୀରଧିସୁତାପତି ପତିତ ଜନଗତି ଯାଦବପତି ମହୀପତି ।
କ୍ଷମାସାଗର ଗୋପକୁଳ ରକ୍ଷଣ ପାଇଂ କରେ ଧଇଲେ ଗିରିପତି ସେ ।
ଖଗପତି !
ଛନ୍ଦେ ତାଙ୍କ ପାଦ ଧ୍ୟାୟିଂ
କ୍ଷମେ **ଚକ୍ରଧର ଭଞ୍ଜ** ଭଣଇଂ ଯେହୁ ରସ ରସିକଜନ ପାଇଂ ହେ ।।

ପ୍ରାଣମଣି ଚଉତିଶା—

ରାଗ—ଆଶାବରୀ

କେଉଂ କାମୀବର ଚିର ବିଦେଶରୁଂ ଆସି ।
କାନ୍ତା କର ଧରି କହେ ବଚନ ଆଶ୍ୱାସି । ।
ପ୍ରାଣମଣିରେ !
କମଳ ବଦନ,
କହ କିଂପାଇଂ ତୁ କରିଛୁ ମଳିନ ।

* * *

Digitized by PPRACHIN, SOA

ଛନ୍ଦିଲେ ସେ ବେନିଜନ ରତିରସ ସାର ।
ଛାର ମାର ଚଟକାଇ ହୋଇଲା କିଙ୍କର ।
ସାଧୁଜନେ ହେ !
କ୍ଷମେ ଚିନ୍ତି ହରି ।
ଛନ୍ଦେ **ଚନ୍ଦ୍ରଧର ଭଞ୍ଜ** ଯେ ରସ ସୁମରି ॥

There are some folia Containing different Chautisa's such as ସପ୍ତରାଗ, ଜଳଦ, ରସବାରିଧି, ରସିକପ୍ରିୟା, ମୁକୁଳାବନ୍ଧ, ରସକଲୋଳ, ରସନିଧି, ମଧୁପବନ, ରସିକ ଜୀବନ, କୋକିଳ and ବନପ୍ରିୟା ଚଉତିଶା in the manuscript.

No Colphon.

159

Cat. No. O. L./398

ନବଧା ଭକ୍ତିତତ୍ତ୍ୱ ଗୀତା କବି—ମଣି ଦାସ

Navadhabhaktitatva Gita By—Mani Das

Substance—Palm leaf-No. of folia—43. Size—19·6X3·1 C. M. Each side contains-3 to 4 lines. Character—Oriya. Date of Copy—C. 19th Century A. D. Complete. Condition—Worm-eaten. Find spot—Khurdha area, Dist Puri.

ମନ ଯେ ପ୍ରେମ ଭାବ ଭୋଳେ,
ପଡ଼େ ଚୈତନ୍ୟ ପାଦତଳେ ।
ଭୋ ନାଥ ଶରଣ ତୋହୋର,
ଶରଣ ଗଲି ତୋ ପୟର ।
ନବଧାଭକ୍ତିର ବୃତ୍ତାନ୍ତ,
କହ ତୁ ତହିଁର ଚରିତ ।

* * *

ମନ ଯେ ଗ୍ୟାନରସ ପାଇ,
ପୁଣି ଚୈତନ୍ୟେ ପଗ୍ବରଇ ।
ଭୋ ସ୍ୱାମୀ ହୋଇଲି ନିସ୍ତାର,
ଯେବେ ତୁ ଅନୁଗ୍ରହ କର ।
ଜ୍ୟୋତି ସାଧନା ମୋତେ କହ,
ଅମୃତ ପାନ ମୋତେ ଦିଅ ।

* * *

Digitized by PPRACHIN, SOA

ସୁମନ ଯେହି ପାଦେ ନିତ୍ୟେ,
ସେବା,ତୁ କର ଅବିରତେ ।
ତୁଟିବ ମାୟା ଅନ୍ଧକାର,
ଫିଟିବ ଗ୍ୟାନର ଭଣ୍ଡାର ।
କହଇ **ବଣ୍ୟ ମଣିଦାସ,**
ସେ ପାଦ ପଦ୍ମେଂ ମୋର ଆସ ।

* * *

ଇତି ଶ୍ରୀ ଭକ୍ତି ତତ୍ୱ ଗୀତା କଥନେ ମନ ଚୈତନ୍ୟ ସମ୍ବାଦେ ଘଟ ଯନ୍ତ୍ର ବୋଧନେ ନାମ ଷଷ୍ଠମୋ ଅଧ୍ୟାୟ ।

No Colophon.

160

Cat. No. O. L./635

ନବ ବୃନ୍ଦାବନ ବିହାର
କବି—ଜଗନ୍ନାଥ ନାରାୟଣ ଦେବ

Navabrundabana Bihara

By—Jagannatha Narayana Deva

Substance—Palm-leaf, No. of folia—214. Size—37·4X3·6 C. M. Each side contains—4 to 5 lines. Character—Oriya. Date of copy—C.18th Century A. D. Complete. Condition—Worm-eaten. Find spot—Midnapur, West Bengal.

ବ୍ରହ୍ମବୈବର୍ତ୍ତ ପୁରାଣର ବାଣୀ,
ମନୁ ସଂଶୟ ଚେଜିଲେ ଶୁଣି ।
ନାରଦ ପାଦପଦ୍ମ ପୂଜା କରନ୍ତି ତୋଷେ ବ୍ରଜ ଲୀଳା ଶୁଣି,
ସେ ସୁମନ !

ନଳକୁବର ମଣିଗ୍ରୀବଂ ବେନି ଯେ ନାରଦ ପ୍ରଣମିତ ।
ପୂର୍ବ ବାସନାରୁ ବ୍ରଜଚରିତ ।
ଉପଦେଶ କହି ନାରଦ ଚଳିଲେ ଗାଇ ଗୋବିନ୍ଦଙ୍କ ଗୀତ,
ସେ ହରଷେ,

ଏହୁ ବୃନ୍ଦାବନ ଚନ୍ଦ୍ର ବେହାର ହେଲା ଦଶମ ପ୍ରକାଶ ବିସ୍ତାର ।
ଶ୍ରୀଗୁରୁ କୃପାରୁ ସଂପୂର୍ଣ୍ଣ କଲି ମୁଂ ସୁଜନ ଜନେ ଘେନ ମନର
ହେ ଯେ ରସ,

Digitized by PPRACHIN, SOA

ନିଗମ କଳ୍ପ ତରୁବରେ ଯେ ଫଳ ହୋଇଛି ଭାଗବତେ ଠୂଳ ।
ଶୁକ ମୁଖୁ ସ୍ରବିଣ ଅତି ମଂଜୁଳ,
ପାନ କରନ୍ତେ ସକଳ ଦ୍ରବ ହେଲେ ମାନସ ହୋଇ ନିଶ୍ଚଳ,
ହେ ସୁଜନେ !

ଅତି ମଧୁର ରସ ସୁଧା ସମ,
ଘେନ ସୁମତି ହୋଇ ଅତି ପ୍ରେମ ।
ବିବେକ ଉପାସିକ ପରିମାଣିବ ନ ଜାଣେ ଖଳ ଅଧମ,
ହେ ଏ ରସେ,

ଷର୍କରା ସ୍ୱାଦୁ ଶୂକର ନ ଜାଣିଲା ପରାଯେ ନ ରୁଚେ ଖଳକୁ
ଏହୁ ପୀରତି ସଞ୍ଚେ ସୁଜନକୁ ।
ବ୍ରଜ ପର୍ଯ୍ୟଟନ ସାଧୁ ସଙ୍ଗ ମୁଂଯେ ହୋଇଲି ଏଥି ଯୋଗ୍ୟକୁ
ହେ ସୁଜନେ ।

କଳି ଗ୍ୱରି ସହସ୍ର ଆଠଶତ ।
ସତଷଠି ବରଷ ସମାପତ ।
ଶକାବ୍ଦ ଷୋଳଶ ଅଣନଭ ସମ୍ବତ୍ସର ନାମ ସର୍ବଜିତ,
ହେ ସୁଜନେ !

କାର୍ତ୍ତିକ ଶୁଦ୍ଧ ପଞ୍ଚମୀରେ ଆରମ୍ଭ କଲୁ ଏ ଗ୍ରନ୍ଥ ବିଧାନ,
ମାଘ ବସନ୍ତ ପଞ୍ଚମୀରେ ପୂର୍ଣ୍ଣ,
ମଙ୍ଗଳବାର ଦ୍ୱାଦର୍ଶ ଦଣ୍ଡ ଭୋଗ ବତୀଶ ଲିତା ପ୍ରମାଣ,
ହେ ସୁଜନେ !

ବସି ଶ୍ରୀରାମ ସ୍ୱାମୀଙ୍କ ଛାମୁରେ ।
ଅତି ତୋଷେ ଖେମୁଣ୍ଡି ପଟ୍ଟନରେ ।
ଗଙ୍ଗବଂଶୋଦ୍ଭବ **ଜଗନ୍ନାଥ ନାରାୟଣ ଦେବ** ସୁଚିରରେ,
ହେ ସୁଜନେ !

ବୃନ୍ଦାବନେ ରାଧାକୁଣ୍ଡ ଶ୍ୟାମ କୁଣ୍ଡ ପ୍ରତିକୁଞ୍ଜ କରି ଦ୍ରଶନ
ପୁଣି ଯେତେ ସଙ୍କେତ ସ୍ଥଳମାନ,
ରାସ ସ୍ଥଳ ଧୂଳି ସେବି ପରିକ୍ରମା କରି ଗିରି ଗୋବର୍ଦ୍ଧନ,
ହେ ସୁଜନେ !

କରି ଲୋକନ ସେବନ ସମୂହ,
ବିହି ଯମୁନା ଜଳେ ଅବଗାହ,

* * *

No colophon.

Digitized by PPRACHIN, SOA

161

Cat. No. O. L./1184

ନବବୃନ୍ଦାବନ ବିହାର

କବି—ଦୀନବନ୍ଧୁ ରାଜ ହରିଚନ୍ଦନ

Navabrundabana Bvihara

By—Dinabandhuraja Harichandan

Substance—Palm leaf. No. of folia—112. Size 26·6X3·2 C. M Each side contains 4 to 5 lines. Character. Oriya. Date of Copy—C. 18th Century A. D. Complete. Condition—Not so good. Find spot—Nimapara, Dist. Puri.

ସଙ୍ଗ ବିଛେଦ ହେବାରୁ ସେ ସକଳେ ଅତ୍ୟନ୍ତରେ ହୋଇ ବିମନ
ନିଶାନ୍ତ ନିରେଖି ଦୁଃଖେ ଅଲକ୍ଷିତେ ନିଶାନ୍ତକୁ କଲେ ଗମନ ।
ନବ ଶ୍ରୀ ବୃନ୍ଦାବନ ବିହାର ଗୀତ,
ହେ ରସଜ୍ଞ ଜନେ ଶୁଣ ଏ ଷୋଡ଼ଶ ଛାନ୍ଦ ହୋଇଲା ସମାପତ ।
ସୁରଙ୍ଗୀ ରାଜ୍ୟ ଅଧିପତି ବୀର ଶ୍ରୀ ପୋଲରାୟ ହରିଚନ୍ଦନ ।
ବିବେକୀ ଦାତା ଧୀର କବି ସୁଶାନ୍ତ ବଂଶଙ୍କ ଗୁଣଜ୍ଞ ମଣ୍ଡନ
ସୁଜନେ, ସେ ହରିଚନ୍ଦନଙ୍କ ସୁତ
କେଶବ ରାଜ ହରିଚନ୍ଦନ ନାମେ ଅଟନ୍ତି ଜଗତ ବିଦିତ
ସେହୁ ଶ୍ରୀ ହରିଚନ୍ଦନ ଅଭିନବ ମହୀମଣ୍ଡଳ କଳ୍ପତରୁ
ସେ କେବଳ ଦେବା ଗୁଣରେ ମଣ୍ଡିତ ଏ ନାନା ଗୁଣ ଗଣେ ଗୁରୁ ।
ସେ ଅଟେ ଜଡ଼ ଅତିଶୟ ନୀରସ,
ଏ ଲୀଳା ଗତିରେ ରୁଚିର ଗୁଣଜ୍ଞ ହୃଦୟ ଅତ୍ୟନ୍ତ ସରସ ।
ଯେଣୁ ଏ ହରିଚନ୍ଦନ କଳ୍ପତରୁ ଶ୍ରୀ ଗୁରୁଦେବ ଭକ୍ତିମୂଳ ।
ତହୁଂ ଉତ୍‌ଥିତ ଶ୍ରୀ ରାଧାକାନ୍ତ ସେବା ଅନୁପମ ଶାଖା କେବଳ
ସେ ଗୁଣ ଗଣ ପଲବରେ ମଣ୍ଡିତ,
ବିରକ୍ତି କଳିକାରେ ଅତି ଶୋଭନ ବିମଳ ପ୍ରେମ ପୁଷ୍ପବନ୍ତ

* * *

ତାହାଙ୍କର ଅଟେ ନନ୍ଦନ ଶ୍ରୀନବ ବୃନ୍ଦାବନ ବିହାର ।
ଭଣେ **ଦୀନବନ୍ଧୁ** ହରିଚନ୍ଦନ
ଷୋଡ଼ଶ ଚଉତ୍ତରିଶାକ ପ୍ରବେଶେ ଚିତ୍ରଭାନୁ ସମ୍ବତ୍ସରରେ ।
ଚୈତ୍ର ଶୁକ୍ଳ ଷଷ୍ଠୀ ମଙ୍ଗଳ ବାସରେ ସୌଭାଗ୍ୟ ନାମ ଯୋଗରେ
ଶଶାଙ୍କ ରୋହିଣୀ ରୁକ୍ଷ ପାଶସ୍ଥିତ
ଶ୍ରୀ ବୀର କେଶରୀଦେବ ଉନବିଂଶ ଅଙ୍କେ ପୂର୍ଣ୍ଣ ହେଲା ଏ ଗୀତ ।

* * *

ମୁନି ହେଲେ ହେଂ ମତିଭ୍ରମ ହୁଅନ୍ତି ମୋ ଦୋଷ ନଘେନିବ ମନେ
ବିନତି କରି କହୁଛି ହେ ରସିକ କବି ଗୁଣଜ୍ଞ ଜନମାନେ
ଏ ଗୀତେ ଯେବେ ଅଶୁଦ୍ଧ ଆଦି ଥିବ
ତୁମ୍ଭର ଏ ଗୀତ ଏତେକ ବିଗ୍ଭରି ଅବଶ୍ୟ ଶୋଧିବା ହୋଇବ ।

No Colophon.

Digitized by PPRACHIN, SOA

162

Cat. No. O. L./1214

ନବ ବୃନ୍ଦାବନ ବିହାର

କବି—ଦୀନବନ୍ଧୁ ରାଜ ହରିଚନ୍ଦନ

Nava Brundabana Bihara

By—Dinbandhu Raj Harichandan

Substance—Palm leaf. No. of folia—92. Size—27·5X3·3 C. M· Each side contains 4 to 5 lines. Character—Oriya. Date of Copy—Sana 1259 Sala or 1852 A. D. Complete. Condition—Badly worm-eaten. Find spot—Cuttack.

Tent same as in Cat No. O. L./1184 discussed previously.

Colphon—ସମସ୍ତ ରାମଚନ୍ଦ୍ର ଦେବ ମହାରାଜାଙ୍କ ବିଜେ ଶୁଭରାଜ୍ୟେ ସମସ୍ତ ୪୩ ଅଙ୍କ ସନ ୧୨୫୯ ସାଲ କକଡ଼ା ୨୩ ଦିନେ ବୃହସ୍ପତି ବାସରେ ବେଳ ୧୫ ଦଣ୍ଡ ୩୭ ଲିତାଠାରେ ଯେ ପୁସ୍ତକ ଦେଓଗାଂ ପ୍ରଗନା କୋରୋତୋଳ ଚିନ୍ତାମଣି ମହାନ୍ତିଙ୍କର । ଏହାଙ୍କ ପୁଅ ଚୈତନ ମହାନ୍ତିଙ୍କର । ଏହାଙ୍କ ପୁଅ ବରଜ ଯେ ପୁସ୍ତକ ପଢିବ । ଆହେ ସୁ ଛଜନମାନେ ଶୁଦ୍ଧ ଅଶୁଦ୍ଧ ପୁରୋଇ ଗାଇବ । ଲେଖକ ଦୋଷ ନ ଧରିବ ।

ଶ୍ରୀ ଶୁଭମସ୍ତୁ । ଶ୍ରୀକୃଷ୍ଣ ଚୈତନ୍ୟ ଚନ୍ଦ୍ର ରକ୍ଷା କରିବେ ଅଧମ ନେତ୍ରାନନ୍ଦ ନାଏକକୁ । ଶ୍ରୀ ନିତ୍ୟାନନ୍ଦ । ଶ୍ରୀ ବୈଷ୍ଣବ ଗୋସାଇଂ ରକ୍ଷା କରିବେ ।

163

Cat. No. O. L./322

ନବାନୁରାଗ କବି—କାର୍ତ୍ତିକ ଦାସ

Navanuraga By—Kartika Dasa

Substance—Palm leaf. No. of folia—98. Size 29·6X3·3 C. M. Each side Contains 4 lines throughout the manuscript. Character—Oriya. Date of Copy—C. 17th Century A. D. Complete. Condition—Badly worm-eaten. Find spot—Bhubaneswar dist. Puri.

ଜୟ ଜୟ ଗୋକୁଳ ସୁନ୍ଦର ଗୋବିନ୍ଦ ।
ଗୋବର୍ଦ୍ଧନ ଧରିଣ ରଖିଲେ ଗୋ ବୃନ୍ଦ ।।

Digitized by PPRACHIN, SOA

ଅଘାବକାସୁର ଆଦି ଯେତେ ଅସୁର
ମାରି ଉଶ୍ୱାସିଲ ମହୀ ଗୋକୁଳ ବର ।
ବାହୁ ଦଣ୍ଡେ କେଶୀ ପିଣ୍ଡ କଲ ମନ୍ଥନ
ଅତିକାୟ ଅରଷ୍ଟିର ପ୍ରାଣ ନିଧନ ।

* * *

ରାଧାକୃଷ୍ଣ କେଳି କଥା କହିବି ମନ ।
କୃପା ଜଳନିଧି ମତେ ହୁଅ ପ୍ରସନ୍ନ ।

* * *

ବିଷୟ ବିକାସ ଚିତ୍ତ କରଇ ଶୁଦ୍ଧି
ଗାଇଲା **ଦୀନ କାର୍ତ୍ତିକ** ଅଳପ ବୁଦ୍ଧି ।

There are some folia containing the translation of ଗୀତ ଗୋବିନ୍ଦ by ଧରଣୀଧର ଦାସ at the beginning of the manuscripts.

No. Colophon.

164

Cat. No O. L./521

ନବାନୁରାଗ କବି—କାର୍ତ୍ତିକ ଦାସ

Navanuraga By—Karttika Das

Substance—Palm leaf. No. of folia—186. Size—36·4X3·3 C. M. Each side contains 4 to 6 lines. Character—Oriya. Date of Copy—C. 18th Century A. D. Incomplete. Condition—good. Find spot—Haladia, Dist. Puri.

ରାଧାକୃଷ୍ଣ କେଳୀରସ ଯେ ଗୀତର ନାମ ।
ଶୁଣିମାକୁ ମଧୁର ଶ୍ରବଣେ ଅଭିରାମ ॥
ନୟନେ ଦେଖିଲି ଯହୁଂ ନୀଳଗିରି ଚନ୍ଦ୍ର ।
ତାଙ୍କ ଅନୁରାଗେ କଲି ଯେହୁ ପାଞ୍ଚ ଛାନ୍ଦ ॥
ସାଧୁଜନମାନେ ମୋର ନ ଘେନିମା ଦୋଷ ।
କେବଳ ଅଟଇ ଯେ ପୀରତି ମହାରସ ॥
ରାଧାକୃଷ୍ଣ ଚରଣ କମଳେ ଦେଇ ମଥା ।
ମନ୍ଦବୁଦ୍ଧି **କାର୍ତ୍ତିକ** କହିଲା ଯେହୁ କଥା ॥

There are ଉଷାଭିଳାଷ by ଶଙ୍କର ଦାସ, ଚିତ୍ରକଳା by ଲୋକନାଥ, କଳାବତୀ by ବିଷ୍ଣୁଦାସ, ଲୀଳାବତୀ by ବିଷ୍ଣୁଦାସ, (both the works dedicated in the name of ପାର୍ଥ ଶ୍ରୀଚନ୍ଦନ and ରଘୁନାଥ ହରିଚନ୍ଦନ respecfively) in the manuscript.

No Colophon.

Digitized by PPRACHIN, SOA

165

Cat. No. O. L,/1034

ନାଗରୀ ପ୍ରେମଭକ୍ତି ଚନ୍ଦ୍ରିକା

Nagari Premabhakti Chandrika

Substance—Palm leaf. No of folia—23. Size—16.5X2.8 C. M. Each side contains 2—4 lines. Character—Oriya. Date of Copy—Sana 1307 Sala or 1900 A. D. Incomplete. Condition—worm-eaten. Find spot—Presented by Damodar Dash, Bhubaneswar, District Puri.

ଏହିପରି ସମସ୍ତ ସଖୀମାନଙ୍କ ସିଦ୍ଧ ଦେହ ଭାବନା କରିବ । ଏହିପରି ସଖୀମାନଙ୍କ ସିଦ୍ଧ ଦେହ ଭାବନା କରି ନମସ୍କାର କରିବ । ତନ୍ମଧ୍ୟରେ ଏମନ୍ତ ବିଗ୍ୱରି ଶ୍ରୀ ଗୁରୁଦେବଙ୍କ ଆଜ୍ଞାରେ ସିଦ୍ଧ ଦେହରେ ଅମୂକ ମଞ୍ଜରୀ ମୋର ନାମ । ଏମନ୍ତ ବିଗ୍ୱରି ଆପଣା ସିଦ୍ଧ ଦେହ ରୂପକୁ ଭାବନା କରିବ । * * * ଏଥି ଉତାରୁ ଶ୍ରୀ ଗୁରୁଦେବଙ୍କୁ ଅଜ୍ଞା ମାଗିବ । ଶ୍ରୀ ଗୁରୁଙ୍କ ଆଜ୍ଞା ହେଲେ ସିଦ୍ଧ ଦେହ ଲଭି ଶ୍ରୀ ବ୍ରିନ୍ଦାବନରେ ପ୍ରବେଶ ହେବି । ଏମନ୍ତ ବିଗ୍ୱରିବ । ଶ୍ରୀ ଗୁରୁଦେବଙ୍କ ଆଜ୍ଞା ହେଲା କିନ୍ତୁ ସିଦ୍ଧ ଦେହ ଲଭି ଶ୍ରୀ ବ୍ରିନ୍ଦାବନକୁ ଯା । ତହିଂ ଉତାରୁ ଏମନ୍ତ ବିଗ୍ୱରିବ । ଶ୍ରୀଗୁରୁଙ୍କ ଆଜ୍ଞାରେ ଯେ ଦେହ ଛାଡ଼ି ସିଦ୍ଧ ଦେହ ଲଭିଲି । ଗୁରୁ ରୂପା ସଖୀ ଗଣମାନଙ୍କ ସଙ୍ଗରେ ସହିତ ହୋଇ ଶ୍ରୀ ବ୍ରିନ୍ଦାବନରେ ପ୍ରବେଶ ହେଲି ବିଗ୍ୱରିବ । ତହିଂ ଉତାରୁ ଶ୍ରୀ ବ୍ରିନ୍ଦାବନକୁ ନମସ୍କାର କରିବ ।

Colophon—ଶ୍ରୀ ଦୀନବନ୍ଧୁ ସାଉଙ୍କର ଶ୍ରୀ ଅନନ୍ତଠାରେ ** ସନ ୧୩୦୭ ସାଲ ସିଂହ ମାସ ୪ ଦିନେ * * * ।

166

Cat. No. Or. Pr,/66

ନାଗଲ ଚତୁର୍ଥୀ

Nagala Chaturthi

Substance—Palm leaf. No. of folia—19. Size 21.9X2.7 C. M. Each side contains 3 to 4 lines. Character—Oriya. Date of Copy—C. 19th century A. D. Incomplete. Condition—Some folia are broken. Find spot—Presented by G. N. Dasa Goswami, Tangi, Dist. Cuttack.

ଶ୍ରୀ କୈଳାସ କନ୍ଦରେ ଗଣେଶ୍ୱର ନନ୍ଦୀଭୃଙ୍ଗୀ କାର୍ତ୍ତିକେଶ୍ୱର ସମସ୍ତେ ତାଣ୍ଡବନୃତ୍ୟ କରୁଅଛନ୍ତି । ଏମନ୍ତ ସମୟେ ଜଗତ ମାତ ଯେ ପାର୍ବତୀ କରପତ୍ର ଯୋଡ଼ି ପଗ୍ୱରୁ ଅଛନ୍ତି । ସଂସାରେ ପ୍ରାଣୀମାନେ ତୁମ୍ଭଙ୍କୁ ସେବା କରି କି ଫଳ ପାଆନ୍ତି । ଈଶ୍ୱର କହୁଅଛନ୍ତି ମୋହର ନାଗଲ ଚତୁର୍ଥୀ ବ୍ରତେକ ଆରମ୍ଭ କର । ଅଳପ ସେବା କଲେ ବହୁତ ଫଳ ପାଆନ୍ତି ।

* * *

Digitized by PPRACHIN, SOA

କାର୍ତ୍ତିକ ମାସରେ ଶୁକ୍ଳପକ୍ଷ ଚଉଠୀ ନିକଟ ହୋଇଲା । ସାଧବ ଭାରିଯା ଓଷା ସାମିଗ୍ରୀ ସଜାଡ଼ି ଘର ବଖୁରିଏ ଲିପି ଦେଇ କବାଟ କିଳି ପୁଷ୍କରଣୀକି ସ୍ନାନ କରିଗଲା ।

* * *

ଯେମନ୍ତେ କେତେଦିନେ ଆଶୀନ୍ୟ ଗଲା । କାର୍ତ୍ତିକ ହେଲା । ପିଂପଇ ଅମାବାସ୍ୟା ଗଲାର ଘରିଦିନେ ନାଗୁଲୀ ଚତୁର୍ଥୀ ବ୍ରତ ହେବ । ଶାଶୁ ସକାଳୁ ସ୍ନାନ କଲା । ସମସ୍ତ ସଜୁଡ଼ି କଲା । ଯେକାରଣେ ଦୁଃଖ ପାଇଲା । ତୁ ମୋ ସେବା କରି ବହୁତ ଗୁହାରି କଲୁ ।

No Colophon.

167

Cat. No. O. L./1559

ନାଗଲ ଚତୁର୍ଥୀ

Nagala Chaturthi

Substance—Palm leaf. No. of folia 67. Size 21.6X3.3 C. M. Each side contains 4 to 5 lines. Character—Oriya. Date of Copy—C. 18th Century A. D. Complete. Condition—good. Find spot—Rudrapur. Chhatia. Dist. Cuttack.

ସୂତ କହୁଅଛନ୍ତି ଶୌନକ ଋଷି ଯେ ତାହାଙ୍କୁ । ହେ ଶୌନକ, କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନରେ ବ୍ରତ କାମନାରେ ହୃଷ୍ଟ ହୋଇ ଅପ୍‌ସରୋ ଗଣମାନେ ଯେ ସେ ଯମୁନାକୁ ସ୍ନାନ କରିବାକୁ ଗଲେ । ସେ ସ୍ତ୍ରୀମାନେ ସ୍ନାନ କରି ଯାହାର ଯେ ବସ୍ତ୍ର ଅଳଙ୍କାର, ଯେମାନଙ୍କୁ ଆଭରଣ କଲେ, କରି ସେ ଯମୁନା ତଟଭୂମିରେ ପଞ୍ଚବର୍ଣ୍ଣରେ କରି ସ୍ୱସ୍ତିକ ମଣ୍ଡଳ ଲେଖିଲେ । ସେହି ଅରଣ୍ୟରେ ଯୋଉଂ ଫଳମାନେ ପୁଷ୍ପମାନେ ଥିଲେ ତାକୁ ତୋଳି ଆଣି କରି ପିଙ୍ଗଳ ହୋଇ ନାମ ନାଗ ଯେ ତାକୁ ପୂଜା କଲେ ।

* * *

ହେ ବ୍ରାହ୍ମଣ ପୂର୍ବକାଳରେ ହୟ ଦେଶରେ ନହୂଷାର୍ଜ୍ଜୁନ ହୋଇ ନାମ ଏକରାଜା ଥିଲେ । ତାହାଙ୍କ ଭାର୍ଯ୍ୟା ଯମ ଚନ୍ଦ୍ରାବତୀ । ସେ ଦୁଇଜଣେ ପୁତ୍ର ଯେ ତାକୁ କଦାଚିତ ନ ଲଭିଲେ । ସେ ରଜାରାଣୀ ଦୁହେଂ ପୁତ୍ର ପାଇବେ । ଏଥିପାଇଂ ଆପଣା ଧର୍ମକୁ ଜାଣି ଦେବତା ବ୍ରାହ୍ମଣ ଏମାନଙ୍କୁ ପୂଜା କରୁଥାନ୍ତି । ଚିରରେ ବିଷ୍ଣୁଙ୍କୁ ଆଶ୍ରୟ କରି ବହୁତ ଦିନ ରହିଲେ ।

* * *

ତହିଂ ଉତାରୁ ସମସ୍ତ ବ୍ରାହ୍ମଣମାନେ ଆସି ସେ ପୁତ୍ରକୁ ପିଙ୍ଗଳକ ନାମ ଦେଲେ । ବ୍ରତ ବିଧାନ କଲେ । ବିଦ୍ୟାବସୁଙ୍କ ନିମିଜା ନାମ କନ୍ୟାକୁ ବିଭା କରିଦେଲେ । ହେ ଇନ୍ଦ୍ର, କିଛି କାଳ ଗଲା ଉତାରୁଂ ସେ କନ୍ୟା ଯେ, ସେ ଶଯ୍ୟାରେ ସର୍ପ ସ୍ୱରୂପ ହୋଇଅଛି ଏମନ୍ତ ଯେ ପତି ତାକୁ ଦେଖିଲା । ଦେଖି ପତିକି କହିଲା, ହେ ସ୍ୱାମିନ୍, ତୁମ୍ଭେ କେ ମୋତେ କହ, ମୁଂ ଯେବେ ତୁମ୍ଭର ବଲ୍ଲଭା ତେବେ କହିବ । ପିଙ୍ଗଳ ଉବାଚ, ପିଙ୍ଗଳ କହୁଅଛନ୍ତି—ହେ ପ୍ରିୟେ, ପିଙ୍ଗଳ ହୋଇ ନାମ ନାଗ ମୁଂ । ଗରୁଡଙ୍କ ଭୟରୁ ବିଷ୍ଣୁଙ୍କ ଅନୁଜ୍ଞାରେ କରି ମନୁଷ୍ୟାକୃତି ହୋଇ ମୁଂ ଜନ୍ମ ହେଲି ।

* * *

Digitized by PPRACHIN, SOA

ଯେ ରୂପେ ଅପ୍ସରାମାନେ ବ୍ରାହ୍ମଣଙ୍କୁ କହିଲେ ସେ ବ୍ରାହ୍ମଣ ଆନନ୍ଦ ହୋଇ ଭାର୍ଯାକୁ ଯାବଜ୍ଜୀବ କରି ବ୍ରତ କରାଇଲେ । ତହିଂ ଉତାରୁ ସେ ବ୍ରାହ୍ମଣୀ ସେହି କାଳରେ ପୁତ୍ର ଧନ ଆରୋଗ୍ୟକୁ ପାଇଲେ । ନାଗ ବ୍ରତକୁ ଭକ୍ତିରେ କରି ପ୍ରକାଶ କରାଇଲେ । ଇତି ଶ୍ରୀ ନାଗବଳି ବ୍ରତ ପୂଜା ତତ୍ତ୍ୱ କଥା ସମାପ୍ତ । ଶ୍ରୀ ସଦାଶିବ ରକ୍ଷା କରିବେ ।

There are some folia Containing ଖୁଦୁରୁକୁଣି ବ୍ରତ and ସୁଦଶାବ୍ରତ କଥା at the beginning of the manuscripts.

168

Cat. No. Or.-Ms./124

ନାଗବଂଶ ଚରିତ   କବି-ପଦ୍ମନ ସିଂହ

Nagavansa Charita By—Padmana Simha

Substance—Paper No. of Pages—205. Size 21.6X16.6 C. M. Each page contains 15 to 20 lines. Character—Oriya. Date of Copy—26-1-1946. Complete. Condition—good. Find spot—Balangir.

ଜୟ ଜୟ ଅମ୍ବିକା ଦେବୀଙ୍କ ନନ୍ଦନ
ଜୟ ନାଗ ନର ଅମର ବନ୍ଦନ ।
ଜୟ ପାର୍ବତୀଶ ଆନନ୍ଦ ବରଧନ
ଜୟ ଭକ୍ତଜନ ପାତକ ବିମୋଚନ ।

*   *   *

ପୂରୁବ ପୁରୁଷଙ୍କ ଚରିତକୁ ଗୀତ
କରିବି ବୋଲି କରି ବଳିଛି ମୋର ଚିତ ।
ଆହେ ନାଗବଂଶ ଉପତି କରତା
ପୁଣିତ ବେଦ ବିଦ୍ୟାମାନଙ୍କରେ ବେତ୍ତା ।।
ନାଗମାନଙ୍କର ଅଟତ ପ୍ରଧାନ
ଏ ଘେନି ତୁମ୍ଭ ନାମ ଅଟଇ ନଳିନ ।।
ଆପଣଙ୍କ ବଂଶରେ ହୋଇଛି ଜନମ ।
ଯୁବରାଜ ପଦ୍ମନସିଂହ ମୋର ନାମ ।।
ପିତାଙ୍କର ନାମ ସିଂହ ରାମଚନ୍ଦ୍ର
ଦେବ ବ୍ରହ୍ମ ଭକ୍ତିରେ ଅଟଇ ଚିତ୍ତ ସାନ୍ଦ୍ର ।।

*   *   *

ଦିନେ ମହାଭାରତ ପଠନ ହେଉଥିଲା ।।
ସୋମବଂଶ ପୂର୍ବ ଚରିତ ପଢ଼ିଲା ।।

Digitized by PPRACHIN, SOA

ଏହି କାଳେ ବିଜେ ଆନନ୍ଦ ଧରି ମଜା
ପଗ୍ଭରିଲେ ଆହେ ଥୁଆମୂଳ ରାଜା
ଆପଣଙ୍କ ପୂର୍ବ ପୁରୁଷ ଚରିତ
ଶୁଣିବାକୁ ଇଛା ହେଉଛି ଆମ୍ଭ ଚିତ ।

* * *

ସେ ସରିକି ସମତ ବାଷଠୀ ସମ୍ଭର
ଅଧିକ ଥାଇ ଭୋଗ ଗୋଟିଏ ହଜାର ।
ଶୁଣିଲ ତ ମୋ ଠାରୁ ସକଳ ଦ୍ଵିଜବର ।
ଗଣନାରେ କେତେ ହୋଇଲା ବିଗ୍ଭର

No Colophon.

169

Cat. No. O. L./182

ନାଗାନ୍ତକ

Nagantaka

Substance—Palm leaf. No. of folia—69. Size—21·8X3·5 C. M. Each side contains 4 lines throughout the manuscript. Character—Oriya. Date of Copy—C. 19th Century A. D. Incomplete. Condition—Badly worm-eaten. Find spot—Puri town.

ଶ୍ରୀ ଗଣେଶାୟ ନମଃ

ବୋଲନ୍ତି ଗଣନାଥ ଶୁଣ ହୋ ତ୍ରିଲୋଚନ ।
ଦେଖିଲୁ କି ଚିତ୍ର ଯେ ମୃତ୍ୟୁ ଭୁବନ ।।

ଡଂଶିଲା କାଳୀ ଢଳିଲେ ଚକ୍ରଧର ।
ମତ୍ତ ଗର୍ବେ ଧରନ୍ତି କିଂପା ନର ।।

ଆଦି ମନ୍ତ୍ରନେ.........ଲାଗିଲା ଦେବ ତୋତେ ।
ଦାବାନଳ ତେଜ ଯେ ବିଷର ସଙ୍ଗତେ ।।

There are different mantras in the manuscript.

No colophon.

Digitized by PPRACHIN, SOA

170

Cat. No. O. L./430

ନାଗାର୍ଜ୍ଜୁନ ଯୁଦ୍ଧ   କବି-ସାରଳା ଦାସ

Nagarjuna Yuddha   By—Sarala Dasa

Substance—Palm leaf. No. of folia—74. Size—26·4X3·3 C. M Each side contains 3 to 4 lines. Character—Oriya. Date of Copy—C. 17th Century A. D. Complete. Condition—Worm-eaten. Find spot—Bhawani patna, Dist. Kalahandi.

ବନ୍ଦଇଂ ଯେ ଦେବଗଣ ପାର୍ବତୀଙ୍କର ସୁତ
ପଶୁ ଯେ ଅଙ୍କୁଶ ପାଶ ଭଗ୍ନ ଯେକଦନ୍ତ ।
ବନ୍ଦଇ ଯେ ବିଷ୍ଣୁନାଥ ଧବଳ ମୂରତି
ଧବଳ ବୃଷଭ ପିଠି ଗର୍ବନ ଯୋ ନିତି ।
ଡ଼ିବି ଡ଼ିବି ଡ଼ମ୍ବରୁ ଯେ ବଜାଇ ବାହାର
ପାର୍ବତୀ କି କୋଡ଼ରେ ଘେନିଣ ଶୂଳଧର ।
ନିତ୍ୟେ [illegible] ହେଂ ବନ୍ଧୁ ସ୍ୱାମୀ ଯଦୁକୁଳ ନାଥ
ସନ୍ଥଜନ [illegible] ପ୍ରତିପାଳି [illegible] ବଧିଲୁ ଦଇତ ।

*   *   *

ସୁଦୟା କରିବା ମୋତେ ପ୍ରସନେ ସାରଳା
ସଂସାରୁ ତରିବି ଗୋ ତୋହୋର ନାମ ଭେଳା ।
ବେଦଶାସ୍ତ୍ର ପୁରାଣ ମୁଂ ନ ଜାଣଇ କିଛି
ସାରଳାର ନାମ ଗୋଟି ହୃର୍ଦେ ଜପୁଅଛି ।
ନାଗା ଅରଜୁନ ଯୁଦ୍ଧ କହିବାକୁ ମନ
ଭାରଥ କହିବି ଗୋ ହୋଇଲେ ପ୍ରସନ୍ନ ।

*   *   *

ଅର୍ଜ୍ଜୁନ ଯୁଜେଷ୍ଟି ଯେ ଭୀମ ମହୀବର
ଶୁଭ ଯୋଗେ ଚଳିଗଲେ ଆପଣା ରାଜ୍ୟର ।

No Colophon.

Digitized by PPRACHIN, SOA

171

Cat. No. O. L./517

ନାଗାର୍ଜୁନ ଯୁଦ୍ଧ   କବି-ମାଧୋଇ

Nagarjuna Yuddha   By—Madhoi

Substance—Palm leaf. No. of folia—155. Size—37·8X3·2 C. M. Each side contains 3-4 lines. Character—Oriya. Date of Copy—C. 18th Century A. D. Complete. Condition—Worm-eaten. Find spot—Haladia, P.-S. Khurdha. district Puri.

ବନ୍ଦଇ ଯେ ବିଶ୍ୱନାଥ ଧବଳ ମୂରତି
ଧବଳ ବୃଷଭ ପିଠି ବାମନ ତୋ ନୀତି ।
ଡ଼ିବି ଡ଼ିବି ଡ଼ମ୍ବରୁ ବାଜଇ ନିରନ୍ତର
ଧବଳ ପାର୍ବତୀ କୋଳେ ଭ୍ରମ ତିନିପୁର ।
ନିତ୍ୟେ ହେ ବନ୍ଦଇଂ ସ୍ୱାମୀ ଯଦୁକୂଳ ନାଥ
ସନ୍ଥ ଜନ ପ୍ରତିପାଳି ନାଶିଲୁ ଦଇତ ।
ନାମ ଚଣ୍ଡିକା ଦେବୀ ସିଦ୍ଧ ଗୋ ସାରଳା
ଗଙ୍ଗାଧର ଉଂକାରେ ଗୋ ପ୍ରସନ୍ନ ମୋତି ଭେଳା ।

*   *   *

ନାଗା ଅର୍ଜ୍ଜୁନ ଯୁଦ୍ଧ କହିବାକୁ ମର୍ତି
ଭାରତ କହିବାକୁ କାହିଂ ମୋହର ଶକତି ।
ତୁ ମୋତେ ପ୍ରସନ୍ନ ହୋଇବା ମହାମାୟେ
ପୁଣ ପୁଣ ନିବେଶୀ ପଡ଼ଇ ତୋର ପାୟେ ।
ପ୍ରସନ୍ନ ସାରଳା ମାଗୋ ଚରଣେ ତୋର ସେବା
ନିରେଖ **ମାଧୋଇ** କି ପୁରାଣ ମତି ଦେବା ।

*   *   *

ଦେଖି ଜଗନ୍ନାଥ ହୋଇଲେ ତୋଷ ଚିତ୍ତ
ନିରେଖ **ମାଧୋଇ** କି ଉଦ୍ଧର ଜଗନ୍ନାଥ ।

ନାଗା ଅର୍ଜ୍ଜୁନ ଯୁଦ୍ଧ ସଂପୂର୍ଣ୍ଣ ।

Colophon—ଶ୍ରୀ ରାଧାକୃଷ୍ଣ ଉଦ୍ଧରିବେ ଆହେ ସୁଗ୍ୟଂ ଜନମାନେ ଶୁଦ୍ଧ ଅଶୁଦ୍ଧ ମିଶାଇ ଗାଇବ । ଶ୍ରୀ ସକଳେଶ୍ୱର ଉଦ୍ଧରିବେ । ବାଲୁକେଶ୍ୱର ଉଦ୍ଧରିବେ ।

There are some folia containing ପରିମଳା by ନରସିଂହ ଶେଣ at the beginning of the manuscript.

Digitized by PPRACHIN, SOA

172

Cat. No. Or. Pr./4

ନାଗୁଲୀ ବ୍ରତକଥା

Nagulivrata Katha

Substance—Palm leaf. No. of folia—151. Size—38·5X3·1 C. M. Each side contains 4 to 5 lines. Character—Oriya. Date of Copy—C. 18th Century A. D. Complete. Condition—Badly worm-eaten. Find spot—Puri town.

ନାଗୁଲୀ ବ୍ରତକଥା—

ବୋଇଲା ବେଳକୁ ସାଧବ ଭାରିଯା ନାଗମାତା ତୁଲେ ସଙ୍ଗାତ । ନାଗମାତା ବୋଇଲା—ସଙ୍ଗାତ ମୁଂ ତମ ସାତେ ଯିବି ଗୁଣ୍ଡିଚ୍ଚକୁ । * * *
ଏତେ କହି କରି ଡ଼ିମ ଦେଇ ପୁରୁଷୋତ୍ତମ ଗଲା । ଗୁଣ୍ଡେଚ୍ଚ ଦର୍ଶନ କରିବା ବାହୁଡ଼ି ଅଇଲା । ବୋଇଲା—ସଙ୍ଗାତ ଡ଼ିମ୍ବ ସାତଗୋଟା ଦିଅ । ସଙ୍ଗାତ ଡ଼ିମ୍ବ ସାତଗୋଟା ଦେଲା । ତା' ଦେଖିଲା ବେଳକୁ ଡ଼ିମ୍ବ ସାତଗୋଟା କାଞ୍ଜିଆ ହୋଇଯାଇଛି । ବୋଇଲା ସଙ୍ଗାତ ମୋ ଡ଼ିମ୍ବ ସାତଗୋଟା କାଞ୍ଜିଆ କରିଦେଲ । ମୋର ପୁଅ ସାତଗୋଟା ହୁଅନ୍ତା । ଏତେ ବୋଲି କାନ୍ଦିଦେଲା । ଗାଳି ଦେଇକରି ଘରକୁ ଗଲା । ଡ଼ିମ୍ବ ସାତଗୋଟା ଭାଙ୍ଗି ପକାଇଲା । ତହିଁରୁ ଖଣ୍ଡେ ନାଗୁଣୀଟିଏ ବାହାରି ହେଲା । ତାକୁ ପ୍ରତିପାଳିଲା ।

ଧାନମାଣିକା କଥା—

କାର୍ତ୍ତିକ ଯାଇ ମାର୍ଗଶୀର ପଶିଲା । ବିହି ମାହାଲକ୍ଷ୍ମୀ ଅଡ଼ା ଗଉଣି ଘେନି ଘରେ ଘରେ ପଶିଲା । ଯେମନ୍ତରେ ଏକ ଘରେ ଦିନକରେ ଲକ୍ଷ ଶ୍ରୀ ସାଧବ ଦ୍ୱାରେ ପ୍ରବେଶ ହୋଇଲେ । ସାଦବାଣୀକି ଦେଖି ତାକୁ ବୋଇଲେ । ଆଗୋ ମା' ଯା ଧାନମାଣିକା ଓଷା ଏହା ତୃ କର । ତାହା ଶୁଣି ସାଧବାଣୀ ବୋଇଲା । ଧାନବୋଲି ମାତାଙ୍କର ଓଷା । ତାହା ମୁଂ ଛାର କରିବିନି । ସାହି ଦେବି ପଡ଼ିଶା ଦେବି, ଗୋତି ଦେବି, ଈଶାଣ ଦେବି, ନାତି ଦେବି, ନାତୁଣୀ ଦେବି । ଏମନ୍ତ ଶୁଣି ଠାକୁରାଣୀ ବୋଇଲା । ଆଲୋ ମାଏ ଓଷାର ନାଂ ସିନା ଧାନମାଣିକା । ଯେ ଯେତେ ପାରଇ ସେ ତେତେ ଲଗାଇ ଓଷା କରଇ । ତୃ ଯେବେ ଯେତେ ଇଚ୍ଛା ତେତେ ଲଗାଇ ଓଷା କର ।

ଦୁର୍ଗାଷ୍ଟମୀ କଥା—

କେଉଣିସି କାଳରେ ଦେବତା ବୃନ୍ଦ ମଧ୍ୟରେ ଭଗବାନ ଯେ ନାରଦ ଋଷି କୌତୁକାବିଷ୍ଟ ହୋଇ ବିଧି ଯେନ କଥାମାନ କହିଲେ । ସନ୍ତୋଷ ହୋଇ ବସିଲେ । ସେ ନାରଦ ଋଷିକି ତାହାଙ୍କୁ ଦେବତା ଗଣମାନେ ଯେମନ୍ତ ପଚ୍ଚରିଲେ । ହେ ମୁନି, ଶୁମ୍ଭ ନିଶୁମ୍ଭ ଆଦିରୁ ଆଉ ଯେ ଆନ ଆନ ଦୁଷ୍ଟ ଦାନେବମାନେ ତାହାଙ୍କୁ ଯୁଦ୍ଧରେ ମାରିକରି ମାହାବଳ ଯେ କୃପାଦେବୀ ଆମ୍ଭମାନଙ୍କୁ ଅଭୟେ ବର ଦେଲେ । ଯଥା ସୁଖେ ଗଲେ । ତାହାଙ୍କ ଚରିତ୍ର ମାହାତ୍ମ୍ୟ ଶୁଣିମାକୁ ତୁମ୍ଭଠାରୁ ଇଚ୍ଛା କରୁଅଛୁ । ଆପଣନ୍ତ ସମସ୍ତ ଜାଣନ୍ତି । ସବୁଠାକୁ ଯାଇପାର । ତା' ତା' ଆମ୍ଭକୁ କହ ।

Digitized by PPRACHIN, SOA

ନିତିଆନି ମହାଲକ୍ଷ୍ମୀ କଥ —

ଶ୍ରୀ ଯେ ଲକ୍ଷ ଶ୍ରୀ ସାଧବଘର । ବହୂ ନା ଶ୍ରୀଧର । ପୁଅନା ଶ୍ରୀକର, ଶାଶୁ ନା ଶ୍ରିୟା, ସାଧବ ନାଂ, ଶ୍ରୀବନ୍ତ । ଯେମନ୍ତ ହୋଇ ଗ୍ରରି ଶ୍ରୀବନ୍ତ ଏକା ଘରେ ଥାନ୍ତି । ଗୁରୁବାରଦିନ ବହୂ ବୋଇଲା ଶାଶୁ ମୁ ପଦୁତୋଳି ଯିବି । ଶାଶୁ ବୋଇଲା ଗୁରୁବାର ପରା ଦିନ ଥାଉଂ ଥାଉଂ ଯେହା ବୋଲୁ । ମୋହ ତୁଲେ ଅଷ୍ଟ ଅପସରା ଭୁଂଜିବେ । ଶଶୁର ତୁଲେ ଅଷ୍ଟ ମହାଜନ ଭୁଂଜିବେ । ଯଦି ଯିବୁ ଖରେ ଯିବୁ ଖରେ ଆସିବୁ । ବିପ୍ର ବୈଷ୍ଣବ ଦେଖିଲେ ମାନ୍ୟ ଧର୍ମ କରିବୁ । ପଡ଼ିଶା ଲୋକ ଦେଖିଲେ କୋଳାଗ୍ରତ କରିବୁ ।

There are some folia contajning କାଞ୍ଚିଅଁଳା କଥା, ଷଷ୍ଠୀ ଓଷା କଥା, ପୌଷ ରବିବାର କଥା, ଭୋଦୁଆ ଭୋଦେଇ କଥା, ଜାଡ଼ୀ ଖନୀ କଥା, ଲକ୍ଷ୍ମୀନାରାୟଣ କଥା, ରବିନାରାୟଣ ବ୍ରତ କଥା, ବୁଧ ମଙ୍ଗଳବାର କଥା, ଷୋଳପାଳି ମଙ୍ଗଳବାର କଥା erc. in the manuscripts.

No. Colophon.

173

Cat. No. O. L./529

ନାମ ଚିନ୍ତାମଣି ଓ ଅନ୍ୟାନ୍ୟ

କବି-ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା

Nama Chintamani and others

By—Sadananda Kavisurya Brahma

Substance—Palm leaf. No. of folia—125. Size 34·5 X3·3 C. M. Each side contains 4 to 5 lines. Character—Oriya. Date of Copy—C. 18th Century A. D. Incomplete. Condition—Badly worm-eaten and most of the folia are broken and brittle. Find spot—Bhubaneswar, district Puri.

ନାମ ଚିନ୍ତାମଣି—

ଶ୍ରୀରାଧାକୃଷ୍ଣୌ ଜୟତଃ ।

ରାଗ—କେଦାର, ଚକ୍ରକେଳି ବାଣୀ ବୃତ୍ତେ ।

ଜୟ ଜୟ ଶ୍ରୀଗୁରୁ ଶ୍ରୀଚରଣ । ଜୀବରକ୍ଷା ବିନା ନାହିଂ କାରଣ ।।
ଜୟ ଜୟ ଶ୍ରୀଗୁରୁ ଚିନ୍ତାମଣି । ସଖୀ ସଖା ରାଧାକୃଷ୍ଣ ଯେ ମଣି ।।
ସଖୀ ଆସ୍ୱାଦନ ମହୀ ଘଟଇ । ଭାବନାରେ ଭବରୋଗ ତୁଟଇ ।।
ଭଗବାନ ଘେଞ୍ଚ ଭକ୍ତି ଦ୍ରୁମର । ଗୁରୁମୂଳେ ସର୍ବେ ଶାଖା ଯାହାର ।।
ବୃକ୍ଷ ମୂଳେ ଜଳ ଯେମନ୍ତ । ତୃପ୍ତି ଲଭନ୍ତି ସ୍କନ୍ଧ ଶାଖା ପତ୍ର ।।
ଗୁରୁ ମାତା ପିତା ଗୁରୁ ଈଶ୍ୱର । ଗୁରୁ ପ୍ରାଣ ପତି ଗୁରୁ ଠାକୁର ।।
ଗୁରୁ ଆଜ୍ଞାରେ ସର୍ବ ହୋଇଂ ପାନ୍ତେ । କୃପା କରି କହିଲେ ଏ ପ୍ରକାରେ ।।

Digitized by PPRACHIN, SOA

ନାମ ଚିନ୍ତାମଣିଙ୍କର ଭଜନ । ବାମିନୀ ସ୍ୱାମୀ ସର୍ବ କାମ ପୂର୍ଣ୍ଣ ॥
ସତ୍ୟ ଯୁଗରେ ଧ୍ୟାନେ ପାପ ନାଶ, । ତ୍ରେତୟାରେ ଯଜ୍ଞରେ ସେହି ଆଶ ॥
ଯୁଗ ଦ୍ୱାପରେ ପରିଚର୍ଯ୍ୟା କଲେ । ହୋଇଂ ପାତକ ବିନାଶ ସମୂଳେ ॥
କଳିଯୁଗେ...............ଅତି ଘୋର । ନାହିଂ ସମ ପ୍ରାୟଶ୍ଚିତ୍ତ ମାତର ॥
ଯେତେ ବେଦନା ତେତେ ଅପରାଧ । କୃଷ୍ଣ ନାମେ ଅଘ, ହୋଏ ନିରୋଧ ॥
ଋଷି ଆଗ୍ୟଂ। ଶାସ୍ତ୍ରରେ ଯେ ପ୍ରମାଣ । ହରିନାମ ଭବାବ୍ଧକ ତାରଣ ॥
ଦୃଢ ଲାଗି କହିଲେ ତିନିବାର । ନାହିଂ ନାହିଂ ନାହିଂ ଅନ୍ୟ ପ୍ରକାର ॥
ତେବେ ଭବ ରୋଗାର୍ଥେ ଭଜନ୍ତି । ତେଣୁ ନାମ ମହିମା ନ ଜାଣନ୍ତି ।
କୃଷ୍ଣ ନାମ ହୋଇ ଯେଣୁ ଚିନ୍ତାମଣି । ସର୍ବ କାମ ସଂପୂର୍ଣ୍ଣ କରେ ଜାଣି ।
ନାମ ଭାଷାରେ ଯହିଂ ହୋଏ ମୁକ୍ତି । ନାମ ସାକ୍ଷାତେ-ରହେ କେଉଂ ଶକ୍ତି ।
ଗ୍ୱରି ଧାମ ବଇକୁଣ୍ଠ ସହିତ । ଯଉଂ କୃଷ୍ଣ ନାମେ ହୋଏ ପ୍ରାପତ ।

* * *

ହରି ନାମ ଚିନ୍ତାମଣି ଯେ ଗୀତ । ହେଲା ପ୍ରଥମେ ଛାନ୍ଦ ସମାପତ ।
ଆର ଛାନ୍ଦରେ ପ୍ରବର୍ତ୍ତାଇ ବାର । **ସଦାନନ୍ଦ କବିସୂର୍ଯ୍ୟ** ବ୍ରହ୍ମାର ।

* * *

ପ୍ରେମ ତରଙ୍ଗିଣୀ—

ବ୍ରଜ ବ୍ରଜବଧୂ ଭାବ ମୂଳ ହେ ଭଗତ । ଜଗ ଜଗତ ରସକୁ ନଯାଉ ସ୍ୱ ଚିତ୍ତ ଯେ ।
ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଭାଳେ । ସେବା ସେ ବାମାକୁ କରିବିକି ଦାସୀ ମେଳେ ହେ ।

* * *

ପ୍ରେମ ତରଙ୍ଗିଣୀ ଚତୁର୍ଦଶ ଛାନ୍ଦ । **କବିସୂର୍ଯ୍ୟ ବ୍ରହ୍ମା** ହସେ ମନ୍ଦ ମନ୍ଦ ।

* * *

ରସେ ସଦାନନ୍ଦ ନନ୍ଦନନ୍ଦନ ଅଧୀନ । କବି ସୂର୍ଯ୍ୟ ବ୍ରହ୍ମା ବ୍ରହ୍ମାଣ୍ଡରେ ଦୀନ ।

* * *

ଭଣେ **ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା** ଯେ ସର୍ବ ମନ ମୋହିତ ।
ହରିବୋଲ ହରିବୋଲ ହରିବୋଲ ଗ୍ରନ୍ଥ ହେଲା ସମାପତ ।

ପ୍ରେମକଳ୍ପ ଲତିକା

ଇତି ଶ୍ରୀ ପ୍ରେମକଳ୍ପ ଲତିକା ସମାପ୍ତ ।

No Colophon

Digitized by PPRACHIN, SOA

174

Cat. No. O. L./617

ନାମଚିନ୍ତାମଣି

କବି—କବିସୂର୍ଯ୍ୟ ବ୍ରହ୍ମା ସାଧୁଚରଣ ଦାସ

Nama Chintamani

By—Kavisurya Brahma Sadhu Charana Dasa

Substance—Palm laef. No. of folia—27. Size—26·3X3·3 C. M. Each side contains 4 lines throughout the manuscript. Character—Oriya. Date of Copy—C. 19th Century A. D. Complete. Condition—Not good. Find spot—Madhupur, District Cuttack.

ଗୋବିନ୍ଦ ଗୋପୀନାଥ ମଦନମୋହନ ତିନିମୂରତି ।
ନିଜ ଭକ୍ତ ସୁଖଅର୍ଥେ ନନ୍ଦସୁତ ପ୍ରକାଶ ହୋଇ ଅଛନ୍ତି
ହେ ମନ ।

ଦ୍ୱାଦଶଛାନ୍ଦ ଯେ ନାମ ଚିନ୍ତାମଣି ହୋଇଲା ଏହୁ ସଂପୂର୍ଣ୍ଣ ।
ଯେ ଯେଉଂ କାମରେ ପଢ଼ିବେ ଶୁଣିମେ କରିବେ ତା ଘନବର୍ଣ୍ଣ
ହେ ମନ ।

ଶ୍ରୀଗୁରୁ କିଶୋର ଦାସ ପଙ୍କଜ ପୟର ଆଶ୍ରୟ କରି
ଶାକ୍ତକୁଳେ ଜନ୍ମ ମୁଂ ସାଧୁଚରଣ ଦାସ ଯେର ଅଧିକାରୀ
ହେ ମନ ।

Colophon—ଶ୍ରୀ ରାଧାକୃଷ୍ଣାଭ୍ୟାଂ ନମଃ ।
ଚଳଂ ଚିତ୍ତଂ ଚଳଂ ବିତ୍ତଂ
ଚଳଂ ଜୀବନଯୌବନମ୍ ।।
ଚଳାଚଳତି ସଂସାରଃ
ଅଚଳଂ କୃଷ୍ଣସେବନମ୍ ।।

175

Cat. No. O. L./307

ନାମତତ୍ତ୍ୱ ସାର ଓ ଅନ୍ୟାନ୍ୟ   କବି—ସୁଦାମ

Namatattvasara   By—Sudama

Substance—Palm leaf. No. of folia—155. Size 20·7X3 C. M. Each side contains 2 to 6 lines. Character—Oriya. Date of Copy—13-1-1923. Complete. Condition—Worm eaten and some folia e broken. Find spot—Khallikote, Dist. Ganjam.

Digitized by PPRACHIN, SOA

ଶ୍ରୀଗୁରୁଭ୍ୟୋନମଃ

ଶ୍ରୀବିଘ୍ନରାଜାୟ ନମଃ ।

ଶ୍ରୀଗୁରୁଙ୍କୁ ଗ୍ରହିଂ ସୁଦାମା କରଯୋଡ଼ି । ପଦପଦ୍ମ ଧରି ଭୂମିରେଣ ପଡ଼ି ।
କାର୍ପୁର୍ଣ୍ୟ ବିନୟ ହୋଇ କହଇ ବଚନ । ନମସ୍ତେ ପରମବ୍ରହ୍ମ ଗୁରୁ ହେ ଶରଣ ।

* * *

ବୋଲଇ **ସୁଦାମାବାଇ** ମୁଁତେଯେ ଅଧମ । ମହାପ୍ରଭୁ ଦୋଷ ମୋର କରିବାକ କ୍ଷମ ।

ଗୁରୁବଚନ ମହାମନ୍ତ୍ର—

ଶୁଣରେ କୁମର ମଣି ପଗ୍ଭରିଲୁ ଯାହା । ପଦେ ପଦେ କରି ତୋତେ ବୁଝାଇବା ତାହା ।
ପଗ୍ଭରିଲୁ ଷୋଳ ନାମ ବତିଶ ଅକ୍ଷର । ତ୍ରିବୀଜ ଚତୁର୍ଦ୍ଧାମୂର୍ତ୍ତି ରତିର ବିଗ୍ଭର ।

* * *

ବୋଲଇ ଯେ ସୁଦାମା ମୋ ସନ୍ଥ ପାଦେ ଆଶ । ଶ୍ରୀଗୁରୁଙ୍କ ପ୍ରସାଦେ ମୁଂ କରଇ ପ୍ରକାଶ ।
ଶ୍ରୀ ମହାପ୍ରଭୁ ମୋର ଦୋଷ କର କ୍ଷମା । ବାଇପ୍ରାୟେ ଗୀତକହେ ମୁରୁଖ **ସୁଦାମା** ।

* * *

ବନମାଳୀ ଦାସ ବୋଲେ । ରାଧା ଶ୍ରୀକୃଷ୍ଣ ପାଦ ସେବିଲେ ।

ଷୋଳ ଚଉପଦୀ—

ଅନନ୍ତ ସ୍ଥଳ ଆତ୍ମା ପୂର୍ଣ୍ଣ ରାଶି । କପଟେ ଦାରୁରୂପ ପରକାଶି ।
ଗୋପୀମଣ୍ଡଳୀ ବେଢ଼ି ଚଉପାଶ । ମୋର ନିତ୍ୟ ନାୟକ ସୁଖ ରସ ।
ଭାନୁ ସୁତା ମିଶି
ଜଗନ୍ନାଥ ଦାସ ସେଠାରେ ଦାସୀ ।

ଜଗନ୍ନାଥ ଦାସଙ୍କ ଷୋଳ ଚଉପଦୀ ସଂପୂର୍ଣ୍ଣ ।

ବଳଭଦ୍ର ବର୍ଣ୍ଣନା—

ଯଶ ଆୟୁର୍ବଳ ପରମ ମଙ୍ଗଳ ଘେନି କରି ସର୍ବ ଠୁଳ
ବଳଭଦ୍ର ନାମ ଅଚି ଅନୁପାମ ଅଶେଷ ବ୍ରହ୍ମାଣ୍ଡ ମୂଳ ।
ଶ୍ରୀ ବଳଭଦ୍ରର ଗୋଚର ନୁହଇ ନାମ————
ଯୋଗ **ଅଷ୍ଟାଙ୍ଗରେ** ପ୍ରାଣାୟାମ ବେଦ ମଧ୍ୟେ ଏକାକ୍ଷର ବ୍ରହ୍ମ ।

ପାହାନ୍ତି ଅବକାଶ—

କହେ **ଗନ୍ନାଥ ଦାସ** ଆହେ ଶ୍ରୀରାଧା ବିଳାସ
ଯେ ଦୁର୍ଜ୍ଜୟ କାଳ ପାଶ କେକରି ପାରେ ବିନାଶ ।
ତୁମ୍ଭବିନା ଅଛି କେ ଧରଣୀ । ହେ ବେନୁପାଣି ।

ଦଧି ମନ୍ଥନ—

ଗମ୍ଭୀରି ଭିତରେ ବୋଲେ ନନ୍ଦନ । ମୋତେ ମାରି କେତେ ଅର୍ଜ୍ଜିବୁ ଧନ ।
ଜଗତେ ପାଇବୁ ତୁ ଅପଯଶ । ମାର ଯେବେ ମନେ ହୋଇବୁ ତୋଷ ସେ ।
କହେ ଯୋଡ଼ି ବେନି କର ଯେ ।
ଯେହା ଶୁଣି ମାୟେ କ୍ରୋଧ ଉପେକ୍ଷିଲେ ଭଣିଲେ **କରୁଣାକର** ଯେ ।

Digitized by PPRACHIN, SOA

ଭଜନ ଚଉପଦୀ—

ବିସିଦୁର୍ଗ ନୃପତି ବିଶ୍ୱନାଥ ବଦତି ବଦତି କରି ଗୋବିନ୍ଦ ପଦ ଧ୍ୟାନକୁ ଗୋ ।

* * *

ବୋଲେ **ବନମାଳୀ** ଶୁଣଗୋ ରାଧିକା ଏ ବେଶ ତୁମ୍ଭର ପାଇଁ ।

* * *

ଜନାର୍ଦ୍ଦନ ଗତି ବୋଲେ **ହନୂମାନ** ଏକା ଭରସାରେ ।

* * *

ବଳରାମ ଦାସ ଭାବରେ ଭଣିଲେ ପ୍ରଭୁପଣ ଲୁଚି ଯାଇ ହେ ।

* * *

ଶ୍ରୀଲକ୍ଷ୍ମୀ ନାରାୟଣ ଶ୍ରୀ **ଭୀମଦେବ ରାଣି** କେତେ ସେ ଶ୍ୟାମଗୁଣ ସ୍ମରିବିରେ ।

* * *

ଦୁଃଖିଶ୍ୟାମ ଦାସ ବୋଲେ ଗୋଧନ ବାହୁଡ଼ାବେଳେ
ବନ୍ଧାଇ ଜନନୀ କୋଳ କରିନେବାର ।

* * *

ତୁମ୍ଭବିନା ନାହିଁ ପ୍ରତିକାର, ହେ ରାଧାବର ।
ଶଂଖାସୁର ଦୁରାଚାର ଚୋରି କଲା ଶ୍ରୁତିସାର
ଭୟରେ ହୋଇ ଆତୁର ଚିନ୍ତିବାରୁ ବେଦବର
ମୀନରୂପ ମାଇଲ ସତ୍ୱର ହେ, ରାଧାବର ।

* * *

ଅଧର୍ମେ କଳିଙ୍କେଶ୍ୱର ଛାଡ଼ି ବ୍ରତ କୁଳାଚାର
କରବାଳ ଧରିକର ଛେଦିବ ମ୍ଳେଚ୍ଛ ନିକର ।
କଲ୍କିଂ ରୂପେ ହେବ ଅବତାର ହେ, ରାଧାବର ।

* * *

ଭଣିଲେ **ବୀରକିଶୋର** ପାଶୋରିଲ ଆମ୍ଭଙ୍କୁ ।

* * *

ସଦା ପରପୁରୁଷେ ମତି ବଳାଏ ଯେ ସେ
ମର୍ଦ୍ଦରାଜ ଏ ରସେ ଭାଷଇ ଗୋ ।

* * *

ଗୋପାଳକୃଷ୍ଣ ଭାଷେ ଗୋପୀନ୍ଦ୍ର ନନ୍ଦନ ହେ
ଲୁଚିଛନ୍ତି ପରା ହେଟି ଗୋ ମା ।

* * *

Digitized by PPRACHIN, SOA

ଅଖଣ୍ଡ ବିଶ୍ୱାସ କରନ୍ତି କି ବୋଲେ **ଜଗଦେବ** ଏ ଭାରତୀ ଗୋ ।

*　　*　　*

ବୋଲେ **କୱରବ** ହେବଟି ଅସାର ହସିବେ ଭଗାରିମାନେ ହେ ।

*　　*　　*

ବଦତି **ନୃସିଂହ ମର୍ଦ୍ଦରାଜ** ରେ ମୂଢ଼ମନ କହୁଛି ଆଜ ।
ମିଥ୍ୟାକୁ ତୁହି ସତ୍ୟ ନମଣ ହରି ଚରଣକୁ ଧ୍ୟାରେ ।

*　　*　　*

ନରେଶ ମଣ୍ଡନ **ଶ୍ରୀହରିଚନ୍ଦନ ଜଗଦେବ** ସ୍ତବ ଘେନ ।

*　　*　　*

ବୋଲେ **ଜୟକୃଷ୍ଣ** ହୀରା ପ୍ରାୟ ଦିଶୁଛି ।

*　　*　　*

ଭାବରେ ଭଣିଲେ ଏହା **ଅବଧୂତ ଗ୍ରନ୍ଥ** ରେ ।

ବୋଲେ **ଦୀନକୃଷ୍ଣ** ପାଦରେ ଶରଣ ଖୋଜିଲେ ଏ ଦେହେ ପାଇବୁ ନାହିଁ ।

*　　*　　*

କହେ **ଚଣ୍ଡୀଦାସ** କରିଛନ୍ତି ଆସ ସାଧୁସନ୍ଥଙ୍କର ପଦରଜକୁ ।

କହଇ **ଗୋରେଖ** ଶୁଣରେ ବାଇ ।
ସଦଗୁରୁ ସେବା କଲେତ ପାଇ ।

କହଇ **ବାହୁଡ଼ା** ଶ୍ରୀଗୁରୁ ଶରଣ ନଥିଲେ ପୂର୍ବରୁ ନମିଳେ କିଛି ।
ହରି ନାମେ କି ରସ ଅଛି ।

ଗୀତ ତିନିପଦ ଅର୍ଥ ବହୁତ ଭାବରେ ଭଣିଲେ **ଦୀନ ଅଚ୍ୟୁତ** ।

କହେ **ହରିଦାସ** ଗୁରୁ ସେବିଥିଲେ କି କରିବ ଯମରାଜା ।

ବୋଲଇ **ମଦନ** ଶ୍ରୀଗୁରୁ ଚରଣ ଯେହୁ ସେବିଥିବ ସେହୁ ପାଇବ ।

There are some folia Containing the translation of the ଶ୍ରୀମଦ ଭଗବତ ଗୀତା by Krsna Sinha ଗାୟତ୍ରୀ ନିୟମ, ତ୍ରିପୁରାମନ୍ତ୍ର, ଅର୍ଣ୍ଣପୂର୍ଣ୍ଣା ମନ୍ତ୍ର, ଗୋବିନ୍ଦ କୀର୍ତ୍ତନ, ମଧୁସୂଦନ ମନ୍ତ୍ର, ନାଗାନ୍ତକ and ଗୋବିନ୍ଦ ମନ୍ତ୍ର ।

No Colophon.

Digitized by PPRACHIN, SOA

Cat. No. O. L./1008

ନାମବ୍ରହ୍ମ ବର୍ଣ୍ଣନା ଓ ଅନ୍ୟାନ୍ୟ   କବି—ଦୀନକୃଷ୍ଣ ଦାସ

Namabrahma Varnnana and others

By—Dina Krushna Dasa

Substance—Palm leaf. No. of folia—60. Size—13·5X3 C. M. Each side contains 3 lines throughout the manuscript. Character—Oriya. Date of Copy—C. 19th Century A. D. Incomplete. Condition—Badly worm-eaten. Find spot—Nabati, P.-S.—Balipatna. Dist.—Puri.

ନାମ ବ୍ରହ୍ମ ବର୍ଣ୍ଣନା—

ପାଦ ଅଟେ ଉଦେ ଅସ୍ତ ଗିରି ।
ଭଣେ ଦୀନକୃଷ୍ଣ ଅଧମ ପାମର ନ ପାଇଲା ପାଦଧରି ।
ନାମ ବ୍ରହ୍ମର,
ଧନ୍ୟ ପାଦୁକା ନଗରୀ
ଇତି ଶ୍ରୀ ନାମ ବ୍ରହ୍ମ ବର୍ଣ୍ଣନା ବୈଷ୍ଣବ ସଗୁଣ ବିଦ୍ୟାୟାଂ ସଂପୂର୍ଣ୍ଣ ।

Colophon—ଭୀମସ୍ୟାପି ....ନ ବିଦ୍ୟତେ ।

ବଳଭଦ୍ର ବର୍ଣ୍ଣନା—

ଯଶ ଆୟୁ ବଳ ପରମ ମଙ୍ଗଳ ଘେନି କରି ସର୍ବ ଠୁଳ ।
ବଳଭଦ୍ର ନାମ ଅତି ଅନୁପାମ ଅଶେଷ ବ୍ରହ୍ମାଣ୍ଡ ମୂଳ ।
ବଳଭଦ୍ରର,
ଗୋଚର ନୋହଇ ନାମ ।
ଯୋଗ ଅଷ୍ଟାଙ୍ଗରେ ପ୍ରାଣାୟାମ
ବେଦମଧ୍ୟେଂ ଏକାକ୍ଷର ବ୍ରହ୍ମ
କାର୍ଯ୍ୟ କାରଣ କର୍ତ୍ତା ରୂପେ ବର ସେ ଅନୁକ୍ଷଣେ ପୂର୍ଣ୍ଣକାମ ।

*   •   *   •

ଅନନ୍ତ ବିଦ୍ୟା ପରିପୂର୍ଣ୍ଣ ପୁରୁଷ ଅନୁଗ୍ରହେ ଅନ୍ତନାହିଂ ।
ଅନନ୍ତ ଆୟୁଧ କରେ ବିଭ୍ରମିତ ମାୟାକୁ ମୋହିବା ପାଇଁ ।।
ବଳଭଦ୍ରର,
ଚରଣ ପଙ୍କଜ ତଳେ ।
ସାଧୁଜନଙ୍କ କରୁଣା ବଳେ ।।
ଗୁରୁ ଗୋବିନ୍ଦ କରୁଣା ଫଳେ ।
କୃପାସମୋଦ୍ର ଦାସ ପଶିଲା ଶରଣ ଭବାବ୍ଧି ତରିବା ହେଳେ ।।
ଇତି ବଳଭଦ୍ର ବର୍ଣ୍ଣନା ସଂପୂର୍ଣ୍ଣ ।

Colophon—ଭୀମସ୍ୟାପି..........................ନ ବିଦ୍ୟତେ ।

Digitized by PPRACHIN, SOA

Cat. No. O. L./819

ନାମଭଜନ   କବି—ବଲ୍ଲଭ ଦାସ

Nama Bhajana   By—Vallabh Dasa

Substance—Palm leaf. No. of folia—93, Size—22.2X4·3 C. M. Each side contains 5 to 6 lines. Character—Oriya. Date of Copy—C. 18th Century A. D. Complete, Condition—Worm-eaten. Find spot—Presented by Raja Saheb of Haladia, P.-S. Khurda, Dist. Puri.

ମାଧବ ଦୀନବାନ୍ଧବ କୃଷ୍ଣ କେଶବ ଦୈତାରୀ ।
ଶ୍ରୀ ମୁକୁନ୍ଦ ଆଦିକନ୍ଦ ଗୋବିନ୍ଦ ଗିରିଧାରି ।।
ନାରାୟଣ ବାସୁଦେବ ପୁରୁଷୋତ୍ତମ ପଦ୍ମନାଭ ।
ଦାମୋଦର ଶ୍ୟାମସୁନ୍ଦର ଶ୍ରୀ କର ଚକ୍ରଧାରୀ ।।

*   *   *

କହଇ ଦାସ ଜଗନ୍ନାଥ ଦ୍ୱାଦଶ ସ୍କନ୍ଧେ ଭାଗବତ ।

There are some folia Containing ଭଗବତ୍‌ଗୀତା by କୃଷ୍ଣସିଂହ, ଜଗନ୍ନାଥ ଅଷ୍ଟକ by କୁଞ୍ଜ ବିହାରୀ ଗଜେନ୍ଦ୍ର ଜଣାଣ by ବାଲୁଙ୍କେଶ୍ୱର, ବିଷ୍ଣୁ ଜଣାଣ by ମହାଦେବ ଦାସ, ବିଷ୍ଣୁ ପଞ୍ଚକ by ବଳରାମ ଦାସ, ଅବକାଶ ଭଜନ by ରଘୁ ଅରକ୍ଷିତ and ଧ୍ରୁବସ୍ତୁତି by ମହାଦେବ ଦାସ in the manuscript.

ଧ୍ରୁବସ୍ତୁତି—

ନାରାୟଣ ପାଦେ ଚିତ୍ତବୃତ୍ତି ଦେଇ ।
ପଢ଼ଇ ଧ୍ରୁବ ତୁଷ୍ଟି ଯେକ ମନ ହୋଇ ।।
ଜୟତୁ ନାରାୟଣ ଜଗତ ତାରଣ ।
ଅଶେଷ କୋଟି ବ୍ରହ୍ମାଣ୍ଡ ଯାହାର ଭିଆଣ ।।
